ଲଣ୍ଡନ ନଗରରୁ ଆସିଥିବା ଗତମାସ ତା ୧୬ ରିଖର ତାରବାର୍ତ୍ତାରୁ ପ୍ରକାଶ ଯେ ଆଇର୍ଲଣ୍ଡର ଜାତୀୟ ସମିତି ଏହି ମାସ ତା ୧୬ ରିଖ ରବିବାର ଏକ ଲୁଘେରସ୍ଥ ନିକଟବର୍ତ୍ତୀ ଉଡଫୋର୍ଡ ଠାରେ ହେବାର ବିଜ୍ଞାପନ ବାହାରିଥିବା ମାତ୍ର ପୁଲିସକର୍ତ୍ତୃପକ୍ଷମାନେ ସେପରି ସଭା ହେବାର ନିଷେଧାଜ୍ଞା ବାହାର କଲେ । ଶନିବାର ରାତ୍ରରେ ଓବ୍ରାଏନ ସାହେବ ପହଞ୍ଚିବାରୁ ଅର୍ଦ୍ଧରାତ୍ରକୁ ଗୋଟିଏ ଗୋପନୀୟ ଘରେ ସଭା ହେଲା । ଅନେକ ଲୋକ ସଭାରେ ଉପସ୍ଥିତ ହୋଇଥିଲେ ଏବଂ ସେମାନଙ୍କ ସମକ୍ଷରେ ଓବ୍ରାଏନ ସାହେବ ନିଷେଧାଜ୍ଞା ଖଣ୍ଡିକୁ ପୋଡ଼ି ଦେଲେ ।—ସାହସ ଅଳ୍ପ ନୁହେ !

ବିଲାତରେ ପୁଣି ଅନେକ ଲୋକ କର୍ମହୀନ ହୋଇ ପଡ଼ିଅଛନ୍ତି । ଗତମାସ ତା ୯ ରିଖରେ ଲଣ୍ଡନ ନଗରରେ ଏହିପରି ଶ୍ରମଜୀବୀ ଲୋକେ ଟ୍ରେଫେଲଗାର ସ୍କ୍ୱାୟରରେ ଜମା ହୋଇ ଲର୍ଡ ମେୟରଙ୍କ ନିକଟକୁ ପ୍ରତିନିଧି ପ୍ରେରଣ କରିଥିଲେ । ଲର୍ଡ ମେୟରଙ୍କ ଭେଟ ନ ହେବାରୁ ଜଣେ ଅଲ୍ଡରମେନ ଉକ୍ତ ପ୍ରତିନିଧିଙ୍କଠାରୁ ସମୁଦାୟ ବିଷୟ ଶୁଣି ଶାସ୍ତ୍ରୀଙ୍କ ନିକଟକୁ ଯିବାକୁ କହି ଦେଲେ । ଏ ଉତ୍ତର ପ୍ରାପ୍ତ ହୋଇ ଲୋକମାନେ ନିତାନ୍ତ ବିରକ୍ତ ହୋଇ କୋମ୍ପାନୀ ବସ୍ତିମାନ କରି ସମାବେଶସହିତ ନଗର ମଧ୍ୟକୁ ଯିବାକୁ ଉଦ୍ୟତ ହେବା ମାତ୍ରକେ ପୁଲିସ ସେମାନଙ୍କୁ ରୋଧ କଲେ । ପୁଲିସ ବଳପୂର୍ବକ ଲୋକମାନଙ୍କୁ ଦଳରୁ ଛଡ଼ାଇଦେଲେ ଏବଂ ସେମାନଙ୍କ ମଧ୍ୟରୁ ପ୍ରଧାନ ୨ ଜଣଙ୍କୁ ଧରିନେଲେ । ଅନେକ ଦର୍ଶକ ଏବଂ ପୁଲିସକର୍ମଚାରୀମାନେ ସେହି ମାରପିଟ ଅଳ୍ପ ବହୁତରେ କ୍ଷତଗ୍ରସ୍ତ ହୋଇଥିବାର ସମ୍ବାଦ ମିଳିଅଛି ।—ସ୍ୱାଧୀନ ଦେଶର କଥା ଅଲଗା !

ରେଙ୍ଗୁନଠାରୁ ଆସିଥିବା ଗତମାସ ତା ୧୮ ରିଖର ତାରସମ୍ବାଦରୁ ପ୍ରକାଶ ଯେ ଚିନ୍ଦୱିନଠାରେ ଡକାଏତଙ୍କ ସଙ୍ଗରେ ଇଂରେଜଙ୍କର ଘୋର ଯୁଦ୍ଧ ହୋଇ ଯାଇଅଛି । ଡେପୁଟି କମିଶନର ମୋଉସନ ସାହେବ ଏ ଯୁଦ୍ଧରେ ଆହତ ଓ ଅସିଷ୍ଟାଣ୍ଟ କମିଶନର ନେଭିଲ ସାହେବ ଏବଂ ମେଜର କେନେଡି ସାହେବ ଏମାନେ ହତ ହୋଇ ଅଛନ୍ତି । ଇଂରେଜମାନେ ଅନେକ ଟଟୁଘୋଡ଼ା ମଧ୍ୟ ହରାଇଥିବାର ସମ୍ବାଦ ମିଳିଅଛି । ଏ ବାର୍ତ୍ତା ମଧ୍ୟଦେଶର ଶାନ୍ତିସୂଚକ ଏବଂ ସୁଶାସନପ୍ରଚଳିତ ହୋଇଥିବାର ପରିଚାୟକ !

ଅଷ୍ଟ୍ରେଲିଆ ନାମକ ଆଉ ଗୋଟିଏ ଧୂଆଁକଳ ଜାହାଜ ଲୁଣ ବୋଝାଇ ହୋଇ ମସ୍କଟଠାରୁ କଲିକତାକୁ ଆସୁଥିବା ବାଟରେ ଗତ ତା ୧୩ ରିଖ ସନ୍ଧ୍ୟା ସମୟରେ ଡିଗାଲ ଅନ୍ତରୀପର ପକରମାଇଲ ଉତ୍ତରକୁ ଚଡ଼ାରେ ଲାଗି ଏକାବେଳକେ ନଷ୍ଟ ହୋଇ ଯାଇଥିବାର ସମ୍ବାଦ ମିଳିଅଛି । ଜାହାଜର ଲୋକମାନେ ରକ୍ଷା ପାଇଅଛନ୍ତି ।—ଜାହାଜର ଦୈବ ଶେଷ ପାଇ ନାହିଁ !

କୁଚବିହାରର ମହାରାଣୀ ବିଲାତରେ ସର୍ବସାଧାରଣଙ୍କର ପ୍ରିୟପାତ୍ର ହୋଇ ପଡ଼ିଥିବାର ସମ୍ବାଦ ମିଳିଅଛି । ସମସ୍ତେ ମହାରାଣୀଙ୍କର ସ୍ୱଭାବ ବ୍ୟବହାର ଓ ବୁଦ୍ଧି ମତିର ପ୍ରଶଂସା କରୁଅଛନ୍ତି । କ୍ୟାମ୍ପିସ ସ୍ଥଳରେ ପୁରସ୍କାର ଦେବା କାଳୀନ ତାହାଙ୍କର ମନୋହାସ୍ୟ, ମଧୁରଭଙ୍ଗୀ ଏବଂ ଯେପ୍ରକାର ତତ୍ପର ଭାବରେ ପୁରସ୍କାର ବଣ୍ଟନ କଲେ ତହିଁରେ ପୁରସ୍କାରଗ୍ରହୀତା ଏବଂ ଅନ୍ୟାନ୍ୟ ଲୋକେ ବିଶେଷ ପ୍ରୀତ ହୋଇ ବହୁ ତହିଁର ପ୍ରଶଂସା କରୁଅଛନ୍ତି । କଥିତ ହୁଏ କୁଚବିହାରର ମହାରାଜା ଏବଂ ମହାରାଣୀ ଆଉରି କିଛିକାଳ ବିଲାତରେ ବାସ କରିବେ ମାତ୍ର ସେଠା ଶୀତ ଅନିଷ୍ଟକାରକ ହେବାରୁ ପିଲାମାନେ ଶୀଘ୍ର ଭାରତବର୍ଷକୁ ଫେରି ଆସିବେ ।

ପଞ୍ଜାବର ନଦୀଗୋଳରୁ କ୍ରମେ ମତ୍ସ୍ୟ କମି ଯାଉଅଛନ୍ତି । କିଛିଦିନ ଏହିପରି ଭାବରେ ଚାଲିଲେ, ପଞ୍ଜାବରୁ ମତ୍ସ୍ୟବଂଶ ଲୋପ ପାଇବେ, ଏପରି ସମ୍ଭାବନା । ଏଥିଯୋଗେ ମତ୍ସ୍ୟରକ୍ଷା ପାଇଁ କୌଣସି ଆଇନ ପ୍ରୟୋଜନ କି ନା ପଞ୍ଜାବଗବର୍ଣ୍ଣମେଣ୍ଟ ଏ ବିଷୟରେ ଭାରତବର୍ଷ ଗବର୍ଣ୍ଣମେଣ୍ଟଙ୍କ ମତ ପଚାରିବେ । ବଙ୍ଗଳାର ମଧ୍ୟ ମତ୍ସ୍ୟବଂଶ କ୍ରମରେ ଲୋପପାଉଅଛି ।

## ଢେଙ୍କାନାଳ-ସମ୍ବାଦ ।

ଅସ୍ମାମାନଙ୍କର ଶ୍ରୀ ମାନେଜର ବାବୁ ଶ୍ରୀ ସୁଦାମଚରଣ ନାୟକ ସରଜମୀନମାନଙ୍କର ମୋକଦ୍ଦମାମାନ ନିଷ୍ପତ୍ତି ଏବଂ ଧାନଫସଲର ଦୂରବସ୍ଥା ପରିଦର୍ଶନ ନିମିତ୍ତ ଅନେକ ଦିନ ହେଲା ମଫସଲରେ ଭ୍ରମଣ କରୁଅଛନ୍ତି । ବିଶେଷତଃ ଜଳାଶୟ ଥିବା ସ୍ଥଳମାନଙ୍କରୁ ରୟତମାନଙ୍କୁ ପାଣି ବଣ୍ଟନ କରିଦେବା ଏବଂ ସେମାନଙ୍କୁ ନାନାପ୍ରକାର ଉପାୟ ଦେଖାଇ ଯେତେଦୂର ସାହାଯ୍ୟ ଆଉ ସାହସ ଦିଆଯାଇ ପାରେ ତାହା ଦେବା ଏ ମହାଶୟଙ୍କର ପ୍ରଧାନ ଉଦ୍ଦେଶ ଅଟେ । ବଡ଼ପ୍ରଶଂସାର କଥା । ବୋଧହୁଏ ଯେଉଁ ଯେଉଁ ସ୍ଥଳେ ଜଳାଶୟ ଥିବ ସେ ସବୁ ସ୍ଥଳେ ହାକିମଙ୍କର ହୁକୁମ ବେଶ ଚଳିଥିବ । ଆଉ ଯେ ସବୁ ସ୍ଥଳେ ତାହା ନାହିଁ ସେଠାରେ ମନ୍ଦ ଯେ କେତେଦୂର ଦୁଃଖ ବା ସନ୍ତପ୍ତ ହେଉଥିବ ଏବଂ ସେ ସବୁସ୍ଥଳେ ଜଳାଶୟ ହେବାଯେ କେତେଦୂର ଆବଶ୍ୟକ ତାହା ମାନେଜର ମହାଶୟ ଏଥରକ ସହଜରେ ବୁଝିପାରିବେ ।

ବର୍ତ୍ତମାନ ବର୍ଷାଜଳକୁ ଏ ରାଜ୍ୟରେ ହାରାହାରି ପ୍ରାୟ ଦଶପଣ କ୍ଷେତ ନୁକସାନ ହୋଇଗଲାଣି ଏତେବେଳେ ବର୍ଷା ହେଲେ ସୁଦ୍ଧା ତହିଁରୁ କିଛି ଅମଦାନୀ ହେବାର ଆଉ ଆଶା ନାହିଁ । ବାକି ଛଅପଣପ୍ରତି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଆଶା ଅଛି । ଏଥକୁ ଚୋରମାନେ ଧାନର ଦରଶାତଲ ସମସ୍ତରୁ କାଟି ନେଇ ଯାଉଅଛନ୍ତି । ଏହିପରି ଚୋରଙ୍କ ଅତ୍ୟାଚାରର ଦିନକୁଦିନ ବୃଦ୍ଧି ହେଉଅଛି ।

ଏ ରାଜର ସବଇଞ୍ଜିନିୟର ଆସିଷ୍ଟାଣ୍ଟ ମାନେଜର ବାବୁ ଶ୍ରୀ ଜଗବନ୍ଧୁ ଘୋଷ ଅପଣା କାର୍ଯ୍ୟରେ ତା ୨୨ ରିଖଠାରୁ ପ୍ରବୃତ୍ତ ହୋଇଅଛନ୍ତି । ପୂର୍ବ ମାନେଜରମାନଙ୍କ ପ୍ରାୟ କାର୍ଯ୍ୟଦ୍ୱାରା ଉପକାର୍ଯ୍ୟ କରିବେ ଏହି କେବଳ ଅସ୍ମାନଙ୍କର ପ୍ରାର୍ଥନା ।

ଅସ୍ମାନଙ୍କର ନୂତନ ଡାକ୍ତର ବାବୁ ଶ୍ରୀ ଶ୍ୟାମାଚରଣ ଘୋଷ ଏଠାରେ ପହଞ୍ଚି ଏକ ସପ୍ତାହ ହେଲା କାର୍ଯ୍ୟ ଆରମ୍ଭ କରିଅଛନ୍ତି ଆଶା କରୁଁ ପୂର୍ବ ଡାକ୍ତର ବିଜୟବାବୁଙ୍କ ପ୍ରାୟ ସାଧାରଣଙ୍କର ପ୍ରିୟପାତ୍ର ହେବେ ।

ଏ ରାଜ୍ୟର ଶିକ୍ଷାବିଭାଗର ସବଇନ୍ସପେକ୍ଟରୀକାର୍ଯ୍ୟ ବହୁକାଳରୁ ଖାଲି ରହିବାରୁ ଶିକ୍ଷାକାର୍ଯ୍ୟର ଏଣିକି ବ୍ୟାଘାତ ହେବାର ସମ୍ଭାବନା । ପ୍ରାର୍ଥନା କରୁଁ ଜଏଣ୍ଟଇନ୍ସପେକ୍ଟର ମହାଶୟ ଏଥିର ଉଚିତ ବନ୍ଦୋବସ୍ତ କରିବେ ।

---

## ପତ୍ରପ୍ରେରକଙ୍କପ୍ରତି ।

ଜଣେ ନର୍ମଲ୍ଲିହା—ଆପଣଙ୍କ ପତ୍ର ଲିଖିତ ବିଷୟ ସତ୍ୟ ହେଲେ ସାଧାରଣ ଉପକାର ନିମିତ୍ତ ପ୍ରକାଶ କରିବା ଆବଶ୍ୟକ ଏବଂ ମୋଫସଲ ଅବସ୍ଥା ଦୃଷ୍ଟିରେ ତାହା ନିତାନ୍ତ ଅସଙ୍ଗତ ବୋଧ ହେଉ ନାହିଁ ମାତ୍ର ଆପଣାର ପରିଚୟ ଦେଇ ନ ଥିବାରୁ ଆପଣଙ୍କ ଲେଖା ଉପରେ ନିର୍ଭର କରି ନ ପାରି ପ୍ରକାଶ କରିବାକୁ ଅକ୍ଷମ ହେଲୁଁ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ !

ମହାଶୟ !

ଏଠା ଗଞ୍ଜାମଜିଲ୍ଲା-ବଡ଼ଗଡ଼ ନିବାସୀ କୃଷ୍ଣ ମହାନ୍ତି ନାମଧେୟ ଏକ ବ୍ୟକ୍ତି କାଷ୍ଠ ଆଣିବା ଅଭିପ୍ରାୟରେ ଏ ମାସ ତା ୫ ରିଖରେ ପୁତ୍ରସହିତ ଡାଲଝାଇ ଅରଣ୍ୟରେ ପ୍ରବେଶ ହୋଇ କାଷ୍ଠ କାଟୁଥିଲା, ଉଦୟ ଦଣ୍ଡଘଣ୍ଟା ସମୟରେ କାଳସ୍ୱରୂପ ଏକ ବୃହତ୍ ମହାବଳବ୍ୟାଘ୍ର ଆସି କୃଷ୍ଣ ମହାନ୍ତିକି ବଧ କରି ପର୍ବତକନ୍ଦରରେ ପ୍ରବେଶ କରିବାରୁ ତାହାର ପୁତ୍ର ରଘୁ ମହାନ୍ତି ଭୀତ ହୋଇ ଚିତ୍କାର ଶବ୍ଦରେ ଯଥେଷ୍ଟ ରୋଦନ କରି ଗ୍ରାମରେ ପ୍ରବେଶ ହୋଇ, ଉକ୍ତ ସଙ୍ଗତି ଜଣା ଦେଇବାରୁ ପୁଲିସଲୋକେ ଗ୍ରାମସ୍ଥ ବାଣୁଆମାନଙ୍କୁ କୁମୁକ ଲୋଡ଼ି ଉପରୋକ୍ତ ଅରଣ୍ୟରେ ପ୍ରବେଶ ହୋଇ ଶବକୁ ଦେଖିଲେ ପ୍ରାୟ ଅର୍ଦ୍ଧଭାଗ ଗ୍ରାସୀ ହୋଇଅଛି ଅର୍ଦ୍ଧଶବକୁ ଗ୍ରାମ ସମୀପକୁ ଆଣି ଦାହ କରାଇଲେ । ଏଥିରେ ପୁଲିସ ହେଡ଼କନଷ୍ଟେବଲ ବାଡମିଲ ସାହେବ ମନୋଯୋଗ ହୋଇ ନ ଥିଲେ ଶବ ମୁଦ୍ଧା ମିଳି ନ ଥାନ୍ତା ।

ସନ ୧୮୮୭ ତା ୨୦ ରିଖ ଅକ୍ଟୋବର ।

ଶ୍ରୀ ———

---

ମହାଶୟ !

ଗତମାସ ତା ୧୦ ରିଖରେ ବାରଦାର ନୂତନସ୍କୁଲଗୃହରେ ପ୍ରଥମସଭାର ଅଧିବେଶନ ହୋଇଥିଲା । ଆମନ୍ତ୍ରିତ ସଭ୍ୟମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧାଂଶର ଉପରି ତ ୨୩ ଜଣ ସଭ୍ୟ ଉପସ୍ଥିତ ହୋଇଥିଲେ । ତନ୍ମଧ୍ୟରୁ ଶ୍ରୀଯୁକ୍ତ ବାବୁ ଭାଗ୍ୟଚନ୍ଦ୍ର ଦତ୍ତ ସମ୍ପାଦକ ମହାଶୟ ଓ ସଭ୍ୟମାନଙ୍କ ପ୍ରସ୍ତାବମତେ ଉଃ, ପଣ୍ଡିତ ଶ୍ରୀଯୁକ୍ତ ଭଗବାନମିଶ୍ର ମହାଶୟଙ୍କୁ ସଭାପତିର ଆସନ ଦିଆ ହୋଇଥିଲା । ସମ୍ପାଦକ ମହାଶୟଙ୍କର ଏହି ସଭାମଧ୍ୟରେ ଯାହା କର୍ତ୍ତବ୍ୟ ଥିଲା ତାହା ସେ ସ୍ୱୟଂ ଲିପିବଦ୍ଧ ସଭାର ବ୍ୟକ୍ତ କରି ଉକ୍ତଲିପି ଏବଂ ତହିଁ ସଙ୍ଗେ ବିଗତ ପରୀକ୍ଷୋତ୍ତୀର୍ଣ୍ଣ ବାଳକମାନଙ୍କର ପ୍ରଶଂସାପତ୍ର ବାଳକମାନଙ୍କୁ

Split by PDF Splitter

Digitized by srujanika@gmail.com

ବିତରଣ କରିବା ନିମନ୍ତେ ସଭାପତିମହାଶୟଙ୍କୁ ଅର୍ପଣ କରିବାରେ ଉକ୍ତ ସଭାପତିମହାଶୟଙ୍କ ଦ୍ୱାରା ବିତରଣକାର୍ଯ୍ୟ ଶେଷ ହୋଇଥିଲା । ସଭାପତିମହାଶୟ ସାଧାରଣସଭ୍ୟମାନଙ୍କ ସହିତ ଏକମତ ହୋଇ ୨ ଗୋଟି ପ୍ରସ୍ତାବ କରିଥିଲେ ।

୧ ମ ପ୍ରସ୍ତାବ ।— ଶିକ୍ଷକମାନଙ୍କ ମାନସିକ ଓ ଶାରୀରିକ ଯତ୍ନ ଏବଂ ପରିଶ୍ରମଦ୍ୱାରା ସ୍କୁଲର ଗତ ତିନିବର୍ଷର ଯେପରି ଶୁଭଫଳ ଦେଖାଯାଏ, ତହିଁରେ ଗବର୍ଣ୍ଣମେଣ୍ଟ ଓ ବାଳକମାନଙ୍କ ଦତ୍ତ ଟଙ୍କାଦ୍ୱାରା ପ୍ରଥମ ଓ ଦ୍ୱିତୀୟ ଦୁଇଜଣ ଶିକ୍ଷକଙ୍କର ନିର୍ବାହ ହେବା ପକ୍ଷେ କଷ୍ଟକର ହେଉଥିବାରୁ ସେମାନଙ୍କର ବେତନବୃଦ୍ଧି ବିଷୟରେ ଗ୍ରାମବାସିସଭ୍ୟମାନଙ୍କ ସ୍ୱାକ୍ଷରରେ ସମ୍ପାଦକ ମହାଶୟ ଆବେଦନ ପତ୍ରଦ୍ୱାରା ଡିଷ୍ଟ୍ରିକ୍ଟ ବୋର୍ଡ଼ଙ୍କୁ ଜଣାଇବେ ।

୨ ୟ ପ୍ରସ୍ତାବ—ସ୍କୁଲଗୃହର କବାଟ ଯୋଜନା ପ୍ରଭୃତି ଅବଶିଷ୍ଟ କାର୍ଯ୍ୟର ବ୍ୟୟ ବିଷୟରେ ଗ୍ରାମବାସିମାନଙ୍କର ଅବସ୍ଥା ଭଲ ନ ଥିବାରୁ ସେମାନଙ୍କ ସାହାଯ୍ୟରେ ଉକ୍ତକାର୍ଯ୍ୟ ନିର୍ବାହ ନ ହେବାର ଜାଣି ଯେପରି ପରିଶ୍ରମ କରି ଗୃହରକାର୍ଯ୍ୟ ଏପର୍ଯ୍ୟନ୍ତ ସମାଧାନ କରିଅଛନ୍ତି ସେହିପରି କୌଣସି ଜମିଦାର ବା ସଙ୍ଗତିପନ୍ନ ବ୍ୟକ୍ତିମାନଙ୍କୁ ଉକ୍ତ ଗୃହର କବାଟ-ଯୋଜନା ପ୍ରଭୃତି କରାଇ ଦେବା ବିଷୟର ସାହାଯ୍ୟ ପ୍ରାର୍ଥନା ଉକ୍ତ ସମ୍ପାଦକ ମହାଶୟଙ୍କଦ୍ୱାରା କରାଯିବାର ସ୍ଥିର କରିଥିଲେ ।

ତଦୁତ୍ତାରୁ ଉପସ୍ଥିତ ସଭ୍ୟମାନଙ୍କ ମଧ୍ୟରୁ ଶ୍ରୀ ବାବୁ ପ୍ୟାରୀମୋହନ ଦାସ ବିଦ୍ୟାଶିକ୍ଷାବିଷୟରେ ବାଳକମାନଙ୍କର ଉତ୍ସାହଦାୟକ ଗୋଟିଏ ପଦ୍ୟ ପାଠ କରିଥିଲେ । ତତ୍ପରେ ସଭା ଭଙ୍ଗ ହେଲା ।

କଟକ
୨୭।୧୦।୮୭ } ଆପଣଙ୍କ ବଶମ୍ବଦ
ଶ୍ରୀ ମାର୍କଣ୍ଡ ପାଣି ।
ଜଣେ ଦର୍ଶକ ।

---

ମହାଶୟ !

ନିମ୍ନଲିଖିତ ଘଟଣାଟି ଆପଣଙ୍କ ସ୍ୱକୀୟ ପତ୍ରିକାରେ ପ୍ରକାଶ କରି ବାଧିତ କରିବା ହେବେ ।

ଜଣେ ଭଣ୍ଡ ବାବାଜୀ କେନ୍ଦ୍ରାପଡ଼ା ମିଉନିସିପାଲିଟି ଅନ୍ତର୍ଗତ ଗୋବରୀନଦୀର ଉପରେ ଥିବା କେନ୍ଦୁଝାଡ଼ି ପୋଲ ନିକଟ ସ୍ଥାନରେ ପଡିଥିବା ବାଉଁଶ ଇତ୍ୟାଦ ନେଇ ସେହିସ୍ଥାନରେ ଥିବା ବିଷ୍ଟଗଛର ଛାୟାତଳରେ ଗୋଟିଏ ସାମାନ୍ୟ କୁଟିର ନିର୍ମାଣକରି ଅନେକ ଅନାଜ ଗୃହମାସ ହେଲା ଅବସ୍ଥିତ କରିଥିଲା ସେ ନାନା ଉପାୟ ଭଣ୍ଡାମିଦ୍ୱାରା ଲୋକମାନଙ୍କର ମନ ଆକର୍ଷଣ କରିଥିଲା କିନ୍ତୁ ଗର୍ଭରେ ପଥିକମାନଙ୍କୁ ଠେଙ୍ଗାଦ୍ୱାରା ଆଘାତ କରିବାର ଭୟ ଦେଖାଇ ପଇସା ରୋଜଗାର କରୁଥିଲା ଗତ କାଲି ତା ୨୩ ରିଖ ରୋଜ ରବିବାର ରାତ୍ର ଅନୁମାନ ଘ ୧୨ ଟା ଉତ୍ତାରେ ଏଠାର ନିବାସୀ ବାବୁ ନୀଳକଣ୍ଠ ନାଥ ଓ ଅପର ଦୁଇଜଣ ଭଦ୍ରବ୍ୟକ୍ତି ଦୁଇଖଣ୍ଡ ଗାଡ଼ୀସହିତ ଏ ନଗରରୁ ଯାଜପୁର ମୁକାମକୁ ଯାଉଥିବା ସମୟେ ଉକ୍ତ ପୋଲ ନିକଟରେ ସେହି ଖଣ୍ଡ ହାବୁଡ଼ରେ ପଡ଼ିଥିଲେ ଖଣ୍ଡ ସେମାନଙ୍କୁ ପୂର୍ବପ୍ରକାର ଠେଙ୍ଗାଦ୍ୱାରା ଆଘାତ କରିବାର ଭୟ ଦେଖାଇବାରୁ ଉକ୍ତ ଭଦ୍ରଲୋକମାନେ ପ୍ରାଣଭୟରେ ଟଙ୍କାଟିଏ ତାକୁ ଦେବାରୁ ଉପରୋକ୍ତ ଆପଦରୁ ରକ୍ଷା ପାଇ ଚାଲିଯିବାର କିଛିକ୍ଷଣ ପରେ ପୁନଶ୍ଚ ଏ ନଗରରୁ ଅନ୍ୟ ଦୁଇଜଣ ଲୋକ କାର୍ଯ୍ୟ ଉପଲକ୍ଷେ ସେହି ବାଟ ଦେଇ ଯାଉଥିବା ସମୟେ ପୂର୍ବପ୍ରାୟ ସେହି ଧୂର୍ତ୍ତବକଙ୍କ ହାବୁଡ଼ରେ ପଡ଼ିବାରୁ ସେ ସେମାନଙ୍କ ନିକଟ ପହୁଞ୍ଚି ଉକ୍ତପ୍ରକାରେ ଭୟ ଦେଖାଇ ବଳପୂର୍ବକ ସେମାନଙ୍କ ମଧ୍ୟରୁ ଜଣକର ଗଣ୍ଠି ଛଡ଼ାଇ ନେବାର ଉଦ୍ୟୋଗ କରନ୍ତେ ସେ ବ୍ୟକ୍ତି ପଳାଇ ଆସି ଏହି ନଗର ନିବାସୀ କଟନାୟକ ନାମକ ଏକ ମହାଜନ ଘରରେ ଆଶ୍ରୟ ନେଲା ଓ ସେହି ନରାଧମ ତାହା ପଛେ ଉକ୍ତ ମହାଜନଘରେ ପହୁଞ୍ଚି ତାହା ଘର ଫୋଡ଼ିଦେବାର ଭୟ ଦେଖାଇବାରୁ ସେ ମହାଜନ ଉକ୍ତ ଆଶ୍ରିତ ବ୍ୟକ୍ତିକୁ ବାହାର କରିଦେଲା ସେ ଦଉଡ଼ି ଦଉଡ଼ି ଥାନାକୁ ଆସିବା ସମୟରେ ଉକ୍ତ ଖଣ୍ଡ ତାହାର ପଛରେ ଦଉଡ଼ି ତାହା ମୁଣ୍ଡରେ ଠେଙ୍ଗାଦ୍ୱାରା ଆଘାତ କଲେ ସେ ଭୂମିରେ ପଡିଗଲା ତଦବାଦ ସେ ତାହାର ଉପରେ ଚଢ଼ିବସି ଗଣ୍ଠି ଛଡ଼ାଇ ନେଉଥିବା ସମୟେ ଏଠାକାର ଛୋଟ ସବ୍‌ଇନସ୍‌ପେକ୍ଟର ବାବୁ ଲକ୍ଷ୍ମୀନାରାୟଣ ଘୋଷ ସେ ବାଟେ ମଫସଲ ଯାଉଥିଲେ ସେ ଏପରି ଘଟଣା ଦେଖି ଉକ୍ତ ଖଣ୍ଡକୁ ଗ୍ରେପ୍ତାର କରି ଚାଲାଣ ଦେଇଅଛନ୍ତି ସେ ମୋକଦ୍ଦମା ଏଠାର ସୁଯୋଗ୍ୟ ଡେପୁଟୀମାଜିଷ୍ଟ୍ରେଟଙ୍କ ବିଚାରାଧୀନରେ ଅଛି । କି ଆଶ୍ଚର୍ଯ୍ୟର ବିଷୟ ! ଘଟଣା ସ୍ଥାନ ଏଠାକାର ସବଡିଭିଜନ କଚେରୀ ଓ ଥାନାଠାରୁ ଅତି ନିକଟ ଥିବାସ୍ଥଳେ ଏହି ଭୟାନକ ଘଟଣା ପୂର୍ବରେ ଯେ ପୁଲିସ ଏହାର କୌଣସି ଅନୁସନ୍ଧାନ ନ ନେଇ ସ୍ଥିର ହୋଇଥିଲେ ଏହା କେବଳ ଦୁର୍ଭାଗ୍ୟ ତାହାଙ୍କର ଅଦୃଷ୍ଟ ଦୋଷ ବୋଲିବାକୁ ହେବ ।

ଶ୍ରୀ———

---

ମହାଶୟ !

ଆମ୍ଭେ ଅନେକାନେକ ଗଡ଼ଜାତ ଭ୍ରମଣଦ୍ୱାରା ବର୍ତ୍ତମାନ ବର୍ଷର ଆବାଦ ଓ ଶସ୍ୟର ଅବସ୍ଥା ଦର୍ଶନକରି ହତାଶ ହୋଇଥିଲୁଁ ଯେହେତୁ ପ୍ରାୟ ଗଡ଼ଜାତରେ ଆବାଦର ଅବସ୍ଥା ଆଶଙ୍କାଜନକ ବିଶେଷତଃ ପ୍ରଜାମାନଙ୍କର ଅବସ୍ଥା ଅତି ଶୋଚନୀୟ ଅଟେ । ଏ ସମସ୍ତ ଦେଖି କାହାର ଚିତ୍ତ ବିଚଳିତ ନ ହେବ । ଅଦ୍ୟ ରଣପୁର କିଲ୍ଲା ଇଲାକାରେ ପ୍ରବେଶ ହେଲୁଁ ଜଗଦୀଶ୍ୱରଙ୍କ କୃପାରୁ ଏ ସ୍ଥାନର କୃଷାବାଦର ଅବସ୍ଥା ଅତି ଉତ୍ତମ ଅଟେ । ଏହା ଦର୍ଶନେ ଅବଶ୍ୟ ହୃ[illegible]ଯାଏ ଯେ ଏ ବର୍ଷର [illegible] କରିବାର ଆଶଙ୍କା ନାହିଁ ମହାଶୟ ଅବଶ୍ୟ ବିସ୍ମିତ ହେବେ କି ଚତୁର୍ପାର୍ଶ୍ୱରେ ଯଥା ସମୟରେ ବୃଷ୍ଟି ଅଭାବରୁ ଶସ୍ୟର ଦୁରବସ୍ଥା ଘଟିଅଛି ଏପରି ଏସ୍ଥାନର ଅବସ୍ଥା ଭଲ ହେବା ସମ୍ଭବନୀୟ ନୁହେ ସତ୍ୟ ଅଟେ କିନ୍ତୁ ଏସ୍ଥାନର ଆବାଦ ବୃଷ୍ଟିର ସହାୟତାରେ ହୁଏ ନାହିଁ; ଦେଓ୍ୱାନ ବାବୁ ଗୌରଚନ୍ଦ୍ର, ସେନ ଦୁଇ ତିନ ବର୍ଷଠାରୁ ନାନାବିଧ ଯତ୍ନ ଓ ପରିଶ୍ରମ ସ୍ୱୀକାରକରି ଯେସମସ୍ତ ବନ୍ଧ ଓ ଜଳାଶୟ ପ୍ରସ୍ତୁତ କରିଅଛନ୍ତି କେବଳ ତାହାର ସହାୟତାରୁ ଯଥା ସମୟରେ ଭୂମି କର୍ଷଣ, ବୀଜ ରୋପଣ ଏବଂ ବେଉଷଣାଦି ହୋଇଥିବାରୁ କୃଷି କାର୍ଯ୍ୟର ଉତ୍କର୍ଷତା ସାଧନ ହୋଇଅଛି ପାଠକବୃନ୍ଦ ମନେକରିବେ ଦେଶର ଉନ୍ନତି ସାଧନ କରିବାକୁ ହେଲେ କେବଳ ଖଜଣା ଟଙ୍କା ଏବଂ ଘିଅବଦାଦାୟକର ଏବଂ ବ୍ରାହ୍ମଣ ପ୍ରଭୃତି ଜାତିମାନଙ୍କୁ ବେଠିକାର୍ଯ୍ୟଦ୍ୱାରା ଗଡ଼ର୍ଓ୍ୱାସର ଘର ଦୁଆର ଓ ଦାଲାଣ ଓ ରାସ୍ତା ପରିଷ୍କାର କରିଲେ ଯେ ହୁଏ ତାହା ନୁହେଁ; ମନେକରନ୍ତୁ ଦେଓ୍ୱାନ ବାବୁ ଗୌରଚନ୍ଦ୍ର, ସେନ୍ ମହାଶୟ ଯେରୂପ ଅଧ୍ୟବସାୟ ଓ ଯତ୍ନ ସହକାରେ ଦେଶର ହିତ ସାଧନ କାର୍ଯ୍ୟ

କରିଅଛନ୍ତି ଏହାକୁ ଦେଶ ଉନ୍ନତି ବୋଲିବା ବିଧେୟ ଏ ଡିଷ୍ଟ୍ରିକ୍ଟ ଅତିଅଳ୍ପ ପରିମାଣ ଅଟେ ଅତଏବ ମଧ୍ୟ ଉଦ୍ଭୂତ ଥିଲା ଏ ଅବସ୍ଥାରେ ଦେଓ୍ୟାନ ବାବୁ ଆସି ପ୍ରାୟ ୮।୧୦ ଗୋଟି ବନ୍ଧ ଓ ଜଳାଶୟ ସ୍ଥାନେ ୨ ପ୍ରସ୍ତୁତ କରିଅଛନ୍ତି ଏବଂ ଗଡ଼ଜାତ ସାଗର ନାମକ ଉତ୍କୃଷ୍ଟ ଏକଗୋଟି ଜଳାଶୟ ଓ ଯଥାସମ୍ଭବ ୨ୟ ୩ୟ ଜଳାଶୟ କରାଇଅଛନ୍ତି; ଯଦ୍ଦ୍ୱାରା ଦେଶୀୟ ଲୋକଙ୍କର ସ୍ୱାସ୍ଥ୍ୟରକ୍ଷା ଏବଂ ବୃଷ୍ଟିଅଭାବରୁ ଏ ଇଲାକାରେ କୃଷିର ଉତ୍କର୍ଷ ସାଧନ ହୋଇଅଛି, ଏହାକୁ କୃଷିକାର୍ଯ୍ୟର ଉନ୍ନତି ବୋଲିବାକୁ ହେବ । ଉକ୍ତ ବାବୁଙ୍କ ଆଗମନ ସମୟଠାରୁ ବନାକୀର୍ଣ୍ଣ ସ୍ଥାନ-ସକଳ ପରିଷ୍କାର ହୋଇ ୧୨।୧୪ ଗୋଟି ନୂତନ ଗ୍ରାମ ବସତି ହୋଇଅଛି; ଯଦ୍ଦ୍ୱାରା ୭।୮ ସହସ୍ର ଟଙ୍କା କରବୃଦ୍ଧି ହୋଇଅଛି ଏହାକୁ ବୋଲି-ଯାଏ ଦେଶୋନ୍ନତି । ଉକ୍ତ ବାବୁ ଏସ୍ଥାନରେ ଅବସ୍ଥିତ କଲଦିନଠାରୁ କ୍ରମେ ଏ ଇଲାକା ମଧ୍ୟରେ ୩ ଗୋଟି ଅପରପ୍ରାଇମେରୀ ସ୍କୁଲ ୫।୬ ଗୋଟି ପ୍ରାଇମେରୀ ଏବଂ ୧ ଗୋଟି ଭର୍ଣ୍ଣାକ୍ୟୁଲାର ସ୍କୁଲ ସ୍ଥାପନ କରି ପ୍ରତିମାସରେ ସ୍ୱୟଂ ସାହାଯ୍ୟ-ଦାନ କରି ବାଳକମାନଙ୍କୁ ନାନାବିଧ ପୁସ୍ତକ ଏବଂ ବୃତ୍ତି ବିତରଣ କରି ସେମାନଙ୍କର ଉତ୍ସାହ ବର୍ଦ୍ଧନ କରି ସ୍କୁଲର ଉନ୍ନତି କରିଅଛନ୍ତି ଏହାକୁ ବୋଲିଯାଏ ବିଦ୍ୟୋନ୍ନତି ଦେଓ୍ୟାନ ବାବୁଙ୍କ ଯତ୍ନ ଓ ଅଧ୍ୟବସାୟ ଗୁଣେ ଏ ରାଜ୍ୟର ଓ ଏ ରାଜ୍ୟର ଅଧୀନରେ ୩।୪ ଗୋଟି ମେଳା ଓ ୩।୪ ଗୋଟି ବଜାର ଏବଂ ଦୁଇଗୋଟି ହାଟ ସ୍ଥାପିତ ହୋଇଅଛି ଯେଉଁଠାରେ ସହସ୍ର ୨ ଲୋକ ଆଗମନ କରି ନାନା ଦ୍ରବ୍ୟାଦି ଓ ସ୍ଥାନୀୟ—ଜାତ-ଦ୍ରବ୍ୟ କ୍ରୟ ଓ ବିକ୍ରୟ କରୁଅଛନ୍ତି ଏବଂ ସେହି ସ୍ଥାନରେ ସାଧାରଣଙ୍କ ଶାନ୍ତିରକ୍ଷାର୍ଥେ ଓ ତତ୍ତ୍ୱାବଧାନ ନିମିତ୍ତ ଡାକ୍ତର ଓ ପୁଲିସ ନିଯୁକ୍ତ ହୋଇଥାନ୍ତି । ପ୍ରକାଶଥାଉ ଯେ ବଜାର ପ୍ରତିଦିନ ଓ ହାଟ ସପ୍ତାହରେ ଦୁଇଥର ଓ ମେଳା ବର୍ଷକରେ ଏକଥର ହୁଏ ଏହାକୁ ବୋଲିଯାଏ ବାଣିଜ୍ୟୋନ୍ନତି । ସମ୍ପାଦକ-ମହାଶୟ ଆମ୍ଭମାନଙ୍କରେ ଉକ୍ତ ବାବୁଙ୍କ କାର୍ଯ୍ୟ ଅତି ପ୍ରଶଂସନୀୟ ଓ ରାଜ୍ୟର ହିତ ଓ ଉନ୍ନତି-କାରୀ ଅଟେ । ବାବୁ ପ୍ରତିଦିନ ପ୍ରତ୍ୟୂଷେ ଗାତ୍ରୋ-ତ୍ଥାନ କରି, ହସ୍ତି, ଅଶ୍ୱ, ଅଥବା ଶକଟେ ଏକା-କୀ ଏହା ଦିଗେ ଗମନ କରି ପ୍ରଜାମାନଙ୍କର ସ୍ୱାସ୍ଥ୍ୟ, ସୁଖ, ସମ୍ପତ୍ତି ଓ ଆବାଦର ଅବସ୍ଥାଦି ଦର୍ଶନ କରି ଏବଂ ତଦ୍ବିଷୟରେ ନାନାବିଧ ଉପଦେଶ ଦେଇ ଦିବା ୯ ଘଣ୍ଟିକା ସମୟରେ ପ୍ରତ୍ୟାଗମନ କରନ୍ତି । ଏହାକୁ ବୋଲିଯାଏ ପ୍ରଜାବାତ୍ସଲ୍ୟତା କୃତକର୍ତ୍ତବ୍ୟ ପାଠକବୃନ୍ଦ । ଏରୂ-ପ ବ୍ୟକ୍ତିଙ୍କୁ ପ୍ରଶଂସା ନ କରି ଯେ ସକଳ ଜନ୍ମୁ-ମାନ; ଧୀର୍ଯ୍ୟେ । ବରଂବହି ୨ ବ୍ରାହ୍ମଣମାନଙ୍କ ବ୍ରହ୍ମୋତ୍ତରରେ କର ବସାଇ ଓ କେତେ ୨ ଅପହରଣ କରି ଆସୁଅଛି କରୁଅଛନ୍ତି; ତାହାର ନାମକି ଦେଶୋନ୍ନତି; ନା ରାଜାମାନଙ୍କର ପୂର୍ବାଗୃହୀତ ପ୍ରସିଦ୍ଧ ଯେ ସକଳ ଧର୍ମ ଓ ସଦ୍ବ୍ୟ-ୟ ଅର୍ଥାତ୍ ଅତିଥି, ବ୍ରାହ୍ମଣବୃତ୍ତି, ଭୋଗ, ଶ୍ରାଦ୍ଧ, କ୍ରିୟାରେ ଓ ସାଧାରଣ ଦାନ ରହିତ-କରି ଅଧିକୃତି କରି ଏହାର ନାମ ଦେଶୋ-ନ୍ନତି । ଅତ୍ର କାଳର ରାଜାବାହାଦୁର ଅତୀବ ଧାର୍ମିକ ସେ ସବୁ ଜପଯଜ୍ଞରେ ଏବଂ ଧର୍ମାଳାପେ ଅଛନ୍ତି, ଦାନବିଷୟରେ ମୁକ୍ତହସ୍ତ; ଦେଓ୍ୟାନ ବାବୁ ଗୌରଚନ୍ଦ୍ର ସେନ ମହାଶୟଙ୍କର ଆତିଥ୍ୟ-ଧର୍ମ ଓ ଆଳାପ ବ୍ୟବହାରାଦି ଏବଂ ଦାନଶକ୍ତି ଅତୀବ ପ୍ରଶଂସନୀୟ ଅଟେ, ଯାହା ଅନ୍ୟ-ବ୍ୟକ୍ତିମାନଙ୍କ ମଧ୍ୟରେ ବିରଳ ॥ ଈଶ୍ୱର ଓ ରାଜକୀୟ କାର୍ଯ୍ୟରେ ଏପରି ସୁଦକ୍ଷ ଯେ ଏହାଙ୍କ ସଦୃଶ ଲୋକ ଅତି କମ୍ ଅଛନ୍ତି । ରାଜାବାହା-ଦୁର ଏହାଙ୍କ ଗୁଣ ବିଶେଷରୂପେ ପରୀକ୍ଷାକରି ରାଜ୍ୟର ସମସ୍ତ ଭାର ଅର୍ପଣ କରି ପରମ ସନ୍ତୋ-ଷରେ ସ୍ୱଧର୍ମେ ନିଷ୍ଠାବାନ୍ କରୁଅଛନ୍ତି. ଦେଓ୍ୟାନ-ବାବୁ ଯଥାସାଧ୍ୟ ସ୍ୱଧର୍ମ ରକ୍ଷାର ଚେଷ୍ଟା କରୁ-ଛାନ୍ତି । ଏହିସକଳ କାରଣରେ ଏ କାଳର ଲୋଭୀ, ଶଠ ଲୋକଙ୍କ ଆଶାର ନିରାଶା ହୋଇଅଛି । ସେହି କାରଣରୁ ସେମାନେ ଦେଓ୍ୟାନ ବାବୁଙ୍କର ଯଶ ଓ ରାଜା, ଦେଓ୍ୟାନ ବାବୁଙ୍କ ମଧ୍ୟରେ ପ୍ରଣୟ ରହିତ କରିବା ମାନସେ ନାନାବିଧ ଷଡ଼ଯନ୍ତ୍ର ଓ ଅପବାଦ ଏବଂ ଅଭି-ଯୋଗ ଉପସ୍ଥିତ କରୁଅଛନ୍ତି । ସୌଭାଗ୍ୟ ବିଷୟ ଏହି ଯେ ରାଜାବାହାଦୁର ଶଠକାରମାନଙ୍କର ଶଠତା ଓ ଷଡ଼ଯନ୍ତ୍ର ବୁଝିପାରି ସେମାନଙ୍କର ଆଶାଲତାର ମୂଳ ଛେଦନ କରି କୃତକୃତ୍ୟ, ହିତୈଷି ସର୍ବକାର୍ଯ୍ୟାନ୍ବିତକାରକ ଦେଓ୍ୟାନ ବାବୁଙ୍କ ପ୍ରତି ଦିନଦିନଭାବେ ପ୍ରଗାଢ ଅନୁଗ୍ରହ ବର୍ତ୍ତମାନ ରଖି ନିଜର ଉନ୍ନତମନା, ବଦାନ୍ୟ-ତାର ଓ ସଦ୍ବିଚାରତା ଏବଂ ଯଶସ୍ୱିତା ସହିତ ଅଭୂତଗୌରବ ରକ୍ଷା କରିଅଛନ୍ତି ଇତି ।

୧୭।୧୦।୮୭ } ପରିବ୍ରାଜକ
ଶ୍ରୀ ଅଜନଚନ୍ଦ୍ର ଘୋଷ

---

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ କ୍ଷେତ୍ରଗୋପାଳ ଘୋଷ | କଟକ | ଅଗ୍ରିମ | ଟ୧ |
| „ ହେମନାଥ | „ | „ | ଟ୩ |
| „ „ | „ | ବକେୟା | ଟ୮ |
| „ ସଦାଶିବ ଦାସ | ମାଣିକପାଟଣା | ଅଗ୍ରିମ | ଟ୩ |
| „ ରଘୁନାଥ ମିଶ୍ର | କଟକ | „ | ଟ୧ |
| „ କହ୍ନାଇଦାସ | „ | „ | ଟ୧ |
| ମୁନ୍ସି ମହମ୍ମଦ ଅଲ୍ଲି | ଦଶପଲ୍ଲା | „ | ଟ୩ |
| ବାବୁ ଅନନ୍ତ ପଣ୍ଡା | କଟକ | „ | ଟ୨ |
| „ ଶ୍ୟାମସୁନ୍ଦର ସମ୍ପୁରୁ | ପାରଳାଖେମୁଣ୍ଡି | „ | ଟ୩ |
| ରେଭା କଲେଜ | ନୟାଗଡ଼ | „ | ଟ୩ |
| „ „ | ବକେୟା | „ | ଟ୮ |


# ବିଜ୍ଞାପନ ।

କବିରାଜ ଶ୍ରୀ କେଦାରନାଥ ଚଟ୍ଟୋପାଧ୍ୟାୟଙ୍କର
ଆୟୁର୍ବେଦୋକ୍ତ ଚିକିତ୍ସାଳୟ ।
ନ ୯୦ ମ୍ବର. ଗ୍ରେ ଷ୍ଟ୍ରିଟ, ଶ୍ୟାମପୁଖୁର,
କଲିକତା ।

ଏହି ଚିକିତ୍ସାଳୟରେ ୧୨୯୪ ସାଲର ପଞ୍ଜିକା ସହ ପୀଡ଼ା ସମୁଦାୟର ସ୍ୱାସ୍ଥ୍ୟବିଧାନ ଓ ପ୍ରତ୍ୟକ୍ଷଫଳପ୍ରଦ ଔଷଧସମୂହର ତାଲିକାପୁସ୍ତକ ବିନା ମୂଲ୍ୟରେ ବିତରିତ ହୁଏ ଏବଂ ବିଦେଶସ୍ଥ ରୋଗିମାନଙ୍କର ପୀଡ଼ାର ଅବସ୍ଥା ସମସ୍ତ ଲେଖି ପଠାଇଲେ ବ୍ୟବସ୍ଥା ଦିଆଯାଏ ।

### ଯୋଗସିଦ୍ଧ ରସ ।

ଏହି ପ୍ରସିଦ୍ଧ ଔଷଧ ସେବନ କଲେ କଣ୍ଠସ୍ଥ ସକଳପ୍ରକାର ମେହ ରୋଗ ଏକସପ୍ତାହ ମଧ୍ୟରେ ନିଃଶେଷରୂପେ ଆରୋଗ୍ୟ ହୁଏ ।

ପ୍ରସ୍ରାବକାଳୀନ ଜ୍ୱାଳା, ପୂଯ୍ୟଯୁକ୍ତ ଧାତୁନିର୍ଗମ, ସରକ୍ତ ପ୍ରସ୍ରାବ, ଖଡିଜଳବତ୍ ପ୍ରସ୍ରାବ, ମୂତ୍ରକୃଚ୍ଛ୍ର, ମୂତ୍ରାଶୟର ବେଗ, ଶୂଳ ଏବଂ ଜ୍ୱରାଦି ଉପଦ୍ରବ ଯୁକ୍ତ ହେଲେ ସୁଦ୍ଧା ପୀଡ଼ା ଶୀଘ୍ର ସମୂଳେ ବିନଷ୍ଟ ହୁଏ ।

ଛୋଟ ୧ ଶିଶିର ମୂଲ୍ୟ ଟ ୨୲ ବଡ଼ ୧ ଶିଶିର ମୂଲ୍ୟ ଟ ୩୲ ପ୍ୟାକିଂ ଖର୍ଚ୍ଚା ଟ ୦୲

### ପ୍ରଦରାରି—ଘୃତ ।

ଏହା ସେବନ କଲେ ଗର୍ଭାଶୟ ଆଶ୍ରିତ ଦୋଷ ସମସ୍ତ ସଂଶୋଧିତ ହୋଇ ଶ୍ୱେତପ୍ରଦର, ରକ୍ତପ୍ରଦର, କଷ୍ଟରଜଃ, ଅକାଳରେ ଅଧିକ ପରିମାଣରେ ରକ୍ତସ୍ରାବ, ଜଳଭଙ୍ଗା, ବାଧକ ବେଦନାଦି ପୀଡ଼ା ସମସ୍ତ ନିଃଶେଷରୂପେ ଆରୋଗ୍ୟ ହୁଏ । ବିଶେଷତଃ ଉପରୋକ୍ତ ପୀଡ଼ାଜନିତ ଅକାଳରେ ଗର୍ଭସ୍ରାବ, ମୃତବତ୍ସା ଓ ବନ୍ଧ୍ୟାଦି ରୋଗ ସମୁଦାୟ ଶାନ୍ତ ହୋଇ ଗର୍ଭୋତ୍ପତ୍ତିର ବ୍ୟାଘାତ ନଷ୍ଟ କରେ ।

୧ ଶିଶିର ମୂଲ୍ୟ ଟ ୨୲ ଓ ପ୍ୟାକିଂ ଖର୍ଚ୍ଚ ଟ ୦୲


Split by PDF Splitter
Digitized by srujanika@gmail.com

Split by PDF Splitter




# ଓଡ଼ିଶା ମିଶନ ପ୍ରେସ
## କଟକ ।

୧୮୩୮ ମସିହାରେ ସଂସ୍ଥାପିତ ।
ଗବର୍ଣ୍ଣମେଣ୍ଟ, ଶିକ୍ଷା, ବାଣିଜ୍ୟ ଓ ଜମିଦାରୀ ସମ୍ବନ୍ଧୀୟ କାଗଜ ପତ୍ରାଦି ଛପା ହୁଏ ।
ଏଷ୍ଟିମେଟ ମାଗିଲେ ମିଳଇ ।



## ମେହରୋଗ ।

ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହ ବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତଳାଖି ରୋଗୀ-ଣକରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନୁହେ ।

ଏହି ଔଷଧ ଯଥାଶାସ୍ତ୍ରରେ ଏକ ସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନି ଚାରି ସପ୍ତାହରେ ପୁରାତନ ରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ କହୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଈଶ୍ୱର କୃପାବଳରେ ପରୀକ୍ଷା ନ ହେଲେ ଏତେ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅପେରଟୋଲା ନମ୍ବର ଭବନରେ ଏ, କେ, ଗୁପ୍ତ କମ୍ପାନୀଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ୨୲ ଟଙ୍କା । ପ୍ୟାକିଙ୍ଗ ଓ ଡାକମାଶୁଲ ପୃଥକ୍ ।



ବନୌଷଧ ଚୂର୍ଣ୍ଣଦ୍ରବ୍ୟ ।

କବିରାଜ ଶ୍ରୀବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ ପ୍ରଣୀତ ରୋଗଗ୍ରସ୍ତ ମନୁଷ୍ୟମାନଙ୍କ ରୋଗରୁ ମୁକ୍ତ କରିବା ନିମନ୍ତେ ପ୍ରସ୍ତୁତ ଅଛନ୍ତି । ଗତ ତିନିବର୍ଷମଧ୍ୟରେ କୌଣସି ରୋଗୀ ଆରୋଗ୍ୟ ନ ହୋଇ ଫେରିଯିବାର ଦେଖାଯାଇ ନାହିଁ । ରୋଗରୁ ମୁକ୍ତ ହେବାର ବାଞ୍ଛା ଯେବେ ତୁମ୍ଭର ଥାଏ ତେବେ ତାହାଙ୍କୁ ରୋଗର ବିବରଣ ଜଣାଇଲେ ଅତି ଅଳ୍ପବ୍ୟୟରେ ଅଳ୍ପଦିନ-ମଧ୍ୟରେ ତୁମ୍ଭେ ଆରୋଗ୍ୟ ହୋଇବେ । ସେ ଅନେକଙ୍କୁ ଆରୋଗ୍ୟ କରି ଅନେକ ପ୍ରଶଂସାପତ୍ର ପାଇଅଛନ୍ତି ।



## ବାଲିକାଗଜ ।

ଉଲ୍ଲିଖିତ ଶସ୍ତା ଦରରେ ସଦର କଟକ ଚୌଧୁରୀ ବଜାର ବାବୁ ଗୋବିନ୍ଦଙ୍କର ସମ୍ପର୍କ ବସା ନିକଟେ ବାବୁ ଅର୍ଜୁନ ଦତ୍ତ କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା —

| | | | |
|---|---|---|---|
| ୧୬ ପଣ୍ଡି ଯାଏ | ପ୍ରତି ୧୬ | ୲୵ | ଠାରୁ ୧୬ ୲୦୧୲ |
| ୧୮ ପଣ୍ଡି „ | „ | ୲୵ | „ ୲୦୧୲ |
| ୨୨ ପଣ୍ଡି „ | „ | ୲୲ | „ ୲୦୲ |
| ୩୦ ପଣ୍ଡି „ | „ | ୲୲ | „ ୲୦୲ |

ବେପାରୀମାନେ ଅର୍ଥାତ୍ ଯେଉଁମାନେ ଏକ ଥରେ ୫ ମ ବା ଅଧିକ କ୍ରୟ କରିବେ ସେ ଅତି ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।



ଶ୍ରୀଯୁକ୍ତ ବାବୁ ଗୋବିନ୍ଦଙ୍କର ସମ୍ପର୍କର ଚୌଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚଦରଜୋଡ଼ା ଓ ବନାତ ଓ ରେଶମୀଓଲେର ଲୁଗା ଓ ଫ୍ଲେନେଲ ଓ କଳ କଟା ଛମାଖ ସତରଞ୍ଜର ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବଡ଼ି ଅଛି । ଇଦ୍‌ଭିନ୍ନ ଆଉ କେତେକ ଫେନସି ଜିନିଷାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ବନୋଜ ଶାଢ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖି ଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଶାଢ଼ିମାନ ବିକ୍ରୟ ହେବା ଏବଂ ଆପଣା ମଜଲିସ ସକାଶେ ଭଡ଼ା ନେବାକୁ ଚାହିଁବେ ଏକ ରାତ୍ରିକୁ ଟି ଦଶ ଟଙ୍କା ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ଷଡ଼ ଖର୍ଚ୍ଚଲିଭର ଭାର ତାଙ୍କ ଉପରେ ଥିବ । ଯଦି ନେଲେ ଶାଢ଼ିର ପୂର୍ବ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ଫର୍ଦ୍ଦ ।

ବିଲାତି ଶେମିଜ ଓ ଚଟ୍ଟିରେ ଯୁବ ଦେଲେ ଗଲେ ।
ଟେସେଲଶାଲ
ତେଲ୍‌ଶାଳ୍ ତେଲ ଇତ୍ୟାଦି ସେଲ ସବୁ ଓ କୋମ ବସ୍ତ୍ର ।
ଦୁହଂ ଅର୍ଥାତ୍ ବକସା ବଟିକା ରାଖିବା ଖୋଲ୍-ଚିର ଓ କଲମ ।
ପେନ୍‌ସିଲ କାଟିବା ଯନ୍ତ୍ର ।
ନାନା ପ୍ରକାରର ଫଠ-ବାଇକ ଓ ଲିଫାଫା
ବାର ବିଲସ ଓ ବଡ଼ ରଙ୍ଗିନ ଓ ସବୁ
ଦରଜ ବେତେଦର
ଇନ୍ଦ୍ର ଧୂପଦାନ
ଏଫସ ଜୁଟ
ନେଲସନ ଝୋଳ ସମ କେଉଁର ଅଲ
ମାର୍ବଲ୍ ତାରୀ ଲୁଗାରେ ପତ୍ର ଦେଲେ ଖୋଲ ହେବ ନାହିଁ ।
ଏ ଲୋହର ସମ୍ବନ୍ଦ ଗାଇନ ଓ ଲୁଚିରା ।
ଷ୍ଟେସନାରୀ ଦ୍ରବ୍ୟ ।
ରେଲ ଛଡ଼ି ।
ଚନ୍ଦ ଚାକୁ ।
ଛୋଟାକାଗଜ ସାକଟ ଓ ପେନ୍ସିଲ ଶେଡ଼ ପଦାର୍ଥ ଲୁଗା ପରିଷ୍କାର ହୁଏ ।
ବହେଲ ସେଟ—ଅଥବା ସୁରଭି ଦ୍ରବ୍ୟ ।
ଅଟେର ଧୂପ ।
ଓଲ୍‌ଡ ସୁଟ କୋଟ ।
ବଟନ ଓ ।
ରୋଲେଲୀଡ଼ି ।
ସୋରସଲ୍ଲୁଙ୍କ କେଶର ତେଲ ଓ ଅତର ତେଲ ପାଇଁ ଓ
ଟ୍ରଙ୍କ ଚର୍ମର ରେସିରେଲେ ଆଦି ଓ ସୁତିରେ ଭଲା ଟେବି ।
ଅଇନା ଚକା ୧୨ x ୧୦ ଇଞ୍ଚ ୧୮ x ୧୨ ଇଞ୍ଚ
ରଙ୍ଗିନ୍ ଖୁଆ ରଙ୍ଗ ବାକ୍ସ ମୂଲ୍ୟ ୲୦୲୦
ମୋଜା ଓ ମୋଜାରେ ଲଗାଇବା ରବର ଓ ତାକୁ ବାନ୍ଧିବା ଫିତା
ଚଉଡ଼ା ଅଣ୍ଟାପଟି
ବଡ଼ ଓ ଛୋଟ ପେନ୍‌ସିଲ ଓ ଅନେକ ନାନା ରଙ୍ଗର ପେନ୍‌ସିଲ ବଟିକା ଓ ପେନ୍‌ସିଲ କଟା ଓ ଅନେକ ପଦାର୍ଥ ।
ଛୁରିରି ଟେବଲ ।
ନେକଟାଇ ଟେବଲରେ ଲଗାଇବା ରେଶମ ଆଦି ।
ରବରର ତିଆରି ଅଟେ ବଲ ଓ ଖେଳନା ।
ନକସା ।
ରେଲ୍ ଓ ପେନ୍‌ସିଲ ।
ଷ୍ଟ୍ରୋକ
କାଗଜ ଗାର୍ଡ ଓ ଗୋଟ ଓ ରଙ୍ଗ
ମନିବ୍ୟାଗ ଓ ଛଡ଼ି ପାଇ ଫାଉଣ୍ଟେନ ଓ ଚାବି ।
ଟ୍ରିମିଂ କାଟ



## ପିତଛାଉ ।

ଏ ଚାରଣ କେଉଁଠି ପାଦରେ ରଖି ନିଅଁରେ ଡାକାଇ କୋଠାଘରର ଛାତରେ ଦେଲେ ପାଣିଗଲା ବନ୍ଦ ହେବ ଘରର ମଝି-ଅରେ ଲେପିଦେଲେ ମଜବୁତ ଓ ଭଲ ଧରିବ ନାହିଁ ।

ଚଟିର ଉପରେ ଓ ଛାତରେ ଲଗାଇବାର ଭାଲ ମଧ୍ୟ ଅଛି ।

ଅଭୟଚରଣ ଦତ୍ତ କମ୍ପାନୀ



ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର । ପ୍ରତି-ଥର ପ୍ରତି ଧାଡ଼ି ହିସାବରେ ଲିଖା —

ପ୍ରଥମଥର ସକାଶେ

| | |
|---|---|
| ଆଠ ଥର | ୲୦୲ |
| ଛଅ ମାସକୁ | ୲୲ |
| ବର୍ଷ ଏକ [ଗୋଟିଏ] | ୲୦ |

ମାତ୍ର କୌଣସି ବିଜ୍ଞାପନ ଛୋଟ ଅର୍ଥାତ୍ ତେତେଟି ଧାଡ଼ି ହେଲେ ୲୦ ରୁ କମ ହେବ ନାହିଁ ।

ନ ଗଣ୍ଡ ଓ ଚଳପ୍ରଦତ୍ତ ସକାଶେ ଭଲ ପ୍ରକାର ଅନୁଭବ ହେବା ଓ ସ୍ୱତନ୍ତ୍ର ପଥାରେ ହେବ ।

ଅଗ୍ରିମ ଦାମ ସକାଶେ ପ୍ରଥମ ଧାଡ଼ିଟି ବୋଲ ଗାଇବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏଡ଼ି ଏହି ଉତ୍କଳଦୀପିକା ଏତେର ମାସ ଉତ୍କଳପ୍ରକାଶ ସନ୍ଦ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା


Digitized by srujanika@gmail.com

Split by PDF Splitter

ISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଖଣ୍ଡ ୨୨ ସ... | ୪୫ ସଂଖ୍ୟା

ତା ୫ ଏଗ ମାହେ ନବମ୍ବର ସନ ୧୮୮୭ ମସିହା । ମା । କାର୍ତ୍ତିକ ଦି ୨୧ ... ୧୨୯୫ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦେୟ ଟ ୬

'ଓଡ଼ିଆ' ଲେଖିଅଛନ୍ତି କି ବାଲେଶ୍ୱର ସ୍କୁଲ-ଗୋଳମାଳ ଯେଉଁ ଅନ୍ୟାନ୍ୟ ସମ୍ବାଦପତ୍ରରେ ଯାହା ଲେଖାଅଛି ବାଲେଶ୍ୱରସମ୍ବାଦବାହିକା ତାହାଁର ମୂଳ· ଅଟଇ ମାତ୍ର ବାହିକା ଭଗବାନ-ବାବୁଙ୍କ ପତ୍ର ଓ ସେହି ଭଗବାନ ବାବୁଙ୍କ ସଙ୍ଗେ ବାଦ ସୁତରାଂ ବାହିକାର ଲେଖା ପକ୍ଷପାତ-ଶୂନ୍ୟ ହୋଇ ନ ପାରେ । ସହଯୋଗିଙ୍କର ଏ ଯୁକ୍ତି ଅବଶ୍ୟ ସୁସଙ୍ଗତ ଅଟଇ କିନ୍ତୁ ସେ ଯେ ସତ୍ୟରଫା କଥା ଯେଉଁ ଆନ୍ଦୋଳନ କରିବାକୁ ଅକ୍ଷମ ବୋଲି ଲେଖିଅଛନ୍ତି ଏଥିରେ ଆମ୍ଭମାନଙ୍କର ତୃପ୍ତିଜାତ ହେଲା ନାହିଁ । ଯେହେତୁ ବାଲେଶ୍ୱର ତାହାଙ୍କ ନିବାସ ଏବଂ କୁମାର ବିଜୁଳିନାଥ ଦେବଙ୍କ ଯତ୍ନାଳୟରୁ ବାହାରଅଛନ୍ତି ଯେ ଏହି ଗୋଳମାଳର କିଛି ଜାଣନ୍ତି ନାହିଁ ଏକଥା କିଏ ସମ୍ଭବଜ୍ଞାନ କରିବ ବିଶେଷତଃ ସେ ବାହିକାଙ୍କ ଲେଖା ପକ୍ଷପାତଶୂନ୍ୟ ଥିବାର କହିବାରୁ ଜଣାଯାଉଅଛି ଯେ ପ୍ରକୃତକଥା ତାହାଙ୍କୁ ଜଣାଅଛି ଅଥଚ ତାହା ପ୍ରକାଶକରିବା ଦ୍ୱାରା ସହଯୋଗିମାନଙ୍କ ଭ୍ରମ ଦୂରକରିବା ଅପଣା କର୍ତ୍ତବ୍ୟକର୍ମ ବୋଲି ବିବେଚନା କରୁନାହାନ୍ତି । ଲେଖିବା ଭଙ୍ଗୀରୁ ଜଣା ଯାଉଅଛି ଯେମନ୍ତ 'ଓଡ଼ିଆ' କୁମାର ବିଜୁଳିନାଥ ଦେବଙ୍କ ପକ୍ଷ ଓ ଏବିଷୟରେ ତାହାଙ୍କ କାର୍ଯ୍ୟ ନ୍ୟାୟସଙ୍ଗତ ଥିବାର କୌଣସି ଯୁକ୍ତି ଦେଖାଇବାକୁ ଅକ୍ଷମ ହୋଇ କେବଳ ଅପରପକ୍ଷର କଥାରେ ଦୋଷ ଦେଇ ସର୍ବସାଧାରଣଙ୍କୁ ଭୁଲାଇବାକୁ ବସିଅଛନ୍ତି ।

---

ଯୁଦ୍ଧବଣିକ ଇଂରାଜଙ୍କ ନଜରବନ୍ଦିରୁ ବାହାର ଅଫଗାନସ୍ଥାନରେ ଗଣ୍ଡଗୋଳ ଲଗାଇବା-ଚେଷ୍ଟାରେ ଥିବାର ଦେଖି ରୁଷିଆ ଆନନ୍ଦିତ ହୋଇଥିବାର ଜଣାଯାଏ । ସେଠାର ପ୍ରଧାନ-ସମ୍ବାଦପତ୍ରରେ ଲେଖାଅଛି କି ଯୁଦ୍ଧବଣିକ ଯେବେ ଅଫଗାନସ୍ଥାନରେ ଆପଣା ଅଧିକାର ସ୍ଥାପନ କରିବ ଏବଂ ରୁଷିଆର ସାହାଯ୍ୟ ଲୋଡିବ ତେବେ ବୋଖାରକୁ ରୁଷିଆ ଯେମନ୍ତ ଆଶ୍ରୟ ଦେଇଅଛନ୍ତି ସେରୂପ ଯୁଦ୍ଧବଣିକଙ୍କୁ ଆଶ୍ରୟ ଦେବାକୁ କୁଣ୍ଠକରିବେ ନାହିଁ ଏବଂ ତାହାଙ୍କୁ ରକ୍ଷାକରିବାକୁ ଅଗ୍ରସର ହେବେ । ଇଂରାଜମାନେ ଏଥିରେ ଅସନ୍ତୁଷ୍ଟ ହୋଇ-ପାରନ୍ତି । ମାତ୍ର ସେଥିଲାଗି ରୁଷିଆ ଆପଣା-କର୍ତ୍ତବ୍ୟକର୍ମରୁ ବିମୁଖ ହେବ ନାହିଁ । ଏଥିରୁ ସ୍ପଷ୍ଟ ଜଣାଯାଉଅଛି ଯେ ଅଫଗାନସ୍ଥାନର ସୀମାବିଷୟକ ବିବାଦ ରୁଷିଆ ଓ ଇଂରାଜଙ୍କ ମଧ୍ୟରେ ସନ୍ତୋଷଜନକରୂପେ ନିଷ୍ପତ୍ତି ହୋଇଥିଲେହେଁ ଅଫଗାନସ୍ଥାନପ୍ରତି ରୁଷିଆର ଲୋଭ ଊଣା ହୋଇ ନାହିଁ । ଏଥିକୁ ଯୁଦ୍ଧବ ଅବଧି ଧରାପଡି ନାହାନ୍ତି ଏବଂ କଥିତହୁଅଇ ଯେ ଅମିରଙ୍କ ବିଦ୍ରୋହମାନେ ତାହାଙ୍କ ସହିତ ଏକତ୍ର ହୋଇ କ୍ରମଶଃ ତାହାଙ୍କ ଦଳ ବୃଦ୍ଧି କରୁଅଛନ୍ତି । ଯେବେ ଭାଗ୍ୟଚକ୍ରର ପରିବର୍ତ୍ତନଦ୍ୱାରା ଯୁଦ୍ଧବଣିକଙ୍କର ଅଧିକାର, ହିରାତରେ ସ୍ଥାପିତ ହେବ ତେବେ ସେ ରୁଷିଆର ସାହାଯ୍ୟ ପାଇ କାବୁଲର ଅମିର ହେବା ଅସମ୍ଭବ ନୁହଇ ତାହା ହେଲେ ଇଂରାଜ ଗବର୍ଣ୍ଣମେଣ୍ଟ କାବୁଲ ପକ୍ଷରେ ଯେତେ ଅର୍ଥବ୍ୟୟ ଓ ଯତ୍ନ କଲେ ସବୁ ବିଫଳ ହୋଇଯିବ ।

---

ବାଲେଶ୍ୱର ମିଉନିସିପାଲିଟିର କମିଶ୍ନର ନିର୍ବାଚନ କରିବା କାରଣ ଆଗାମୀ ଡିସେମ୍ବରମାସ ତା ୧୦ ରିଖ ଧାର୍ଯ୍ୟକର ଗତ ମାସ ତା ୨୨ ରିଖରେ ତହିଁର ବିଜ୍ଞାପନ ଶ୍ରୀଯୁକ୍ତ କମିଶ୍ନରସାହେବ ଦେଇଅଛନ୍ତି । ଏ ବିଜ୍ଞାପନ ଅଦ୍ୟାବଧି କଲିକତାଗେଜେଟରେ ବାହାର ନାହିଁ କେବଳ ତା ୨୭ ରିଖର ଓଡ଼ିଆଗେଜେଟ କି ଯାହା ବୁଧବାର ଦିନରେ ପ୍ରକାଶିତ ହେଲା ତହିଁରେ ବାହାରଅଛି । ଆଇନାନୁସାରେ ନିର୍ବାଚନ ଯେଉଁ ତାରିଖରେ ହେବାର ଧାର୍ଯ୍ୟ ହେବ ତହିଁର ଛଅସପ୍ତାହ ପୂର୍ବରୁ କରଦାତାମାନେ ଯାହାଙ୍କୁ ଉପଯୁକ୍ତ ଜ୍ଞାନ କରିବେ ସେମାନଙ୍କର ନାମ ମାଜିଷ୍ଟ୍ରେଟସାହେବଙ୍କୁ ଜଣାଇବେ । ତହିଁ ଉତ୍ତାରୁ ଆଉ କାହାର ପ୍ରାର୍ଥନା ଗୃହୀତ ହେବ ନାହିଁ । ଏଥିକୁ କଲିକତା-ଗେଜେଟରେ ନୋଟିସ ବାହାରିବା ଏବଂ ଯେଉଁ ଓଡ଼ିଆ ଗେଜେଟରେ ସେ ନୋଟିସ ବାହାରିଅଛି ତାହା ବାଲେଶ୍ୱରରେ ପହୁଞ୍ଚିବା ଦିନଠାରୁ ନିର୍ବାଚନର ତାରିଖ ଛଅସପ୍ତାହରୁ ଊଣା ରହିବ । ସୁତରାଂ କାହାର ଆବେଦନ ଗୃହୀତ ହେବ

Digitized by srujanika@gmail.com

Split by PDF Splitter



ନାହିଁ । ଜିଲାର ମାଜିଷ୍ଟ୍ରେଟ ବା ବଙ୍ଗୀୟ କମିଶନର ଏକଥା ଦେଖିଲେ ନାହିଁ ବଡ଼ ଆଶ୍ଚର୍ଯ୍ୟର ବିଷୟ । କମିଶନରନିର୍ବାଚନ ବିଷୟରେ ଲୋକଙ୍କୁ ସନ୍ତୋଷଜନକ ଉତ୍ସାହ ଦେବାସଙ୍ଗେ ଏ କାର୍ଯ୍ୟ ମେଳ ହେଉ ନାହିଁ । ନୂତନ କମିଶନରମାନେ ଅପ୍ରେଲମାସଠାରୁ କାର୍ଯ୍ୟକରିବେ ଅତଏବ ଚାରିମାସ ସମୟ ଅଛି । ଆମ୍ଭେମାନେ ଆଶା କରୁଁ ଯେ କମିଶନରସାହେବ ଏ ବିଜ୍ଞାପନକୁ ରହିତ କରି ଆଗାମୀ ଜାନୁଆରି ବା ଫେବୃଆରି ମାସରେ ନିର୍ବାଚନ ତାରିଖ ଧାର୍ଯ୍ୟ କରି ଏହି ମାସମଧ୍ୟରେ ତହିଁର ବିଜ୍ଞାପନ ଦେବେ ।

---

ଏ ବର୍ଷର ରାସପୂର୍ଣ୍ଣିମାଦିନ ମେଘୁଆପାଗ ହୋଇଥିବାରୁ ଏଠା ମହାନଦୀଗଡ଼ଗଡ଼ିଆଘାଟର କାଳିଯାତ୍ରାରେ ଅଧିକ ଲୋକ ହୋଇ ନ ଥିଲେ । ତଥାପି ଯାତ୍ରା ବେଶ ଜମିଥିବାର ଦେଖାଗଲା । ତହିଁ ପୂର୍ବଦିନ ଧବଳେଶ୍ୱରଠାରେ ପେଠାଯାତ୍ରା ହୁଅଇ । ଏ ବର୍ଷ ଉକ୍ତ ପର୍ବ ରବିବାରଦିନ ପଡ଼ିବା ଓ ପାଣିପାଗ ଭଲ ଥିବାରୁ ଅନେକ ଯାତ୍ରୀ ହୋଇଥିଲେ ମଧ୍ୟ ସ୍କୁଲବାଳକ ଓ ଅମଲାମାନେ ଅନେକେ ଦର୍ଶନକୁ ଯାଇଥିଲେ । ବଡ଼ାକାଠୀ-ଘାଟଠାରୁ ଧବଳେଶ୍ୱରଙ୍କ ମନ୍ଦିର ପର୍ଯ୍ୟନ୍ତ ସମସ୍ତ ଦିନମାନ କ୍ରମାଗତ ବିଶେଷ ଲୋକେ ଯିବାଆସିବା କରୁଥିବାରୁ ଦୃଶ୍ୟଟି ଦେଖିବାକୁ ଗୋଟିଏ ଚଳନ୍ତି ନଦୀପ୍ରାୟ ହୋଇଥିଲା । ଗତବର୍ଷଠାରୁ ଏ ବର୍ଷ ଦ୍ୱିଗୁଣ ଲୋକ ହୋଇଥିଲେ ଏବଂ ଯାତ୍ରିଙ୍କ ସଂଖ୍ୟା ଦଶହଜାରରୁ କମ ନ ଥିଲା । ଏତେ ଯାତ୍ରିରେ ମହାଦେବଙ୍କ ଦର୍ଶନ ପାଇବା ଅବଶ୍ୟ ବଡ଼ କଠିନ ହୋଇଥିଲା । ଆଠଗଡ଼ରାଜାଙ୍କ ପକ୍ଷରୁ ଯଦ୍ୟପି ୫ ପ୍ରହରୀମାନେ ସେଠାରେ ଉପସ୍ଥିତ ଥିଲେ ମାତ୍ର ସେମାନେ ତେତେ କର୍ମକ୍ଷମ ନୁହନ୍ତି । ଯେତେବେଳେ ବିଶେଷ ଭିଡ ହୋଇଯାଏ ତେତେବେଳେ ପ୍ରହରୀମାନେ ସ୍ଥାନ ତ୍ୟାଗକରି ଯିବାର ଦେଖାଗଲା । ଏଥିରେ ଲୋକଙ୍କର ପ୍ରାଣଶଙ୍କା ବିସ୍ତର ଅଛି ଏବଂ ଏହା ଆଠଗଡ଼ରାଜାଙ୍କ ପକ୍ଷେ ଶୋଭନୀୟ ନୁହଇ । ଆମ୍ଭେମାନେ ଆଶା କରୁଁ ରାଜାସାହେବ ଭବିଷ୍ୟତକୁ ଏଠାରେ ସୁବନ୍ଦୋବସ୍ତ କରିବେ । ମହାଦେବଙ୍କ ମନ୍ଦିରନିକଟବର୍ତ୍ତୀ ପକ୍କାକୋଠା ଓ ଘରମାନ ନିତାନ୍ତ ଜୀର୍ଣ୍ଣ ଓ ଚତୁଷ୍ପାର୍ଶ୍ୱ ନିତାନ୍ତ ଅପରିଷ୍କୃତ ଓ ଜଙ୍ଗଲ ହୋଇ ପଡ଼ିଅଛି । ଏଥିରେ ଯେ ଯାତ୍ରିଙ୍କର ବିଶେଷ କଷ୍ଟ ହୁଏ ତାହା ବୋଲିବା ଅଧିକ । ଯେଉଁଠାକୁ ଏତେଲୋକେ ଯିବାଆସିବା କରନ୍ତି ସେସ୍ଥାନକୁ ଏପରି ହତାଦର କରିବା ରାଜାଙ୍କପକ୍ଷେ ଉଚିତ ନୁହଇ । ଭରସା କରୁଁ ରାଜାସାହେବ ଏଥିପ୍ରତି ଦୃଷ୍ଟିପାତକରି ସମସ୍ତ ଲୋକଙ୍କର ପ୍ରଶଂସାଭାଜନ ହେବେ ।

---

ଜଗନ୍ନାଥଯାତ୍ରିଙ୍କ କଷ୍ଟ ଓ ଅସୁବିଧା ଦୂର କରିବା ବିଷୟରେ ଶ୍ରୀଯୁକ୍ତ ଟ୍ୟୁଇଟସାହେବଙ୍କ ଚେଷ୍ଟା ଓ ଯତ୍ନରୁ କାର୍ଯ୍ୟରେ ପରିଣତ କରିବା-କମିଟି ଗତ ଅଗଷ୍ଟମାସରେ ବାଲେଶ୍ୱରଠାରେ ଯେଉଁ ସଭା ହୋଇଥିଲା ଏବଂ ଯହିଁର ସଂକ୍ଷେପ ବିବରଣ ସେ ସମୟରେ ପାଠକମାନଙ୍କୁ ଜଣାଇଥିଲୁଁ ତହିଁରେ ଅନ୍ୟାନ୍ୟ କଥାମଧ୍ୟରେ ଧାର୍ଯ୍ୟ ହୋଇଥିଲା ଯେ "ଜଗନ୍ନାଥ" ନାମରେ ଖଣ୍ଡିଏ ପୁସ୍ତିକା ବାହାରିବ ଓ ତହିଁରେ ପ୍ରଧାନ ଜଗନ୍ନାଥଯାତ୍ରିଙ୍କ ସୁଖସାଧନ ବିଷୟ ଓ ତହିଁ ନିମିତ୍ତ ଯେଉଁମାନେ ଚାନ୍ଦା ଦେବେ ସେମାନଙ୍କନାମ ଲେଖାଯିବ । ଅଦ୍ୟାପି ସେ ପୁସ୍ତିକା ଆମ୍ଭଙ୍କୁ ଦେଖା ହୋଇ ନାହିଁ କିନ୍ତୁ ଗତ ରବିବାର 'ଓଡ଼ିଆ' ନାମରେ ଖଣ୍ଡିଏ ସମ୍ବାଦପତ୍ରର ପ୍ରଥମସଂଖ୍ୟା ହଠାତ୍ ପ୍ରାପ୍ତ ହୋଇ ଫିଟାଇବାମାତ୍ରେ ଦେଖିଲୁଁ ଯେ ଏଥିଉପରେ ବଡ଼୨ ଇଂରାଜୀ ଅକ୍ଷରରେ ଲେଖାଅଛି ଯେ ଏ ପତ୍ରିକା ପ୍ରଧାନତଃ ଜଗନ୍ନାଥଯାତ୍ରିଙ୍କ ସୁଖସାଧନବିଷୟର ଚର୍ଚ୍ଚା କରିବ । ଏଣୁ ବୋଧ ହେଉଅଛି ଯେ 'ଜଗନ୍ନାଥପୁସ୍ତିକା' ବଦଳରେ ଓଡ଼ିଆର ଆବିର୍ଭାବ ହୋଇଅଛି । ଅଥବା ପ୍ରଥମରୁ ଖଣ୍ଡିଏ ସମ୍ବାଦପତ୍ର ବାହାର କରିବାର କଳ୍ପନା ଥିଲା କେବଳ ନାମର ଟିକିଏ ପରିବର୍ତ୍ତନ ଘଟିଅଛି । ଅଥଚ ଓଡ଼ିଆ ଯେଉଁ ଅନୁଷ୍ଠାନପତ୍ର ଦେଇଅଛନ୍ତି ତହିଁରେ ଜଗନ୍ନାଥଯାତ୍ରିଙ୍କର ବିଶେଷ କିଛି ଉଲ୍ଲେଖ ନ ହୋଇ ଓଡ଼ିଶାର ସାଧାରଣ ଅଭାବ ହେତୁ ସେ ପ୍ରକାଶ ହୋଇଥିବାର କହିଅଛନ୍ତି । ସେ କହିଅଛନ୍ତି ଯେ ଓଡ଼ିଶାରେ ଅପାତତଃ ୩ ୪ ଖଣ୍ଡ ସମ୍ବାଦପତ୍ର ଥିଲେହେଁ ଏ ପ୍ରଦେଶର ଲୋକସଂଖ୍ୟା ଦୃଷ୍ଟିରେ ସମ୍ବାଦପତ୍ର ପାଠକ ଓ ପୋଷକଙ୍କ ସଂଖ୍ୟାର ଉପଯୁକ୍ତ ନାହିଁ ଏବଂ 'ସମ୍ବାଦକାଗଜ ବାହାରିଲେ ସୁଦ୍ଧା ଆହୁରି ଅଭାବ ଅଛି ବୋଲି ଓଡ଼ିଆ ମୁକ୍ତକଣ୍ଠରେ ସ୍ୱୀକାର କରିବ' । ମୂଳକଥା ଓଡ଼ିଆଙ୍କର ଉଦ୍ଦେଶ୍ୟ ସାଧାରଣ ଅଭାବ ଲାଘବ କରିବା ନାମତଳେ ଦୁଇଧାଡ଼ି ବଡ଼୨ ଇଂରାଜୀ ଅକ୍ଷରରେ ଯାହା ଲେଖାଅଛି ତହିଁର ବିଶେଷ ଅର୍ଥ କିଛି ନାହିଁ । ଯାହାହେଉ ଆମ୍ଭେମାନେ ନବୀନ ସହଯୋଗିଙ୍କୁ ଆଦରର ସହିତ ଅଭ୍ୟର୍ଥନା କରୁଅଛୁଁ ଏବଂ ପ୍ରାର୍ଥନା କରୁଁ ସେ ସାର୍ଥକନାମା ହୋଇ ଆପଣା ପ୍ରତିଜ୍ଞାନୁସାରେ କାର୍ଯ୍ୟ କରନ୍ତୁ । ଓଡ଼ିଆ କଲେବର ଫୁଲ୍ସ୍କାପ ପେଜର ଚତୁର୍ଥାଂଶ ଓଡ଼ିଶାର ସମସ୍ତ ସମ୍ବାଦପତ୍ରରୁ ସାନ କିନ୍ତୁ ମୂଲ୍ୟ ବାର୍ଷିକ ୨ ଟଙ୍କା । ଏମୂଲ୍ୟ ଅପେକ୍ଷାକୃତ ଅଧିକ ବୋଲିଯାଇ ପାରେ ମାତ୍ର ଯେସ୍ଥଳେ ଅଭାବ ରହିଅଛି ସେସ୍ଥଳେ ମୂଲ୍ୟ ଚଢ଼ା ହେବା ଉଚିତ ଓ ତହିଁରେ ସନ୍ଦେହ କିଛି ନାହିଁ ।

---

## ସିଭିଲ ସର୍ଭିସ୍ କମିଶନ ।

ଏ କମିଶନ ଅଦ୍ୟାପି ଆପଣା ରିପୋର୍ଟ ଦେଇ ନାହାନ୍ତି ଏବଂ ସେ ରିପୋର୍ଟ ଦେବେ ତାହା ମଧ୍ୟ ଜଣାଯାଇ ନାହିଁ । ଉକ୍ତ କମିଶନର ଜଣେ ସଭ୍ୟ ସର ଚାର୍ଲସଟର୍ଣ୍ଣର ସାହେବ ଏଥିମଧ୍ୟରେ ମାନ୍ଦ୍ରାଜକୁ ଯାଇଥିଲେ । ସେଠାରେ ମାନ୍ଦ୍ରାଜ ଟାଇମସ୍ ନାମକ ସମ୍ବାଦପତ୍ରର ଜଣେ ଲୋକ ତାହାଙ୍କ ସହିତ ସାକ୍ଷାତ କରି ଯେସବୁ କଥା ତାହାଙ୍କଠାରୁ ଶୁଣି ଅଛନ୍ତି ତହିଁରୁ ଜଣାଯାଉଅଛି ଯେ କମିଶନରମାନେ ଦେଶୀୟଲୋକଙ୍କର ନିତାନ୍ତ ପ୍ରତିକୂଳରେ ମତ ଦେବେ ନାହିଁ । ଅନ୍ତତଃ ସର୍ ଟର୍ଣ୍ଣର ବାହାଦୁରଙ୍କ ମନ ଅତ୍ୟନ୍ତ ପ୍ରଶସ୍ତ ଓ ସେ ନ୍ୟାଯ୍ୟପଥରୁ କଦାପି ଘୁଞ୍ଚିବାର ଲୋକ ନୁହନ୍ତି । ଏହି ବିଷୟଘଟିତ ନାନା ପ୍ରସଙ୍ଗରେ ସେ ଯେପରି ମତ ବ୍ୟକ୍ତ କରିଅଛନ୍ତି ତାହା ଦେଶୀୟଲୋକଙ୍କ ଅନୁକୂଳରେ ଅଟଇ । ପ୍ରସ୍ତାବବାହୁଲ୍ୟଭୟରେ ତାହାସବୁ ଲେଖିବାରୁ କ୍ଷାନ୍ତ ହୋଇ ତାହାଙ୍କ ଉଦାର ଅନ୍ତଃକରଣର ଗୋଟିଏ ପରିଚୟ ପାଠକମାନଙ୍କୁ ଦେଉଅଛୁଁ । ଅନେକ ଲୋକଙ୍କର ବିଶ୍ୱାସ ଯେ ଇଂରେଜମାନେ ଶ୍ରେଷ୍ଠ ଓ ଦେଶୀୟମାନେ ନିକୃଷ୍ଟ ଅଟନ୍ତି । ଜାତିଭେଦ ଦେଶଭେଦ ଦେହର ଗଠନଗତ ଓ ନୈତିକ ପ୍ରକୃତିଭେଦରେ ଯେ କୌଣସି ଗୁଣର ତାରତମ୍ୟ ଘଟେ ସର୍ ଟର୍ଣ୍ଣର ବାହାଦୁର ତାହା ସ୍ୱୀକାର କରନ୍ତି । କିନ୍ତୁ କୌଣସି ଗୋଟିଏ ଜାତିର ସକଳ ଲୋକଙ୍କର କିଛି ଗୁଣ ନାହିଁ ଓ ତାହା ସେହି ଜାତିର କେହି ଲୋକ ଆଉ ନ ପାରେ ସାହେବ ତାହା ସ୍ୱୀକାର କରନ୍ତି ନାହିଁ । ସେ କହିଅଛନ୍ତି ଯେ ଇଂରାଜଙ୍କ ପରି ଅଟଳ ଉତ୍ସାହ ଏବଂ ଉଦ୍ଭାବନା ଶକ୍ତି କୌଣସି ହିନ୍ଦୁର ନାହିଁ ଏପରି ବୋଲିବା

Digitized by srujanika@gmail.com

ଗଣ ନୁହନ୍ତି ଆଉ ସମସ୍ତ ଇଂରାଜଙ୍କର ସେହି ଗୁଣ ଅଛି ଏପରି ବୋଲିବା ମଧ୍ୟ ଅସଙ୍ଗତ । ଲଣ୍ଡ ଗୋଟିଏ ସ୍ବତନ୍ତ୍ର କ୍ଷୁଦ୍ର ଦ୍ଵୀପ ଇଂରାଜ-ଜାତିର ଇତିହାସ ଏବଂ ରାଜନୀତି ସ୍ବତନ୍ତ୍ର-ତାର । ଏହି ସମସ୍ତ କାରଣରୁ ଇଂରାଜଜାତି ସାଧାରଣ ରୂପେ ହିନ୍ଦୁଜାତି ଅପେକ୍ଷା ଅଧିକ ଉତ୍ସାହଶୀଳ ଶ୍ରମିକ ଓ ଚତୁର ଅଧିକ ପ୍ରନିର୍ଭରଶୀଳ ଅଧିକ ଉପସ୍ଥିତବୃଦ୍ଧି ଏବଂ ଅଧିକ ବଳଶାଳୀ । ପକ୍ଷାନ୍ତରେ ହିନ୍ଦୁଜାତି ସାଧାରଣରୂପେ ସ୍ମରଣଶକ୍ତି କାର୍ଯ୍ୟରେ ଅଭି-ନିବେଶ ଶିଷ୍ଟାଚାରବାଧ୍ୟତା ପ୍ରଭୃତି ଗୁଣରେ ଇଂରାଜଜାତି ଅପେକ୍ଷା ଅନେକ ଶ୍ରେଷ୍ଠ । କିନ୍ତୁ ତା ବୋଲି ଇଂରାଜଜାତିର ଯେ ସମସ୍ତ ଗୁଣ ଅଛି ତାହା ଯେ ସମସ୍ତ ଇଂରାଜଙ୍କଠାରେ ରହିଅଛି ଅଥବା ହିନ୍ଦୁଙ୍କର ଯେ ଗୁଣମାନ ଅଛି ତାହା ସମସ୍ତ ହିନ୍ଦୁଙ୍କଠାରେ ରହିଅଛି ଏ କଥା କହିବା ନ୍ୟାୟସଙ୍ଗତ ନୁହଇ । ସରକାରୀ-ସ୍ବରୂପ କାର୍ଯ୍ୟ ସକାଶେ ଯେଉଁ ଗୁଣର ପ୍ରୟୋଜନ ତାହା ଯାହାଠାରେ ଲକ୍ଷିତ ହେବ ସେହି ଲୋକଙ୍କୁ ସେ କାର୍ଯ୍ୟରେ ନିଯୁକ୍ତ କରି-ବାର ଉଚିତ ଅଟଇ । ମୁଖ ଦେଖି ଲୋକ ବାଛିବାକୁ ହେବ । ଜାତି ବା ଜନ୍ମଭୂମି ଦେଖି ତାର କଳ୍ପନା କରିବା ସୁସଙ୍ଗତ ନୁହଇ । ଆମେମାନେ ଦେଖନ୍ତୁ ସର୍ ଗ୍ରେଣ୍ଟସ୍ତିଙ୍କର ମନ୍ତ୍ର ଉଦାର ଭାବ । ସେ କୌଣସି ଲୋ-କୁ ହୀନ ବା ନୀଚ ମନେ କରନ୍ତି ନାହିଁ । ସେ ଗୁଣର ଆଦର । ଏହାଙ୍କପରି ଉଦା-ଚେତା ଏବଂ ନ୍ୟାୟବାନ୍ ଲୋକଙ୍କ ହେତୁରୁ ରାଜଜାତିର ଗୌରବ ହୋଇଅଛି । ସକଳ ରାଜଜାତିମ ଏହି ନ୍ୟାୟରେ କାର୍ଯ୍ୟ କଲେ ଶୀୟଲୋକଙ୍କର ଦୁର୍ଦ୍ଦଶା ପାଇବା ବିଷୟରେ ଗୀଣିତି ଗୁହାର କରିବାର ବା ତହିଁ ପ୍ରତିକାର-ତ୍ର କମିଶନ୍ ବସିବାର ପ୍ରୟୋଜନ ହୁଅନ୍ତା ଶି "ସଙ୍ଗ ଦ୍ବିବିଧା ଲୋକା ଉତ୍ତମାଧମ ଃ" ।

---

### ଓଡ଼ିଶାର ଦୁଃଖ ।

ଏହି ପତ୍ରିକାମାନେ ଗୋଟିଏ ପ୍ରବନ୍ଧ ଗତ-ଗାର ୨ ତାରିଖର ସମ୍ପାଦକରେ ବାହାରିଅଛି । କେ ଲେଖାଅଛି କି ବଙ୍ଗଦେଶର ଶ୍ରେଷ୍ଠ-ଙ୍କଠାରୁ କଲ୍ଲାହାନପର୍ଯ୍ୟନ୍ତ ଶିକ୍ଷିତ ଓଡ଼ିଆ-ଙ୍କୁ ସରକାରୀକର୍ମରେ ନିଯୁକ୍ତ କରିବାଦ୍ଵାରା ହେଉଥିବା ପ୍ରତ୍ୟକ୍ଷ ଓଡ଼ିଶାର ଶିକ୍ଷାବିଭାଗର ପ୍ରଧାନକର୍ମକର୍ତ୍ତା କି ଯାହାଙ୍କ ଏ ବିଷୟରେ ଅଗ୍ରସର ହେବାର ଉଚିତ ଓଡ଼ିଆଙ୍କ ପ୍ରତି ତାହାଙ୍କର ସୁଦୃଷ୍ଟି ପଡ଼ୁ ନାହିଁ । ଏଥିର ଉଦାହରଣସ୍ବରୂପ ଲେଖା ଯାଇଅଛି କି ପୁରୀ-ଜିଲାସ୍କୁଲର ଦ୍ବିତୀୟ ଶିକ୍ଷକର ପଦ ଖାଲି ଥିଲା । ଏଠାରେ ବିଏ ପାସ କରିଥିବା ଓଡ଼ିଆ ଥିବା ପ୍ରତ୍ୟକ୍ଷେ ସେମାନଙ୍କ ମଧ୍ୟରୁ କାହାକୁ ଏ ପଦ ଦିଆ ନ ଯାଇ ବାବୁ ବିଜୟଚନ୍ଦ୍ର ମଜୁମଦାର ନାମକ ଜଣେ କଲିକତାବାସି ବ୍ରାହ୍ମପ୍ରଚାରକଙ୍କୁ ଦିଆଗଲା ଓ ଏମନ୍ତ ଗୁପ୍ତଭାବରେ ଏ ନିଯୋଗ ହେଲା ଯେ କର୍ମ ଖାଲିଥିବାର ବିଜ୍ଞାପନସ୍ବରୂପ ଦିଆଗଲା ନାହିଁ । ସହଯୋଗୀ ଆହୁରି ଅନୁମାନ କରିଅଛନ୍ତି କି ବିଜୟବାବୁ ଏଠା ଡେପୁଟୀ-ଇନ୍ସପେକ୍ଟରଙ୍କ ଜାମାତା ହେବାର କଥା ଅଛି ଅତା ଥିଲା ବୋଲି ତାହାଙ୍କ ସାହାଯ୍ୟ ନିମିତ୍ତ ଡିଭିଜନ ଇନସ୍ପେକ୍ଟର ଏପରି କରିଅଛନ୍ତି । ଫଳତଃ ଏ ଅନୁମାନ ସତ୍ୟ ହେଉ ବା ନ ହେଉ (ଅବଶ୍ୟ ତାହା ଭବିଷ୍ୟତର କଥା ।) ଓଡ଼ିଶାବାସିଙ୍କି ଉପେକ୍ଷା କରି ଜଣେ ବଙ୍ଗବା-ସିଙ୍କ ପୁରୀ ପରି ହିନ୍ଦୁମାନଙ୍କର ପ୍ରଧାନ ତୀର୍ଥସ୍ଥାନ-ରେ ଶିକ୍ଷାବିଭାଗ ଓ ବ୍ରାହ୍ମଧର୍ମ ସମ୍ବନ୍ଧୀୟ ଗୋଳ-ମାଳ ଲାଗିଥିବା ସମୟରେ ଶିକ୍ଷକସ୍ବରୂପ ନିଯୁକ୍ତ କରିବା ବିଷୟରେ ସହଯୋଗୀ ଯାହା ଲେଖି-ଅଛନ୍ତି ତହିଁରେ ଅମ୍ଭେମାନେ ସମ୍ପୂର୍ଣ୍ଣରୂପେ ଐକ୍ୟ ଅଟୁଁ ଏବଂ ଯେବେ ଅମ୍ଭମାନଙ୍କର ଡିଭିଜନ ଇନସ୍ପେକ୍ଟରଙ୍କ ମନୋନୀତରୂପେ ଏ ନିଯୋଗ ହୋଇଥାଏ ତେବେ ସେ ନିତାନ୍ତ ଅନ୍ୟାୟ କରିଅଛନ୍ତି ସନ୍ଦେହ ନାହିଁ । ତାହାଙ୍କର ଏ କାର୍ଯ୍ୟ ବର୍ତ୍ତମାନ ବ୍ରାହ୍ମଧର୍ମବିଷୟରେ ଗବ-ର୍ଣ୍ଣମେଣ୍ଟଙ୍କୁ ଆବେଦନ କରିଥିବା ହିନ୍ଦୁମାନଙ୍କ ଅଥବା ଭାଗବତଭକ୍ତିପ୍ରଦାୟିନୀ ସଭାକୁ ବିଦ୍ରୂପ କଲା ପ୍ରାୟ ହୋଇଅଛି । ଏପ୍ରକାର ଘଟନା ଦେଖି କାହା ମନରେ ବିଶ୍ବାସ ହେବ ଯେ ଏଠା ଶିକ୍ଷାବିଭାଗ ବ୍ରାହ୍ମଧର୍ମର ପ୍ରଚାର ବିଷ-ୟରେ ଆଉ ସହାୟତା କରିବେ ନାହିଁ ଓ ଶ୍ରୀଯୁକ୍ତ କମିଶ୍ନରସାହେବ ଯେଉଁ ଆଶ୍ବାସବା-କ୍ୟରେ ନିର୍ଭର କରିଅଛନ୍ତି ତାହା ଅଟଳ ରହିବ ତଥାଚ ଡିଭିଜନ ଇନସ୍ପେକ୍ଟର ମହାଶୟ ଏ ନିଯୋଗସପକ୍ଷରେ ମତ ଦେବାସମୟରେ ଧର୍ମର କଥା କିଛି ଭାବି ନାହାନ୍ତି ଏ କଥା ଅମ୍ଭେମାନେ ସ୍ବୀକାର କରିବାକୁ ପ୍ରସ୍ତୁତ ଅଟୁଁ । ସମ୍ଭବତଃ ସେ ଧର୍ମର ବିଚାରଦ୍ଵାରା ଚାଳିତ ହୋଇ ନାହାନ୍ତି ଓ ସେବ୍ୟକ୍ତିକ ନିଯୋଗ କରିବାର କୌଣସି ବିଶେଷ କାରଣ ଥାଇ-ପାରେ । ମାତ୍ର କାରଣ ଯାହା ଥାଉ ଯେତେ-ବେଳେ ସେ ପ୍ରକାଶ୍ୟବିଜ୍ଞାପନଦ୍ଵାରା କର୍ମପ୍ରା-ର୍ଥିମାନଙ୍କୁ ଅହ୍ବାନ ଓ ସେମାନଙ୍କପ୍ରତିକିଛି ଗୁଣ ବିଚାର ନ କରି ଜଣେ ବାହାର ଲୋକଙ୍କୁ ନିଯୁକ୍ତ କରିଅଛନ୍ତି ସେସ୍ଥଳେ ତାହାଙ୍କର କାର୍ଯ୍ୟଟି ଅନ୍ୟାୟ ହୋଇଅଛି ବୋଲି ଅବଶ୍ୟ କୁହାଯିବ । ଶିକ୍ଷାବିଭାଗୀୟ କେତେ ସାମାନ୍ୟ ପଦ ନିମନ୍ତେ ଏଠାରେ ବିଜ୍ଞାପନ ଦିଆଯିବାର ଦେଖାଯାଏ । ଏ କାର୍ଯ୍ୟ ସକାଶେ ତହିଁର ବ୍ୟତିକ୍ରମ ପ୍ରଥା ଅନୁସରିବାର କାରଣ କି ? ସାହେବମାନେ ଏ ଦେଶୀୟଲୋକଙ୍କ ଦାବୀ ଉପେକ୍ଷା କରି ସ୍ବଦେଶୀୟଙ୍କୁ ବଡ଼ ବଡ଼ କର୍ମରେ ନିଯୋଗ କରନ୍ତି ବୋଲି ଅମ୍ଭମାନଙ୍କର କେତେ ଦୁଃଖ ଓ କେତେ ଗୁହାରି । ଡିଭିଜନ-ଇନସ୍ପେକ୍ଟର ଓଡ଼ିଶାବାସୀ ହୋଇ ସ୍ବଦେଶୀୟ-ଙ୍କ ପ୍ରତି ଏପରି ବାମ ହେବା ଅଧିକ ଦୁଃଖର କଥା ଏହା କିଏ ଅସ୍ବୀକାର କରିବ ? ସେ ଯେବେ ବିଜ୍ଞାପନଦ୍ଵାରା କର୍ମପ୍ରାର୍ଥିମାନଙ୍କର ଆବେଦନ ଗ୍ରହଣ କରି ଉଚିତ ବନ୍ଦୋବସ୍ତ କରିଥାନ୍ତେ ତେବେ କାହାର ଦୁଃଖ ରହନ୍ତା ନାହିଁ । ଯେସ୍ଥଳେ ତାହା ହୋଇ ନାହିଁ ସେ-ସ୍ଥଳେ ଭବିଷ୍ୟତକୁ ଯେମନ୍ତ ନିୟମାନୁସାରେ କାର୍ଯ୍ୟ ହେବ ଏ ବିଷୟ ଗବର୍ଣ୍ଣମେଣ୍ଟଙ୍କ ଦେଖିବାର ଆବଶ୍ୟକ ଏଥି ନିମିତ୍ତ ଅମ୍ଭେମାନେ ଆଶା କରୁଁ କି ଏ ବିଷୟ ଗବର୍ଣ୍ଣମେଣ୍ଟଙ୍କ କର୍ଣ୍ଣଗୋଚରରେ ଅସିବ ନୋହିଲେ ଓଡ଼ିଶାବାସି-ଙ୍କର ସମୟ ସମୟରେ ଏହିପରି କ୍ଷତି ହେଉଥିବ ।

---

### ସାଧୁସାହୁର ମୋକଦ୍ଦମା ।

ମାହାଙ୍ଗାର ହତଭାଗ୍ୟ ସାଧୁସାହୁର ଦୁର୍ଦ୍ଦଶା ପାଠକମାନଙ୍କୁ ଉତ୍ତମରୂପେ ଜଣା ଅଛି । ଶ୍ରୀଯୁତ ସସିୟନ ଜଜ ସାହେବ ତାକୁ ଯାବଜ୍ଜୀବନ ଦ୍ଵୀପାନ୍ତର ଦଣ୍ଡ ଦେବାରୁ ସେ ହାଇକୋର୍ଟରେ ଅପିଲ କରିଥିଲା । ଗତ ସେପ୍ଟେମ୍ବରମାସ ତା ୧୯ ରିଖରେ ଅପିଲ ଡିସମିସ ହେଲେହେଁ ତାହାପ୍ରତି ହାଇକୋର୍ଟର ମାନନୀୟ ଜଜମାନେ ଅନୁକୂଳ ମତ ପ୍ରକାଶ କରିଅଛନ୍ତି । ସେମାନେ ବୋଲନ୍ତି କି ଏଥିରେ ଅମ୍ଭେମାନେ ହସ୍ତକ୍ଷେପଣ କରି ନ ପାରିବାରୁ ଦୁଃଖିତ ହୋଇଅଛୁଁ । ଯେଉଁ ଅବସ୍ଥାରେ ସାଧୁସାହୁ ଅପଣା-ସ୍ତ୍ରୀକୁ ହତ କଲା ତାହା ତାହାର ଏକରାର ଜବାବ ଭିନ୍ନ ଅନ୍ୟ କୌଣସିପ୍ରକାରରେ ପ୍ରକାଶ

ନାହିଁ । ଯାହା ହେଉ ତାହାର ଜମିଦାରର ମନ୍ଦାଚରଣ ସହିତ ଏ ଘଟଣାର ବିଶେଷ ସମ୍ପର୍କ ଥିବାର ବୋଧ ହୁଏ । କାଗଜାତରୁ ପ୍ରକାଶ ଯେ ମୁଦାଲର ସ୍ତ୍ରୀ ଅର୍ଥାତ୍ ମୃତ୍ୟୁକ ସ୍ତ୍ରୀ-ସଙ୍ଗେ ଜମିଦାରର ମନ୍ଦଭାବ ଥିଲା ଓ ମୁଦାଲ ଆପଣା ପରିବାରକୁ ଗ୍ରାମରୁ ଅନ୍ତର କରି ନ ପାରିବା ଉଦ୍ଦେଶ୍ୟରେ ତାହାର ଘରେ ଜମିଦାର ପହରା ବସାଇ ଥିଲା । ଏହିପ୍ରକାର ଜମିଦାରର ଅତ୍ୟାଗ୍ରହରେ ମୁଦାଲ ବିରାଗ ହୋଇ ସ୍ତ୍ରୀକୁ ବଧ କଲା । କିନ୍ତୁ ଦଣ୍ଡବିଧି-ଆଇନର ଦ ୩୦୨ ଧାରେ ଯେ ବର୍ଜିତ ବିଷୟମାନ ଅଛି । ତହିଁମଧ୍ୟରେ ଏ ଘଟନା ଆସୁ ନାହିଁ ଏହା ସ୍ଥିରକୃତ ନରହତ୍ୟା ଅପରାଧ ହେବାରୁ ଯାବଜ୍ଜୀବନ ଦ୍ୱୀପାନ୍ତରଦଣ୍ଡରୁ ଊଣା ଦଣ୍ଡ ଦେବାର ଅମ୍ଭମାନଙ୍କର କ୍ଷମତା ନାହିଁ । ଯେବେ ଅମ୍ଭମାନଙ୍କର କ୍ଷମତା ଥାନ୍ତା ତେବେ ଅମ୍ଭେମାନେ ଅତି ଆହ୍ଲାଦପୂର୍ବକ ଅତି ସାମାନ୍ୟ ଦଣ୍ଡ ଦିଅନ୍ତୁ । ବର୍ତ୍ତମାନ ମୁଦାଲ ଗବର୍ଣ୍ଣମେଣ୍ଟରେ କ୍ଷମା ପ୍ରାର୍ଥନା କରିପାରେ । ଏ ରାୟର ନକଲ ଜଜ ସାହେବଙ୍କଠାକୁ ପଠାଯିବ ଓ ସେ ମାଜିଷ୍ଟ୍ରେଟ ସାହେବଙ୍କଦ୍ୱାରା ଅମ୍ଭମାନଙ୍କର ଏ ମନ୍ତବ୍ୟ ମୁଦାଲକୁ ଜଣାଇ ଦେବେ । ହାଇକୋର୍ଟଙ୍କ ଇଂରେଜୀ ରାୟ ନିମ୍ନେ ପ୍ରକାଶ କରାଗଲା ତହିଁରୁ ସବିଶେଷ ପାଠକମାନେ ଅବଗତ ହେବେ ।

ଦୁଃଖର ବିଷୟ ଏହି ଯେ ସମ୍ବାଦ ସାଧୁସାହୁ ଏଠାରେ ଯାଇ ପାଇଲା ନାହିଁ । ଏ ରାୟ ନକଲ ଏଠାରେ ପହୁଞ୍ଚିବା ଦିନ ସେ କଳାପାଣି ପ୍ରେରିତ ହୋଇଥିଲା ସୁତରାଂ କ୍ଷମା ପ୍ରାର୍ଥନାର ଆବେଦନ ତାହାଦ୍ୱାରା ହେବାର ଦୁସ୍ତର ଅଟେ । ଅମ୍ଭମାନଙ୍କ ବିବେଚନାରେ କଟକର ସର୍ବସାଧାରଣଙ୍କ ପକ୍ଷରୁ ଗବର୍ଣ୍ଣମେଣ୍ଟରେ ଏପରି ଆବେଦନ ହେବାର ଆବଶ୍ୟକ ଓ ଉଚିତ । ଏ ମକଦ୍ଦମା ଘଟନା ସମୟରେ ସର୍ବସାଧାରଣରେ ଏଥିର ଆନ୍ଦୋଳନ ଓ ଚର୍ଚ୍ଚା ଲାଗିଥିଲା ଓ ତାହାପ୍ରତି ଜମିଦାର ଶାଢ଼ଙ୍କାଥିବ ଯେପରି ଅତ୍ୟାଗ୍ରହ ହୋଇଥିଲା ତହିଁରେ ସମସ୍ତଙ୍କର ହୃଦୟ ବିଦାରିତ ହୋଇଥିଲା । ସେ ସମୟରେ ସମସ୍ତେ ସାଧୁସାହୁ ପ୍ରତି ସହାନୁଭୂତି ପ୍ରକାଶ କରିଥିଲେ ଓ କେହି କେହି ତାହା ତାହାର ସାହାଯ୍ୟାର୍ଥ ଚେଷ୍ଟା କରିଥିଲେ ଓ କେହି ଅନ୍ୟପ୍ରକାରେ ସାହାଯ୍ୟ କରିଥିଲେ । କିନ୍ତୁ ସେତେବେଳେ ବିଚାରର ଫଳ ପ୍ରାପ୍ତ ହୋଇ ପାରିଲା ନାହିଁ । ମାତ୍ର ବର୍ତ୍ତମାନ ହତଭାଗ୍ୟର କପାଳ ଫେରିଅଛି ଓ ତାହାର ମଙ୍ଗଳ ହେବାର ସୁଯୋଗ ଘଟିଅଛି । ତାହାପାଇଁ ସର୍ବସାଧାରଣଙ୍କ ପକ୍ଷରୁ କ୍ଷମା ପ୍ରାର୍ଥନାର ଆବେଦନ ହେଲେ ଅବଶ୍ୟ କିଛି ଫଳପ୍ରଦ ହେବ । ଏଥିପୂର୍ବେ ଏକୋଟେଶ୍ୱରୀ ତାହାର ହତଭାଗ୍ୟ ସ୍ୱାମୀ ନଖାଇ ବଧକରି ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡ ପାଇଥିଲା ମାତ୍ର ସର୍ବସାଧାରଣଙ୍କ ପକ୍ଷରୁ ତାହାପାଇଁ କ୍ଷମା ପ୍ରାର୍ଥନାର ଆବେଦନ ଗବର୍ଣ୍ଣମେଣ୍ଟରେ ହେବାରୁ ସେ ମୁକ୍ତ ହେଲା । ସାଧୁର ଅବସ୍ଥା ତାହାରସଙ୍ଗେ ପ୍ରାୟ ସମାନ ଅତଏବ ଅମ୍ଭେମାନେ ଅନୁରୋଧ କରୁଁ ଯେ ସର୍ବସାଧାରଣ ଏହାପ୍ରତି ଦୟା ପ୍ରକାଶ କରନ୍ତୁ ।

*In the High Court of Judicature at Fort William in Bengal. The 9th September*, 1887.

CRIMINAL JURISDICTION.

*PRESENT.*

THE HONORABLE J. F. NARRIS & THE HONORABLE CHUNDER M. GHOSE two of the Judges of the Court.

The Empress *Vrs.* Sadhu Sahu.

We have carefully considered this case, but regret that we cannot see our way to interfering with the conviction.

The circumstances which led the prisoner to kill his wife have not transpired except it be what the prisoner states in his confession. There are however grounds to suspect that the misconduct which is attributed to the Zemindar of the village had much to do with the commission of the deed. There are indications in the record that the Zemindar had an intrigue with the prisoner's wife (the deceased) and that he set guards upon his house. The latter act must have been with some object, and the prisoner states that it was with the object of preventing him to remove his family from the village. It is quite possible that the prisoner was exasperated by the Zemindar's misconduct, and he committed the murder in question. The case however does not fall within any of the exceptions mentioned in Sec. 302 I. P. C. so as to justify us to hold that the offence committed is culpable homicide not amounting to murder; and if the conviction for murder is right, it is not open to us to award any lighter sentence than transportation for life. If it lay in our power we should have been very happy to award a lighter punishment. The prisoner may, if he is advised, apply to the Government for mercy.

The appeal is dismissed. The Sessions Judge will be requested to communicate to the prisoner through the Magistrate our views in this case as expressed above.

(Sd.) JOHN F. NARRIS,
CHUNDER M. GHOSE.

The 19th Septr. 1887.

---

( ପ୍ରାପ୍ତ । )

ଓଡ଼ିଶାର ଦୁର୍ଭିକ୍ଷନିବାରଣ ଓ ଉପକାରସାଧନ ନିମିତ୍ତ ଏପ୍ରଦେଶରେ ନାଲ ଖୋଳା ହୋଇଅଛି କିନ୍ତୁ ଅନେକ କାର୍ଯ୍ୟଦ୍ୱାରା ଗବର୍ଣ୍ଣମେଣ୍ଟଙ୍କ ଉଦ୍ଦେଶ୍ୟର ବିପରୀତ ଫଳ ଫଳୁଅଛି । ଗବର୍ଣ୍ଣମେଣ୍ଟ ନାନା ଉଦ୍ଦେଶ୍ୟରେ ନାଲ ତିଆରି କର ନେଇ ନିତ୍ୟ ବୃଦ୍ଧି କରୁଅଛନ୍ତି କୋଣ ଲୋକମାନଙ୍କର ବିଶ୍ୱାସ ହେଲେ ସୁଦ୍ଧା ଓଡ଼ିଆମାନଙ୍କୁ ସେରୂପ ଲାଭ ହେଉ ନାହିଁ ଯେ ଗବର୍ଣ୍ଣମେଣ୍ଟଙ୍କ ଉଦ୍ଦେଶ୍ୟ ସଫଳ ହେବ । ଫଳତଃ ଏଦ୍ୱାରା ଗବର୍ଣ୍ଣମେଣ୍ଟ କ୍ଷତି ଅର୍ଥ ବ୍ୟୟ କରି ଋଣଗ୍ରସ୍ତ ଏବଂ ପ୍ରଜାମାନେ ଉପକାର ପାଆନ୍ତୁ ବା ନ ପାଆନ୍ତୁ ବିଶେଷରୂପେ ପ୍ରପୀଡ଼ିତ ହେଉଅଛନ୍ତି । ଗତ ଦେଢ଼େଇବର୍ଷ ମଧ୍ୟରେ ଏହି ନାଲ ଯୋଗୁ କେତେ କ୍ରନ୍ଦନଧ୍ୱନି କେତେ ଆର୍ତ୍ତନାଦ ଶୁଣା ଯାଇଅଛି ଏବଂ କେତେ ଆନ୍ଦୋଳନ କର ହୋଇଅଛି କିନ୍ତୁ ଏଦ୍ୱାରା ପ୍ରଜାମାନେ ସମ୍ପୂର୍ଣ୍ଣରୂପେ କଷ୍ଟମୁକ୍ତ ହୋଇ ନାହାନ୍ତି, ପୁଣି ଆଜି ସେହି ନାଲ ଯୋଗୁ ଏ ଜିଲ୍ଲାର କେନ୍ଦ୍ରାପଡ଼ା ଗ୍ରାମର ବିରୂପ ଦୁର୍ଦ୍ଦଶା ଉପସ୍ଥିତ ହୋଇଅଛି ତାହା ଆଜି ପାଠକବର୍ଗଙ୍କ ସମକ୍ଷରେ ଉପସ୍ଥିତ କରୁଅଛୁଁ ।

କାଠଯୋଡ଼ି ନଦୀରୁ କଟକର ମା ୧୪ ଇଲ ଦୂରବର୍ତ୍ତୀ ଶଙ୍ଖାଉସାହି ନାମକ ସ୍ଥାନରେ "ଦେବୀ" ନାମ୍ନୀ ଗୋଟିଏ ଶାଖା କାହାର ସଙ୍ଖାଉସାହି ପ୍ରଭୃତି ୧୩ ଟି ଗ୍ରାମର ଦକ୍ଷିଣ-

Split by PDF Splitter

Digitized by srujanika@gmail.com

Split by PDF Splitter



ସୀମା ଦେଇ ପୂର୍ବବାହିନୀ ହୋଇଅଛି । ପ୍ରଧାନ ନଦୀଟି ଶଙ୍ଖାରସାହି ପ୍ରଭୃତିର ଉତ୍ତରପାର୍ଶ୍ୱରେ ପ୍ରବାହିତ ହୋଇ ଯାଉଁ, ତହିଁରୁ କଲ୍ୟଅଖାଇ ନାମକ ଗୋଟିଏ ଶାଖା ବାହାର ମୁଣ୍ଡିରେ ନାମକ ସ୍ଥାନରେ ପୂର୍ବୋକ୍ତ "ନଦଙ୍କ" ସହିତ ମିଳିତ ହୋଇଅଛି । ଅର୍ଥାତ୍ ଏହି ନଦୀ ଓ ଶାଖାନଦୀମାନ ଏପରି ଗତି କରି ମିଳିତ ହୋଇଅଛନ୍ତି ଯେ, ଶଙ୍ଖାରସାହି, ମଙ୍ଗୁଳୀ, ପାଙ୍ଗାପୁର, ବମିଲୋ, ନଇଲୋ, ତଇଲୋ, ପୂରଣ, ଗୁପ୍ତିଖଣ୍ଡ, କମଳପୁର, ଉହସାଲଗାଡ଼, ବାଇତଅ, ଓଲୁନ୍ଦା, ବାସେନ୍ଦ୍ରା, ବାଗଲପୁର, ଓ ଗୋଲପୁର ଏହି ୧୫ ଟି ମଉଜା ଓ ଜାଇପଦା, କଗିଜୁବ, ନଅରବାସ, ପାଞ୍ଚମାଣିଆ, ଖରମଙ୍ଗା ଓ କାଉପଡ଼ା, ଏହି ୫ ଟି କ୍ଷୁଦ୍ର ଗ୍ରାମ ଗୋଟିଏ ଦ୍ୱୀପାକାରରେ ରହିଅଛି ।

ଉପରୋକ୍ତ ଗ୍ରାମମାନଙ୍କର ଆୟତନ ୧୦½ ବର୍ଗ ମାଇଲରୁ ଅଧିକ । ଇହା ସବୁ ଦ୍ୱୀପପର ଥିବାରୁ ବର୍ଷାଋତୁରେ ବନ୍ୟାଜଳପ୍ରଭାବରୁ ରକ୍ଷା ପାଇବା ନିମନ୍ତେ ସେହି ଦ୍ୱୀପର ଚତୁଃସୀମାରେ ଶକ୍ତ ବନ୍ଧ ଦିଆ ଯାଇଥିଲା । ଅଧିବାସିମାନେ ବନ୍ଧ ଉପରେ ନିର୍ଭର କରି ନିରାପଦରେ ଚଳି ଆସୁଥିଲେ । ସମ୍ପ୍ରତି ସାଇଜାର ଅଞ୍ଚଳକୁ ବାଲିଆ ନିକଟରୁ ମାଛଗାଁ କାନାଲ ଦେଇ ଗୋଟିଏ କାନାଲ ନେବାକୁ ଆବଶ୍ୟକ ହେବାରୁ, ଜଗତସିଂହପୁର ଅଞ୍ଚଳକୁ ଡାଠଯୋଡ଼ିର ଯେଉଁ ଶାଖାଟି ଗତି କରିଥିଲା, ତାହା ସେହି କଲ୍ୟଅଖାଇର ମୁହାଣ ନିକଟରୁ ଅର୍ଥାତ୍ ଉପରୋକ୍ତ ଦ୍ୱୀପ ନିକଟରେ ବନ୍ଦ ହୋଇଅଛି । ନଦୀମଧ୍ୟରେ ବନ୍ଧ ପକାଇ ଧାରଟି ବନ୍ଦ କରିବା ନିମନ୍ତେ ଅନେକ ଟଙ୍କା ବ୍ୟୟିତ ହୋଇଅଛି । କିନ୍ତୁ ଯୋଡ଼ିଏ ଶାଖାନଦୀର ପାଣି ଗୋଟିଏ ଧାରରେ ଅସମ୍ଭାଳ ହୋଇ ନଦୀକୂଳବନ୍ଧକୁ ଭାଙ୍ଗି ଦେବ, ଏହି ଭୟରେ ଡାଇକମାସ୍ତ୍ରଣ କର୍ମଗୃହମାନେ ସେହି ଦ୍ୱୀପ ବା ୧୯ ଟି ଗ୍ରାମର ଚତୁଃପାର୍ଶ୍ୱସ୍ଥ ବନ୍ଧ ଦୁଇବର୍ଷ ହେଲା କାଟି ଦେଇ ଅଛନ୍ତି । ଯାହା ଉପରେ ନିର୍ଭର କରି ୧୯ ଟି ଗ୍ରାମର ଲୋକେ ନିରାପଦରେ ପ୍ରାଣ ଧାରଣ କରୁଥିଲେ, ଡାଇକମାସ୍ତ୍ରର-କର୍ମଗୃହମାନେ ତାହା କାଟି ଦେଇ ଗ୍ରାମଗୁଡ଼ିକୁ ବନ୍ୟାଜଳରେ ଭସାଇଲେ । ହାୟ ! କି ସର୍ବନାଶ ଉପସ୍ଥିତ !!

ଓଡ଼ିଶାର ନାନା ଛାନରୂପରେ ଉପସ୍ଥିତ ହେବା ଦିନରୁ ଅନେକ ଲୋକ ଗୃହ ଦ୍ୱାର ପରିତ୍ୟାଗ ପୈତୃକ ଭୂମି ତ୍ୟାଗ ଅଛନ୍ତି କିନ୍ତୁ ଏପରି ଦୁର୍ଦ୍ଦଶା କୌଣସିଠାରେ ଘଟି ନାହିଁ । ବନ୍ଧ କାଟିଦେବା ପୂର୍ବେ ଅଧିବାସିମାନଙ୍କ ଅନୁମତି ନିଆ ଯାଇ ନାହିଁ । ଅଉ ମଧ୍ୟ କେତେ ସ୍ଥଳରେ ୧୮୮୪ ମସିହାରେ ବନ୍ଧ ଭାଙ୍ଗି ଯାଇଥିଲା କିନ୍ତୁ ଡାଇକମାସ୍ତ୍ରଶଇନ୍ଲକା-ମନରେ ବନ୍ଧ କାଟିଦେବାର ଅଭିସନ୍ଧି ଥିବାରୁ ସେ ବନ୍ଧ ବନ୍ଧାଇବାକୁ ଅସ୍ୱୀକୃତ ହେଲେ ତହୁଁ ଜମିଦାର ଓ ପ୍ରଜାମାନେ ଆତ୍ମରକ୍ଷା ନିମନ୍ତେ ସେହିସବୁ ବନ୍ଧ ବନ୍ଧାଇ ଥିଲେ । ତାହା ପୁଣି ଗବର୍ଣ୍ଣମେଣ୍ଟ କାଟି ଦେଇଅଛନ୍ତି । ପ୍ରଜାମାନେ ପୂର୍ବରୁ ଆପତ୍ତି କରିଥିଲେ କିନ୍ତୁ ଡାଇକମାସ୍ତ୍ରଶଇନ୍ଲକାର ସ୍ଥୂଳବେତନଭୋଗୀ କର୍ମଗୃହମାନଙ୍କ କଥା ଅଟଳବେଦବାକ୍ୟ—ସୁତରାଂ ଆପତ୍ତି ଶୁଣନ୍ତା କିଏ ? ଗତବର୍ଷ କଲେକ୍ଟର ସାହେବ ପ୍ରଭୃତି ସେ ଅଞ୍ଚଳ ଦେଖିବାକୁ ଯାଇଥିଲେ କିନ୍ତୁ ଯିବା ନ ଯିବାର କୌଣସି ତାରତମ୍ୟ ନାହିଁ ।

ଏବର୍ଷ ସେସ୍ଥାନର ଅବସ୍ଥା ଅତ୍ୟନ୍ତ ଭୟଙ୍କର ଓ ଦୁଃଖଜନକ ହୋଇଥିଲା । ବନ୍ୟାଜଳ ପ୍ରବେଶ ମାତ୍ରେ ୧୯ ଗୋଟି ଗ୍ରାମ ଜଳରେ ଭାସିବାକୁ ଲାଗିଲା । ଯେ ଯେଉଁ ଗୃହରେ ଅଛି, ସେ ସେହିଠାରେ;—ଅନ୍ୟସ୍ଥାନକୁ ଯିବାର ଉପାୟ ନାହିଁ । ବନ୍ୟାଜଳ କମିବା ପର୍ଯ୍ୟନ୍ତ ଅନେକଲୋକ ଅନାହାରରେ ପ୍ରାଣଧାରଣ କରୁଥାଆନ୍ତି । ଯେଉଁମାନେ ପୂର୍ବରୁ ସଞ୍ଚୟ କରି ରଖିଥିଲେ ସେମାନେ ମୁଠାଏ ଖାଇ ପ୍ରାଣ ରକ୍ଷା କଲେ । ଆମ୍ଭେମାନେ ଶୁଣିଅଛୁଁ ଯେ ଅଗ୍ନି ଅଭାବରୁ କେତେଲୋକଙ୍କର ଚୂଲ୍ଲୀ ଜଳି ନାହିଁ । ଚତୁର୍ଦ୍ଦିଗ ଜଳପୂର୍ଣ୍ଣ ହେବାରୁ ନାନାପ୍ରକାର ହିଂସ୍ରକ ପଶୁମାନଙ୍କର ପ୍ରଭାବ ଦେଖାଗଲା । କାହାର କାନ୍ଥ ପଡ଼ିଗଲା, କାହାର ଗୃହ ଜଳପୂର୍ଣ୍ଣ ହୋଇଗଲା—ଲୋକମାନେ ଏ ସମୟରେ କିପରି ଯନ୍ତ୍ରଣା ଭୋଗ କରିଥିବେ, ତାହା ହୃଦୟବାନ୍ ବ୍ୟକ୍ତିମାତ୍ରେ ଜାଣିପାରିବେ । ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ଖଣ୍ଡେଲେଖାଏଁ ଦେଶୀ-ନୌକା ପ୍ରତ୍ୟେକ ଗ୍ରାମର ପାର୍ଶ୍ୱରେ ରଖା ହୋଇଥାଏ । ଗୃହସବୁ ଜଳ ମଗ୍ନ ହୋଇଗଲେ ବା ଭାଙ୍ଗିପଡ଼ିଲେ ଲୋକମାନଙ୍କ ପ୍ରାଣ ରକ୍ଷା କରିବା ସେହି ନୌକାଗୁଡ଼ିକର ପ୍ରେରଣର ଉଦ୍ଦେଶ୍ୟ । କିନ୍ତୁ ନୌକା ଦେଖି କି ଲୋକମାନଙ୍କ କଷ୍ଟ ଦୂର ହୁଅନ୍ତା ? ଏଣେ ଯେଉଁ ନୂତନବନ୍ଧ ନିମନ୍ତେ ଏତେ ଅନିଷ୍ଟ ଉପସ୍ଥିତ, ସେହି ବନ୍ଧରେ ଅସଂଖ୍ୟ ପ୍ରହରୀ ପହରା ଜଗି ବସିଅଛନ୍ତି । ଲୋକମାନଙ୍କ ଗୃହରକ୍ଷା ଯେଉଁଠାରେ ଅସମ୍ଭବ, ସେସ୍ଥଳେ ଶସ୍ୟର ଅବସ୍ଥା କିପରି ହୋଇଥିବ ତାହା ବର୍ଣ୍ଣନା କରିବା ଅପ୍ରୟୋଜନ । ଲୋକମାନେ ସନ୍ତରଣ କରି ପ୍ରାଣ ରକ୍ଷା କଲେ । କେତେସ୍ଥାନରେ କାନ୍ଥ ପଡ଼ିଯିବାରୁ ଲୋକମାନେ ତାହା ଆଘାତରେ ମୁମୂର୍ଷୁଦଶା ପ୍ରାପ୍ତ ହେଲେ କେତେ ଗୃହପାଳିତ ପଶୁ ପ୍ରାଣ ହରାଇଲେ—ତାହାର ଇୟତ୍ତା ନାହିଁ । ଏହିପରି କେତେକ ମାସ ଅତିବାହିତ ହେବାରୁ କେତେକ ଦିନ ହେବ ବନ୍ୟାଜଳ ଛାଡ଼ିଲା କିନ୍ତୁ ଅହାର କଳା ପରେ, ହାହାକାର ଶବ୍ଦ ! ପୁଣି ରୋଗରୂପରେ ନିଦାରୁଣ ତାଡ଼ନା !! ସ୍ଥାନସବୁ ବହୁକାଳ ବନ୍ୟାଜଳରେ ବୁଡ଼ି ରହିବାରୁ ତୃଣଲତାଦି ପଚିଯାଇ ତାହାର ଦୁର୍ଗନ୍ଧରେ ବାୟୁ ଦୂଷିତ ହୋଇଅଛି ଏବଂ ପରିଣାମରେ ଜ୍ୱର ଓ ବିସୂଚିକା ଡାଇକମାସ୍ତ୍ରଶଇନ୍ଲକା ସଙ୍ଗେ ଅଭିନ୍ନ ସାଧନ କରୁଅଛି । ଏବର୍ଷ ବନ୍ୟାର ଅଧିକ ପ୍ରଭାବ ନ ଥିବା ସ୍ଥଳେ ଏପରି କଷ୍ଟ ହୋଇଅଛି । ଯେବେ ଅପେକ୍ଷାକୃତ ଅଧିକ ବନ୍ୟା ହୁଏ ତେବେ ଗୃହଗୁଡ଼ିକ ମୁହୂର୍ତ୍ତମଧ୍ୟରେ ଏକାବେଳକେ ଜଳସ୍ରୋତରେ ଯେ ଭାସିଯିବ, ଏଥିରେ ସନ୍ଦେହ ନାହିଁ ।

ପାଠକବର୍ଗ ! ଆମ୍ଭେମାନେ ଉପନ୍ୟାସ ଲେଖୁ ନାହୁଁ ଯେ ଲେଖାର ଅଙ୍ଗମାନ ଅଳଙ୍କାର ଭୂଷିତ କରି ମନୋହରଣ କରିବୁଁ । ଅତି ବାହୁଲ୍ୟଭୟରୁ ସବିଶେଷ ବୃତ୍ତାନ୍ତ ବର୍ଣ୍ଣନା କରିବାକୁ ଅକ୍ଷମ ହୋଇ ଗୋଟିଏ ସଂକ୍ଷିପ୍ତ ସତ୍ୟଚିତ୍ର ଉପସ୍ଥିତ କରୁଅଛୁଁ । ଯେବେ ହୃଦୟ ଥାଏ, ଅନୁଭବଶକ୍ତି ଥାଏ, ତେବେ ଏହି ଦୁଃଖଜନକ ଦଶା ଚିନ୍ତା କରି ଅଶ୍ରୁବର୍ଷଣ ନ କରିବ ? ଆମ୍ଭମାନଙ୍କ ଔଦାସ୍ୟ ଓ ଶୈଥିଲ୍ୟ ଦୋଷରୁ ଆଜପର୍ଯ୍ୟନ୍ତ ଉକ୍ତ ଗୋଟିଏ ହୃଦୟସ୍ପୃକ ଘଟନାର ଆନ୍ଦୋଳନ ହୋଇ ନାହିଁ—ଅଦ୍ୟପର୍ଯ୍ୟନ୍ତ ଏହା ସାଧାରଣଙ୍କ ଅବିଦିତ ରହିଅଛି କିନ୍ତୁ ଏପରି ଶୋଚନୀୟ ଘଟନା ଆଉ କେବେ ଓଡ଼ିଶାର ଦୁର୍ଭାଗ୍ୟରେ ଘଟିଅଛି କି ?

ଗବର୍ଣ୍ଣମେଣ୍ଟ ! ଜଗଜ୍ଜୟୀ ବ୍ରିଟିଶ ପ୍ରଭାବବଳରେ ମୁହୂର୍ତ୍ତମଧ୍ୟରେ ଭାରତବର୍ଷ ସାଗର ମହାସାଗର ଗର୍ଭରେ ନିକ୍ଷିପ୍ତ ହୋଇପାରେ କିନ୍ତୁ ଯହିଁରେ ପ୍ରଜାଙ୍କର କଷ୍ଟ ନ ହେବ ସେପରି କାର୍ଯ୍ୟ କରିବା ସର୍କାରଙ୍କର ଅଗ୍ରେ ଉଚିତ ହେଉଅଛି । ପ୍ରାୟ ଏକମାସ ହେବ ସମସ୍ତ

Digitized by srujanika@gmail.com

ଶୁଣାଯାଏ ସାହେବ ପ୍ରଶଂସିତ ବନ୍ଦୁବସ୍ତ ଏଠାରେ ରହିବେ ନାହିଁ ।

ଅସକୋଟ ଓ ବାଲୀଗାଠଗଡର ରଜା ଏହି ପଞ୍ଚକ-ଯାତ୍ରାରେ ଦର୍ଶନାର୍ଥ ଆସିଥିଲେ କିନ୍ତୁ କୌଣସି ବିଶେଷ କାର୍ଯ୍ୟ କରିବାର ଦେଖା ଗଲା ନାହିଁ ।

ମୁହର ନୋଟ ଯେ ୨୦ ରୁ ଓ ସବୁ ଯେ ୧୬ରୁ ହୋଇ ଅଛି ଏପରି ହବାର କାରଣ କେବଳ ନାଟବନ୍ଦ ଅଟେ । ଓଡ଼ିଆ ପ୍ରଭୃତି କୌଣସି ରୋଗର ପ୍ରାଦୁର୍ଭାବ ବର୍ତ୍ତମାନ ଦେଖାଯାଉ ନାହିଁ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଲ ଶ୍ରୀଯୁତ ଉତ୍କଳଦୀପିକା—
ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ନିମ୍ନଲିଖିତ ଦୁଃଖାବହ ବିଷୟଟି ଆପଣଙ୍କ ଦକ୍ଷୀଭୂତପତ୍ରସ୍ଥ କରି ବାଧିତ କରିବେ ।

ଯେଉଁ ମାଣିକପଟଣା ପୂର୍ବେ ପୁରୀଜିଲ୍ଲା ମଧ୍ୟରେ ପ୍ରଧାନ ବନ୍ଦର ବୋଲି ଉତ୍କଳବିଖ୍ୟାତ ଥିଲା ଏବଂ ଯେଉଁ ମାଣିକପଟଣା ଉତ୍କଳାଧିପତି ପୁରୁଷୋତ୍ତମଦେବଙ୍କ କାଞ୍ଚି ବିଜୟ ସମୟରେ ଦେବଦେବ ସାହାଯ୍ୟ କରିଥିବାର ପ୍ରମାଣ ଦେଉଅଛି, ଯେଉଁ ମାଣିକପଟଣା ଯବନ-କଣ୍ଟୋଭିବ ସୁବିଖ୍ୟାତ ଜଗିରଦାର ସାହେବଙ୍କର ପ୍ରିୟବାସସ୍ଥାନ ଥିବାର ସୁଖଶାଳା ପ୍ରମାଣ ଦେଉଅଛି ଏବଂ ଯେଉଁ ମାଣିକପଟଣା-ଠାରେ ବିଭୀଷଣ ଅଦ୍ୟାପିବରଦାତା, ସୁଗ୍ରୀବ-ପ୍ରିୟବନ୍ଧୁ, ଲଙ୍କେଶନାଶକାରୀ ଶ୍ରୀ ରାମଚନ୍ଦ୍ର ଦେବଙ୍କୁଣ୍ଡଳ ପୂଜିଥିବାରୁ ଅଦ୍ୟାପି ଲବ-କୁଣ୍ଡଳେଶ୍ୱର ନାମକ ପ୍ରସିଦ୍ଧ ଶିବାଳୟ ଏବଂ ରାମଘାଟ ନାମକ ଗୋଟିଏ କ୍ଷୁଦ୍ର ତୀର୍ଥ ବିଦ୍ୟ-ମାନ ଅଛି, ଆଜ ସେହି ମାଣିକପଟଣାର ଲୋମ-ହର୍ଷଣକାରୀ ଶୋଚନୀୟ ଦୁରବସ୍ଥାବଲୋକନ କଲେ କେଉଁ ଅକର୍ମଣ୍ୟଙ୍କର ହୃଦୟ ବିଦୀର୍ଣ୍ଣ ଏବଂ ଦ୍ରବୀଭୂତ ନ ହୋଇ ରହି ପାରିବ ? ଏହା କି ଏଠା ହତଭାଗ୍ୟ ପ୍ରଜାବର୍ଗଙ୍କର କପୋଳକଳ୍ପିତ ହୋଇଥିଲା ? ଯାହା ହେଉ ବର୍ତ୍ତମାନ ଦୁଃଖାବହ ଘଟନାଟି ଏଥିରେ ପ୍ରକାଶ କରି ଦୀପିକାଙ୍କୁ ବିଜ୍ଞ କରୁଅଛି ଯେ ଏଥିର ଆଶୁ ପ୍ରତିବିଧାନ କରାଯିବ ତାହା ଦୀପିକା ଅବଶ୍ୟ ଆନ୍ଦୋଳନ କରିବେ । ବର୍ତ୍ତମାନ ଏହିପରି ଘଟିଅଛି ଯଥା;—ଗତ ଶ୍ରାବଣବର୍ଷ ହେଲା ଅନା-ବୃଷ୍ଟି ହେତୁ ଲୋକେ ଆପଣା ଆପଣା କ୍ଷେତ୍ରମାନ-ଙ୍କରୁ ବହିଭିନ୍ନବନ ସୁଦ୍ଧା ସମ୍ପୂର୍ଣ୍ଣ ଆଦାୟ କରି ପାରୁ ନ ଥିଲେ । କିନ୍ତୁ ଚଳିତବର୍ଷ ଗତ ଜ୍ୟେଷ୍ଠମାସର ଆଗମନ ଦର୍ଶନମାତ୍ରେ ଅତ୍ରସ୍ଥ-ସମସ୍ତ ପ୍ରଜାମାନେ ମହାପ୍ରମୋଦରେ ଖନ୍ଦ-କର୍ଷଣ କରି କେହି ଆପଣାର ସଞ୍ଚିତ ବିହନ-ଦ୍ୱାରା କେହିବା ଯାଥେଷ୍ଟ ସଙ୍ଗେ ନେଇ ଦେଶ ୨ ବୁଲି ବିହନ ଖରିଦ କରି ଆଣି କ୍ଷେତ୍ରରେ ବପନ ପୂର୍ବକ ଯେଉଁ କେଦାରଗୁଡିକ ଅଫଳିତ ଶସ୍ୟାବଳୀ ଦ୍ୱାରା ସୁଶୋଭିତ ଏବଂ ନେତ୍ରାନନ୍ଦକର କରିଥିଲେ; ଇଦାନୀଂ ସେହି କେଦାରଗୁଡ଼ିକ ବିବର୍ଜିତଭୂତଳ ମସ୍ତକ ପରି ଦୃଷ୍ଟିଗୋଚର ହେଉଅଛି । ଏହା କେବଳ ଅନାବୃଷ୍ଟି ହେତୁରୁ ନଷ୍ଟ ସମସ୍ତ ଶସ୍ୟ କ୍ଷେତ୍ର ଗୋଗର୍ଦ୍ଦଭାଦିଙ୍କର ଗର୍ଭସାତ୍ ହେବାରୁ ଅତ୍ର-ପ୍ରଦେଶୀୟ ସମ୍ଭ୍ରାନ୍ତ ଓ ନୀଚକୁଳୀୟ ସମସ୍ତେ ସମଦଶାପନ୍ନ ହୋଇ ଜଗଦ୍ପତି ଜଗଦୀଶ୍ୱରଙ୍କୁ ଏକତାନ ମନରେ ଧ୍ୟାନ କରୁଅଛନ୍ତି । ଏଠାର କେତେକ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଉତ୍ସବନ ପୂର୍ବେ ଏଠାର ବ୍ରହ୍ମଘଡ଼ା ନାମକ ଗ୍ରାମର ବିଖ୍ୟାତ ହରିଦାସବାବାଙ୍କ ମଠରେ ଏକତ୍ରିତ ହୋଇ ଗୋଟିଏ ବୈଠକ କରି ଏହିପରି ବିଚାର କରି-ଥିଲେ ଯେ ଏହିପ୍ରଦେଶର ରାଜା ଶ୍ରୀ ଶ୍ରୀ ଜାଗି-ରଦାର ସାହେବଙ୍କୁ ଉକ୍ତ ଦୁଃଖ ହାଲ ଜଣା-ଇବା ପୂର୍ବକ ଏ ପ୍ରଦେଶକୁ ଗୋଟିଏ ନାଳ ନରସିଂହପଟଣାନଦୀରୁ କର୍ତ୍ତନ କରି ଆଣିବାକୁ କହିବେ ଏବଂ ସେହିପରି ମଧ୍ୟ ଜିଲ୍ଲାର କଲେକ୍ଟର-ସାହେବଙ୍କ ନିକଟରେ ଏକ ଦରଖାସ୍ତ ଦେବେ ଏହା କଥିତ ହେଲା ପରେ ସଭା ଭଙ୍ଗ ହେଲା ତାହା ପରଦିନ ଜାଗିରଦାର—ସାହେବଜିଉଙ୍କ ନିକଟରେ ବହୁସଂଖ୍ୟକ ପ୍ରଜା ଏକତ୍ରିତ ହୋଇ ସେହି ବିଷୟ କହିବାରୁ ହଜୁର ଏହି ଆଦେଶ ଦେଲେ ଯେ ଅମ୍ଭେ ଏ ବିଷୟରେ ଶ୍ରୀଯୁତ କଲେକ୍ଟର ସାହେବଙ୍କ ନିକଟକୁ ଏକ ରିପୋର୍ଟ ଦେଉଅଛୁଁ ତୁମ୍ଭେମାନେ ମଧ୍ୟ ଏକ ଦରଖାସ୍ତ ଉକ୍ତ ସାହେବଙ୍କ ହଜୁରରେ ଅର୍ପଣ କର ଏହା ଶୁଣି ସମସ୍ତ ପ୍ରଜାମାନେ ଜୟ ଉଲ୍ଲାସରେ କରତାଳ ଧ୍ୱନି କରି ସେଠାରୁ ଆସି ତାହାର ଦୁଇ ଦିନ ପରେ ପୁରୁଷୋତ୍ତମ ଯାଇ ଏକଦରଖାସ୍ତ (ସେହି ନଦୀରୁ ଖଣ୍ଡିଏ ନାଳ ହେବା ଅଭି-ପ୍ରାୟରେ) ଲେଖି ଶ୍ରୀଯୁତ କଲେକ୍ଟର ସାହେ-ବଙ୍କ ହଜୁରରେ ଦେବାରୁ ସାହେବ ପ୍ରଶଂସିତ ତାହା ଗ୍ରହଣ କରିଥିଲେ କିନ୍ତୁ ଆଜପର୍ଯ୍ୟନ୍ତ ସେଥିର କୌଣସି ଚୂଡାନ୍ତ ହୁକୁମ ନ ପାଇ-ବାରୁ ଦରଖାସ୍ତକାରମାନେ ମହା ଲଣ୍ଡଭଣ୍ଡ-ରେ ପଡିଅଛନ୍ତି ଏବଂ କି ଉପାୟ କରିବେ ବୋଲି ଭରସା ନେଉଅଛନ୍ତି । ଅତଏବ ଏ-ବିଷୟରେ ସମସ୍ତ ସମ୍ବାଦପତ୍ରର ସମ୍ପାଦକ-ମାନେ ମନୋଯୋଗ ଏବଂ କେତେକ ସମ୍ଭ୍ରାନ୍ତ-ବ୍ୟକ୍ତିମାନେ ମନୋଯୋଗ କରି ଆମ୍ଭମାନଙ୍କୁ ରକ୍ଷା ନ କଲେ ଆମ୍ଭର ଦୁଃଖର ସୀମା ରହିବ ନାହିଁ । ଇତି ।

ବଶମ୍ବଦ
୨୩।୧୦।୮୭ } ଶ୍ରୀ ବୈଷ୍ଣବଚରଣ କାନୁନଗୋଇ
ସ୍କୁଲମାଷ୍ଟର ହରହରପୁର

## ବିଜ୍ଞାପନ ।


କବିରାଜ ଶ୍ରୀ କେଦାରନାଥ ଚଟ୍ଟୋପାଧ୍ୟାୟଙ୍କର ଆୟୁର୍ବେଦୋକ୍ତ ଔଷଧାଳୟ ।
ନ ୧୦ ମୁର ଷ୍ଟ୍ରେ ଷ୍ଟ୍ରିଟ, ଶ୍ୟାମପୁଖୁର, କଲିକତା ।

ଏହି ଔଷଧାଳୟରେ ୧୨୯୪ ସାଲର ପଞ୍ଜିକା ସହ ପୀଡ଼ା ସମୁଦାୟର ସ୍ୱାସ୍ଥ୍ୟବିଧାନ ଓ ପ୍ରତ୍ୟକ୍ଷ ଫଳପ୍ରଦ ଔଷଧସମୂହର ତାଲିକାପୁସ୍ତକ ବିନା ମୂଲ୍ୟରେ ବିତରିତ ହୁଏ ଏବଂ ବିଦେଶସ୍ଥ ରୋଗିମାନଙ୍କର ପୀଡ଼ାର ଅବସ୍ଥା ସମସ୍ତ ଲେଖି ପଠାଇଲେ ବ୍ୟବସ୍ଥା ଦିଆଯାଏ ।

### ଯୋଗସିଦ୍ଧ ରସ ।

ଏହି ସୁସିଦ୍ଧ ଔଷଧ ସେବନ କଲେ ନିଶ୍ଚୟ ସକଳପ୍ରକାର ମେହ ରୋଗ ଏକସପ୍ତାହ ମଧ୍ୟରେ ନିଃଶେଷରୂପେ ଆରୋଗ୍ୟ ହୁଏ ।

ପ୍ରସ୍ରାବକାଳୀନ ଜ୍ୱାଳା, ପୂଯ୍ୟସହିତ ଧାତୁନିର୍ଗମ, ସରକ୍ତ ପ୍ରସ୍ରାବ, ଶ୍ୱେତଜଳବତ ପ୍ରସ୍ରାବ, ମୂତ୍ରକୃଚ୍ଛ୍ର, ମୂତ୍ରାଶୟର ବେଗ, ଶୂଳ ଏବଂ ଜ୍ୱରାଦି ଉପଦ୍ରବ ଯୁକ୍ତ ହେଲେ ସୁଦ୍ଧା ପୀଡ଼ା ଶୀଘ୍ର ସମୂଳେ ବିନଷ୍ଟ ହୁଏ ।

ଛୋଟ ୧ ଶିଶିର ମୂଲ୍ୟ ଟ ୨ ବଡ଼ ୧ ଶିଶିର ମୂଲ୍ୟ ଟ ୩ ପ୍ୟାକିଂ ଖର୍ଚ୍ଚା ଟ ୦ ।

### ପ୍ରଦରାରି—ଘୃତ ।

ଏହା ସେବନ କଲେ ଗର୍ଭାଶୟ ଆଶ୍ରିତ ଦୋଷ ସମସ୍ତ ସଂଶୋଧିତ ହୋଇ ଶ୍ୱେତପ୍ରଦର, ରକ୍ତପ୍ରଦର, ଜିଷ୍ଟରଜଃ, ଅକାଳରେ ଅଧିକ ପରିମାଣରେ ରକ୍ତସ୍ରାବ, କଳଭଙ୍ଗା, ବାଧକ ବେଦନାଦି ପୀଡ଼ା ସମସ୍ତ ନିଃଶେଷରୂପେ ଆରୋଗ୍ୟ ହୁଏ । ବିଶେଷତଃ ଉପରୋକ୍ତ ପୀଡ଼ାଜନିତ ଅକାଳରେ ଗର୍ଭସ୍ରାବ, ମୃତବତ୍ସା ଓ ବନ୍ଧ୍ୟାଦି ରୋଗ ସମୁଦାୟ ଶାନ୍ତ ହୋଇ ଗର୍ଭୋତ୍ପତ୍ତିର ବ୍ୟାଘାତ ନଷ୍ଟ କରେ ।

୧ ଶିଶିର ମୂଲ୍ୟ ଟ ୨ ଓ ପ୍ୟାକିଂ ଖର୍ଚ୍ଚା ଟ ୦।

Split by PDF Splitter




# ଓଡ଼ିଶା ମିଶନ ପ୍ରେସ କଟକ ।

୧୮୩୮ ମସିହାରେ ସଂସ୍ଥାପିତ ।
ଗବର୍ଣ୍ଣମେଣ୍ଟ, ଶିକ୍ଷା, ବାଣିଜ୍ୟ ଓ ଜମିଦାରୀ-
ସମ୍ବନ୍ଧୀୟ କାଗଜ ପତ୍ରାଦି ଛପା ହୁଏ ।
ଏଷ୍ଟିମେଟ ମାଗିଲେ ମିଳଇ ।



# ମେହରୋଗ ।

ସାତ ଦିନ ମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତନ୍ନାର୍ଦ୍ଧ ରୋଗିଣୀ ହେବାର କାରଣ ନୁହେଁ ସାମାନ୍ୟ ଅର୍ଥବ୍ୟୟ କରି ଜୀବନର ମାୟା ପରିତ୍ୟାଗ କର ନାହିଁ ।

ଏହି ଔଷଧ ଯଥାଶକ୍ତିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଏଥିର ଉପକାରିତାରେ ସନ୍ଦେହ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବନରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅଚ୍ୟୁତାନନ୍ଦ ଲେନ୍ମର ଭବନରେ ସ, କେ, ଘୋଷ କମ୍ପାନିଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ୨୲ ଟଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍ ।

ବିଶେଷ ଦ୍ରଷ୍ଟବ୍ୟ ।

ବେଦ୍ରାପଡ଼ାସ୍ଥ କବିରାଜ ଶ୍ରୀବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ ସୁକଠିନ ରୋଗଗ୍ରସ୍ତ ମନୁଷ୍ୟମାନଙ୍କ ରୋଗରୁ ମୁକ୍ତ କରିବାନିମିତ୍ତ ପ୍ରସ୍ତୁତ ଅଛନ୍ତି । ଗତ ତିନିବର୍ଷମଧ୍ୟରେ କୌଣସି ରୋଗୀ ଆରୋଗ୍ୟ ନ ହୋଇ ଫେରିଯିବାର ଦେଖାଯାଇ ନାହିଁ । ରୋଗରୁ ମୁକ୍ତ ପାଇବାର ବାଞ୍ଛା ଯେବେ ତୁମ୍ଭର ଥାଏ ତେବେ ତାହାଙ୍କୁ ରୋଗର ବିବରଣ ଜଣାଇଲେ ଅତି ଅଳ୍ପବ୍ୟୟରେ ଅଳ୍ପଦିନମଧ୍ୟରେ ତୁମ୍ଭକୁ ଆରୋଗ୍ୟ କରିବେ । ସେ ଅନେକଲୋକଙ୍କୁ ଆରୋଗ୍ୟ କରି ଅନେକ ପ୍ରଶଂସାପତ୍ର ପାଇଅଛନ୍ତି ।



# ବାଲିକାଗଜ ।

ନିମ୍ନଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ କିମ୍ବା କଲିକତା ବାବୁ ଅର୍ଦ୍ଧେନ୍ଦୁ ଦତ୍ତ କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | | | | |
|---|---|---|---|---|---|
| ୧୬ | ପଣି | ଦାମ | ଦ ୧୪ ୫ ୬୩ | ଦ ୧୪ | ୫ ୦ ୵୨ |
| ୧୮ | ପଣି | „ | „ ୫ ୬୩ | „ | ୫ ୦ ୵୦ |
| ୨୨ | ପଣି | „ | „ ୫ ୭ | „ | ୫ ୦ ୵ |
| ୩୦ | ପଣି | „ | „ ୫ ୭ | „ | ୫ ୦ ୲୨ |

ବେପାରୀମାନେ ଅର୍ଥାତ୍ ଯେଉଁମାନେ ଏକତ୍ରରେ ୧ ରିମ୍ ବା ଅଧିକ କ୍ରୟ କରିବେ ଅଳ୍ପର ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର କିମ୍ବା କଟକସ୍ଥ ଅମ୍ଭମାନଙ୍କ ଦୋକାନରେ ଟେବିଲକ୍ଲୋଥ ଓ କମ୍ବଳ ଓ ରେଶମୀଓରେଇର ଲୁଗା ଓ ଷ୍ଟୋଭନଳୀ ଓ କାଚି କାନ୍ତା ଛିଟ ସତରଞ୍ଚି ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଆଉ କେତେକ ଫେନ୍ସି ଜିନିଷ ବିକ୍ରୟ ନିମନ୍ତେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଅମ୍ଭେମାନେ କଲେର ଗାଡ଼ି ବିକ୍ରୟ ନିମନ୍ତେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଗାଡ଼ିମାନ ବିକ୍ରୟ ହେବା ପର୍ଯ୍ୟନ୍ତ ଅପଣା ମଫସଲ ନିମନ୍ତେ ଭଡ଼ା ଦରକାର ହେବେ ଏକ ସପ୍ତାହକୁ ୫ ଟଙ୍କା ୫୦୲୨ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ଛତି କ୍ଷତିପୂରଣର ଭାର ତାଙ୍କ ଉପରେ ଥିବ । ଛତି ହେଲେ ଗାଡ଼ିର ପୂରା ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ଫର୍ଦ୍ଦସିଲ୍ ।

କଳର ଲେଖଣୀ ଓ ଛାଇଁରେ ଲୁଚ କଲେ ଲେଖେ ।
ଫଟୋଗ୍ରାଫ
ବ୍ରେସଲେଟ୍ ତେଲ ବତୀ ଯେଉଁ ପାଣି ଓ ତେଲ ସହିତ ।
ଫୁଲ ଅର୍ଥାତ୍ ନକଲି ବନବା କାଗଜ ଫେଣ୍ଟି ଓ ଚଳନ ।
ସେଣ୍ଟ୍‌ମିଲ କାଗଜ ଛଟା ।
ନାନା ପ୍ରକାରର ପତଂ କାଗଜ ଓ ଲଫାଫା
ହାତ ଘିଅର ଓ ଘଡ଼ି ଓଳିଆ ଓ ଚେନ
ବଞ୍ଜଗ ଟେବିଲ
ଉଡ଼ୀଷ୍ଟ ଲୁଣପାତ୍ର
.ଏବଂ ଚପଲ ଜୋତା
ଲେଭେଣ୍ଡର ଇତ୍ୟାଦି ସମ ସୁଗନ୍ଧିତ ଅତର
ମାର୍ବଲ ଗୋଲି ଯାହାରେ ପିଲାମାନେ ଖେଳ କରନ୍ତି ।
ଏ. ସୋବର୍ଣ୍ଣ କ୍ଷୁର ଓ କଇଁଚି ।
ଚୈତ୍ୟ ଧୂପ ।
ଟେବଲ ଲ୍ୟାମ୍ପ ।
ବନଗ ସାବୁନ ।
ନାନାଜାତି ସାବାନ ଗନ୍ଧ ତେଲ ଲୁଗା ସଫାକରି ହୁଏ ।
ଗ୍ଲୋବ ଲେମ୍ପ—ଅର୍ଥାତ୍ ସୁନ୍ଦରୀ ଦୀପ ।
ଅଣ୍ଡର ଦୁଧ ।
ଓଭାଲ ଷ୍ଟାମ୍ପ ଛବି ।
ବର୍ଣ୍ଣର ଅଙ୍କ ।
କ୍ରୋକେରିଆଦି ।
ପୋରସିଲେନର ଜେଲନେଟ ଓ ତନ୍ତ୍ର କୋଣରେ ଲଗାଇବା ଜିନିଷ
ଦୁର୍ବୀନ ଚାର ଅର୍ଥାତ୍ ଲେଖିବାଲୋକେ ଗାଲ ଓ ଶୁଭିଲେ ଦେଖା ହୁଏ ।
ଅଲକା ଡବ୍ବା ୧୨ × ୧୦ ଇଞ୍ଚ ୧୪ × ୧୨ ଇଞ୍ଚ
ପକେଟବୁକ ନଂଘର ଖାତି ସହିତ ୫ ୦ ।୵
ମୋଜା ଓ ମୋଜାବନ୍ଦ
ଲିଷ୍ଟନ ଏବଂ ହେଣ୍ଡସାମ ଚଉଦ ସାହିବ ଜଟା ବନି ଓ ଗାରଦର ଟୋପି ।
ବେଲଗା ଅଟରେଷ୍ଟା
ଏକତ ଆଇନା ।
ଶୁଅର ପେନ ।
ଅଟୋମେଟିକ ପେନ୍‌ସିଲ ଅର୍ଥାତ୍ ଏ ପେନ୍‌ସିଲ୍‌ରେ ଲେଖି ଭରିଙ୍ଗ ପେଣ୍ଟ ରବ୍ ଲଗାଇ ସେହି ପେନ୍‌ସିଲ୍ ଲେଖା ଓ ଘଷିଲେ ଲେଖା ଚଲିଯିବ ନାହିଁ ନାହିଁ କରିହେବ ।
ଡ୍ରଇଙ୍ଗ ପେପର ।
ଚାଇନିଜ ତେଲରେ ତିଆରି ଛାତି ।
କଚଡ଼ର ଶୋଭନ ଅର୍ଥାତ୍ ଦଉଡ଼ି କାଟି ଆଲବମ ତଳେ ।
ଗ୍ଲାସଜାର ।
ଲେଡ଼ ରୁ ପେନ୍‌ସିଲ୍ ।
ଖମ ବୋତଲ
ଜାଲିଦାରୀ ଗାର୍ଡ ଓ ଗୋଲ୍ଡ ଓ ଚକ
ମଲ୍ଲୁପାକାର ଓ ଚୀନ ପାଲ ପାଉଡ଼ର ଓ ଶାଗୀ ।
ଟ୍ରିଭେଟ ଗଡ଼



# ପିତଶାର ।

ଏ ଧାତୁକୁ ଚେଷ୍ଟାପୂର୍ବକ ପାଣିରେ ଭିଜି ନଥିବାରେ ରଚନାର ହୋଟେଲରେ ପାଇବେ ଦେଲେ ପାଣିଗଲା ବନ୍ଦ ହେବ ଘରର ମଝିଅରେ ଲେପିଦେଲେ ମଳମୂତ୍ର ଓ ଜଳ ଧରିବ ନାହିଁ ।

କଟିର ଚମଡ଼ା ଓ ଖାଲରେ ଲଗାଇବାର ଜାଳ ମଧ୍ୟ ଅଛି ।

ଅର୍ଦ୍ଧେନ୍ଦୁ ଦତ୍ତ କମ୍ପାନି



ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର । ଏକ ଇଞ୍ଚ ଚଉଡ଼ା ସ୍ତମ୍ଭ ପାଇଁ ଦେଲେ ଦର—

ପ୍ରଥମଥର ପାଇଁ

| | |
|---|---|
| ୩ ଧାଡ଼ି ପର୍ଯ୍ୟନ୍ତ | ୫ ୦୵ |
| ଅଧିକ ଧାଡ଼ିକୁ | ୫ ୨ |
| ପୂର୍ଣ୍ଣ ଏକ [ସ୍ତମ୍ଭକୁ] | ୨ ୦ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ଚାରିଆଣାରୁ କମ ଦେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ପାଇଁ ଏହାର ଅର୍ଦ୍ଧେକ ଲାଗିବ ଓ ବହୁଦିନ ଛପାଇଲେ କମ ହେବ ।

ଅଗ୍ରିମ ମୂଲ୍ୟ ବିନା ବିଜ୍ଞାପନ ଛପାଯିବ ନାହିଁ ।

ବିଜ୍ଞାପନ ପଠାଇବା ଜଣାଇବା ସମ୍ପାଦକଙ୍କ ନିକଟରେ ହେବ

ଏହି ଉତ୍କଳଦୀପିକା ପତ୍ରିକା ସହର କଟକ ଉତ୍କଳ ମୁଦ୍ରାଯନ୍ତ୍ରରେ ଶ୍ରୀ ... ଙ୍କଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲା


Digitized by srujanika@gmail.com

Split by PDF Splitter

...ERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଖ ୨୨ ଶ
ସଂ ୪୪ ଖ୍ୟା

ତା ୧୨ ଥିର ମାହେ ନବେମ୍ବର ସନ ୧୮୮୭ ଇସ୍ବୀ । ମ । କାର୍ତ୍ତିକ ଶ ୨୯ ତ ସନ ୧୨୯୫ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ପଶ୍ଚାଦେୟ ଟ ୬୲

ଉଡ଼ିଷାର ଡିଭିଜନ ଇନସ୍ପେକ୍ଟର ବାଲେଶ୍ୱରକୁ ଯାଇ ହାରବାଟ-ସ୍କୁଲସମ୍ପର୍କୀୟ ଗୋଳମାଳର ଅନୁସନ୍ଧାନ ପ୍ରକାଶ୍ୟରୂପେ ଅର୍ଥାତ୍ କୁମାର ବୈକୁଣ୍ଠନାଥ ଦେ ପ୍ରଭୃତିଙ୍କ ସାକ୍ଷାତରେ ସ୍ୱୟଂ କରୁଅଛନ୍ତି । ସେଠା ଡେପୁଟୀ ଇନସ୍ପେକ୍ଟର ଏଥିପୂର୍ବେ ଅନୁସନ୍ଧାନ କରିଥିଲେ । ସେ ଅନୁସନ୍ଧାନ ତୃପ୍ତିଜନକ ନ ହେବା ଅଥବା ଅନ୍ୟକିଛି କାରଣରୁ ପୁନର୍ବାର ଅନୁସନ୍ଧାନ ହେଉଅଛି ଏହା ଜଣାପଡୁ ନାହିଁ ।

———

ହାଇଦରାବାଦର ନିଜାମ ବ୍ରିଟିଶୀୟ ଗବର୍ଣ୍ଣମେଣ୍ଟଙ୍କୁ ଅର୍ଥ ସାହାଯ୍ୟ କରିବାକୁ ଅଗ୍ରସର ହେବାର ଦେଖି କପୁରଥଲାର ମହାରାଜା ବାର୍ଷିକ ପାଞ୍ଚ ଲକ୍ଷ ଟଙ୍କା ସାହାଯ୍ୟ ଦେବାର ଇଚ୍ଛା ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଅଛନ୍ତି । ମହାରାଜାଙ୍କର ବାର୍ଷିକ ଆୟ ୧୭ ଲକ୍ଷ ଟଙ୍କା ତହିଁମଧ୍ୟରୁ ପ୍ରାପ୍ତ ହେଉଲକ୍ଷ ଟଙ୍କା ପେସକସ୍ ଦେବାକୁ ହୁଏଇ । ସୁତରାଂ ପାଞ୍ଚ ଲକ୍ଷ ଟଙ୍କା ସାହାଯ୍ୟ ଦେବା ତାହାଙ୍କ ପକ୍ଷରେ ସାମାନ୍ୟ ନୁହଇ । ଗବର୍ଣ୍ଣମେଣ୍ଟ ତାହାର ସାହାଯ୍ୟ ନ ନେଲେ ରକ୍ଷା । ନଭୁବା ଅନେକ ରଜା ମହାରଜା ଏହି ବାଟେ ହରବରରେ ପଡ଼ନ୍ତେ ।

———

ଏ ବର୍ଷ ଏଠାରେ ଲାଟବନ୍ଦି ଖଜଣା ଅତିସ୍ୱଳ୍ପରୂପେ ଦାଖଲ ହୋଇଗଲା ଓ ପୂର୍ବବର୍ଷମାନଙ୍କପରି ଭିଡ଼ ଓ ଗଣ୍ଡଗୋଳ କିଛି ହୋଇ ନାହିଁ । ସେହିମ ମନିଅର୍ଡ଼ରର ପ୍ରଥା ଏଥିର ପ୍ରଧାନ କାରଣ ଅଟଇ । ଏ ବର୍ଷ ଲାଟବନ୍ଦି ଖଜଣାର ମନିଅର୍ଡ଼ର ପ୍ରାୟ ପାଞ୍ଚଶତନମ୍ବର ଷଦ୍ରମହାଲର ଆସିଥିଲା । ଏହି ପାଞ୍ଚଶତନମ୍ବର ଟଙ୍କା ଦାଖଲ କରିବା ସକାଶେ ପ୍ରାୟ ସହସ୍ରେଲୋକ ମୋଫସଲରୁ ଆସିଥାନ୍ତେ, ଖଜଣାଖାନାରେ ଭିଡ଼ ଓ ନଗରରେ ଜନତା ହୋଇଥାନ୍ତା । କେବଳ ଏହାଇ ଯେ ନିବାରଣ ହୋଇଅଛି ଏମନ୍ତ ନୁହେ ଅଳ୍ପଭୂସମ୍ପତ୍ତିଦାୟୀ ମୋଫସଲ ଲୋକଙ୍କର ବଡ଼ ସୁବିଧା ହୋଇଅଛି, ସେମାନେ ଯିବା ଆସିବା ପରିଶ୍ରମ ଓ ନାନାବିଧ ଖର୍ଚ୍ଚାରୁ ରକ୍ଷା ପାଇଅଛନ୍ତି । ଏ ପ୍ରଥା କ୍ରମେ ପ୍ରଚୁର ହୋଇ ଏଥିଁ ଅଧିକଲୋକ ଫଳଭାଗୀହେବେ ।

———

ଗତ ସପ୍ତାହର ସମ୍ବାଦକରେ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି କେଦାରଗୌରୀନାମରେ ବାବୁ ରାଧାନାଥରାୟ ଯେଉଁ ପଦ୍ୟପୁସ୍ତକ ଲେଖିଅଛନ୍ତି ଏବଂ ଯହିଁର ପ୍ରାରମ୍ଭରେ ଲେଖାଅଛି କି ଭୁବନେଶ୍ୱରରେ କେଦାରଗୌରୀ ନାମରେ ଯେଉଁ ନିର୍ଝର ଅଛି ତହିଁର ପୌରାଣିକକଥା ଲିପିବଦ୍ଧ ହୋଇଅଛି ସେ ପୁସ୍ତକ ସେକ୍ସପିୟରଙ୍କ ପିରାମସ୍ ଏବଂ ଥିସବି ନାମକ କବିତାରୁ ଅନୁବାଦିତ ହୋଇଥିବାର ଏକବ୍ୟକ୍ତି ଅନୁସନ୍ଧାନପୂର୍ବକ ବାହାରକରିବାରୁ ରାଧାନାଥ ବାବୁ ସେକଥାରେ ବାଧ୍ୟହୋଇ ସ୍ୱୀକାରକଲେ ମାତ୍ର ପ୍ରକାଶକଙ୍କ ଭ୍ରମରୁ ପୁସ୍ତକମଧ୍ୟରେ ତାହା ସ୍ୱୀକୃତ ହୋଇ ନ ଥିବାର କହିଲେ । ଏଥିକୁ ପତ୍ରପ୍ରେରକ ଲେଖିଅଛନ୍ତି କି ରାଧାନାଥ ବାବୁ ଉତ୍କଳଦୀପିକାର ପ୍ରଧାନ-କବି ଥିବାସ୍ଥଳେ ତାହାଙ୍କର ଏପରି ଅସରଳତା ସୁନ୍ଦର ନୁହଇ ।

———

ସରକାରୀ ଆୟ ବ୍ୟୟର ଅନୁସନ୍ଧାନ ନିମିତ୍ତ ଯେଉଁ କମିଟୀ ବସିଥିଲେ ସେମାନେ ଅନ୍ୟାନ୍ୟ କଥା ମଧ୍ୟରେ କଲିକତାର ଟାଙ୍କଶାଲକୁ ଉଠାଇଦେବାର ପ୍ରସ୍ତାବ କରିଅଛନ୍ତି । ସେମାନଙ୍କ ମତରେ ବମ୍ବେଇରେ ଯେଉଁ ଟାଙ୍କଶାଲ ଅଛି ତଦ୍ୱାରା ସମସ୍ତ ଭାରତବର୍ଷ ସକାଶେ ଟଙ୍କା ପଇସା ଗଢ଼ା ଯାଇପାରେ ଏବଂ ଯେବେ ଗୋଟିଏ କଲରେ ସମସ୍ତ ପ୍ରୟୋଜନ ସିଦ୍ଧ ହେବ ତେବେ ଆଉ ଗୋଟାଏ ଟାଙ୍କଶାଲ ରଖିବାର ବାହୁଲ୍ୟବ୍ୟୟ ଭିନ୍ନ ଅନ୍ୟକିଛି ନୁହଇ । ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟଙ୍କ ମନକୁ ଏକଥା ହେଉଅଛି ତଥାପି କଲିକତା ଅଞ୍ଚଳ ବାଣିଜ୍ୟର କ୍ଷତି କ୍ୟାଘାତ ହେବ କି ନା ଏ ବିଷୟରେ କଲିକତା-ବଣିକସଭାର ପରାମର୍ଶ ନେଉଅଛନ୍ତି । ଏ ପ୍ରସ୍ତାବାନୁସାରେ କାର୍ଯ୍ୟ କଲେ କଲିକତାର ଗୋଟିଏ କାରଖାନା ଉଠିଯାଇ ବମ୍ବେଇର ମହତ୍ତ୍ୱ ବଢ଼ିବ ମାତ୍ର ଗବର୍ଣ୍ଣମେଣ୍ଟଙ୍କର ବିଶେଷ ଲାଭ ହେବ ।

———

ବଙ୍ଗବାସୀରେ ଲେଖାଅଛି କି ,ବର୍ତ୍ତମାନ

Digitized by srujanika@gmail.com

Split by PDF Splitter



ଯେଉଁ ପ୍ରଣାଳୀରେ ବ୍ରାହ୍ମଣପଣ୍ଡିତମାନଙ୍କର ବିଦାୟ ହୁଅଇ ତାହା ଅପମାନ ଛଡ଼ା ସମ୍ମାନସୂଚକ ନୁହଇ ବୋଲି କେତେ ପଣ୍ଡିତ ଦାନଗ୍ରହଣ କରିବା ତ୍ୟାଗ କରିଅଛନ୍ତି । ସର ରଜା ଶୌରୀନ୍ଦ୍ରମୋହନ ଠାକୁର ତାହାଙ୍କ ଠାକୁରପ୍ରତିଷ୍ଠା କ୍ରିୟା ଉପଲକ୍ଷରେ ଆମନ୍ତ୍ରିତ ପଣ୍ଡିତମାନଙ୍କୁ ନୂତନପ୍ରଣାଳୀରେ ବିଦାୟକରି ଉକ୍ତ ଦୋଷ ଧୋଇ କରିଅଛନ୍ତି । ପଣ୍ଡିତଙ୍କ ସଭାରେ ସମସ୍ତଙ୍କ ସମ୍ମତିକ୍ରମେ ଶ୍ରୀଯୁକ୍ତ ମହେଶଚନ୍ଦ୍ର ନ୍ୟାୟରତ୍ନ ମହାଶୟ ସଭାପତି ହୋଇଥିଲେ । ସଭାପତି ପଣ୍ଡିତମାନଙ୍କୁ କର୍ଣ୍ଣିକର ଉଚ୍ଚ ନୂତନ ଆସନରେ ବସାଇ ଫୁଲ ଚନ୍ଦନ ପାନ ଦେଇ ରେଶମି ଓ ସୂତାର ଯୋଡ଼ ଚାଦର ଥାଳ ସନ୍ଦେଶପୂର୍ଣ୍ଣ ଟୋକେଇ ଓ ନଗଦ ଟଙ୍କା ଦେଇ ବିଦାୟ କଲେ । ପଣ୍ଡିତମାନଙ୍କର ଗୁଣ ଓ ଶ୍ରେଣୀ ଅବସ୍ଥାରେ ଦାନର ପରିମାଣ ନ୍ୟୂନାଧିକ ହୋଇଥିଲା ।

---

ଅୟର୍ଲଣ୍ଡରେ ବିଦ୍ରୋହର ଉତ୍ପାତ ଜାତ ହୋଇଅଛି । ଅୟର୍ଲଣ୍ଡବାସିମାନେ ସଭା କରିବାକୁ ଉଦ୍ୟତ ହେବାରୁ ପୁଲିସ ସେମାନଙ୍କୁ ଧରିବାକୁ ଛାଡ଼ୁ ନାହିଁ । ଲର୍ଡ୍ ହାଇଡ୍ରନ ସାହେବ କଠିନ ପରିଶ୍ରମ ସହିତ ତୁଇମାସ କାରାବାସର ଦଣ୍ଡାଜ୍ଞା ପାଇଅଛନ୍ତି ସମ୍ବାଦ ମିଳଇ ଚଳିତମାସ ତା ୪ ରେ ଲଣ୍ଡନ ନଗରର ହାରକୋର୍ଟରୁ ଡକାଣ ଯେ ଜେମସ୍ ଗିଲହୁଲ ଓ ଥୀନ ସାହେବମାନଙ୍କ ନାମରେ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଉପସ୍ଥିତ ହେବା କାରଣ ସମନ ଜାରି ହୋଇଅଛି । ଏମାନେ ସମସ୍ତେ ପାର୍ଲିଆମେଣ୍ଟର ସଭ୍ୟ ଅଟନ୍ତି । ଓ ବ୍ରାଏନ ସାହେବଙ୍କ ତିନିମାସ କାରାବାସର ଦଣ୍ଡାଜ୍ଞା ହୋଇଥିବାରୁ ସେ ଉଚ୍ଚ ଅଦାଲତରେ ଅପିଲ କରିଥିଲେ । କିଛିଫଳ ହେଲା ନାହିଁ । ତାହାଙ୍କୁ କାରାଗାରକୁ ନେବାବେଳେ ନଗରବାସିମାନେ ଅତି ସମାରୋହ ପୂର୍ବକ ସମ୍ମାନ ଦେଖାଇ ଥିଲେ । ଗବର୍ଣ୍ଣମେଣ୍ଟ ସେଠା ଜାତୀୟସଭାକୁ ଧ୍ୱଂସ କରିବା ନିମିତ୍ତ ଯେତେ କଠିନ ଉପାୟ କଲେ ତେବେ ସେଠା ଲୋକମାନେ ଭୀତ ନ ହୋଇ ଉତ୍ସାହ ହୋଇ ସଭାକୁ ଯାଉଅଛନ୍ତି । ଏଥିର ପରିଣାମ ଶୁଭଜନକ ହେବାର ଆଶା ଦିଶୁନାହିଁ ।

---

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ଗତ ଅକ୍ଟୋବର ମାସ ତା ୨ ରିଖରେ ଖଲିକୋଟ ଏବଂ ଅଠଗଡ଼ ଉଭୟ ଅଧୀଶ୍ୱର ପରଲୋକ ହେବାରୁ ଉଭୟ ଗଡ଼ଜାତରେ ମେନେଜରମେଣ୍ଟ ହୋଇଅଛି ମାତ୍ର ସ୍ୱର୍ଗୀୟ ରାଜାଙ୍କର ବାଳକ ଦୁଇ ପୁତ୍ର ଅଛନ୍ତି ଗବର୍ଣ୍ଣମେଣ୍ଟ ନଗଦ ତିନିଲକ୍ଷ ଟଙ୍କା ଓ ଅସବାବ ଗୃହ ଲକ୍ଷ ଟଙ୍କା ଏପରି ସର୍କାର ହୋଠ କରି ଅଛନ୍ତି ମହାରାଜାଙ୍କର ଶ୍ରାଦ୍ଧସମୟରେ ୪୦୦୦୦ ବ୍ରାହ୍ମଣ ହୋଇଥିଲେ ରାଜାଙ୍କ ପୁତ୍ର ପ୍ରତ୍ୟେକ ଜଣକୁ ଟ ୨।୩।୪ କାଲେଖାଏଁ ଦେବା ଇଚ୍ଛା କରିଥିଲେ ମାତ୍ର ସର୍କାର ଟ ୦।୧୦ ଏପରି ବିଦାୟ ଦକ୍ଷିଣା ଦେବାରୁ ଉକ୍ତ ବ୍ରାହ୍ମଣମାନେ ଅସମ୍ମାନ ହୋଇ ପଳାୟମାନ ହେବାରୁ ଜ ୨ ଣ ବ୍ରାହ୍ମଣ ପାଦାଘାତରେ ପରଲୋକ ହେଲେ ଏଥିରେ ୨୦୦।୩୦୦ ବ୍ରାହ୍ମଣ ଦକ୍ଷିଣା ପାଇଥିବେ ଏ ଅତି ଦୁଃଖର ବିଷୟ ଶ୍ରୀ ନାରାୟଣ ମର୍ଦ୍ଦରାଜଦେବ ଅତି ଧାର୍ମିକ ଥିଲେ ତାହାଙ୍କର ଶ୍ରାଦ୍ଧରେ ଏପରି ଘଟନା ହେଲା ଶୁଣିବାରେ ଏପରି କୌଣସି ସ୍ଥଳରେ ହୋଇ ନ ଥିବ ମାତ୍ର କନ୍ତୁର ଟଙ୍କା ଗୋପନ କରିଅଛନ୍ତି ମହାରାଜା ଅତି ଚେତନଶୀଳ ଥିଲେ ।

---

ଓଡ଼ିଶାରେ ଶୀଘ୍ର ରେଲବାଟ ଫିଟିବାର କୌଣସି ସମ୍ଭାବନା ଜଣା ଯାଉ ନ ଥିଲେ ସୁଦ୍ଧା ଆଶା ଛାଡ଼ିବାକୁ ମନ ବଳୁ ନାହିଁ । ଏହି ହେତୁରୁ ଯେଉଁ ସମ୍ବାଦ ସଙ୍ଗେ ଓଡ଼ିଶା ରେଲର କିଞ୍ଚିତ ସମ୍ପର୍କ ଅଛି ତାହା ସ୍ୱଦେଶବାସୀଙ୍କରେ ପାଠକମାନଙ୍କୁ ଜଣାଇବାକୁ ଚେଷ୍ଟା କରିଅଛୁ । ଓଡ଼ିଶା ରେଲ ବଙ୍ଗନାଗପୁର ରେଲବାଟରୁ ବାହାରିବାର କଳ୍ପନା ହୋଇଅଛି । ସମ୍ପ୍ରତି ଷ୍ଟେଟସମାନ ସମ୍ବାଦପତ୍ରରେ ପାଠକଲୁ ଯେ ବଙ୍ଗଳା-ନାଗପୁର ରେଲବାଟର ଚିଫ ଇଞ୍ଜିନିୟର ଇଲି ସାହେବ କଲିକତାରୁ ୧୮ ଜଣ ଇଞ୍ଜିନିୟର ସଙ୍ଗେ ନେଇ ଆସି କର୍ମରେ ପ୍ରବୃତ୍ତ ହୋଇଅଛନ୍ତି । ଏମାନେ ଏ ରେଲବାଟ ନିର୍ମାଣ କାର୍ଯ୍ୟରେ ନିଯୁକ୍ତ ହେବେ । ନାଗପୁରଠାରୁ ରାଏଗଡ଼ ପର୍ଯ୍ୟନ୍ତ ମୂଳବାଟର ମା ୩୫୦ ମାଇଲ ଏବଂ ଆସନସୋଲଠାରୁ ଚକ୍ରଧରପୁର ପର୍ଯ୍ୟନ୍ତ ମା ୧୬୦ ମାଇଲ ଅତି ଶୀଘ୍ର ଆରମ୍ଭ ହେବ ଏବଂ ଅବଶିଷ୍ଟାଂଶର କାର୍ଯ୍ୟ ସୁବିଧା କରିବା ଉଦ୍ଦେଶ୍ୟର ଅନ୍ତ ଅରେ ଜରିପ ହେବ । ନାଗପୁରଠାରୁ ରାଏପୁର ପର୍ଯ୍ୟନ୍ତ ରେଲବାଟର କାର୍ଯ୍ୟ ଅଳ୍ପ ନ ହେଲେ ହେଁ ସନ ୧୮୮୮ ସାଲ ଜୁଲାଇ ମାସରେ ଫିଟାଇବା ଆଶାରେ ତାହାର କାର୍ଯ୍ୟ ଅତି ତତ୍ପରରେ ହେବାର ବନ୍ଦୋବସ୍ତ ହୋଇଅଛି ।

---

ହଏଦରାବାଦର ନିଜାମ ଭାରତବର୍ଷର ଉତ୍ତର ପଶ୍ଚିମସୀମାର ରକ୍ଷାବନ୍ଦୀକାର୍ଯ୍ୟ ସକାଶେ ତିନ ବର୍ଷ ପର୍ଯ୍ୟନ୍ତ ପ୍ରତିବର୍ଷ ୨୦ଲକ୍ଷ ଟଙ୍କା ଲେଖାଏଁ ସାହାଯ୍ୟ ସ୍ୱରୂପ ଯାଚିବାରୁ ଗବର୍ଣ୍ଣମେଣ୍ଟ ଯେପରି ଭାବରେ ତାହାଙ୍କ ଉତ୍ତର ଦେଇଅଛନ୍ତି ତହିଁରୁ ଜଣା ଯାଉଅଛି ଯେ ଉକ୍ତ ସାହାଯ୍ୟ ଗବର୍ଣ୍ଣମେଣ୍ଟ ଗ୍ରହଣ କରିବେ । ମାତ୍ର ଏ କାର୍ଯ୍ୟଟି ଉତ୍ତମ କି ମଧ୍ୟମ ସମ୍ବାଦପତ୍ରମାନଙ୍କରେ ଏଥିର ଅନେକ ତର୍କ ଲାଗିଅଛି । ଆମ୍ଭମାନଙ୍କ ବିବେଚନାରେ ଏପରି ସାହାଯ୍ୟ ଗ୍ରହଣ କରିବା ଉଚିତ ନୁହଇ । ପ୍ରଥମତଃ ଯେଉଁ ଭାରତବର୍ଷର ବ୍ୟୟ ବାର୍ଷିକ ପ୍ରାୟ ୭୦ କୋଟି ଟଙ୍କା ତହିଁ ତୁଳନାରେ ୨୦ଲକ୍ଷ କିଛି ନୁହଇ । ଉକ୍ତ ୨୦ ଲକ୍ଷରେ ହଏଦରାବାଦର ଅନେକ ଉପକାର ହୋଇପାରେ ମାତ୍ର ଭାରତବାସୀଙ୍କ କରଭାର କିଛିମାତ୍ର ଊଣା ହେବ ନାହିଁ । ସୁତରାଂ ଉପକାର ନାହିଁ । ଦ୍ୱିତୀୟତଃ ଏପ୍ରକାର ଦୃଷ୍ଟାନ୍ତର ଭାରତବର୍ଷର ଅନ୍ୟାନ୍ୟ ରାଜାଙ୍କ ପ୍ରତି ବଡ଼ ମନ୍ଦ ହେବ । ନିଜାମ ଅର୍ଥ ସାହାଯ୍ୟ କଲେ ଏବଂ ମହାରାଣୀ ତାହା ଗ୍ରହଣ କଲେ ଏହା ଦେଖି ଅନ୍ୟାନ୍ୟ ରାଜାମାନେ ଚୁପ ହୋଇ ବସି ପାରିବେ ନାହିଁ । ନିଜ ନିଜ ଅବସ୍ଥା ମର୍ଯ୍ୟାଦା ରକ୍ଷା ନିମନ୍ତେ ସେମାନେ ସାହାଯ୍ୟ କରିବାକୁ ଅଗ୍ରସର ହେବେ ମାତ୍ର ସମସ୍ତଙ୍କର ଅବସ୍ଥା ବା ପ୍ରଯୋଜନ ସମାନ ନୁହଇ ସୁତରାଂ ତାହାଙ୍କୁ ଅବଶ୍ୟ ବାଧିବ ଏବଂ ଏ କଥା ଗବର୍ଣ୍ଣମେଣ୍ଟଙ୍କ ପକ୍ଷରେ ଗୌରବର ବିଷୟ ହେବ ନାହିଁ । ଏପରି ମନ୍ଦ ଦୃଷ୍ଟାନ୍ତରକୁ ପ୍ରଶ୍ରୟ ଦେବା ଉଚିତ ନୁହଇ ।

---

କଲିଡପଫଲନ୍ ଶ୍ରୀଚନ୍ଦ୍ର-ବିଷୟରେ ଯତ୍ନବତୀ ହେବାର କାରଣ ପ୍ରଜାବର୍ଗ ସଙ୍ଗେ ପ୍ରଚାରିତ ହୋଇଥିବା ଇଂରାଜୀପତ୍ରିକାରେ ଏହପରି ଲେଖାଅଛି ଯେ ପଟିଆର ମହାରାଣୀ ପୀଡ଼ିତା ଥିବା ସମ୍ବନ୍ଧରେ ମିସ୍ ବେନ ନାମରେ ଜଣେ ଡାକ୍ତର ତାହାଙ୍କୁ ଆରୋଗ୍ୟ କରିବାରୁ ମହାରାଣୀ ତାହାଙ୍କ ଚିକିତ୍ସାକୌଶଳର ଅତ୍ୟନ୍ତ ସନ୍ତୁଷ୍ଟ ହେଲେ ଏବଂ ଡାକ୍ତର ସେସମୟରେ ବିଲାତ ଯିବାର ଥିବାରୁ ମହାରାଣୀ ତାହାଙ୍କୁ କହିଲେ କି ଆପଣଙ୍କୁ ମୋହର ଏ ଅନୁରୋଧ ଯେ ଆମ୍ଭ ପକ୍ଷରୁ ଶ୍ରୀମତୀ ଭାରତେଶ୍ୱରୀ ଏବଂ ରାଜୀ କୁମାର ଓ ତାଙ୍କୁ ଓ ଇଂଲଣ୍ଡର ଲଲନାମାନଙ୍କୁ ଭାରତବର୍ଷର ସ୍ତ୍ରୀ-

Digitized by srujanika@gmail.com

ମଧ୍ୟେ ପୀଡ଼ାସମୟରେ କପ୍ରକାର କ୍ଳେଶଭୋଗ କରନ୍ତି ଏକଥା ଅରେ କହିବା ହେବ । ମେସ୍‌ବେଲୀ ଜଳ୍ଜ ଅନୁରୋଧମତେ କାର୍ଯ୍ୟ କଲେ ଶ୍ରୀମତୀ ମହାରାଣୀ ତାହା ଶୁଣି ପାର୍ଶ୍ୱସ୍ଥ ମହିଳମାନଙ୍କୁ କହିଲେ କ ଭାରତୀୟ ରମଣୀଙ୍କର ଏତାଦୃଶ ଦୁର୍ଦ୍ଦଶା ବୋଲି ଅମ୍ଭର କଛମାତ୍ର ଜ୍ଞାନ ନ ଥିଲା । ଏଥିନ୍ତାରୁ ଯେତେବେଳେ ଲେଡି ଡଫରିନ୍ ଭାରତବର୍ଷକୁ ଯାତ୍ରା କଲେ ତେତେବେଳେ ରାଜ୍ଞୀ ତାହାଙ୍କୁ ଅନୁରୋଧ କଲେ କ କାରତମହିଳାଙ୍କ ହିତାର୍ଥେ ସେ ଯେମନ୍ତ ସାଧ୍ୟାନୁସାରେ ଚେଷ୍ଟା କରିବେ । ଏହି ଆଦେଶକ୍ରମେ ସ୍ତ୍ରୀଚିକିତ୍ସାର ବନ୍ଦୋବସ୍ତ କାର୍ଯ୍ୟରେ ଲେଡିଡଫରିନ୍ ବ୍ରତୀ ହୋଇଅଛନ୍ତି ଓ ତାହାଙ୍କ ଆନୁକୂଲ୍ୟରେ ଏ କାର୍ଯ୍ୟ ଯେମନ୍ତ ଅଗ୍ରସର ହେଉଅଛି ତହିଁରେ ଆଶା ହେଉଅଛି ଯେ ଏହାଦ୍ୱାରା ମହତ୍‌ଉପକାର ସାଧିତହେବ ଏବଂ ତାହାଙ୍କର ଗୋଟିଏ ଚିରସ୍ଥାୟୀ କୀର୍ତ୍ତି ଭାରତରେ ରହିବ ।

---

ଲକ୍ଷ୍ନୌର ନବାବ ମୃତ ଉଅଯଦଲି ସାହଙ୍କ ଶ୍ରାଦ୍ଧକ୍ରିୟା ଅର୍ଥାତ ଗୃଲଗ ଦବରେ ମୁସଲମାନ ଶାସ୍ତ୍ରାନୁସାରେ ଯେଉଁ କ୍ରିୟା ହୁଅଇ ତାହା କାହାଦ୍ୱାରା କ ପ୍ରକାରେ ହେବ ଏକଥା ଯେଉଁ ବଡ଼ ଗଣ୍ଡଗୋଳ ଲଗିଥିଲା ମାତ୍ର ନବାବଙ୍କ ଠାରେ ନିଯୁକ୍ତ ଥିବା ଗବର୍ଣ୍ଣର ଜେନରଲଙ୍କ ଏଜେଣ୍ଟ କର୍ଣ୍ଣେଲ୍ ପ୍ରିଡେକ୍ସଙ୍କ ଯତ୍ନ ଓ ପରାମର୍ଶରେ ମୃତ ନବାବଙ୍କ ସମସ୍ତ ପୁତ୍ର ଓ ପାଟରାଣୀ ନବାବ ଖାସମହାଲ ସାହେବଙ୍କ ସମ୍ମତି କ୍ରମେ ଜ୍ୟେଷ୍ଠରାଜକୁମାର କମରଇଦ୍ରାବାହାଦୁରଙ୍କୁ ସକଳ ଭାର ଅର୍ପିତ ହୋଇଅଛି ଓ ରାଜକୁମାରଙ୍କ ବୁଦ୍ଧି ଓ ଯୋଗ୍ୟତାରେ ସନ୍ତୁଷ୍ଟ ହୋଇ ପରିବାରସ୍ଥ ସମସ୍ତ ବ୍ୟକ୍ତି ତାହାଙ୍କୁ ଆପଣାମାନଙ୍କ ଅଧିପ ବୋଲି ଗ୍ରହଣ କରିଅଛନ୍ତି । କ୍ରିୟାନିମିତ୍ତ ଗବର୍ଣ୍ଣମେଣ୍ଟ ନବାବଙ୍କ ଉଚ୍ଚ ମର୍ଯ୍ୟାଦାନୁସାରେ ଟଙ୍କା ନଗଦ କରିଅଛନ୍ତି ଏବଂ ମହାଲ୍‌ମାନ ଯାହା ବନ୍ଦଥିଲା ତାହା ସବୁ ଫିଟାଇ ଦେଇ ବେଗମମାନେ ଅବାଧରୂପେ ଏ କ୍ରିୟାରେ ଯେଉଁପେ ଯୋଗ ଦେଇପାରିବେ ତହିଁର ବନ୍ଦୋବସ୍ତ କରି ଦେଇଅଛନ୍ତି । ଏଥିରୁ ଅନୁମାନ ହେଉଅଛି କ୍ରିୟାଟି ଉତ୍ତମରୂପେ ନିର୍ବାହିତ ହୋଇଥିବ । ଅତିର ସୁଖର ବିଷୟ ଯେ ଗବର୍ଣ୍ଣମେଣ୍ଟ ନବାବଙ୍କ ମୃତ୍ୟୁ ପରେ ୨ ମାଟିଆବୁରୁଜରେ ଥିବା ବାଟକଲୋକଙ୍କର ଖୋରାକୀ ବନ୍ଦ କରି ନ ଦେଇ କ୍ରିୟାରେ ଯାହାର ଯେଉଁପ ଅବସ୍ଥା ତାହାକୁ ସେଉଁପ ଅର୍ଥ ସାହାଯ୍ୟ ଓ ଲକ୍ଷ୍ନୌ ପର୍ଯ୍ୟନ୍ତ ଯିବାର ରେଲଭଡ଼ା ଦେଇ କହାୟ କରିଅଛନ୍ତି । ଏଥିରେ ପ୍ରାୟ ଦେଢ଼ଲକ୍ଷ ଟଙ୍କା ବ୍ୟୟ ହୋଇଅଛି । ମହାମାନ୍ୟ ଲର୍ଡ଼ଡଫରିନଙ୍କର ଏ ବିଚାରରେ ନବାବପରିବାର ଏବଂ ମୁସଲମାନସମ୍ପ୍ରଦାୟ ଅନନ୍ଦିତ ହେବେ ସନ୍ଦେହ ନାହିଁ ।

---

ବଙ୍ଗପ୍ରଦେଶର ସ୍ନ ୧୮୮୬।୮୭ ବଙ୍ଗପ୍ରଦେଶର ସ୍ୱାସ୍ଥ୍ୟ ପୂର୍ବବର୍ଷଠାରୁ ଉତ୍ତମ ଥିବାର ବାର୍ଷିକକକ୍ଷାପତ୍ରରୁ ପ୍ରକାଶ । ଓଲାଉଠା ବସନ୍ତ ଓ ଜ୍ୱର ଓ ଝାଡ଼ା ଇତ୍ୟାଦି ଉଦରପୀଡ଼ା ଏହି ଗୁଡ଼ିକ ପ୍ରଧାନ ରୋଗ । ଏଥିରୁ ଯେତେ ସ୍ଥାନରେ ମୃତସଂଖ୍ୟା ରେଜଷ୍ଟ୍ରୀ ହୁଅଇ ସେଠାରେ ସ୍ନ ୧୮୮୫ ସାଲରେ ଜ ୧୨୩୬୬୭ ଣ ଓଲାଉଠାରେ ମରିଥିଲେ କନ୍ତୁ ଏ ବର୍ଷ ଜ ୧୧୮୩୬ ଣ ମରିଅଛନ୍ତି । ଖାଇବା ଓ ପିଇବା ଜଳ ଅପରିଷ୍କାର ହେବାରୁ ଏ ରୋଗ ପ୍ରଧାନରୂପେ ଜାତହେବାର କାରଣ ସ୍ୱରୂପ ସ୍ୱାସ୍ଥ୍ୟକମିଶ୍ନର ଲେଖିଅଛନ୍ତି । ସ୍ୱାସ୍ଥ୍ୟଭଙ୍ଗର ଅନ୍ୟାନ୍ୟ କାରଣ ଯଥା, ମନ୍ଦବାୟୁ ଦଳରୂପେ ବାୟୁ ଖେଳୁ ନ ଥିବା ଘର ଓ ଅହିତକର ଅଥବା ଅପ୍ରଚୁର ଆହାରରୁ ମଧ୍ୟ ଏ ରୋଗ ହୋଇଥିଲା । ବସନ୍ତରୋଗ ଇଂରାଜୀଟୀକା ବିସ୍ତାରସଙ୍ଗେ ୨ ବର୍ଷକୁବର୍ଷ ଊଣା ହେଉଅଛି ଏବଂ ଲୋକଙ୍କର ଏ ଟୀକାପ୍ରତି ଯେଉଁ କୁସଂସ୍କାର ଥିଲା ତାହାମଧ୍ୟ ଊଣା ପଡ଼ୁଅଛି । ତାଲିକାରୁ ଦେଖାଯାଏ ଯେ ଇଂରାଜୀଟୀକା ବସନ୍ତରୋଗ ନିବାରଣର ଉତ୍କୃଷ୍ଟ ଉପାୟ ଏବଂ ଏଥିରେ ବାର୍ଷିକ ଦେଢ଼ଲକ୍ଷ ଟଙ୍କା ସରକାରଙ୍କର ଖର୍ଚ୍ଚ ହେଉଥିଲେହେଁ ତାହାକୁ ସଦ୍‌ବ୍ୟୟ ଭିନ୍ନ ଅନ୍ୟ କିଛି ବୋଲାଯାଇ ନ ପାରେ । ଜ୍ୱରରୋଗ ଗତବର୍ଷଠାରୁ ସାମାନ୍ୟରେ ବୃଦ୍ଧି ହୋଇଥିଲା । ବର୍ତ୍ତମାନରେ ଏ ରୋଗର ପ୍ରକୋପ ପୂର୍ବପ୍ରାୟ ନାହିଁ ମାତ୍ର ନଦୀୟାରେ କିଛି ଅଧିକ ଅଛି । ମୋଟରେ ସ୍ୱାସ୍ଥ୍ୟ କମିଶ୍ନରଙ୍କ ରପୋର୍ଟରୁ ପ୍ରକାଶ କ ଯେଉଁବର୍ଷ ଧାନ ଗୁଡ଼ିକ ସସ୍ତା ହୁଅଇ ସେବର୍ଷ ରୋଗ ମଧ୍ୟ ଊଣାପଡ଼ଇ । ଖାଦ୍ୟଦ୍ରବ୍ୟ ସଙ୍ଗେ ଯେସ୍ଥଳେ ରୋଗର ଏପ୍ରକାର ସମ୍ପର୍କ ସେସ୍ଥଳେ ରୋଗନିବାରଣର ପ୍ରଧାନ ଉପାୟ କଣ ତାହା ବୁଝିବା କଷ୍ଟକର ନୁହଇ ମାତ୍ର ଦୁଃଖର ବିଷୟ ଯେ ସ୍ୱାଧୀନ ଓ ଅବାଧ ବ୍ୟବସାୟର ପକ୍ଷପାତୀ ହୋଇ ଗବର୍ଣ୍ଣମେଣ୍ଟ ଖାଦ୍ୟଦ୍ରବ୍ୟର ଦୁର୍ମୂଲ୍ୟତା ନିବାରଣ ପକ୍ଷରେ କୌଣସି ଉପାୟ କରୁ ନାହାନ୍ତି । ଅତିରିକ୍ତ ରପ୍ତାନିଦ୍ୱାରା ଧାନ ଗୁଡ଼ିକ କ୍ରମାଗତ ଦୁର୍ମୂଲ୍ୟ ହେଉଅଛି ଓ ନୂତନ ପୁଷ୍କରଣୀ ଖୋଳିବା ଏବଂ ପୁରାତନ ପୁଷ୍କରଣୀମାନ ଉଦ୍ଧାରକରିବାର ବନ୍ଦୋବସ୍ତ ନ ହେବାରୁ ପିଇବା ରନ୍ଧନର ଉପଯୋଗୀ ପରିଷ୍କାର ଜଳ ଅପ୍ରାପ୍ତ ହେଉଅଛି ଏହି ଦୁଇ ବିଷୟରେ ମନୋଯୋଗୀ ହେବାର ଗବର୍ଣ୍ଣମେଣ୍ଟଙ୍କର ନିତାନ୍ତ ଆବଶ୍ୟକ ହେଉଅଛି ।

---

## କଟକର ମିଉନିସିପାଲଟୀ ।

ନୂତନଶାସନପ୍ରଣାଳୀକ୍ରମେ ନିଯୁକ୍ତ ହୋଇଥିବା କମିଶ୍ନରମାନଙ୍କଦ୍ୱାରା ମିଉନିସିପାଲଟୀର କାର୍ଯ୍ୟ କ ପ୍ରକାରରେ ନିର୍ବାହିତ ହୋଇଅଛି ତହିଁର ସମାଲୋଚନା କରିବାକୁ ପାଠକମାନଙ୍କୁ ଅନୁରୋଧ କରିବା ସଙ୍ଗେ ୨ ଆମ୍ଭେମାନେ ଆପଣା ମନ୍ତବ୍ୟ ପ୍ରକାଶ କରିବାକୁ ମନସ୍ଥ କରିଥିଲୁଁ ବର୍ତ୍ତମାନ ସେ ବିଷୟ ଭାବିବାବେଳେ ମିଉନିସିପାଲଟୀର କିଛି ଲିଖିତ କାର୍ଯ୍ୟ ବିବରଣ ପ୍ରକାଶ ହୋଇ ନ ଥିବା ସ୍ଥଳେ କୌଣସି ମତାମତ ପ୍ରକାଶ କରିବା ସୁସଙ୍ଗତ ହେବ କ ନାହିଁ ଏଥିରେ ସନ୍ଦେହ ହେଉଅଛି । ଆମ୍ଭେମାନେ ବୁଝୁଅଛୁଁ ଯେ ମିଉନିସିପଲକମିଶ୍ନରମାନେ ପ୍ରତିବର୍ଷ ଖଣ୍ଡ ଏ କାର୍ଯ୍ୟବିବରଣୀ ଗବର୍ଣ୍ଣମେଣ୍ଟଙ୍କୁ ପ୍ରଦାନ କରନ୍ତି ମାତ୍ର ତାହା ଜନସାଧାରଣରେ ପ୍ରକାଶ ହୁଅଇ ନାହିଁ । ସୁତରାଂ କମିଶ୍ନରମାନଙ୍କର ଯେଉଁ କାର୍ଯ୍ୟ ଦାଣ୍ଡରେ ପ୍ରକାଶ ପାଇଅଛି ତଦୃଷ୍ଟିରେ ସମାଲୋଚନା କରିବାକୁ ହେବ । ଗବର୍ଣ୍ଣମେଣ୍ଟ ଆତ୍ମଶାସନପ୍ରଣାଳୀଦ୍ୱାରା ଯୋଉ ଏ କଥାର ଆଶା କରିଥିଲେ ଅର୍ଥାତ ରାଜକୀୟକାର୍ଯ୍ୟର ଯେଉଁ ଅଂଶ ସ୍ଥାନୀୟଲୋକଙ୍କ ହାତାହିତ ସହିତ ବିଶେଷ ସମ୍ପର୍କ ରଖେ ସେସବୁ ସେଠା ଲୋକମାନେ ବୁଝିବାକୁ ଶିକ୍ଷା କରିବେ ଓ ସରକାରୀକର୍ମଚାରୀମାନେ ଏହିଁରୁ ଅବସର ପାଇ ଅନ୍ୟାନ୍ୟ କାର୍ଯ୍ୟରେ ଅଧିକ ମନୋଯୋଗୀ ହେବାକୁ ଅବକାଶ ପାଇବେ । ଗବର୍ଣ୍ଣମେଣ୍ଟଙ୍କର ଏ ଆଶା ଅନେକାଂଶରେ ପୂର୍ଣ୍ଣ ହୋଇଅଛି ସନ୍ଦେହ ନାହିଁ । ବଙ୍ଗଳାର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ତାହା ସ୍ୱୀକାର କରିଅଛନ୍ତି ଏବଂ ସର୍ବସାଧାରଣ ମଧ୍ୟ ଦେଖୁଅଛନ୍ତି ଯେ ପୂର୍ବେ ସରକାରୀକର୍ମଚାରୀଙ୍କଦ୍ୱାରା ମିଉନିସିପାଲଟୀର କାର୍ଯ୍ୟ ଯେପରି

Split by PDF Splitter
Digitized by srujanika@gmail.com

Split by PDF Splitter



ସ୍ଥଳ ଅପ୍ରସ୍ଥଳ ବେସରକାରୀଲୋକଙ୍କଦ୍ୱାରା ତଦପେକ୍ଷା ବରଂ ଭଲ ହୋଇଅଛି ମନ୍ଦ ହୋଇ ନାହିଁ । ଅବଶ୍ୟ ନୂତନପ୍ରଣାଳୀରେ ନୂତନ-କାର୍ଯ୍ୟ କଷ୍ଟ ହେବାର ଦେଖାଯାଇ ବାସ୍ତବରେ ତାହା ସମୟ ସାପେକ୍ଷ ମାତ୍ର ଏ କଥା ସ୍ୱୀକାର କରିବାକୁ ହେବ ଯେ କମିଶନରମାନେ ପୂର୍ବାପେକ୍ଷା ଅଧିକତର ମନୋଯୋଗୀ ହୋଇଅଛନ୍ତି ଏବଂ ନୂତନ ଏକ୨ଜଣ କମିଶନର କେତେ କାର୍ଯ୍ୟ ଆପଣାହାତରେ କରିବାଦ୍ୱାରା ତହିଁର ପ୍ରତ୍ୟକ୍ଷ ପ୍ରମାଣ ଦେଖାଇଅଛନ୍ତି ।

ନୂତନପ୍ରଣାଳୀଦ୍ୱାରା ଲୋକଙ୍କର ବିଶେଷ ଉପକାର ହୋଇଅଛି ଏଥର ଦେଖାଯାଉ ମିଉନିସିପାଲଟୀର ପ୍ରଧାନ କାର୍ଯ୍ୟ ଯୋଡ଼ିଏ ଅଟଇ ଅର୍ଥାତ୍ ନଗରବାସିଙ୍କର ସ୍ୱାସ୍ଥ୍ୟ ଓ ସୁଖର ବିଧାନ କରିବା ଏବଂ ତହିଁ ନିମିତ୍ତ ଆବଶ୍ୟକୀୟ ଟଙ୍କା ଟାକ୍ସଦ୍ୱାରା ସଂଗ୍ରହ କରିବା । ପ୍ରଥମ କାର୍ଯ୍ୟସମ୍ପର୍କରେ ଦେଖା ଯାଉଅଛି ଯେ ସରକାରୀକର୍ମଚାରୀଙ୍କ ହାତରେ ଏ ଭାର ଥିବା ସମୟରେ କେବଳ ପ୍ରଧାନ ସଡ଼କମାନ ଏବଂ ଇଂରାଜଟୋଲା ପ୍ରତି ବିଶେଷ ଦୃଷ୍ଟି ପଡ଼ୁଥିଲା ଓ ନଗରର ଅପର ସ୍ଥାନମାନଙ୍କର ଅବସ୍ଥା କେହି ଦେଖୁ ନ ଥିଲେ । ଏବେ ନଗରର ସବୁଆଡ଼େ ମିଉନିସିପାଲଟୀର ସମାନ ଦୃଷ୍ଟି ପଡ଼ୁଅଛି ଏବଂ ଏକ୨ ପଡ଼ାର କମିଶନର ଆପଣା୨ ଏଲାକାର କାର୍ଯ୍ୟ ଦେଖିବାରୁ ନୂତନ ସଡ଼କ ନିର୍ମାଣ ବା ପୁରୁଣା ସଡ଼କ ଇତ୍ୟାଦିର ସଂସ୍କାର କାର୍ଯ୍ୟ ବିଶେଷରୂପେ ଅଗ୍ରସର ହୋଇଅଛି । ଯଦ୍ୟପି କି ଅବଶ୍ୟ କେତେକ ଗଳି ବାଟ ନଦ୍ଦମା ପରିଷ୍କାର ନ ହେବାର କଥା ତହିଁରେ ଅଳ୍ପ ଦୟା ନ ଯିବାର ଶୁଣାଯାଉଅଛି ତହିଁର କାରଣ ମିଉନିସିପାଲଟୀର ଶୈଥିଲ୍ୟତା ନୁହଇ କେବଳ ଅର୍ଥର ଅଭାବ । ଯାହା ଅଧିକ ଲୋକର ପ୍ରୟୋଜନ ଅଗ୍ରେ ତାହା ଦେଖିବାକୁ ହେବ ତହିଁ ଉତ୍ତାରୁ ଟଙ୍କା ହେଲେ ଅପେକ୍ଷାକୃତ ଅଳ୍ପ ଲୋକଙ୍କର ପ୍ରୟୋଜନ ପ୍ରତି ଦୃଷ୍ଟି ଯିବ । ଏଥିରୁ ଆବଶ୍ୟକମତ ଅର୍ଥ ସଂଗ୍ରହ କରିବା ବଡ଼ କଠିନ ବ୍ୟାପାର ଏବଂ ଏହା ମିଉନିସିପାଲଟୀର ଦ୍ୱିତୀୟ ପ୍ରଧାନ କାର୍ଯ୍ୟ ଅଟଇ । ଏ ବିଷୟରେ ନୂତନ ପ୍ରଣାଳୀର କମିଶନରମାନେ ଲୋକଙ୍କୁ ସନ୍ତୋଷ କରି ପାରି ନାହାନ୍ତି । ଟାକ୍ସ ନେଇ ଲୋକଙ୍କୁ ଖୁସି କରିବା ଅର୍ଥେ ଅସମ୍ଭବ କେବଳ ବନ୍ଦୋବସ୍ତ କାର୍ଯ୍ୟ ନ୍ୟାୟସଙ୍ଗତ ହେଲେ ଏକପ୍ରକାର ବୋଧ ଦିଆ ଯାଇପାରେ । ନ୍ୟାୟରୂପେ ଟାକ୍ସ ବନ୍ଦୋବସ୍ତ କରିବା ସକାଶେ ଲୋକଙ୍କ ସ୍ୱଭାବ ଅବସ୍ଥା ବ୍ୟବସାୟବିଶେଷର ଲାଭାଲାଭ ଇତ୍ୟାଦି ଅନେକ କଥା ଜାଣିବାର ଆବଶ୍ୟକ । ନଗରବାସୀମାନେ ଅଧିକାଂଶ ହେଉଥିବା ମହାଜନ ଦୋକାନଦାର ଓ ଚାକର ଅଟନ୍ତି କେତେକଭୋଗୀ ଶୂଦ୍ର ଓ ଆଇନବ୍ୟବସାୟିଙ୍କ ସଂଖ୍ୟା ଅତି ଅଳ୍ପ । ଏଥିକି କମିଶନରଙ୍କ ମଧ୍ୟରେ ଅଧିକାଂଶ ଅମଲା ଓ ଆଇନ ବ୍ୟବସାୟୀ ମହାଜନ ଦୋକାନଦାର ପ୍ରଭୃତିଙ୍କ ସଂଖ୍ୟା ଅତି ଅଳ୍ପ । ଏଣୁ ସ୍ଥଳ ଟାକ୍ସ ବନ୍ଦୋବସ୍ତ ନ୍ୟାୟସଙ୍ଗତରୂପେ ହେବା ବଡ଼ କଠିନ ଫଳେ ତାହାଇ ଘଟିଅଛି । କେତେକ ଲୋକଙ୍କ ଆୟ ଦାଣ୍ଡରେ ପଡ଼ିଥିବାରୁ ସେମାନଙ୍କ ଟାକ୍ସବନ୍ଦୋବସ୍ତରେ କଷ୍ଟ ଅନ୍ୟାୟ ହୋଇ ନାହିଁ କିନ୍ତୁ ମହାଜନ ଦୋକାନୀ ପ୍ରଭୃତିଙ୍କ ବନ୍ଦୋବସ୍ତରେ କେତେ ସ୍ଥଳେ ଊଣା ଓ କେତେ ସ୍ଥଳେ ଅଧିକ ଟାକ୍ସ ଧାର୍ଯ୍ୟ ହୋଇଅଛି । ଏକ୨ ପଡ଼ାର ବନ୍ଦୋବସ୍ତର ଭାର ସେହି ପଡ଼ାର କମିଶନରଙ୍କୁ ଦେବାରୁ କେତେ୨ ସାହସ କରୁ ନାହିଁ କାରଣ ଏମନ୍ତ ହୋଇ ପାରେ ଯେ ସେ ଆପଣା ପଡ଼ାଲୋକଙ୍କର ପ୍ରିୟପାତ୍ର ହେବା ଆଶାରେ ସେମାନଙ୍କ ଟାକ୍ସ ବନ୍ଦୋବସ୍ତ ହ୍ରାସକରୂପେ କରିବେ । ଅପର ପଡ଼ାର କମିଶନର ନିରପେକ୍ଷ ହୋଇପାରନ୍ତି ମାତ୍ର ତାହାଙ୍କର ସ୍ଥାନୀୟ ଜ୍ଞାନ କେତେ ଥାଇ ନ ପାରେ । କିନ୍ତୁ ଅମ୍ଭେମାନେ ବିବେଚନା କରୁଁ କି ଯେତେକ ନିରପେକ୍ଷ ଓ ବିବେଚକ ଲୋକଙ୍କଦ୍ୱାରା ଟାକ୍ସ ବନ୍ଦୋବସ୍ତ ହେବ ଏବଂ ସେହି ପ୍ରକାର ଲୋକ ଅପିଲ ଶୁଣିବେ ସେତେ ନ୍ୟାୟରୂପେ ବନ୍ଦୋବସ୍ତ ହୋଇ ପାରିବ । ଅତଏବ ଏକ୨ ପଡ଼ାର ଟାକ୍ସଦାତାମାନଙ୍କର କର୍ତ୍ତବ୍ୟ ହେଉଅଛି ଯେ ଆପଣା୨ ମଧ୍ୟରେ ଯାହାଙ୍କୁ ଅଧିକ ନିରପେକ୍ଷ ଜାଣିବେ ଓ ବହୁଦର୍ଶୀ ଜ୍ଞାନ କରିବେ ସେପରି ଲୋକଙ୍କୁ କମିଶନର ମନୋନୀତ କରି ପଠାଇବେ । ମୂଳରେ ଯେ ବ୍ୟକ୍ତି ନ୍ୟାୟରୂପେ ଟାକ୍ସ ବନ୍ଦୋବସ୍ତ କରିବାକୁ ଯୋଗ୍ୟ ହେବ ଓ ଲୋକଙ୍କର ପ୍ରୟୋଜନ ଓ ଅଭାବ ବୁଝି ତାହା ପୂର୍ଣ୍ଣ କରିବା କାରଣ ମିଉନିସିପାଲ ସଭାରେ ଲଢ଼ି ପାରିବ ସେହି ବ୍ୟକ୍ତି କି କମିଶନର ମନୋନୀତ କରିବାର ଉଚିତ । ନବାଗତ କମିଶନରମାନେ ଟାକ୍ସଦାତାଙ୍କର ପ୍ରତିନିଧି ହେଉଅଛନ୍ତି ଯାହାଙ୍କ ଯୋଗ୍ୟତାରେ ଟାକ୍ସଦାତାଙ୍କର ଅଧିକ ପରିମାଣରେ ରକ୍ଷା ହେବ ତାହାଙ୍କୁ କମିଶନର କଲେ ସେମାନଙ୍କର ଆଶା ପୂର୍ଣ୍ଣ ହେବ ସନ୍ଦେହ ନାହିଁ । ଟାକ୍ସଦାତାମାନେ କାହାର ଅନୁରୋଧ ପ୍ରାର୍ଥନା ବା ପ୍ରବର୍ତ୍ତନାରେ ଭୁଲିତ ନ ହୋଇ ସ୍ୱାଧୀନ ଚିତ୍ତଦ୍ୱାରା ଆପଣା ପ୍ରତିନିଧି ନିଯୋଗ କରିବା ପ୍ରତି ସର୍ବଦା ଜାଗର୍ତ୍ତ ରହିବେ ।

---

## ସାପ୍ତାହିକ ସଂବାଦ ।

ଅମ୍ଭମାନଙ୍କର କଲେକ୍ଟର ସାହେବ ଗାଳଦଣ୍ଡା [illegible] କସ୍ତୁରୁ ଅତି ଏଠାକୁ ଫେରି ଆସିବାର କଥା ଅଛି ।

ମୟୂରଭଞ୍ଜର ନାବାଳଗ ରଜା ବାରିପଦାଠାରୁ ଫେରି ଆସି ସୋମବାର କଲେଜରେ ଭରତି ହୋଇ ଅଛନ୍ତି । ତାହାଙ୍କର ଶିକ୍ଷକଙ୍କ କହିବାରୁ ଜଣାଯାଏ ସେ ସେ ଏଥର ପ୍ରବେଶିକାପରୀକ୍ଷା ଦେବେ ।

ଖ୍ରୀଷ୍ଟଧର୍ମପ୍ରଚାରକ ଓ ଶିକ୍ଷାବିଭାଗୀୟ-ମିଶନରୀ [illegible] ବଙ୍ଗଦେଶରେ ଯେଉଁ ଆବେଦନପତ୍ର ଗବର୍ଣ୍ଣମେଣ୍ଟକୁ ପଠାଇବା କାରଣ କମିଶନର ସାହେବଙ୍କୁ ଅର୍ପଣ ହୋଇଥିଲା ଓ ଯହିଁ ସମ୍ବନ୍ଧରେ ମାନ୍ୟବର ପ୍ରଶଂସିତ [illegible] ମତ ଜାଣିବାକୁ ଲେଖିଥିଲେ ସେହି ଆବେଦନପତ୍ର ଗବର୍ଣ୍ଣମେଣ୍ଟ ପଠାଇବା କାରଣ [illegible] ର ଅନୁରୋଧ କରିଅଛନ୍ତି ।

ଗତ ଶନିବାର ସନ୍ଧ୍ୟା ସମୟରେ ଏ ନଗର ବାଲୁବଜାର ବାବୁ ଗଙ୍ଗାପ୍ରସାଦ [illegible] ଘରେ ଗୋଟିଏ ବାଘ ପ୍ରବେଶ କରିଥିଲା । କେତେ ହାର [illegible] ମାରି ପକାଇଲେ । ସବୁଠାରୁ ଅଧିକ କଷ୍ଟରେ [illegible] ବାଘ ଅସି ବାହାର ଶିକାର [illegible] ଦେଖା ଯାଇଅଛି କିନ୍ତୁ ସନ୍ଧ୍ୟା ବେଳେ ଅସି ମନ୍ତ୍ର ପଢ଼ିବାର ଏହିଥର ଦେଖାଗଲା ।

ପରନ୍ତୁ ପାଟପୁର ଗ୍ରାମନିବାସୀ ପେଶ୍କାର ମହାପାତ୍ରଙ୍କ ପତ୍ନୀଙ୍କ ଗର୍ଭରୁ ଗତମାସ ତା ୩ ଦିନରେ ଯୋଡ଼ିଏ ପୁତ୍ର ଜନ୍ମହୋଇ ଏହି ମାସ ମଧ୍ୟ ପୂର୍ବରେ ଏକ ପ୍ରକାର ମାତୃ ଦୁଗ୍ଧ ଖାଇ ଜୀବିତ ଅଛନ୍ତି । କେହି କହନ୍ତି ଉକ୍ତ ସ୍ତ୍ରୀ ଓ ତାହାର ସ୍ୱାମୀ ର ମୃତ୍ୟୁ [illegible] କରନ୍ତି । [illegible] ଏ ଦେଶରେ [illegible] ଏ ବିଷୟରେ [illegible] ପ୍ରମାଣ କରି ନାହିଁ ।

### ଉତ୍କଳ-ଗଜେଟ୍ ।

ପୁରୀର ଏକ୍ଜିକ୍ୟୁଟିଭ ଇଞ୍ଜିନିୟର ସାହେବ ଏକମାସ ନିମିତ୍ତ ମାଲଦୀପ ଏକ୍ଟିଂ କଲେକ୍ଟର ହେଲେ ।

କଲିକତା ବିଶ୍ୱବିଦ୍ୟାଳୟର ଆଗାମି ପ୍ରବେଶିକା, ଏଫ, ଏ, ଓ ବି, ଏ, ପରୀକ୍ଷାମାନ ଆଗାମି ମାର୍ଚ୍ଚମାସ ତା ୪ ଦିନରୁ ଆରମ୍ଭ ହେବ । ଓ ବି, ଏଲ, ପରୀକ୍ଷା ଉକ୍ତମାସ ତା ୧୫ ଦିନଠାରୁ ଆରମ୍ଭ ହେବ ।

ପ୍ରବେଶିକା, ଏଫ, ଏ, ଓ ବି, ଏ, ପରୀକ୍ଷା ଦେବାର ଆବେଦନପତ୍ରମାନ ଆଗାମି ଜାନୁଆରୀମାସ ତା ୨୯ ଦିନ ମଧ୍ୟରେ ରେଜିଷ୍ଟ୍ରାରଙ୍କ ନିକଟରେ ଦାଖଲ ହେବ । ବି, ଏଲ, ପରୀକ୍ଷାର ଆବେଦନ ଫେବ୍ରୁଆରୀମାସ ତା ୧୮ ଦିନ ମଧ୍ୟରେ ଦେବାକୁ ହେବ ।

କୌଣସି ଏକ ବିଦ୍ୟାଳୟର ଛାତ୍ରମାନେ ସମସ୍ତେ ଏକ ସ୍ଥାନରେ ପରୀକ୍ଷା ଦେବାକାରଣ ଉପସ୍ଥିତ ହେବେ ।

---

Digitized by srujanika@gmail.com

ବାଲିଯାତ୍ରାର ଗୋଳମାଳ ତତ୍ତ୍ୱ ।

ମହାଶୟ !

ଗତ ବାଲିଯାତ୍ରାଦିନରେ ଏ ନଗରବାସି ହିନ୍ଦୁ ଓ ଖ୍ରୀଷ୍ଟିୟାନମାନଙ୍କ କଥା ଯେଉଁ କୌଣସି ସମ୍ପ୍ରଦାୟ ଓ ସମ୍ବାଦପତ୍ରରେ ଆନ୍ଦୋଳନ ଲାଗିଅଛି । ଧର୍ମ୍ମାନ୍ୱେଷୀ "ନବସମ୍ବାଦ" ଓ ଅଉ କେତେକଜଣ ବ୍ରାହ୍ମ ଏହି ଆନ୍ଦୋଳନର ମୂଳକାରଣ ହୋଇଅଛନ୍ତି ଏବଂ ନାନାପ୍ରକାର ଅଳୀକକଥା ଯୋଗେ ତିଳକୁ ତାଳ କରୁଅଛନ୍ତି । ଆମ୍ଭେମାନେ ଏହି ପ୍ରବନ୍ଧରେ ସେଦିନର ପ୍ରକୃତ ଘଟଣା ଓ ବାଗ୍ମୀମାନଙ୍କ ମତର ପ୍ରତିବାଦ ପ୍ରକାଶ କରୁଅଛୁଁ ।

ସେଦିନ ଗଡ଼ଗଡ଼ିଆଘାଟ ମେଲାସ୍ଥଳରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ ଓ ବ୍ରାହ୍ମ—ସକଳଶ୍ରେଣୀର ବାଳକ ଯୁବକ ଓ ଭଦ୍ର ଅଭଦ୍ର—ଅନେକଲୋକ ଉପସ୍ଥିତ ଥିଲେ । ପ୍ରତିବର୍ଷ ଯେଉଁ ସ୍ଥଳରେ ହିନ୍ଦୁ ଓ ଖ୍ରୀଷ୍ଟିୟାନମାନଙ୍କର ତର୍କ ହୋଇଥାଏ, ଏବର୍ଷ ସେହିପରି ହୋଇଥିଲା; ହିନ୍ଦୁମାନେ ତହିଁର ସୀମା ଲଙ୍ଘନ କରି ନାହାନ୍ତି । ଯୁଙ୍ଗସାହେବଙ୍କ ସହିତ ଅଧିକ ତର୍କ ହୋଇ ନାହିଁ । ଆଉ ମଧ୍ୟ ତର୍କଶେଷରେ ବେଲିସାହେବ ମହାନଦୀବନ୍ଧରୁ ଦକ୍ଷିଣମୁଖ ହୋଇ ଗୃହକୁ ଗଲେ ଏବଂ ତର୍କକାରୀମାନେ ପଶ୍ଚିମମୁଖ ହୋଇ ଗଲେ । ସେମାନଙ୍କ ପଛରେ କେହି ହୋ ହୋ କରି ଗୋଡ଼ାଇ ଯାଇ ନାହାନ୍ତି । ଏହା ସବୁ ନବସମ୍ବାଦର କପୋଳକଳ୍ପିତ କଥା ।

ଆମ୍ଭେମାନେ ମାଣୁଁ ଯେ, ହିନ୍ଦୁମାନେ କୌଣସି ଅସଦ୍‌ବ୍ୟବହାର କରି ନାହାନ୍ତି । ଜଣେ ଦେଶୀୟ ଖ୍ରୀଷ୍ଟିୟାନ ଜଣେ ହିନ୍ଦୁ ଭଦ୍ରଲୋକ (ମିଉନିସିପାଲ୍ ସର୍କିଲପଣ୍ଡିତ)ଙ୍କୁ ବେଶ୍ୟା ବୋଲି କହିଥିଲେ ଏବଂ ସେମାନଙ୍କମଧ୍ୟରୁ ଆଉ କେହି କେତେ କଟୂବାକ୍ୟ ପ୍ରୟୋଗ କରିଥିଲେ, ହିନ୍ଦୁମାନେ ସେମାନଙ୍କୁ ବନ୍ଧୁତାସହିତ କଥୋପକଥନ କରିବା ନିମନ୍ତେ ବାରମ୍ବାର ଅନୁରୋଧ କରିଥିଲେ । ତର୍କକାରୀମାନଙ୍କମଧ୍ୟରୁ କେହି ବା କୌଣସି ଭଦ୍ରଲୋକ ତାଳି ଦେଇ ନ ଥିଲେ କିମ୍ବା ହୋ ହୋ ଶବ୍ଦ କରି ନ ଥିଲେ । ଖ୍ରୀଷ୍ଟିୟାନମାନଙ୍କ ମୁଖରୁ ପୂର୍ବୋକ୍ତ ପ୍ରକାର ଅଶ୍ଳୀଳ ଓ କଟୂବାକ୍ୟ ବାହାରିବାରୁ ଗୋଳମାଳ ହେବା ସମୟରେ ଓ ଅନ୍ୟ କୌଣସି ସମୟରେ ଅପର ଦର୍ଶକମାନେ ତାଳି ମାରିଥିଲେ ।

ନବସମ୍ବାଦର ଗ୍ରନ୍ଥକର୍ତ୍ତାସମ୍ପାଦକ କି ସମସ୍ତ ବିଷୟ ବୁଝି ନିରପେକ୍ଷଭାବେ ସତ୍ୟକଥା ପ୍ରକାଶ କରିଅଛନ୍ତି ? ଖ୍ରୀଷ୍ଟିୟାନମାନେ ଅଶ୍ଳୀଳ ଓ ଅନ୍ୟାୟକଥା କହିବା ସମୟରେ କି ସେ କାନରେ ତୋଳି ଦେଇଥିଲେ ? ସେହି ପତ୍ରିକାର ପ୍ରକାଶକ ସାଧୁଚରଣସ୍ୱ କୁମନ୍ତ୍ରଣା ଦେଇ କେତେକଗୋଟି ହିନ୍ଦୁ ବ୍ରାହ୍ମଣବାଳକଙ୍କୁ ବ୍ରାହ୍ମ କରାଇଥିବାରୁ ହିନ୍ଦୁସମାଜ ଓ ଭଗବଦ୍‌ଭକ୍ତିପ୍ରଦାୟିନୀସଭା ତହିଁର ଆନ୍ଦୋଳନ କରୁଅଛନ୍ତି । ଏହି ହେତୁରୁ ଏ ନଗରର କେତେକଜଣ ବ୍ରାହ୍ମ ଓ ହିନ୍ଦୁସମାଜମଧ୍ୟରେ ବିରୋଧ ଉପସ୍ଥିତ ହୋଇଅଛି । ଅଳ୍ପମଧ୍ୟ ନବସମ୍ବାଦ ସେହି ସାଧୁଚରଣସ୍ୱାମୀଙ୍କ କାଗଜ ଓ ବ୍ରାହ୍ମଧର୍ମପ୍ରଚାର ସେ ପତ୍ରିକାର ଉଦ୍ଦେଶ୍ୟ । ପରସ୍ପର ଏହିରୂପ ଆକ୍ରୋଶ ଥିବାରୁ ନବସମ୍ବାଦ କେବଳ ସୁବିଧା ପାଇଁ ଅଧିକାଂଶ ଅମୂଳକକଥା ଯୋଗେ ହିନ୍ଦୁସମାଜ ଓ ଭଗବଦ୍‌ଭକ୍ତିପ୍ରଦାୟିନୀସଭାକୁ ଆକ୍ରମଣ କରୁଅଛି ଓ ନିଜର ଉଦ୍ଦେଶ୍ୟ ଚରିତାର୍ଥ କରିବାପାଇଁ ଖ୍ରୀଷ୍ଟିୟାନମାନଙ୍କୁ କପଟବୈଷ୍ଣବପରି ଭକ୍ତିମନ୍ତ୍ରି ଦେଖାଇ ସେମାନଙ୍କ ନିମନ୍ତେ ବାହ୍ୟକ ବିଳାପ କରୁଅଛି ।

ଭଗବଦ୍‌ଭକ୍ତିପ୍ରଦାୟିନୀସଭାକୁ ନବସମ୍ବାଦ ଆକ୍ରମଣ କରୁଅଛି କାରଣ ସେ ସଭାର କୌଣସି ସଭ୍ୟ ତାଳି ଦେଇ ନ ଥିଲେ ବା ହୋ ହୋ ଶବ୍ଦ କରି ଗୋଡ଼ାଇ ନ ଥିଲେ ବିଶେଷତଃ ସେ ସଭାର କୌଣସି ସଭ୍ୟ ତର୍କସ୍ଥଳରେ ଥିଲେ କି ନାହିଁ ସନ୍ଦେହ । ନବସମ୍ବାଦର କୌଣସି ଲୋକ ଏଠାରେ ସେଠାରେ ସଭା ଓ କେତେ ବଡ଼ଲୋକଙ୍କ ନାମରେ ମିଥ୍ୟା ରଚନା କରୁଅଛନ୍ତି କିନ୍ତୁ ପଲ୍ଲରେ ଅପ୍ରକାଶ୍ୟଭାବେ କହିବା ଅମନୁଷ୍ୟତା ଓ ଭୀରୁତାର କାର୍ଯ୍ୟ । ଯେବେ ସାହସ ଥାଏ, ମନୁଷ୍ୟତା ଥାଏ ତେବେ ଭଗବଦ୍‌ଭକ୍ତିପ୍ରଦାୟିନୀସଭାର କେଉଁ ସଭ୍ୟ ତାଳି ମାରିଥିଲେ ଓ ହୋ ହୋ ଶବ୍ଦ କରି ଗୋଡ଼ାଇଥିଲେ ତାହା ସ୍ପଷ୍ଟରୂପେ କହି ଦେବା ଉଚିତ । ନବସମ୍ବାଦର ଉଦ୍ଦେଶ୍ୟ ଯେ ସେ ଭଗବଦ୍‌ଭକ୍ତିପ୍ରଦାୟିନୀସଭାକୁ ନିନ୍ଦା ଓ ମିଥ୍ୟାପବାଦିରେ ଦୂଷିତ କରି ଉଚ୍ଚତର୍ଣ୍ଣୀବ ଗବର୍ଣ୍ଣମେଣ୍ଟଙ୍କ ପ୍ରେରିତ ହିନ୍ଦୁମାନଙ୍କ ଆବେଦନକୁ ବୃଥା କରାଇବ କିନ୍ତୁ "ମରଣବେଳେ ନିଦ୍ରା ଗଲେ, ଯମ କି ଛାଡ଼ିଦେବ କଲେ ?" । ନବସମ୍ବାଦର ଅନ୍ୟାନ୍ୟ ଉଦ୍ଦେଶ୍ୟ ଏହି ଯେ ସେ ପାଦ୍ରୀସାହେବମାନଙ୍କ ଅନୁଗ୍ରହ ଲାଭ କରିବ, ଖ୍ରୀଷ୍ଟିୟାନମାନେ ତାକୁ ଭଲ ପାଇବେ, ଖ୍ରୀଷ୍ଟିୟାନପଡ଼ାରେ ତାହାର ଗ୍ରାହକସଂଖ୍ୟା ବୃଦ୍ଧି ହେବ ଓ ହିନ୍ଦୁ ଏବଂ ଖ୍ରୀଷ୍ଟିୟାନମାନଙ୍କ ମଧ୍ୟରେ ଚିରବିବାଦ ପ୍ରବୃତ୍ତ ହେଲେ ସେ ସେଥିରୁ ବ୍ରାହ୍ମସମ୍ପ୍ରଦାୟଠାରୁ ସାହାଯ୍ୟ ପାଇବ । ଏହିରୂପ ଉଦ୍ଦେଶ୍ୟ କଳ୍ପନା କରି କେବଳ ସ୍ୱାର୍ଥସିଦ୍ଧି ନିମନ୍ତେ ସେ ଭଗବଦ୍‌ଭକ୍ତିପ୍ରଦାୟିନୀସଭା ଓ ହିନ୍ଦୁମାନଙ୍କ ନାମରେ ମିଥ୍ୟାପବାଦ ଘୋଷଣା କରୁଅଛି ।

ନବସମ୍ବାଦ ଓ ବ୍ରାହ୍ମଦଳ ସତ୍ୟଂମୃଦୁଳ ପ୍ରଚାର ପାଇଲା ଦିନଠାରୁ ନିଶ୍ଚେଷ୍ଟ ହୋଇ ପଡ଼ିଥିଲେ କେବଳ ବାଲିଯାତ୍ରାର ବାହାନା ଦେଖି ଗୁଡ଼ାଏ ଗପ କରୁଅଛନ୍ତି । ନବସମ୍ବାଦ ଧର୍ମର ଉଦାରତା ରକ୍ଷା କରିବାନିମନ୍ତେ ଭଗବଦ୍‌ଭକ୍ତିପ୍ରଦାୟିନୀସଭାକୁ ଅନୁରୋଧ କରୁଅଛନ୍ତି ଏ କଥାଟି ଲେଖିଲାବେଳେ କି ଆପଣା କଥା ଟିକିଏ ମନେ ପଡ଼ିଲା ନାହିଁ ?—"ଗୂଲ୍ଣେ ଦେହରେ ସନ୍ଦୂରଗୁଦେ ପୁଣି ସୂତକ ଉପଦେଶ ଦେଉଅଛି" । ଅଉ ମଧ୍ୟ ଖ୍ରୀଷ୍ଟିୟାନମାନେ ଯେ ଧର୍ମର ଉଦାରତା ରକ୍ଷା କରନ୍ତି—ଏଥିରେ ସନ୍ଦେହ ନାହିଁ । ହିନ୍ଦୁମାନଙ୍କ ପର୍ବଦିନରେ ମେଳାସ୍ଥଳରେ ଉପସ୍ଥିତ ହୋଇ ଦେବପ୍ରତିମା, ଦେବମନ୍ଦିର ପ୍ରଭୃତିର ନିନ୍ଦା ଓ କୁତ୍ସା ଘୋଷଣା କରିବା ଓ ନାନାପ୍ରକାର ବାଧା ଦେବା କି ଉଦାରତାର ଲକ୍ଷଣ ? ଧର୍ମସମ୍ବନ୍ଧୀୟ ଉପଦେଶ ଓ ନିନ୍ଦାଘୋଷଣା ଅବଶ୍ୟ ସ୍ୱତନ୍ତ୍ର ପଦାର୍ଥ । ହିନ୍ଦୁମାନେ ଧର୍ମର ଉଦାରତା ସମ୍ପୂର୍ଣ୍ଣରୂପେ ଜାଣନ୍ତି । ଯେବେ କୌଣସି ହିନ୍ଦୁ ଖ୍ରୀଷ୍ଟମସ ବା ଅନ୍ୟ କୌଣସି ସମୟରେ ଗିର୍ଜ୍ଜାମଧ୍ୟରେ ବା ନିକଟରେ ଖ୍ରୀଷ୍ଟଧର୍ମର ନିନ୍ଦାଘୋଷଣା କରେ ତେବେ କି ସାମାନ୍ୟ ଗୋଳଯୋଗ ଉପସ୍ଥିତ ହେବ ? ଯେବେ କୌଣସି ହିନ୍ଦୁ ବ୍ରାହ୍ମମାନଙ୍କ ଉତ୍ସବସମୟରେ ବ୍ରାହ୍ମମନ୍ଦିର ନିକଟରେ ସେହି ଧର୍ମର କୁତ୍ସା ପ୍ରଚାର କରେ ତେବେ କି ବ୍ରାହ୍ମମାନେ ଅଣ୍ଟିରେ ପିକୁଣ୍ଡାର ଚଢ଼ାଇ ଶୋଇବେ ? କଲ୍ୟଦିବସ ପୂର୍ବେ କଟକର ଏକସ୍ଥାନରେ କୌଣସି ପର୍ବୋପଲକ୍ଷେ ହିନ୍ଦୁମାନେ ଗିର୍ଜ୍ଜାର ପାର୍ଶ୍ୱବର୍ତ୍ତୀ ରାଜପଥରେ ଦେବପ୍ରତିମା ନେଇ ସଙ୍କୀର୍ତ୍ତନ କରି ଯାଉଥିଲେ; ଏହି ଘଟଣାରେ ପାଦ୍ରୀସାହେବ ବ୍ୟାକୁଳିତ ହୋଇ ଦେବପ୍ରତିମାକୁ ଭଗ୍ନ କରିଥିଲେ । ଏପରିସ୍ଥଳେ ହିନ୍ଦୁମାନେ ଖ୍ରୀଷ୍ଟିୟାନମାନଙ୍କ

Split by PDF Splitter

Digitized by srujanika@gmail.com

ମୁଖରୁ ମେଳାମଧ୍ୟରେ ନାନାପ୍ରକାର ବାକ୍ୟ ଶୁଣି ଏବଂ ତାହା ସତ୍ୟ କରି ସେମାନଙ୍କୁ ସେଠାରୁ ଉଠ ବସନ୍ତ ନାହିଁ ଏବଂ ନ୍ୟାଯ୍ୟଯୁକ୍ତି ତର୍କ କରନ୍ତି —ଏହା କ ମହତ୍ତ ଉଦାରତାର ଫଳ ନୁହେଁ ? ନବସମ୍ବାଦ କ ଏପରି ଉଦାରତା ଶିକ୍ଷା କରିଅଛୁ ? ସେ ଯାହା ଶିକ୍ଷା କରିଅଛୁ ତହିଁ ନିମନ୍ତେ ତାଙ୍କୁ ଗୋଟିଏ ପ୍ରାଚୀନଶ୍ଳୋକ ଉଦ୍ଧୃତ୍ କରିଅଛୁ ।—

ଯୂର୍ଯ୍ୟବତ୍ ଦୋଷମୁଷ୍ଟାର୍ଯ୍ୟ
ଗୁଣଂ ଗୃହ୍ନନ୍ତି ସାଧବଃ
ଦୋଷଗ୍ରାହୀ ଗୁଣତ୍ୟାଗୀ
ଫଲ୍ୟାଧୁ ଖଳଜାନବଃ ।

ନବସମ୍ବାଦ ସାଧାରଣଙ୍କ ନିକଟରେ ମିଥ୍ୟା କଥା ପ୍ରଚାର କରିଥିବାରୁ ଅମ୍ଭେମାନେ ପ୍ରକୃତ ତତ୍ତ୍ୱ ଉଦ୍ଦେଶ କର ଅନୁରୋଧ କରୁଅଛୁଁ ଯେ ନବସମ୍ବାଦର ଭ୍ରାନ୍ତି ନିବୃତ୍ତିକରେ ଉତ୍କଳ ଦେଶର ଲୋକମାନେ ପ୍ରକୃତତତ୍ତ୍ୱ ଜାଣିବାକୁ ଇଚ୍ଛା ଥିଲେ ଏହା ମଧ୍ୟ ଶ୍ରୀଯୁକ୍ତ ବେଲିସାହେବ ଓ ୟଙ୍ଗ୍‌ସାହେବ ( Rev. Baily and Rev. Young. ) ମହୋଦୟମାନଙ୍କୁ ଅନୁରୋଧ କରୁଅଛୁଁ ଯେ ସେମାନଙ୍କର ନବସମ୍ବାଦର ଅନ୍ୟାୟ ଓ ମିଥ୍ୟା ଘୋଷଣା ଉପରେ କିଛି ନ କହି ... ଅବହେଳାରେ ପ୍ରଶଂସା ଦେଇ ... ଅଧିକ ରହିବେ ।

ବଶମ୍ବଦ
ବକ୍ତୃକ ।

To The Editor of Utkal Dipika.
CUTTACK.

Sir,

The Third master of the Tekkali middle school having been provided with a footing in the District Munsif's court, Chicacole, his post fell vacant, the Head master of the Primary School, Tekkali, a metriculate of good parts, is an applicant for the vacant post. It appears there was an old ruling that, Uriya should be taught in the school side by side, with Telgu and that, one of the teachers should be competent to do this work. Were it not for this, the Government would have dispensed with the services of the late Gadi Kurmayya Pantlu, a fifth grade teacher, when there was an order that, in all the middle schools throughout the whole Presidency, none, below the grade of a matriculate, should be a teacher.

The president of the Local Fund Boards, Ganjam, has also endorsed the Mahajar, of the Uriya idhabitants of Tekkalj dated the 22nd. May 1885 that the next vacancy in the middle school, he would try to confer on an Uriya.

I would therefore request the managing committee of the school to appoint an Uriya for the present vacancy. By this, not only the social *status* of the Uriyas would be raised, but also, the Telgu boys would have a sound knowledge of Uriya, without which the latter are debarred from entering the Revenue and Judicial Departments of this District.

I hope the new Honorary Secretary of the school, who has moved, for several years, among the Uriyas of Principal Division, and has thus acquired greater experience of the backwardness of the community will also give his helping hand in this affair.

I remain
Dear sir,
Yours faithfully
Truth.

ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଘନଶ୍ୟାମ ଗୋସ୍ୱାମୀ | ମୋହନପୁର | ଅଗ୍ରିମ | ଟ ୩୧ |
| „ ଚନ୍ଦ୍ରମୋହନ ବସୁ | କଟକ | ବକାୟା | ଟ ୨୧ |
| „ ଶ୍ୟାମସୁନ୍ଦର ସାହୁ | „ | ଅଗ୍ରିମ | ଟ ୩୧ |
| ସ୍ୱାମୀ ଅଲେଖ ଗୁରୁଲିଙ୍ଗ | | „ | ଟ ୩୧ |
| ବାବୁ ହରେକୃଷ୍ଣ ଦାସ | କଟକ | ବକାୟା | ଟ ୪୧ |
| „ ଗୋବିନ୍ଦଚନ୍ଦ୍ର ବସୁ ବାହାଦୁର | | ଅଗ୍ରିମ | ଟ ୪୧ |
| ସବ୍‌ଡିଭିଜନଲ ଅଫିସର ଖୋର୍ଦ୍ଧା | | „ | ଟ ୩୧ |
| ବାବୁ ବାଳକୃଷ୍ଣଦାସ ଦୁଷ୍ମନ୍ତଦେଶ | | „ | ଟ ୩୧ |


ବି ଜ୍ଞା ପ ନ ।

ଝୁଡୁରୁକୁଣି ଓଷା କଥା
ଅର୍ଥାତ୍
ଛଅପୋଇ ଚଉଠ
ମୂଲ୍ୟ ଟ° ୵
କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

ଅମ୍ଭ ଛପାଇଥିବା ପର୍ଯ୍ୟାୟ ମୁକ୍ତାବଳୀ ପୁସ୍ତକ ଉପଯୁକ୍ତପାଠରେ ଅମ୍ଭେ ବିତରଣ କରିବୁଁ ବୋଲି ଯେଉଁ ବିଜ୍ଞାପନ ଦେଇଥିଲୁଁ ତହିଁର ମର୍ମ ଏହିକି ଯେଉଁ ବ୍ୟକ୍ତି ଚିକିତ୍ସାଶାସ୍ତ୍ରରେ ଉତ୍ତମ ପାରଗ ଥିବ ସେ ଆସି ଅମ୍ଭନିକଟରେ ପରୀକ୍ଷା ଦେଲେ ଅମ୍ଭେ ସ୍ୱୟଂ ତାହାହସ୍ତରେ ଉକ୍ତ ପୁସ୍ତକ ପ୍ରଦାନ କରିବୁଁ ଅଉ କେବଳ ପତ୍ର ପଠାଇଲେ ବିନା ପରିଚୟରେ କେହି ପାଇପାରିବେ ନାହିଁ । ଇତି ।

ଶ୍ରୀ ବାମଦେବ ମିଶ୍ର ପଣ୍ଡିତ ।
ବାଳପତ୍ତ୍ରାଣ୍ଡମୀ ।

କବିରାଜ ଶ୍ରୀ କେଦାରନାଥ ଚଟ୍ଟୋପାଧ୍ୟାୟଙ୍କର
ଆୟୁର୍ବେଦୋକ୍ତ ଚିକିତ୍ସାଳୟ ।
ନ ୧୦ ମ୍ବର ଗ୍ରେ ଷ୍ଟ୍ରିଟ, ଶ୍ୟାମପୁଖୁର,
କଲିକତା ।

ଏହି ଚିକିତ୍ସାଳୟରେ ୧୨୯୪ ସାଲର ଦିନ ପଞ୍ଜିକା ସହ ପୀଡ଼ା ସମୂଦାୟର ସ୍ୱାସ୍ଥ୍ୟବିଧାନ ଓ ପ୍ରତ୍ୟକ୍ଷଫଳପ୍ରଦ ଔଷଧସମୂହର ତାଲିକାପୁସ୍ତକ ବିନା ମୂଲ୍ୟରେ ବିତରିତ ହୁଏ ଏବଂ ବିଦେଶସ୍ଥ ରୋଗୀମାନଙ୍କର ପୀଡ଼ାର ଅବସ୍ଥା ସମସ୍ତ ଲେଖି ପଠାଇଲେ ବ୍ୟବସ୍ଥା ଦିଆଯାଏ ।

ଯୋଗସିଦ୍ଧ ରସ ।

ଏହି ସୁସିଦ୍ଧ ଔଷଧ ସେବନ କଲେ ବହୁପ୍ରକାରର ମେହ ରୋଗ ଏକସପ୍ତାହ ମଧ୍ୟରେ ନିଃଶେଷରୂପେ ଆରୋଗ୍ୟ ହୁଏ ।

ପ୍ରସ୍ରାବକାଳୀନ ଜ୍ୱାଳା, ପୂଯ୍ୟସହିତ ଧାତୁନିର୍ଗମ, ସରକ୍ତ ପ୍ରସ୍ରାବ, ଘନଘନ ପ୍ରସ୍ରାବ, ମୂତ୍ରକୃଚ୍ଛ୍ର, ମୂତ୍ରାଶୟର ବେଗ, ଶୂଳ ଏବଂ ଜ୍ୱରାଦି ଉପଦ୍ରବ ଯୁକ୍ତ ହେଲେ ସୁଦ୍ଧା ପୀଡ଼ା ଶୀଘ୍ର ସମୂଳେ ବିନଷ୍ଟ ହୁଏ ।

ପ୍ରତି ୧ ଶିଶିର ମୂଲ୍ୟ ଟ ୨ ବଡ଼ ୧ ଶିଶିର ମୂଲ୍ୟ ଟ ୩ ପ୍ୟାକିଂ ଖର୍ଚ୍ଚା ଟ ୦ ୵

ପ୍ରଦରାରି—ଘୃତ ।

ଏହା ସେବନ କଲେ ଗର୍ଭାଶୟ ସଂଶ୍ଳିଷ୍ଟ ଦୋଷ ସମସ୍ତ ସଂଶୋଧିତ ହୋଇ ଶ୍ୱେତପ୍ରଦର, ରକ୍ତପ୍ରଦର, କଷ୍ଟରଜଃ, ଅକାଳରେ ଅଧିକ ପରିମାଣରେ ରକ୍ତସ୍ରାବ, ଜଳଭଙ୍ଗା, ବାଧକ ବେଦନାଦ ପୀଡ଼ା ସମସ୍ତ ନିଃଶେଷରୂପେ ଆରୋଗ୍ୟ ହୁଏ । ବିଶେଷତଃ ଉପରୋକ୍ତ ପୀଡ଼ାଜନିତ ଅକାଳରେ ଗର୍ଭସ୍ରାବ, ମୃତବତ୍ସା ଓ ବନ୍ଧ୍ୟାଦ ରୋଗ ସମୁଦାୟ ଶାନ୍ତ ହୋଇ ଗର୍ଭୋତ୍ପତ୍ତିର ବ୍ୟାଘାତ ନଷ୍ଟ କରେ ।

୧ ଶିଶିର ମୂଲ୍ୟ ଟ ୨ ଓ ପ୍ୟାକିଂ ଖର୍ଚ୍ଚା ଟ ୦ ୵


Digitized by srujanika@gmail.com

# ଓଡ଼ିଶା ମିଶନ ପ୍ରେସ
## କଟକ।

୧୮୩୮ ମସିହାରେ ସଂସ୍ଥାପିତ।
ଗଭର୍ଣ୍ଣମେଣ୍ଟ, ଶିକ୍ଷା, ବାଣିଜ୍ୟ ଓ ଜମିଦାରୀ-ସମ୍ବନ୍ଧୀୟ କାଗଜ ପତ୍ରାଦି ଛପା ହୁଏ।
ଏଷ୍ଟିମେଟ ମାଗିଲେ ମିଳଇ।



# ମେହରୋଗ।

ଚବିଶଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ। ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତଲାର୍ଦ୍ଧ ଗୌଣକରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ।

ଏହି ଔଷଧ ଯଥାନିୟମରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ। ଈଶ୍ୱର ସୃଷ୍ଟିରେ ପରୀକ୍ଷା ନ ହେଲେ ଅଛି ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରରେ ପ୍ରସ୍ତୁତ ହେବ କଲିକତା ଅପରଚିତପୁର ନମ୍ବର ଭବନରେ ସ, ଚେ, ରାଯ କମ୍ପାନୀଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି। ମୂଲ୍ୟ ଏକଫାଇଲ୍ ଟ ୨॥ ଟା। ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ୍।



ଜନଗଣ ଦ୍ରଷ୍ଟବ୍ୟ।

କେନ୍ଦ୍ରାପଡ଼ାସ୍ଥ କବିରାଜ ଶ୍ରୀବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ ସୁକଠିନ ରୋଗଗ୍ରସ୍ତ ମନୁଷ୍ୟମାନଙ୍କୁ ରୋଗରୁ ମୁକ୍ତ କରିବା ନିମିତ୍ତ ପ୍ରସ୍ତୁତ ଅଛନ୍ତି। ଗତ ତିନିବର୍ଷମଧ୍ୟରେ କୌଣସି ରୋଗୀ ଆରୋଗ୍ୟ ନ ହୋଇ ଫେରିଯିବାର ଦେଖାଯାଇ ନାହିଁ। ରୋଗରୁ ମୁକ୍ତ ପାଇବାର ବାଞ୍ଛା ଯେବେ ତୁମ୍ଭର ଥାଏ ତେବେ ତାହାଙ୍କୁ ରୋଗର ବିବରଣ ଜଣାଇଲେ ଅତି ଅଳ୍ପବ୍ୟୟରେ ଅଳ୍ପଦିନମଧ୍ୟରେ ତୁମ୍ଭକୁ ଆରୋଗ୍ୟ କରିଦେବେ। ସେ ଅନେକଲୋକଙ୍କୁ ଆରୋଗ୍ୟ କରି ଅନେକ ପ୍ରଶଂସାପତ୍ର ପାଇଅଛନ୍ତି।



# ବାଲିକାଗଜ।

ଉଲ୍ଲିଖିତ ଶସ୍ତା ଦରରେ ସଦର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟସ୍ଥ ବାବୁ ଅର୍ଦ୍ଧବକ୍ଷ ଦର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | | |
|---|---|---|---|
| ୧୭ ପଣି ବାଲି | ଦ ୧୬ ଟ ୧॥ | ହ ୧୬ ଟ ୦ ୵୭ |
| ୧୮ ପଣି ,, | ,, ଟ ୧୷ | ,, ଟ ୦ ୵୦ |
| ୧୨ ପଣି ,, | ,, ଟ ୩ | ,, ଟ ୦ ୵ |
| ୩୦ ପଣି ,, | ,, ଟ ୭ | ,, ଟ ୦ ୵୭ |

ବେପାରୀମାନେ ଅର୍ଥାତ ଯେଉଁମାନେ ଏକତ୍ରରେ ର ୫ ମ ବା ଅଧିକ କ୍ରୟ କରିବେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ପାଇ ପାରିବେ। ମୂଲ୍ୟ ନଗଦ।



ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦନକୋଣା ଓ ଜଳଗା ଓ ରେଶମୀଓଗେର ଲୁଗା ଓ ଷ୍ଟେସନରୀ ଓ କଲଗା ଇମାରତ ସରଞ୍ଜାମ ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି। ଉପରନ୍ତୁ ଆଉ କେତେକ ଫେନସ୍ ଜିନିଷାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ। ଏତଦ୍ଭିନ୍ନ ଆମ୍ଭେମାନେ ବନ୍ଦୋବସ୍ତ ଗାଡ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ। କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କୁ ବିକ୍ରୟ କରାଯିବ। ଯଦି ଉକ୍ତ ଗାଡ଼ିମାନ ବିକ୍ରୟ ହେବା ପୂର୍ବେ ଆପଣା ମଫସଲ ସକାଶେ ଭଡ଼ା ନେବାକୁ ଚାହାନ୍ତି ତେବେ ଏକ ଘଣ୍ଟାକୁ ଫି ଦଶ ଟ ୦।୫ ହିସାବରେ ଭଡ଼ା ଦେଲେ ପାଇ ପାରିବେ। ମାତ୍ର ତାହାର ଯେତେ କ୍ଷତି ହେବ ଭାର ଗ୍ରାହକଙ୍କ ଉପରେ ରହିବ। ନଷ୍ଟ ହେଲେ ଗାଡ଼ିର ପୂରା ମୂଲ୍ୟ ତାଙ୍କୁ ଦେବାକୁ ହେବ।

ତଫସିଲ।

କଲର ଲେସ ଓ ଚନ୍ଦ୍ରିକେ ଗଢ଼ ହେଉଛି ସୂଚେ।
ବନେଇଖାନ
ବଦେଶୀକ୍ ତେଲ ଜଳବା ଶେଜ ସାଦା ଓ ରୋଗ ସହିତ।
କୁଙ୍କୁମ ଅର୍ଥାତ ନକସା କରିବା କାଗଜ ପେନ୍ସିଲ ଓ କଲମ।
ପେନ୍ସିଲ ରାଖିବା ବାକ୍ସ।
ନାନା ପ୍ରକାରର ପଟ୍ଟ କାଗଜ ଓ ଲଫାଫା
ଖାତ ବହିଖାତ ଓ ବହି ରଙ୍ଗିନ ଓ ସାଦା
ବଗଲ ବେଲବେଲ
ଉର୍ଦ୍ଦି ଫୁଲଫଳହାର ଏକଫଳ ଫୁଲ
ନେଲଷନ ଉପୋର ଷମ ଜେଷଲ, ଅଖିଲ
ମାର୍ବୁଲ ଆଦି ଦ୍ୱାରାରେ ତଳ ଦେଲେ ଖୋଲ ଘରେ କପଡ଼ ହେବ ନାହିଁ।
ଏ, ରୋଷନ ସମ୍ବନ୍ଧ ଚାମଚ ଓ ଛୁରୀ।
ଟେବୀ ଲ୍ୟାମ୍ପ।
ତୈଳ ଗ୍ଲାସ।
ତଳଗା ଆଲୁଅ।
ଗାଡ଼ି ସାବାନ ଗଡ଼ି ରେ ଲୁଗା ପରିଷ୍କାର ହୁଏ।
ଅଷ୍ଟେଲ ଶ୍ରେଣୀ—ଅର୍ଥାତ ସୁଗନ୍ଧି ଦ୍ରବ୍ୟ।
ଚଏଲ ଲୁଗ।
ଓଟାହର ଦୁଇ ଛତା।
ହଟର ଅଟ।
କ୍ୱୋରେଷ୍ଟୋନ।
ପୋରସ୍ଲେନର କେଟଲ ଥାଳ ଓ କପ ଗୋଲ ଗ୍ଲାସ
[illegible]
ଅଲକା ରଙ୍ଗ ୧୨ × ୧୦ ଇଞ୍ଚ ୧୪ × ୧୨ ଇଞ୍ଚ
ପକେଟବୁକ ଘଣ୍ଟା ପାତ୍ର ସହିତ ଟ ୦ ।୵୦
ମୋଜା ଓ ମୋଜାବନ୍ଧ
[illegible]
ଦେଖା ସାବନ ଲଣ୍ଡା
[illegible]
ତଗଗ ଅବରୋଧ
ଏକତ ଲାଇସ।
ସୁଅଳ ପେନ।
ଅଷ୍ଟେନିଅ ପେନ୍ସିଲ ୫ ଥାଳ ଏ ପେନସିଲରେ ଲେଖି ଭିଜା ପେଟ ବହୁ ଦିନ ରହେ ପେନ୍ସିଲ ଲେଖା ର ପରେ ଦେଇ ତମାଲ ରେଖେ ଉଠିବ ନାହିଁ।
ଭିଜା ପେପର।
ବନ୍ଦୁକ ବେଲବେ ଖୋଲ ଖାଲ।
ଲଜ୍ଜତ ଗୋପନ ଅଟକ ଧଠୋଲ ଭଣ୍ଡାର କାଠରାର ଲମ୍ବା।
ନମସ୍କାର।
ରେଲ୍ ଭୁ, ପେନ୍ସିଲ୍।
ଲନ ଟେବଲ।
ବନାରସୀ ଶାଢ଼ୀ ଓ ଯୋଡ଼ ଓ ଜହ
ମନ୍ଦ୍ରବାଳାର ଓ ଅଭ ପାଠ ପାଟଭୋଗ ଓ ଶାଢ଼ୀ।
ବିଡ଼ିଂ ବାକ୍ସ



# ପିତଧାର।

ଏ ଧାରକୁ କେଉଁଠି ପାଣିରେ ଲଗି ନଅଁରେ ଟିଉବାଇ କୋଠାଘରର ଫାଟରେ ଦେଲେ ପାଣିଗଲା ବନ୍ଦ ହେବ ଘରର ମଝିଅରେ ଲେପିଦେଲେ ମଜବୁତ ଓ ଭଲ ଥାଏ ନାହିଁ।

ଚଗିର ଚମଡ଼ା ଓ ସାଜରେ ଲଗାଇବାର ଜାଠ ମଧ୍ୟ ଅଛି।

ଅଇତଲସ୍ୱ ଲର କମ୍ପାନୀ



ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର। ଇନ୍ଦୁ ଟଙ୍କା ହିସାବରେ ଥାଇ ନେଇ ଯଥା—

ପ୍ରଥମଥର ପ୍ରକାଶେ

| | |
|---|---|
| ଆଠ ଧାଡ଼ି | ଟ ୦୵ |
| ଅଧ ସ୍ତମ୍ଭ | ଟ ୨୮ |
| ପୂର୍ଣ୍ଣ ସ୍ତମ୍ଭ | ଟ ୫ |

ମାତ୍ର କୌଣସି ବିଜ୍ଞାପନ ଯେତେ ଅଳ୍ପ ହେଉ ନା କାହିଁକି ନ୍ୟୁନ ଟ ୦ ।୵ ରୁ ଉଣା ହେବ ନାହିଁ।

ଦ୍ୱିତୀୟ ଓ ତୃତୀୟଥର ପ୍ରକାଶେ ଉକ୍ତ ଦରର ଅର୍ଦ୍ଧେକ ଓ ଚତୁର୍ଥ ଭାଗରୁ ନିଆଯିବ।

ଅଧିକ ସମୟ ପ୍ରକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ।

ବିଜ୍ଞାପନ ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ।

ଏହି ଉତ୍କଳଦୀପିକା କଟକ ମିଶନ ପ୍ରେସରେ ଛାପାଯାଇ ପ୍ରିଣ୍ଟର ଶ୍ରୀ ଉପେନ୍ଦ୍ରନାଥ ... ଓ ପ୍ରକାଶିତ ହେଲା


Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୨ ଭ
ସ ୪୬ ସଂଖ୍ୟା

ତା ୧୯ ଋଷ ମାହେ ନବେମ୍ବର ସନ ୧୮୮୭ ଅବ୍ଦ । ମା । ମାର୍ଗଶିର ତା ୫ ଜ ସନ ୧୨୯୫ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩॥
ପଶ୍ଚାଦେୟ ଟ ୬॥

ପୋଷ୍ଟମାଷ୍ଟର ବିଜ୍ଞାପନ ଦେଇଅଛନ୍ତି ଯେ କଟକଡାକଘରରେ ଚଳିତମାସ ତା ୧୨ ରିଖଠାରୁ ରବିବାର ଛଡ଼ା ସପ୍ତାହର ଅନ୍ୟଦିନମାନଙ୍କରେ ରେଜିଷ୍ଟ୍ରୀ ଇନସୁରାନ୍ସ୍ ପାରସଲ ପଠାଇ ଡାକଟିକଟ ବିକ୍ରୟ ଇତ୍ୟାଦି କାର୍ଯ୍ୟ ସକାଳ ଘ ୭ ଟା ଠାରୁ ସନ୍ଧ୍ୟା ଘ ୬ ଟା ପର୍ଯ୍ୟନ୍ତ ଏବଂ ମନିଅର୍ଡ଼ର ସେଭିଂସବାଙ୍କ ଇତ୍ୟାଦି ଟଙ୍କା କୌଡ଼ିର କାର୍ଯ୍ୟ ହେଲ ଘ ୧୦ ଟା ଠାରୁ ଘ ୪ ଟା ପର୍ଯ୍ୟନ୍ତ ହେବ ।

---

ଅସ୍ମାନଙ୍କ କମିଶ୍ନର ସି ଟି ମେଟ୍‌କାଫ ସାହେବ ଗତ ସୋମବାର ପ୍ରାତଃକାଳରେ ସପରିବାରରେ ଏଠାରେ ପହଞ୍ଚି ଅଫିସିଏଟିଂକମିଶ୍ନର ସି ଏଫ ୱରସଲି ସାହେବଙ୍କଠାରୁ କାର୍ଯ୍ୟ ଗ୍ରହଣ କରିଅଛନ୍ତି । ୱରସଲି ସାହେବ ଗତ ବୁଧବାରଦିବସ ଏଠାରୁ ବିଦାୟ ଗ୍ରହଣକରି କଲିକତାଭିମୁଖେ ଯାତ୍ରା କଲେ । ସାହେବ ମହୋଦୟ ଅତିଅଳ୍ପ ଦିବସମଧ୍ୟରେ ଏଠା ଲୋକମାନଙ୍କର ପ୍ରୀତିଭାଜନ ହୋଇଥିଲେ । ତାଙ୍କର ମହାଶୟତା ଓ ଅପକ୍ଷପାତିତା, କାର୍ଯ୍ୟଦକ୍ଷତା ଗୁଣହେତୁରୁ ଲୋକମାନେ ଅତିଶୟ ସନ୍ତୁଷ୍ଟ ଥିଲେ । ଈଶ୍ୱରଙ୍କଠାରେ ପ୍ରାର୍ଥନା ଯେ ତାଙ୍କର ଶୀଘ୍ର ଉନ୍ନତି ହେଉ ।

---

ଲୁହାରୁ ମଳ ଛଡ଼ାଇବା ଓ ଲୁହା ହତିଯାର ଇତ୍ୟାଦିକୁ ପରିଷ୍କାର ରଖିବାର ଉପାୟ ପ୍ରାୟ ସମସ୍ତଙ୍କୁ ଲୋଡ଼ିବାକୁ ପଡ଼ଇ ଜଣେ ଲେଖିଅଛନ୍ତି ଯେ ଏକପଇସା ଓଜନର ସାୟେନାଇଡ ପୋଟାସିଅମକୁ ଅଧପା ପାଣିରେ ଗୋଳି କଛିକ୍ଷଣ ଅର୍ଥାତ୍ ମଳ ଛାଡ଼ିଯିବା ପର୍ଯ୍ୟନ୍ତ ବୁଡ଼ାଇ ରଖି ପାଣିରୁ ବାହାରକରି ଗୋଟିଏ ଦାନ୍ତଘସା ବ୍ରୁସ ସାବୁନ ଓ ଚକ୍ଖଡ଼ି ଲଗାଇ ଘସିଲେ ସବୁ ମଳ ଛାଡ଼ି ଉଜ୍ଜ୍ୱଳ ଦିଶିବ ।

ଅଡ଼୍‌ଶା ପେରିଫେଲ ଲୁହାହତିଯାରରେ ଲଗାଇ ରଖିଲେ କଳଙ୍କ ଧରିବ ନାହିଁ । ଲୁହାଜିନିଷକୁ ପଶମିଲୁଗା ବା ଖୋଳମଧ୍ୟରେ ବାନ୍ଧି ରଖିଲେ ଉତ୍ତମ ଅବସ୍ଥାରେ ରହିବ ।

---

ବ୍ରହ୍ମଦେଶର ଯୁଦ୍ଧ ପୁଣି ଟିକିଏ ମାତି ଉଠିଅଛି । ରଙ୍ଗୁନଠାରୁ ସମ୍ବାଦ ଆସିଅଛି ଯେ ଶ୍ୱେନବଳିଠାରେ ଏଥିମଧ୍ୟରେ ପଦାତିକସେନାର ବିଦ୍ରୋହୀଙ୍କ ସହିତ ଗୋଟିଏ ବଡ଼ଯୁଦ୍ଧ ହୋଇଥିଲା ଏ ଯୁଦ୍ଧ ପ୍ରାୟ ଘ ୫ ଟା କାଳ ଲାଗିଥିଲା । ଏଥିରେ ଇଂରାଜଙ୍କ ପକ୍ଷରୁ ଜ ୫ ଣ ଇଉରୋପୀୟ ଓ ଦୁଇଜଣ ଦେଶୀୟ ସିପାହି ମରିପଡ଼ିଲେ । ଅନେକ ଡକାଏତ ଧରା ପଡ଼ିଥିବାର କଥିତ ହୁଅଇ । ବିସ୍ତାରିତ ବିବରଣ ଏପର୍ଯ୍ୟନ୍ତ ଜଣାଯାଇ ନାହିଁ । ବ୍ରହ୍ମର ଲୋକମାନେ କେବଳ ସ୍ୱାଧୀନତା ଓ ସ୍ୱଦେଶାନୁରାଗ ନିମିତ୍ତ ପ୍ରବଳ ପ୍ରତାପ ଇଂରାଜଙ୍କ ସହିତ ଏତେଦିନ ଯୁଦ୍ଧରେ ପ୍ରବୃତ୍ତ ହୋଇଅଛନ୍ତି ସାମାନ୍ୟକଥା ନୁହଇ ।

---

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ମାନନୀୟ ତାଳଚେର ମହାରାଜା ଆପଣା କିଲ୍ଲାରେ ଶିକ୍ଷାବିସ୍ତାର ନିମିତ୍ତ ଅତିଶୟ ଯତ୍ନବାନ୍ ହୋଇଅଛନ୍ତି । ଶିକ୍ଷାବିଭାଗର ଉନ୍ନତି ଦେଖିବା ଆଶାରେ ଅନ୍ୟାନ୍ୟ ଉପାୟମଧ୍ୟରେ ଜଣେ ସରକାଲପଣ୍ଡିତ ନିଯୁକ୍ତ କରିଅଛନ୍ତି ଏବଂ ଯେତେବେଳେ ରାଜ୍ୟର ଯେଉଁ ଦିଗକୁ ଗସ୍ତକରିବାକୁ ଯାଉଅଛନ୍ତି ସେ ଦିଗର ବିଦ୍ୟାଳୟମାନ ସ୍ୱୟଂ ପରିଦର୍ଶନ ପୂର୍ବକ ଛାତ୍ରମାନଙ୍କର ପରୀକ୍ଷା ନେଉଅଛନ୍ତି । ଏପରି ସୁବନ୍ଦୋବସ୍ତର ଫଳ ଶୀଘ୍ର ପ୍ରତ୍ୟକ୍ଷ ହେବ ଏବଂ ଅନ୍ୟାନ୍ୟ ଗଡ଼ଜାତ ପକ୍ଷରେ ଗୋଟିଏ ସୁନ୍ଦର ଆଦର୍ଶ ହେବ ସନ୍ଦେହ ନାହିଁ । ସକଳ ଗଡ଼ଜାତର ଶିକ୍ଷାସମ୍ବନ୍ଧରେ ଏହିପରି ସୁସମ୍ବାଦ ଲେଖିବାକୁ ଆମ୍ଭେମାନେ ସର୍ବଦା କାମନା କରୁଁ ।

---

ଅନୁଗୁଳର ଦୁର୍ଭିକ୍ଷସମ୍ବନ୍ଧରେ ଖଣ୍ଡିଏ ପ୍ରେରିତପତ୍ର ସ୍ଥାନାନ୍ତରେ ପ୍ରକାଶିତ ହେଲା । ତହିଁରେ ଯେଉଁ ଦୁଃଖାବହ କଥାମାନ ଲେଖାଅଛି । ତାହା ସ୍ୱରୂପ ବର୍ଣ୍ଣିତ କିମ୍ବା ଅତିରଞ୍ଜିତ ଆମ୍ଭେମାନେ ନିଶ୍ଚୟକରି କହି ନ ପାରୁଁ ମାତ୍ର ତହିଁର କିୟଦଂଶ ଯେବେ ସତ୍ୟ ହୋଇଥାଏ ତେବେ ଅବଧି ଗଡ଼ଜାତର ସୁପ୍ରିଣ୍ଟସାହେବଙ୍କ ମହକୁମାରୁ କୌଣସି ସାହାଯ୍ୟ କାର୍ଯ୍ୟ ଆରମ୍ଭ ନ ହେବା ଆଶ୍ଚର୍ଯ୍ୟର ବିଷୟ ଅଟଇ । ସ୍ଥାନୀୟ ତହସିଲଦାର ପ୍ରଭୃତି କର୍ମଚାରୀମାନେ ଅବଶ୍ୟ

Digitized by srujanika@gmail.com

ଏ ବିଷୟରେ ରିପୋର୍ଟ କରଥିବେ କିନ୍ତୁ ବିଷୟଟି ଯେପ୍ରକାର ଅଶାନ୍ତ ଗୁରୁତ୍ୱ ସେପ୍ରକାର ବେସରକାର ଲୋକମାନେ କ ପ୍ରକାର ଭାବୁଅଛନ୍ତି ସାହେବ ମହୋଦୟଙ୍କୁ ତାହା ଜାଣିବାର ଉଚିତ ହେଉଅଛି ଏବଂ ଏହିନିମନ୍ତେ ଅମ୍ଭେମାନେ ଏ ପ୍ରେରିତପତ୍ର ପ୍ରକାଶ କରି ସାହେବ ମହୋଦୟଙ୍କୁ ଅନୁରୋଧ କରୁଅଛୁଁ ଯେ ଶୀଘ୍ର ଉଚିତ ପ୍ରତୀକାର ପ୍ରଦାନ ପୂର୍ବକ ସେଠାନବାସିଙ୍କ ମନକୁ ଦମ୍ଭ କରିବେ ।

---

ଅମେରିକାରେ ପ୍ରକାଶ ହୋଇଥିବା ସ୍ୱାସ୍ଥ୍ୟସମ୍ବନ୍ଧୀୟ ଏକପୁସ୍ତକରେ ଲେଖାଅଛି କି ଖାଦ୍ୟ ଏବଂ ଜଳଦ୍ୱାରା ଶରୀରର ଯେ ସମସ୍ତ ଉପକାର ହୁଅଇ ମଦଦ୍ୱାରା ତହିଁର ଗୋଟିଏ ସୁଦ୍ଧା ହୁଅଇ ନାହିଁ ବରଂ ବିପରୀତ ଫଳ ଅଟଇ । ଖାଦ୍ୟ ସକଳରେ ଜୀର୍ଣ୍ଣ ହୋଇ ଶରୀରର ପୁଷ୍ଟିସାଧନ କରେ ମାତ୍ର ମଦ ଅଜୀର୍ଣ୍ଣ ଥାଇ ଓ ଶରୀରର ପୁଷ୍ଟି ନାଶକରେ । ମଦ କ୍ଷଣକ ରକ୍ତ ଗରମ କରେ ମାତ୍ର ତହିଁଉତ୍ତାରୁ ଏମନ୍ତ ନିସ୍ତେଜ କରଇ ଯେ ସ୍ୱାଭାବିକ ଶକ୍ତି ସୁଦ୍ଧା କ୍ଷୟ ହୁଅଇ । ଜଳଦ୍ୱାରା ପିପାସା ନିବାରଣ ଅହାର ଜୀର୍ଣ୍ଣ ଏବଂ ରକ୍ତ ସଞ୍ଚାଳନ ହୁଅଇ ମାତ୍ର ମଦ ପିପାସାବୃଦ୍ଧି ପରିପାକ ଓ ରକ୍ତ ସଞ୍ଚାଳନର ବ୍ୟାଘାତ କରଏ । ଏଥିରୁ ସ୍ପଷ୍ଟ ବୋଧ ହେଉଅଛି କି ଅଳ୍ପପରିମାଣରେ ମଦ ବ୍ୟବହାର କଲେ ମାଂସାଦି ଗୁରୁପାକଖାଦ୍ୟ ସହଜରେ ଜୀର୍ଣ୍ଣ ହୋଇ ଶରୀରର ଉପକାର କରେ ବୋଲି କେତେଲୋକ ଯାହା ବିଶ୍ୱାସ କରନ୍ତି ତାହା ଭ୍ରମ ବିନା ଅନ୍ୟ କିଛି ନୁହଇ । ଅଳ୍ପପରିମାଣରେ ସୁଦ୍ଧା ମଦ ଭଲ ନୁହଇ ଏବଂ ଏହିହେତୁ ଆର୍ଯ୍ୟଋଷିମାନେ ଅତି କଠିନ ନିୟମଦ୍ୱାରା ଏହାର ବ୍ୟବହାର ନିଷେଧ କରି ଯାଇଅଛନ୍ତି ।

---

କଲିକତାରୁ ଅସିଥିବା ଏକ ତାରଖବରରୁ ଜଣାପଡ଼ଏ ଯେ ୟାଉବଖାନ ଆତ୍ମ ସମର୍ପଣପୂର୍ବକ ଇଣ୍ଡିଆଗବର୍ଣ୍ଣମେଣ୍ଟଙ୍କ ଠାରେ ଶରଣ ପଶିଅଛନ୍ତି ବୋଲି କଲିକତାର ପ୍ରଧାନମନ୍ତ୍ରୀ ଏକସ୍ଥଳରେ ପ୍ରକାଶ କରଅଛନ୍ତି ସୁତରାଂ ଅଫଗାନସ୍ଥାନ ହେନ ରୁଷିୟା ସଙ୍ଗରେ ମନାନ୍ତର ଘଟିବାର, ଯାହା ଶଙ୍କା ହେଉଥିଲା ତାହା ଦୂରୀଭୂତ ହୋଇଅଛି । ୟାଉବଖାନ ଶରଣ ପଶିବା ସମ୍ବାଦ ଭାରତବର୍ଷରେ ପ୍ରକାଶ ହେବା ପୂର୍ବେ ବିଲାତରେ ପ୍ରକାଶ ହେଲା ଏବଂ ସେଠାରୁ ଅମ୍ଭେମାନେ ଶୁଣିଲୁଁ ଏହା ବିପରୀତ ବୋଧ ହେଲେ ହେଁ ଆଶ୍ଚର୍ଯ୍ୟ ନୁହଇ କାରଣ ମଧ୍ୟଅସିଆର ଅନେକ ସମ୍ବାଦ ବିଲାତକୁ ଏଠାରୁ ଅସିବାର ଦେଖା ଯାଇଅଛି । ୟାଉବଖାନ ଶରଣ ପଶିବାରୁ ବୋଧ ହେଉଅଛି ତାହାଙ୍କପ୍ରତି ଅଫଗାନ ମାନଙ୍କର ଯେଉଁ ଭକ୍ତି ଓ ଶ୍ରଦ୍ଧା ଥିଲା ତାହା ଅଉ ନାହିଁ । ସେହିସବୁ ଅଞ୍ଚଳରେ ରହି ଏହିକଥା ଜାଣିବା ଏବଂ ସେଠା ଲୋକଙ୍କ ସହାନୁଭୂତି ନ ପାଇବାରୁ ନିରସ୍ତ ହୋଇ ଆତ୍ମସମର୍ପଣ କରଅଛନ୍ତି ଅଉ ସେ ଇହଜନ୍ମରେ ଇଂରାଜଙ୍କ ଆଶ୍ରୟ ଛାଡ଼ିବେ ନାହିଁ । ସେ ରୁଷିୟାର ଶରଣାଗତ ହେବେବୋଲି ଅନେକଲୋକ ସନ୍ଦେହ କରୁଥିଲେ ମାତ୍ର ତାହା ନ ହେବାରୁ ସ୍ପଷ୍ଟ ଜଣା ଯାଉଅଛି ଯେ ରୁଷିୟାଠାରୁ ସେ ଇଂରାଜଙ୍କୁ ଅଧିକ ବିଶ୍ୱାସ କରନ୍ତି । ରାଜ୍ୟ ପାଇବା ଚେଷ୍ଟାରେ ସେ ପଳାୟନ କରଥିଲେ ତହିଁର ସମ୍ଭାବନା ନ ଦେଖିବାରୁ ପୁଣି ଇଂରାଜଙ୍କ ଶରଣ ନେଇ ବଡ଼ ବୁଦ୍ଧିବେତନାର କାର୍ଯ୍ୟ କରଅଛନ୍ତି । ଗବର୍ଣ୍ଣମେଣ୍ଟ ତାହାଙ୍କ.ସହିତ ସଦ୍‌ବ୍ୟବହାର କରିବେ ସନ୍ଦେହ ନାହିଁ ।

---

ଅଗାମିବର୍ଷ ଦେଶୀୟ ସିବିଲସରଭିସରେ ବଙ୍ଗଦେଶରୁ ଦୁଇଜଣ ନିଯୁକ୍ତ କରିବାକୁ ଇଣ୍ଡିଆଗବର୍ଣ୍ଣମେଣ୍ଟ ସ୍ଥିର କରି ବିଦ୍ୟା ଓ ପାରଦର୍ଶିତା ପଦପ୍ରତି ଦୃଷ୍ଟି ରଖି ତ ୬ ଜଣ ଲୋକଙ୍କ ନାମ ଲେଖିପଠାଇବା କାରଣ ବଙ୍ଗୀୟଗବର୍ଣ୍ଣମେଣ୍ଟଙ୍କ ପ୍ରତି ଅଦେଶ କରଅଛନ୍ତି । ତଦନୁସାରେ ଅମ୍ଭମାନଙ୍କ ଲେପ୍ଟେନାଣ୍ଟ ଏକ ମଲବ୍ୟଲିପି ଏହିଅଭିପ୍ରାୟରେ ପ୍ରକାଶ କରଅଛନ୍ତି କି ପ୍ରତ୍ୟେକ ପଦ ସକାଶେ ତ ୨୦ ଜଣ ଲେଖାଏଁ ମନୋନୀତ କରି ସେମାନଙ୍କର ପରୀକ୍ଷା ଗ୍ରହଣ କରିବେ । ପରୀକ୍ଷାରେ ଯେଉଁମାନେ ଉତ୍ତୀର୍ଣ୍ଣ ହେବେ ତାହାଙ୍କ ମଧ୍ୟରୁ ପ୍ରଥମ ତ ୬ ଜଣଙ୍କର ନାମ ଇଣ୍ଡିଆଗବର୍ଣ୍ଣମେଣ୍ଟଙ୍କୁ ଲେଖି ପଠାଇବେ । ପରୀକ୍ଷା ସକାଶେ ତିନଶ୍ରେଣୀମଧ୍ୟରୁ ଲୋକ ବାଛି ନିଯୁକ୍ତ । ଯଥା (୧) ଯେଉଁମାନେ ସରକାରୀଚାକିରୀ କରୁଅଛନ୍ତି ସେମାନଙ୍କ ମଧ୍ୟରୁ ଯାହାଙ୍କର ପାରଦର୍ଶିତା ଅଧିକ ହେବ । (୨) ଯେଉଁମାନେ ବି, ଏ, ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଏବଂ ଇଂରାଜୀଭାଷା ଉତ୍ତମରୂପେ ଜାଣନ୍ତି । ଏମାନଙ୍କର ବୟସ ୨୫ ବର୍ଷରୁ ଅଧିକ ହେବ ନାହିଁ ( ୩ ) ଯେଉଁମାନେ ଓକାଲତି ପ୍ରଭୃତି ବିଦ୍ୟାବ୍ୟବସାୟରେ ୫ ବର୍ଷ ଉତ୍ତମ କାର୍ଯ୍ୟଦକ୍ଷତା ଦେଖାଇଅଛନ୍ତି । ପରୀକ୍ଷା ଯେଉଁସ୍ଥାନ ଓ ସମୟରେ ଗୃହୀତ ହେବ ତହିଁର ସମ୍ବାଦ ପ୍ରାର୍ଥିମାନଙ୍କୁ ଦିଆଯିବ । ମାତ୍ର ଯେଉଁମାନେ ଏ ପରୀକ୍ଷାରେ ଉପସ୍ଥିତ ହେବାକୁ ଇଚ୍ଛା କରିବେ ସେମାନେ ଆପଣା୨ ପ୍ରାର୍ଥନାପତ୍ର ଅଗାମି ଡିସେମ୍ବରମାସ ତା ୧୫ ରିଖମଧ୍ୟରେ ବଙ୍ଗଳାଗବର୍ଣ୍ଣମେଣ୍ଟଙ୍କ ଅଣ୍ଡରସେକ୍ରେଟରୀଙ୍କ ନିକଟକୁ ପଠାଇବେ ତହିଁ ଉତ୍ତାରୁ କାହାର ପ୍ରାର୍ଥନା ଶୁଣାଯିବ ନାହିଁ । ସରକାରୀ କର୍ମଚାରୀ ଓକିଲ ପ୍ରଭୃତି ବିଦ୍ୟାବ୍ୟବସାୟୀ ଏବଂ ବିଶ୍ୱବିଦ୍ୟାଳୟର ଉତ୍ତୀର୍ଣ୍ଣଛାତ୍ର କି ଯେଉଁମାନେ କୌଣସି ସରକାରୀକର୍ମ ପାଇ ନାହାନ୍ତି ଏ ସମସ୍ତ ଲୋକଙ୍କୁ ସମାନ ସୁଯୋଗ ଦେଇ ସର ଷ୍ଟିବାର୍ଟ ବେଲି ସାହେବ ବଡ଼ ବୁଦ୍ଧିବେତନାର କାର୍ଯ୍ୟ କରଅଛନ୍ତି । ଏଥିରେ କାହାର ଅସନ୍ତୋଷ ହେବାର କାରଣ ନାହିଁ ।

---

ପୁରୀ ସ୍କୁଲର ୨ ୟ ଶିକ୍ଷକ ନିଯୋଗ ସମ୍ପର୍କରେ ଅମ୍ଭମାନଙ୍କର ନୂତନ ସହଯୋଗୀ 'ଓଡ଼ିଆ' ସମ୍ପାଦକର ମତ ସହିତ ଐକ୍ୟ ହୋଇ ଉକ୍ତବିଷୟର ତଦନ୍ତ ନିମନ୍ତେ ଡିରେକ୍ଟର ସାହେବଙ୍କୁ ଅନୁରୋଧ କରଥିଲେ । ତହିଁଉତ୍ତାରୁ ଅନୁସନ୍ଧାନ କରି ବିଶ୍ୱାସ ସୂତ୍ରରେ ଅବଗତ ହେଲେ ଯେ 'ବଳଭଦ୍ରବାବୁ ବଙ୍ଗାଳୀ ହେଲେ ହେଁ ଓଡ଼ିଆ ଭାଷାରେ ଜଣେ ଶିକ୍ଷିତ ବ୍ୟକ୍ତି ପୂର୍ବେ କାମଣ୍ଡାବଜାର ସ୍କୁଲର ପ୍ରଧାନ ଶିକ୍ଷକ ଥିଲେ ମଧ୍ୟ ଓଡ଼ିଶାରେ ବହୁକାଳ ପଢ଼ନ୍ତି ଓ ୨ ୟ ଶିକ୍ଷକ ପଦଟି ଉପଯୁକ୍ତ ପାତ୍ରେ ଅର୍ପିତ ହୋଇଅଛି ବୋଲି ସମସ୍ତେ କହୁଅଛନ୍ତି ।' ସହଯୋଗିଙ୍କର ଏପ୍ରକାର ମନ୍ତବ୍ୟରେ ଅମ୍ଭମାନଙ୍କ ମନ ମାନିଲା ନାହିଁ ବାସ୍ତବରେ ଏହା ସମ୍ପାଦକଙ୍କ ଆପତ୍ତିର ଠିକ ଉତ୍ତର ନୁହଇ । ଆପତ୍ତି ଏହି ଯେ ଓଡ଼ିଶାରେ ଉପଯୁକ୍ତଲୋକ ଅଛନ୍ତି ସେମାନଙ୍କ ମଧ୍ୟରୁ କାହାରିକି ଉକ୍ତକର୍ମ କାହିଁକି ଦିଆ ନ ଗଲା । ଓଡ଼ିଆଭାଷା ଜାଣିବା ବା ନ ଜାଣିବାର କଥା କିଛି ଉଠି ନାହିଁ । ଓଡ଼ିଆ ଅପେକ୍ଷା ବରଂ ନବସମ୍ବାଦ ଭକ୍ତିମୂର୍ତ୍ତି ସ୍ୱୀକାର କରଅଛନ୍ତି ମାତ୍ର ଯେଉଁକାର୍ଯ୍ୟ ମନ ମୂଲ୍ୟହ୍ରାସ କି ତାହା ଭଲ ବୋଲି ଜଣାଉ ହୋଇପାରେ ? ସେ ଲେଖିଅଛନ୍ତି କି ଓଡ଼ିଶାରେ ବି, ଏ, ପାସ କରଥିବା କାନ୍ତିକ

ମଧ୍ୟରୁ କେବଳ ୩।୪ ଜଣ ଶିକ୍ଷାକାର୍ଯ୍ୟରେ ଅଭ୍ୟସ୍ତ ମାତ୍ର ସେମାନେ ଉଚିତ ଗତ ପ୍ରସ୍ତାବ ଯିବେ କାହିଁ ବୋଲି ଏକପ୍ରକାରେ ବୁଝା ଯାଇଥିଲା । ଏକପ୍ରକାର ବୁଝାଯିବାର ଅର୍ଥ କଣ ? ଯେବେ ସେମାନଙ୍କୁ ଯଶ ଯାଇଥିଲା ଓ ସେମାନେ ମାତ୍ର କଲେ ତେବେ ସହଯୋଗୀ ସେକଥା ସ୍ପଷ୍ଟକର ଲେଖିଥାନ୍ତେ ଓ ତାହା ହେଲେ ଆଉ କଛୁ କାହାର କହିବାର ନ ଥିଲା । ମାତ୍ର ଏକପ୍ରକାରେ ବୁଝିବା ଓ ଓଡ଼ିଶାର କେହି ଲୋକ ନ ଥିବାର ସମ୍ବନ୍ଧର ବିଜ୍ଞାପନ ନ ଦେବା ଇତ୍ୟାଦି ସନ୍ତୋଷଜନକ ଉତ୍ତର ନୁହଇ । ଉର୍ଦ୍ଧ ଖାଇବେ ବୋଲି କାହିଁ ପାଇଁ ବିଜ୍ଞାପନ ଦେବ, ଗବର୍ଣ୍ଣମେଣ୍ଟଙ୍କ ନ ପୂନ ଅଟଇ । ଯେଉଁମାନେ ଗବର୍ଣ୍ଣମେଣ୍ଟରେ କାର୍ଯ୍ୟ କରିବା ଇଚ୍ଛା କରନ୍ତି ସେମାନେ ବିଜ୍ଞାପନ ଦଅନ୍ତି କିନ୍ତୁ ଯାହାଙ୍କର ଇଚ୍ଛା ଭିନ୍ନପ୍ରକାର ସେ କାହିଁକି ବିଜ୍ଞାପନ ଦେବେ ?

---

ବଙ୍ଗଦେଶର ସନ ୧୮୮୬।୮୭ ସାଲର ଇନକମ ଟିକ୍ସ ବିଜ୍ଞପ୍ତି ଉପରେ ଲେଫ୍ଟେନାଣ୍ଟଙ୍କ ମନ୍ତବ୍ୟ ବାହାରିଅଛି ତହିଁର ପ୍ରମାଣ ଯେ ଉକ୍ତ ଟିକସରୁ ୬୭ ଲକ୍ଷ ଟଙ୍କା ପ୍ରାପ୍ତହେବାର ଆଶା ଥିଲା ଏଥିରୁ ଉକ୍ତବର୍ଷ ଟ୩୧୩୬୯୫୮୯ କା ବନ୍ଦୋବସ୍ତ ଓ ତହିଁ ମଧ୍ୟରୁ ଟ୩୮୬୦୬୫୮-କା ଉସୁଲ ହେଲା ଏବଂ ତହସିଲ ଇତ୍ୟାଦି ଖର୍ଚ୍ଚ ୪ ୨୮୪୨୧୫୯ କା କଟିଯାଇ ବାକି ୪୩୭୭୪୩୯ କା ନିଟ ଲାଭହେଲା । ଏଟିକା ୨ ୧୦୬୯୩ ଜଣଙ୍କ ଉପରେ ବନ୍ଦୋବସ୍ତ ହୋଇଥିବା ପ୍ରତ୍ୟକ୍ଷେ ତହିଁମଧ୍ୟରୁ ଜ ୬୯୪୧୩ ଜଣ ଆପତ୍ତି କରିଥିଲେ । ସୁତରାଂ ଅଧିକ ଲୋକଙ୍କପ୍ରତି ଅନ୍ୟାୟ ହୋଇଥିବାର ବୋଲିଯାଇ ନ ପାରେ ଏବଂ ଆପତ୍ତିକାରୀଙ୍କ ମଧ୍ୟରୁ ଶତକଡ଼ା ଜ ୪୮ ଜଣ ସଫଳ ହୋଇଥିବାରୁ ଅବଶ୍ୟ ବୋଲିଯିବ ଯେ ଦରଖାସ୍ତକାରୀଙ୍କ କଥା ଶୁଣିବା ବା ବନ୍ଦୋବସ୍ତ ରଦ୍ଦ କରିବାର ଅନିଚ୍ଛା ନ ଥିଲା । ଏହିସବୁ କାରଣ ଏବଂ ଅନ୍ୟାନ୍ୟ କାରଣରୁ ଗବର୍ଣ୍ଣମେଣ୍ଟ ବିବେଚନା କରିଅଛନ୍ତି ଯେ ବନ୍ଦୋବସ୍ତ କାର୍ଯ୍ୟ ଯଥାଯଥରୂପେ ହୋଇଅଛି ଏବଂ ଉସୁଲ କାର୍ଯ୍ୟ ମଧ୍ୟ ସନ୍ତୋଷ ଅଟଇ । ଶତକଡ଼ା ଟ ୧୧୮ କା ଉସୁଲ ହୋଇଅଛି ଅଥଚ କୋରକୀ ନିଲାମ ଓ ଗିରଫଦାରୀ ଅତି ଅଳ୍ପସ୍ଥଳରେ ହୋଇଅଛି ଏହି ଟିକ୍ସ ପ୍ରତି ଲୋକଙ୍କର ଘୃଣାବିଷୟରେ ଲେଖା ହୋଇଅଛି ଯେ ଯାହାଙ୍କ ଉପରେ ଟିକସ

ବନ୍ଦୋବସ୍ତ ହୁଅଇ ସେମାନଙ୍କ ଛଡ଼ା ଅନ୍ୟ କାହାଠାରୁ ଏଥିର କଥା ଶୁଣାଯାଏ ନାହିଁ ଏବଂ ପ୍ରତି ୭।୮ ଶହଲୋକ ମଧ୍ୟରେ ଜଣେ-ଲେଖାଏଁ ଟିକ୍ସ ଦେଉଥିବାରୁ ଅଧିକାଂଶ ଲୋକ ଏ ବିଷୟରେ ଉଦାସୀନ ଅଛନ୍ତି । ଯେଉଁମାନେ ଏ ଟିକସକୁ ଅସୁଖକର ମନେ କରନ୍ତି ସେମାନଙ୍କର ଅସୁଖ କେବଳ ଟଙ୍କା ଦେବାର ଅସୁଖ ଛଡ଼ା ଆଉକିଛି ନୁହଇ । ଲେଫ୍ଟେନାଣ୍ଟଙ୍କ ବିବେଚନାରେ ଯେଉଁମାନେ ପୂର୍ବେ କିଛି ଦେଉ ନ ଥିଲେ ସେମାନେ ବର୍ତ୍ତମାନ ଦେବାରୁ ଏ ଟିକସପ୍ରତି ଅସନ୍ତୋଷ ବୃଦ୍ଧି ହୋଇଅଛି କିନ୍ତୁ ସେମାନଙ୍କଠାରୁ ଏ ଟିକସ ନେବା ଉଚିତ କି ନା ତହିଁର ବିଚାର ପୃଥକ୍ ଅଟଇ । ସାକ୍ଷାତକରର ଅସନ୍ତୋଷକର ଧାର୍ଯ୍ୟ କରିବାରେ ଅନ୍ୟାୟ ହେଲେ ଅଧିକ ବୃଦ୍ଧି ହୁଅଇ ମାତ୍ର ଲେଫ୍ଟେନାଣ୍ଟ ସାହେବ ଆନନ୍ଦସହିତ ପ୍ରକାଶ କରିଅଛନ୍ତି କି ବନ୍ଦୋବସ୍ତର ଭୁଲଦ୍ୱାରା ଏବର୍ଷର ଇନକମଟାକ୍ସ-କାର୍ଯ୍ୟପ୍ରତି ଲୋକଙ୍କର ଅଧିକ ଅସନ୍ତୋଷ ହୋଇ ନାହିଁ । ଆମ୍ଭମାନଙ୍କ ବିବେଚନାରେ ସାଲତମାମି ତାଲିକା ଦେଖି ଲେଫ୍ଟେନାଣ୍ଟ ଯେଉଁ ମନ୍ତବ୍ୟ ପ୍ରକାଶ କରିଅଛନ୍ତି ତାହା ଅନ୍ୟାୟ ହୋଇ ନାହିଁ । ମାତ୍ର ସାକ୍ଷାତ କରର ପ୍ରଧାନ ଦୁର୍ଗୁଣ ଏହି ଯେ ତାହା ସମସ୍ତଙ୍କ ଉପରେ ସମାନଭାବରେ ବସି ପାରଇ ନାହିଁ । କେହି ଅନାୟାସରେ ଗଳିପଡ଼ି ରହିଯାଏ ଓ କେହି ଅଧିକ ଦଅଇ । ଚତୁରଲୋକ ବଞ୍ଚିଯାଏ ଓ ସରଳ ଲୋକ ମରିପଡ଼େ । ଏ ଦୋଷ ଖଣ୍ଡିବାର କୌଣସି ଉପାୟ ନାହିଁ ।

---

କଟକଜିଲ୍ଲା-ସମିତିର ବଜେଟ ।

ଗତବୁଧବାର ଏଠା ଡିଷ୍ଟ୍ରିକ୍ଟବୋର୍ଡ଼ ଅର୍ଥାତ୍ ଅନୁଶାସନ ଜିଲ୍ଲାସମିତିର ଅଧିବେଶନ ହୋଇ-ଥିଲା । ଏଥିରେ ଅଗାମୀ ବର୍ଷର ଅର୍ଥାତ୍ ସନ ୧୮୮୮।୮୯ ସାଲର ଆୟ ବ୍ୟୟର ବଜେଟ ଇଷ୍ଟିମେଟ ଗୃହୀତ ହେଲା । ତହିଁର ସଂକ୍ଷେପ ହିସାବ ଏହି ।

ଆୟ

| | | |
|---|---|---|
| ପଥକର ଇତ୍‌ସିଲଖର୍ଚ୍ଚା ବାଦ୍ | ଟ | ୫୦୦୫୧ |
| ଗବର୍ଣ୍ଣମେଣ୍ଟଙ୍କ ସାହାଯ୍ୟ | ଟ | ୩୧୭୭୭ |
| ଘାଟ ଉସୁଲ | ଟ | ୭୩୨୭ |
| କାଞ୍ଜିହାଉସ | ଟ | ୬୯୮୩ |
| ଶିକ୍ଷା | ଟ | ୧୧୫୬ |
| ଡାକବଙ୍ଗଳା | ଟ | ୫୦୦ |
| ଫିସ ଅର୍ଥଦଣ୍ଡ ଇତ୍ୟାଦି | ଟ | ୩୪୦୦ |
| ବାଜେ | ଟ | ୫୦୦ |
| ଗତବର୍ଷର ବଳକା | ଟ | ୨୦୦୦୦ |
| ମୋଟ | ଟ | ୧୨୧୫୯୪ |

ବ୍ୟୟ

| | | |
|---|---|---|
| ଶିକ୍ଷା | ଟ | ୪୨୨୦୬ |
| ନୂତନକର୍ମ | ଟ | ୧୨୦୦୦ |
| ମରାମତି | ଟ | ୩୮୫୯୫ |
| ଇଞ୍ଜିନିୟର ମହକୁମା | ଟ | ୧୦୨୮୪ |
| ଅମଲଗାନ | ଟ | ୧୫୩୭ |
| ସ୍ୱାସ୍ଥ୍ୟସମ୍ବନ୍ଧୀୟ | ଟ | ୧୦୦୦ |
| କାଞ୍ଜିହାଉସ | ଟ | ୪୭୨୭ |
| ଡାକବଙ୍ଗଳା | ଟ | ୬୩୭ |
| ଘାଟ | ଟ | ୪୧୦ |
| ଅନ୍ୟାନ୍ୟ ପ୍ରକାର | ଟ | ୧୭୫୦ |
| ମୋଟ | ଟ | ୧୧୩୧୨୫ |
| ଅନୁମାନିକ ବଳକା | ଟ | ୮୪୬୯ |
| ସର୍ବମୋଟ | ଟ | ୧୨୧୫୯୪ |

ଭଦ୍ରକଠାରୁ ମାର୍ଶାଘାଇ ପର୍ଯ୍ୟନ୍ତ ଗୋଟିଏ ନୂତନ ସଡ଼କ ପ୍ରସ୍ତୁତ ହେବାର ସଭାପତି ପ୍ରସ୍ତାବ କରିବାରୁ ତାହା ସର୍ବସମ୍ମତ ହେଲା ।

ଗୃହକାଳି ସଡ଼କ ଓ ଜଗନ୍ନାଥ ସଡ଼କ ପାର୍ଶ୍ୱସ୍ଥିତ କୂପ ପୁଷ୍କରିଣୀ ଇତ୍ୟାଦି ଜଳାଶୟ-ମାନ ପରିଷ୍କାର କଲେ କେତେ ଖର୍ଚ୍ଚ ହେବ ! ତହିଁର ଇଷ୍ଟିମେଟ କରିବାର ଆଦେଶ ହେଲା ଜଗନ୍ନାଥ ରୋଡ଼ ଫଣ୍ଡ ଅର୍ଥାତ୍ ସଡ଼କ ପାର୍ଶ୍ୱ-ସ୍ଥିତ ଚଟିଜମିର ଖଜଣା ଟଙ୍କା ତହିଁର ଉନ୍ନ-ତିରେ ବ୍ୟୟ ହେବା ସକାଶେ ମେଜିଷ୍ଟର ସାହେବଙ୍କଠାରୁ ଉକ୍ତ ଟଙ୍କା ଦେବାର ସ୍ଥିର ହେଲା । ଏ ଦୁଇ ବିଷୟର ପ୍ରସ୍ତାବକାରୀ ବାବୁ ଜନକଯୋଗୀ ଦାସ ଅଟନ୍ତି ଓ ଏହା ଆମ୍ଭମାନ-ଙ୍କର ମନୋଜ୍ଞ ଅଟଇ ।

ସ୍ଥାନୀୟ ସମିତି ଅର୍ଥାତ୍ ଲୋକଲବୋର୍ଡଙ୍କୁ ସ୍କୁଲ, କାଞ୍ଜିହାଉସ, ଘାଟ ଓ ଗ୍ରାମରାସ୍ତାମାନ ଅର୍ପିତହେଲା ।

ଓଲାଭରରେ ଗୋଟିଏ ଡାକବଙ୍ଗଳା ଟ ୨୦୦୦ କା ବ୍ୟୟରେ ଓ ଏକସ୍ଥାନରେ ଗୋଟିଏ ପୋଲ ଟ ୧୨୦୦୦ କା ବ୍ୟୟରେ ହେବାର ପ୍ରସ୍ତାବ ପାସ ହୋଇଥିଲା ମାତ୍ର

Split by PDF Splitter

Digitized by srujanika@gmail.com

ମେମ୍ବରମାନେ ସ୍ୱୀକୃତ ପୂର୍ବକ ତାହା ଅଗ୍ରାହ୍ୟ କଲେ । ଅନେକ ଆବଶ୍ୟକୀୟ କାର୍ଯ୍ୟ ଥିବା ପ୍ରଯୁକ୍ତେ ମୋଫସଲରେ ଗୋଟାଏ ଡାକବଙ୍ଗଳାରେ ଏତେଟଙ୍କା ବ୍ୟୟ କରିବା ନିତାନ୍ତ ଅନୁଚିତ ହୁଅନ୍ତା ଏ ହେତୁ ବହୁବ୍ୟୟ ଓ ଅଡ଼ମ୍ବରର କର୍ମକୁ ବୋର୍ଡ ଅଗ୍ରାହ୍ୟ କରିବାରୁ ଆମ୍ଭେମାନେ ସନ୍ତୁଷ୍ଟ ହୋଇଅଛୁଁ । ଆଉ କେତେକ ସାମାନ୍ୟ ପ୍ରସ୍ତାବ ହୋଇ ସଭା ଭଙ୍ଗ ହେଲା ।

---

### ବାଲେଶ୍ୱର-ବାରବାଟୀସ୍କୁଲ ।

ଏହି ସ୍କୁଲସମ୍ପର୍କୀୟ ଗୋଳମାଳ ମୀମାଂସା ନିମିତ୍ତ ବାଲେଶ୍ୱରର ମାଜିଷ୍ଟ୍ରେଟ ଟ୍ୟୁଟସାହେବ ମଧ୍ୟସ୍ଥ ହୋଇ ଆପଣା କୋଠିରେ ଏକ ବୈଠକ କରିଥିଲେ ଏବଂ ଭଗବାନବାବୁ ଓ ବୈକୁଣ୍ଠବାବୁଙ୍କ ଛଡ଼ା ଜଏଣ୍ଟଇନସ୍ପେକ୍ଟର ରାଧାନାଥବାବୁ ଏବଂ ସରକାରଓକିଲ ଲ୍ୟାମ୍ବ ଅବଦୁସ ସୋଭାନ ଉପସ୍ଥିତ ଥିଲେ । ଏ ବୈଠକ ସମ୍ପର୍କରେ ବାଲେଶ୍ୱରର ଦୁଇ ସମ୍ବାଦପତ୍ର ଅର୍ଥାତ୍ ଓଡ଼ିଆ ଓ ସମ୍ବାଦବାହିକାରେ ଭିନ୍ନ ଭିନ୍ନ ବିବରଣ ବାହାରିଥିବା ଏବଂ ଟ୍ୟୁଟସାହେବ କେବଳ ମୁହଁକଥାରେ ସାରିଦେଲେ କି ଆପଣାର ମନ୍ତବ୍ୟ ଲେଖିଦେଲେ ତାହା ସ୍ପଷ୍ଟ ଜଣାଯାଉ ନ ଥିବା ଏବଂ କୌଣସି କମିଟି ଲେଖିଥିଲେ ତାହା ପ୍ରକାଶ ହୋଇ ନ ଥିବାରୁ ବାସ୍ତବରେ ସିଦ୍ଧାନ୍ତ କଷ୍ଟ ହେଲା ଆମ୍ଭେମାନେ ନିଶ୍ଚୟ କରି ନ ପାରି ବଡ଼ ସଙ୍କଟରେ ପଡ଼ିଅଛୁଁ । ଓଡ଼ିଆ ଜନ୍ମହେବା ସଙ୍ଗେ ଏ ପ୍ରଦେଶର ସମ୍ବାଦପତ୍ରଲେଖକଙ୍କୁ "ଅସ୍ମାଭିମାନ ଛିଦ୍ରାନୁସନ୍ଧିତ୍ସା ପରଶ୍ରୀକାତରତା ଅକୃତ୍ରିମସ୍ୱାର୍ଥପରତା ପ୍ରଭୃତି କୁପ୍ରବୃତ୍ତି ମାନଙ୍କରେ" ଜଡ଼ିତ ଏବଂ "ସମ୍ବାଦପତ୍ରର ସ୍ୱତ୍ୱ ମୁଣ୍ଡରେ ନେଇ ସ୍ୱରେ' ସ୍ୱାର୍ଥସାଧନ ନିମିତ୍ତ ଅବା ପରଶ୍ରୀ ଦେଖି ଈର୍ଷାରେ ଜଳି ଉଠିଲେ ପରସ୍ପର ଛିଦ୍ର ନେଇ ସାଧାରଣରେ ଏବଂ ଗଭର୍ଣ୍ଣମେଣ୍ଟରେ ପ୍ରକାଶକରି ନିଜର ହୀନତାର ଦୃଷ୍ଟାନ୍ତ ଦେଖାଇ ଉତ୍କଳର ବସ୍ତ୍ର ଖଣ୍ଡ କରିବାର" ଦେଖି ଯୋଗରତ ପଡ଼ାଇ (ଅବଶ୍ୟ ଆପଣା ଶକ୍ତିଅନୁସାରେ) ଯେମନ୍ତ ସେସମସ୍ତ ସମ୍ବାଦ କାରଣ ସ୍ୱର୍ଗରୁ ପ୍ରେରିତ ହୋଇଅଛନ୍ତି ବୋଲି ଦେଖାଉଥିବା ସ୍ଥଳେ ତାହାଙ୍କ କଥା ଉପେକ୍ଷା କରିବାକୁ ସାହସ ହେଉ ନାହିଁ । ଅଥଚ ସେ ଟ୍ୟୁଟସାହେବଙ୍କ କାର୍ଯ୍ୟର ଯେପରି ବ୍ୟାଖ୍ୟା କରିଅଛନ୍ତି ଓ ସେଥିପାଇଁ ତାହାଙ୍କୁ ଯେପରି ପ୍ରଶଂସା କରିଅଛନ୍ତି ତହିଁରେ ନିର୍ଭର କରିବାକୁ କଠିନ ମଣୁଅଛୁଁ କାରଣ ତହିଁରେ ସାହେବଙ୍କର ନିନ୍ଦା ଓ ଓଡ଼ିଆର ଗୃହକାତରତା ଭିନ୍ନ ଆଉ କିଛି ପ୍ରକାଶ ପାଉ ନାହିଁ । ଓଡ଼ିଆର ଲେଖକ ସ୍କୁଲର ବିବରଣକୁ ଓଡ଼ିଆରେ ଲେଖି ତହିଁଉପରେ ଇଂରାଜୀରେ କେବଳ ଧାତ ସାହେବଙ୍କର ପ୍ରଶଂସା ଲେଖିଅଛନ୍ତି । ଏହାକୁ ଗୃହକାତରତା କିମ୍ବା ଆଉ କ'ଣ ବୋଲିଯିବ ? । କଷ୍ଟ ବର୍ଣ୍ଣନାକର ଓଡ଼ିଆରେ ଉକ୍ତ ମତ ଲେଖିଲେ କି ହୁଅନ୍ତା ନାହିଁ ? କେବଳ ସାହେବଙ୍କ ଦୃଷ୍ଟିକି ଆକର୍ଷଣ ନିମିତ୍ତ ସେପରି କୌଶଳ ହୋଇଅଛି ସ୍ପଷ୍ଟ ଜଣାପଡ଼ୁଅଛି । ତଥାଚ କମିଟି ଯଥାର୍ଥରେ ପ୍ରଶଂସନୀୟ ହୋଇଥିଲେ ସେପରି ଲେଖିବା ବରଂ ଆମର ବିଷୟ ହୁଅନ୍ତା ତାହା ଶୁଦ୍ଧାନୁଭବ । ଲେଖକଙ୍କ ମତରେ ସାହେବ କହିଲେ ଯେ କୁମାରଙ୍କ କାର୍ଯ୍ୟ ଅବୈଧ ହୋଇଅଛି ମାତ୍ର ଭଗବାନବାବୁଙ୍କ କାର୍ଯ୍ୟ ତଦପେକ୍ଷା ବହୁଗୁଣରେ ଅବୈଧ । ସାହେବଙ୍କ ମତରେ "କୁମାର ସମ୍ପାଦକ ଓ ଅର୍ଦ୍ଧ ସ୍ୱତ୍ୱାଧିକାରୀ ସତ୍ତ୍ୱେ ତାହାଙ୍କୁ ହେସାବ ନ ଦେବା ଓ ତାହାଙ୍କ ସ୍ୱତ୍ୱ ଲୋପକରିବା ଚେଷ୍ଟା ମିଥ୍ୟାସ୍ୱତ୍ୱାଧିକାରୀ ଉପସ୍ଥାପନ ଅବୈଧକମିଟିଗଠନ କୁମାରଙ୍କ ସମ୍ପାଦକପଦରୁ ବହିଷ୍କରଣ ପ୍ରଭୃତି କାଳକ୍ଷୋଭକ କାର୍ଯ୍ୟମାନ ଶଠତା ଖଳତା ପ୍ରତାରଣ ଏବଂ ଅନଧିକାରିତାରେ ଆପାଦମସ୍ତକ ପରିପୂର୍ଣ୍ଣ" । ଆମ୍ଭେମାନେ ପ୍ରଥମେ କହିଅଛୁଁ ଯେ ଟ୍ୟୁଟ ସାହେବଙ୍କର ପ୍ରକୃତ କମିଟି ଜାଣିବାର ଉପାୟ ନାହିଁ କିମ୍ବା ଉଭୟପକ୍ଷଙ୍କ ବାଦାନୁବାଦର ସଂକ୍ଷେପ ବିବରଣ ଲିଖିତ ହୋଇ ନାହିଁ । କିନ୍ତୁ ଓଡ଼ିଆଙ୍କ ଲେଖାନୁସାରେ ଯେବେ ସାହେବ ପ୍ରକଟିତ କୁମାରଙ୍କୁ ବାରବାଟୀସ୍କୁଲର ଅର୍ଦ୍ଧ-ସ୍ୱତ୍ୱାଧିକାରୀ ଓ ଭଗବାନବାବୁଙ୍କୁ ଅପର ଅର୍ଦ୍ଧ-ସ୍ୱତ୍ୱାଧିକାରୀ ଜାଣିଥିଲେ ତେବେ ଫଳ ଏହି ହେଲା ଯେ ଭଗବାନବାବୁ କୁମାରଙ୍କୁ ତାହାଙ୍କର ଅର୍ଦ୍ଧସ୍ୱତ୍ୱ ବା ସ୍କୁଲର ଉଦ୍ବୃତ୍ତ ଟଙ୍କାର ଅର୍ଦ୍ଧାଂଶ ନ ଦେବାରୁ ସେ ଠେଙ୍ଗା ବାଡ଼ି ଯେତ ବଳ ପ୍ରକାଶକରି ଆପଣା ସ୍ୱତ୍ୱରକ୍ଷା ବା ପୁନଃପ୍ରାପ୍ତ କଲେ ନାହିଁ କେବଳ ନିର୍ଦ୍ଦୋଷୀ ସ୍କୁଲପିଲା ଓ ମାଷ୍ଟରମାନଙ୍କୁ ଅପମାନ ଏବଂ ଗୋଟିଏ ସାଧାରଣଶିକ୍ଷାର ସ୍ଥାନକୁ ନଷ୍ଟକଲେ । ଏ କାର୍ଯ୍ୟ ସାହେବଙ୍କ ବିବେଚନାରେ ସାମାନ୍ୟ ହେଲା କିନ୍ତୁ ଭଗବାନବାବୁ ସ୍କୁଲସ୍ଥାପନର ଚେଷ୍ଟା ଦେଖି ଓ ତାହା ଅନ୍ୟାୟ ମନେ କରି ନିଜବଳରେ ସ୍ୱତ୍ୱ ବ୍ୟାକ-ପୂର୍ବକ ସାଧାରଣକମିଟିପ୍ରତି ସ୍କୁଲର ଭାର ଅର୍ପଣକରିବା ଭାରି ଅନ୍ୟାୟ ହେଲା । ସାହେବ ଯେବେ ପ୍ରକୃତରେ ଏପରି ବିଚାର କରିଥାନ୍ତି ତେବେ ତାହାଙ୍କର ବିଚାରଶକ୍ତି ଅଦ୍ଭୁତ ନାହିଁ ବୋଲିବାକୁ ହେବ ଏବଂ ଯେଉଁ ସମ୍ବାଦପତ୍ର ଏପରି ବିଚାରକୁ ପ୍ରଶଂସା କରନ୍ତି ତାହାର ମତ କେମନ୍ତ ତାହା ସର୍ବସାଧାରଣ ବିବେଚନା କରିବେ । ଓଡ଼ିଆ କୁମାର ବୈକୁଣ୍ଠନାଥଙ୍କ ପକ୍ଷେ ବୋଲି ଯେବେ ଜାଣିବାର କିଛି ବାକି ଥିଲା ତେବେ ଏଥିରେ ପୂର୍ଣ୍ଣ ହେଲା । ଟ୍ୟୁଟସାହେବଙ୍କ ବିଚାର ଅପେକ୍ଷା ସେ ଯେସମସ୍ତ କଟୁବାକ୍ୟ ଭଗବାନ ବାବୁଙ୍କୁ କହିଥିବାର କଥିତ ହୋଇଅଛି ତାହାସବୁ ସେ କହିଥିଲେ (ବାହୁତା ବୋଲନ୍ତି ଯେ ଏପରି କଥା ସାହେବ କହିଥିବାର ସେ ଶୁଣି ନାହାନ୍ତି) ତାହାଙ୍କଠାରେ ଆମ୍ଭମାନଙ୍କର ଅନ୍ତର ଭକ୍ତି ଊଣା ହେଉଅଛି । ଉଭୟ ସ୍ୱତ୍ୱାଧିକାରୀଙ୍କ ବିବାଦ ମୀମାଂସା ହେବାର ପ୍ରକୃତସ୍ଥଳ ଅଦାଲତ ଅଟେ ସାହେବ ଜଲଜେଲରେ ତାହା ଲଗାଇଦେବାକୁ ବସିଥିଲେ ଯେବେ ପକ୍ଷମାନେ ତହିଁରେ ସମ୍ମତ ନ ହେଲେ ତେବେ ଉଚିତ ଅଦାଲତକୁ ଯିବାପାଇଁ କହିଥାନ୍ତେ । ତାହା ନ କରି ଯାହାଙ୍କ ପକ୍ଷରୁ ପ୍ରଥମେ ବଳ ପ୍ରକାଶ ହେଲା ତାହାଙ୍କୁ ଟେକିଧରି ସମାନ ରୂପ ସମ୍ଭ୍ରାନ୍ତ ଅପରପକ୍ଷର ସ୍ୱତ୍ୱ ବିଚାର କରିବାପୂର୍ବ ତାହାଙ୍କୁ ଇତରଲୋକପ୍ରାୟ ଗାଳିଦେବା ନିତାନ୍ତ ଅନ୍ୟାୟ ଓ ସାହେବ ତାହା କରିଥିଲେ ବୋଲିବାକୁ ହେବ ଯେ ସେ ପଦ ରକ୍ଷିବା ସଙ୍ଗେ ଆପଣା ଉଚ୍ଚପଦର ଗୌରବପ୍ରତି ଦୃଷ୍ଟି ରଖନ୍ତି ନାହିଁ ଓ ଏପରି ହାକିମଙ୍କ ଅଧୀନରେ ରହିବା ନିରାପଦ ନୁହଇ । ସ୍କୁଲସମ୍ବନ୍ଧରେ ସାହେବ ଯେଉଁ ପ୍ରସ୍ତାବମାନ କରିଥିଲେ ଭଗବାନ ବାବୁ ତହିଁରେ ସମ୍ମତ ଥିବାର ଉତ୍ତର ଦେଇ ନ ଥିବାରୁ ସେଥିର ଉଲ୍ଲେଖ ବର୍ତ୍ତମାନ ଅନାବଶ୍ୟକ । ଆମ୍ଭେମାନେ ଆଶା କରୁଁ ଯେ ଉଭୟପକ୍ଷ ଆପଣା ଆପଣା କଳହ ସୁଝାଇବାର ଚେଷ୍ଟା କରିବେ ।

---

## ସାପ୍ତାହିକ ସଂବାଦ ।

ବାଲେଶ୍ୱରର ପୋଲିସ [illegible] ଶ୍ରୀଯୁକ୍ତ [illegible] ସାହେବ ସେଠାରୁ ଯାତ୍ରା କରିବେ ଏବଂ ଆଗାମି [illegible] ଅଲଗ ହୋଇ [illegible] ଯିବ ।

ଏବର୍ଷ ଶୀତ ବଡ଼ [illegible] ଅର୍ଥାତ୍ ଏହି ସପ୍ତାହରେ ଏଠାରେ ଦେଖା ଦେଲା । [illegible] ହୋଇଅଛି ।

Split by PDF Splitter

Digitized by srujanika@gmail.com

Split by PDF Splitter



ଗତ ସୋମବାର ଏଠା ଉତ୍କଳସଭାର ଅଧିବେଶନ ହୋଇଥିଲା । ତହିଁରେ ଅନ୍ୟାନ୍ୟ ବିଷୟମଧ୍ୟରେ ମାନ୍ଦ୍ରାଜଜାତୀୟ ସମିତିକୁ ଏ ସଭାର ସହକାରିସଭାପତି ଓ ସମ୍ପାଦକଙ୍କୁ ପ୍ରତିନିଧିସ୍ୱରୂପ ପଠାଇବାର ପ୍ରସ୍ତାବ ହୋଇଅଛି ।

ଆଗାମି ମୁକ୍ତାରିପରୀକ୍ଷା ନିମିତ୍ତ ଏଥର ୬ ୩୧ ଣ ପ୍ରାର୍ଥୀ ହୋଇଅଛନ୍ତି ।

ଗତମାସ ତା ୧୬ ରିଖଠାରୁ ଏ ନଗରରେ ଇଂରାଜୀଟୀକାଦେବା କାର୍ଯ୍ୟ ଆରମ୍ଭ ହୋଇ ଥିଲାରୁ ହାର ନଗରବାସିମାନଙ୍କୁ ଜଣାଇ ଦିଆ ଯାଇଅଛି । ପ୍ରତ୍ୟେକ ଫାଣ୍ଡିରେ ତତ୍ତ୍ୱ କଲେ ଟୀକାଦିଆଙ୍କର,ଭେଟ ମିଳିବ ।

ଓଡ଼ିଶାର ଶାସନସମ୍ପର୍କୀୟ ଗତବର୍ଷର ସାଧାରଣବିଜ୍ଞାପନ ଉପରେ ମାନ୍ୟବର ଲେଟଲାଟଙ୍କ ମନ୍ତବ୍ୟ ସଂପ୍ରତି କଲିକତାଗେଜେଟରେ ବାହାରିଅଛି । ଅମ୍ଭେମାନେ ଏହାର ସାରାଂଶ ଆଗାମୀରେ ପ୍ରକାଶ କରିବୁଁ ।

## କଲିକତା-ଗେଜେଟ ।

ପୁରୀରେ ମିଉନିସିପାଲକମିଶନରମାନଙ୍କ ନିର୍ବାଚନ ଆଗାମି ଫିବ୍ରୁଆରି ମାସ ତା ୭ ରିଖରେ ହେବା ନିର୍ଦ୍ଧାରିତ ହୋଇଅଛି ।

ରେଭେନ୍ସା କଲେଜର ଅଧ୍ୟାପକ ବାବୁ ଉପେନ୍ଦ୍ରନାଥ ମିତ୍ର ଆଗାମିଜୁନମାସ ତା ୩୦ ରିଖ ପର୍ଯ୍ୟନ୍ତ ଛୁଟୀ ପ୍ରାପ୍ତ ହୋଇଛନ୍ତି ।

---

ଓଡ଼ିଶାରେ ପାଠକଙ୍କ ର ଅନେକଙ୍କାରେ ଏକପ୍ରକାର ନୂଆ କଳ ବାହାରିଅଛି ଯେ ତନ୍ଦ୍ରାର ଖଣ୍ଡକୁ ଏକ ପିଠିଉପରେ ପ୍ରଭୃତି ସ୍ଥାନରେ ବାହାର କରିଦେଲେ କଳସମ୍ବାଦ ଅଳ୍ପ ହେଉଅଛି । କ୍ୟାମ୍ପ ବର୍ଦ୍ଧମାନ ଇତ୍ୟାଦି ଯେଉଁପ୍ରକାର ଅଳ୍ପ ବାହାରିଅଛି ସବୁଠାରୁ ଏହା ଉତ୍କୃଷ୍ଟ ଅଟଇ ମାତ୍ର ଏଥିର ଖର୍ଚ୍ଚାକେତେ ଜଣାଯାଇ ନାହିଁ ।

ଜୁଲୁରାଜ୍ୟର କୌଣସି ନିଶ୍ଚିତ ସମ୍ବାଦ ଆସି ନାହିଁ । କଥିତ ହୁଏ ଅଣ୍ଡାରୁବୋ ଇକୋବେଠାରେ ହେବଲକ ସାହେବଙ୍କ ସଙ୍ଗେ ସାକ୍ଷାତ କରି ଅସନ୍ତୋଷଙ୍କ ସହିତ ତାଙ୍କର କୌଣସି ସମ୍ପର୍କ ନାହିଁବାର ବ୍ୟକ୍ତ କଲେ । ସେ ସମୟରେ ଦିନିଜୁଲୁ ନ ଥିଲେ । ଦିନିଜୁଲୁଙ୍କ ଲୋକଙ୍କ ସହିତରେ ଇଂରାଜଙ୍କର ଯୁଦ୍ଧ ହୋଇ ତହିଁରେ ଇଂରାଜଙ୍କ ପକ୍ଷରୁ ୩ ଜଣ ସିପାହୀ ମରି ପଡିଥିବାର ପ୍ରଥମେ ସମ୍ବାଦ ଆସିଥିଲା । ମାତ୍ର ତହିଁ ପଛେ ଜଣାଗଲା ଯେ ଏପର୍ଯ୍ୟନ୍ତ ଜୁଲୁରାଜ୍ୟରେ କୌଣସି ପ୍ରକାର ଯୁଦ୍ଧ ହୋଇ ନାହିଁ । ନିଶ୍ଚିତ ସମ୍ବାଦ ଶୀଘ୍ର ଜଣା ପଡିବ ।

ଗତମାସ ତା ୪ ରିଖ ସନ୍ଧ୍ୟାରେ ଅଲହାବାଦର ବାଇବ ମିଶ୍ରି ଏବଂ ସାଧାରଣବିଦ୍ୟାଳୟ ମେକେଞ୍ଜିଙ୍କ କଚେରିଘର ଅଗ୍ନିଦ୍ୱାରା ଭସ୍ମୀଭୂତ ହୋଇଯାଇଥିବାର ସମ୍ବାଦ ମିଳଇ । ଅନେକ କାଗଜପତ୍ର ଏଥିରେ ନଷ୍ଟ ହୋଇଅଛି ।

ଆଗାମୀ ଡିସେମ୍ବରମାସ ତା ୧ ରିଖଠାରୁ ନେପଲସଠାରୁ ବୋମ୍ବାଇକୁ ପନରଦିନକୁ ପନରଦିନ ଗୋଟିଏ ଏକ ଜାହାଜଗଡାସ୍ଥାର କାରଖାନା ଖୋଲିବାର ବିଜ୍ଞାପନ ବାହାରିଅଛି । ଅଟେ ଯେପରି ବୁଝି ବାକେ ଜାହାଜ ଗଡାସ୍ଥିତ କରୁଥିବ ତହିଁ ସଙ୍ଗେ ଏଥିର କୌଣସି ସମ୍ପର୍କ ନାହିଁ ଏବଂ ଏତେଜନଠାରେ ଅନ୍ୟାନ୍ୟ ବାଟର ଜାହାଜ ସଙ୍ଗେ ସାକ୍ଷାତ ହୋଇ ମାଲ ଏବଂ ଲୋକ ବୋଝାଇ ବା ଖଲାସ ହେବାର ସୁବିଧା ହୋଇଅଛି ।

ପାଟନାଜଜ୍ଞାରୁ ବାରିଷ୍ଟର ଏ ଚୌଧୁରୀ ସାହେବ ଏଥରର ଜାତୀୟସମିତିରେ ଉପସ୍ଥିତ ହେବା କାରଣ ମାନ୍ଦ୍ରାଜକୁ ଯିବା-ନିମିତ୍ତ ସେଠା ସାଧାରଣ ସଭାରୁ ମନୋନୀତ ହୋଇଅଛନ୍ତି ।

ଉତାଲୟଠାରୁ ଆଉ ଦୁଇସହସ୍ର ସେନା ମେସାବାଠାକୁ ପ୍ରେରିତ ହୋଇଥିବାର ସମ୍ବାଦ ମିଳଇ ।

କର୍ମସ୍ଥଳ ଶ୍ରମଜୀବମାନଙ୍କର ଆନ୍ଦୋଳନ ବନ୍ଦରେ ଏବଧି ଶେଷ ପାଇ ନାହିଁ । ସେମାନଙ୍କର ସଭା ଅନ୍ୟାୟ ବୋଲି କର୍ତ୍ତୃପକ୍ଷରୁ ନିୟମ ବାହାର ହେଉ ଏବଂ ସେମାନଙ୍କର ନେତା ଥଲମାନ ସାହେବ ପୁଲିସକର୍ତ୍ତୃକ ଧୃତ ହୋଇଅଛନ୍ତି ।

ଆୟର୍ଲଣ୍ଡର ଓବ୍ରାଏନ ସାହେବ ଜେଲଖାନାରେ କଏଦୀପୋଷାକ ପିନ୍ଧିବାକୁ ନାସ୍ତି କରିଅଛନ୍ତି ଏବଂ ଡାକ୍ତରସାହେବ ସାର୍ଟିଫିକେଟ ଦେଇଅଛନ୍ତି ଯେ ତାହାଙ୍କୁ ବଳପୂର୍ବକ ପୋଷାକ ପିନ୍ଧାଇଲେ ତାଙ୍କ ସ୍ୱାସ୍ଥ୍ୟପକ୍ଷେ ଗୁରୁତର କ୍ଷତି ହେବ । ସେଠା ଜଜସାହେବଙ୍କୁ ଫୌଜଦାରୀ ଅଦାଲତରେ ହାଜର ହେବା କାରଣ ସମନ ଜାରି ହୋଇଥିଲା ମାତ୍ର ସେ ହାଜର ନ ହେବାରୁ ୱାରେଣ୍ଟ ଜାରି ହୋଇଅଛି ।

ଲାହୋରଠାରୁ ଆସିଥିବା ଗତମାସ ତା ୧୦ ରିଖର ସମ୍ବାଦରୁ ପ୍ରକାଶ ଯେ ଅଫଗାନିସ୍ଥାନରେ ମୋଗଲଜାତୀୟ ବିଦ୍ରୋହିଙ୍କ ସଂଖ୍ୟା ୨୨୦୦୦ ସରିକି ହୋଇଅଛି । ଏ ସମ୍ବାଦଟି ବଡ଼ ଭୟାନକ ଅଟଇ ।

## କେନ୍ଦ୍ରାପଡ଼ା ସମ୍ବାଦ ।

ଅତ୍ର କେନ୍ଦ୍ରାପଡ଼ା ଅଞ୍ଚଳରେ ପ୍ରଚୁରରୂପେ ବୃଷ୍ଟି ହୋଇଥିବାରୁ ଶସ୍ୟାଦି ଉତ୍ତମରୂପେ ହେବାର ସମ୍ଭାବନା ଥାଇବ ଧାନ ୧୦ ଗୌଣି ହୋଇଥିଲା ବର୍ଷାହେତୁ କୌଣସି୨ ସ୍ଥଳେ ୧୨ ଗୌଣି ହୋଇଅଛି

ପୂର୍ବେ ଯେଉଁ କପଟସନ୍ନ୍ୟାସିଙ୍କ ବିବରଣ ଲେଖିଥିଲୁଁ ତାକୁ ଗତ ଶନିବାର ଏଠାକାର ସୁଯୋଗ୍ୟ ଡେପୋଟୀମେଜିଷ୍ଟର ୧୮ ମାସ କାରାଦଣ୍ଡର ଆଜ୍ଞା ପ୍ରଦାନ କରିଅଛନ୍ତି

ପୁଣି ବଜାରରେ ସ୍ଥାନେ୨ ଶ୍ଲେଷ୍ମ ଦେଖାଯାଏ ପୁଲିସ ସେପ୍ରତି ଦୃଷ୍ଟି ଦେଇ ଜାହାନ୍ତି ଟାଉନପୁଲିସ କେବଳ ମଳ ମୂତ୍ରତ୍ୟାଗି ଦୋଷିମାନଙ୍କପ୍ରତି ବିଶେଷ ଦୃଷ୍ଟି ରଖିଅଛନ୍ତି ।

ଏ ଅଞ୍ଚଳରେ ଜଣେ ବିଦେଶୀୟ ମହାଜନଦ୍ୱାରା ଗୋଦାମ ଆରମ୍ଭ ହୋଇଅଛି ବୋଧହୁଏ ଧାନର ଦର ଯେ ପରିମାଣରେ ଥିଲା ତାହା ରହିପାରିବ ନାହିଁ ବର୍ତ୍ତମାନ ମୋଟଗୁଡାର ଦର ୧୭ ସେର ହୋଇଅଛି ।

## ଉଣାବିଷ୍ଟା ସମ୍ବାଦ ।

ଏହିସ୍ଥାନ ସନ୍ନିକଟ "ଧନୁଆ" ନଦୀଗର୍ଭରେ ଗୋଟିଏ ଗାଈ ସହିତ ଗୋଟିଏ ମେଣ୍ଢାର ସଙ୍ଗ ଦେଖି ଜଣେ ରକ୍ଷକ ପିଲା ଗୋଷ୍ଠଦେବତେ ଟେକା ପିଙ୍ଗିବାରୁ ମେଣ୍ଢା ସଙ୍କୁଚିତ ହୋଇ ଶୃଙ୍ଗଦ୍ୱାରା ବାଳକର ଜାନୁଦେଶରେ ଏପରି ଆଘାତ କରିଅଛି ଯେ ପ୍ରାୟ ୪ ଅଙ୍ଗୁଳ ଭେଦ ଯାଇଅଛି । କି ଆଶ୍ଚର୍ଯ୍ୟ ।

ଏଠାରେ ଜଣେ ଲୋକ କେତେକଖଣ୍ଡ ଆଖୁଗୁଡ଼ ନିଜଘର ଅପଣାଗୃହରେ ଅତିଯତ୍ନରେ ରଖିଥିଲା । ୪ ମାସ ପରେ ଉକ୍ତ ଗୁଡ଼ସବୁ ଦେଖନ୍ତେ କଣ୍ଡି ଏ ଗୁଡ଼ର ଉପରଭାଗରେ କୀଟ ଜନ୍ମିଅଛନ୍ତି । ଏହାକୁ କେତେ ଲୋକ" ଅମଙ୍ଗଳସୂଚକ" ବୋଲି କହନ୍ତି । ମାତ୍ର ଏପରି ବିଶ୍ୱାସ କରିବା ମୂର୍ଖତା ଅଟଇ ।

ଏ ଅଞ୍ଚଳରେ ଏକ ପ୍ରକାର ନୂତନ ଜ୍ୱରରୋଗର ପ୍ରାଦୁର୍ଭାବ ଦେଖା ଯାଉଅଛି । ଏ ରୋଗ ଯାହା ଅଙ୍ଗରେ ଉପସ୍ଥିତ ହୁଏ ତାହାର ପ୍ରାୟ ସର୍ବାଙ୍ଗ ବରଦ ହୋଇ ୨।୩ ଦିନ ମଧ୍ୟରେ ପ୍ରାଣ ନଷ୍ଟ ହେଉଅଛି । କେମନ୍ତ ଏହାର ରୋଗ ।

ଏ ସ୍ଥାନର ଅନତିଦୂରରେ ବନମାଳୀପୁରଠାରେ ଜଣେ ବଣିଅକୁ କେହି ବ୍ୟକ୍ତି ପ୍ରାଣରେ ମାରି ଗୋଟିଏ ପୋଖରୀରେ ପିଙ୍ଗିଦେଇ ଯାଇଥିଲା । ଏ ବିଷୟରେ ବର୍ତ୍ତମାନ ପୁଲିସ ତଦାରଖ ଲାଗିଅଛି । ଫଳ ଜଣା ପଡ଼ିନାହିଁ । ଓହୋ !! ସରକାର ଏତେ କାଇଦା କଲଠେଇଁ ସୁଦ୍ଧା ଲୋକମାନେ ଚେତ ପାଉ ନାହାନ୍ତି ।

ସମ୍ପ୍ରତି ମାନ ଦିନ ଏ ସ୍ଥାନରେ ଉତ୍ତମ ବୃଷ୍ଟି ହୋଇଅଛି, ମାତ୍ର ପୂର୍ବରୁ ଖରା ପ୍ରଖରରେ ଧାନ ଫସଲ ପ୍ରାୟ ଦଶ-ପଣରେ ଲୋକସାନ ହୋଇ ଯାଇ ଥିବାରୁ ଏ ବୃଷ୍ଟି କୌଣସି ଫସଲ ପ୍ରତି ପୁଷ୍ଟିକାରକ ହେଲା ନାହିଁ ।

ଏ ବର୍ଷ ଏ ସ୍ଥାନରେ ରାମଯାତ୍ରା ଛଡ଼ା ନାଚ ମହୋତ୍ସବାଦିକ ଦେଖା ଗଲା ନାହିଁ । ପ୍ରତିବର୍ଷ ଏଠାରେ ଅନେକ ନୃତ୍ୟାଦି ଓ ବାଣ ବର୍ଷଣ ହୁଏ, ଏ ବର୍ଷ କେବଳ ପଞ୍ଚାୟେ କୃଷ୍ଣଲୀଳା-ବାଲା ତାମସା କରିଥିଲେ । ବୋଧହୁଏ ଲୋକମାନଙ୍କ ଅଲକଷ୍ଟ ବାଧି ଥିବାରୁ ଏପରି ଘଟିଅଛି ।

୨।୪ ଦିନ ହେବ ଓଲଉଠା ବେମାରି ଏ ସ୍ଥାନରେ ପୁନର୍ବାର ଦେଖା ଦେଇଅଛି ।

---

## ପତ୍ରପ୍ରେରକଙ୍କପ୍ରତି ।

ଭ୍ରମରବର ପଟ୍ଟନାୟକ—ଅତ୍ୟାଚାରର କୌଣସି ଉଦାହରଣ ନ ଦେଖାଇ ସାଧାରଣରୂପେ ଜମିଦାରର ନିନ୍ଦା କରିଥିବାରୁ ପ୍ରକାଶିତ ନ ହେଲା ।

ଅଗିଷ୍ଟାଗୃଷ୍ଟ ବିରୋଧୀ ଜଣେ ଖ୍ରୀଷ୍ଟୀୟାନ—'ବିକ୍ରଲ୍ଖ' ସ୍ୱାକ୍ଷରିତ ପ୍ରେରିତପତ୍ରର ପ୍ରତିବାଦକରି ଲେଖିଅଛନ୍ତି ଯେ ଖ୍ରୀଷ୍ଟିୟାନପ୍ରଚାରକମାନେ ଅଶ୍ଳୀଳ ବା କଟୁବାକ୍ୟ କାହାରିକି କହି ନାହାନ୍ତି କିନ୍ତୁ ବିଲଲୋକଭଳି ହିନ୍ଦୁମାନେ ଗାଳିଗୁଲଜ ପ୍ରଦାନ ଓ କଟୁବାକ୍ୟ ଦ୍ୱାରା ଖ୍ରୀଷ୍ଟୀୟାନମାନଙ୍କୁ ବିରକ୍ତ କରଥିଲେ । ଉଭୟ ଜଣଙ୍କ ମଧ୍ୟରେ କୌଣସି ଏକପକ୍ଷର ଦୋଷ ଠିକ କରିବା ସହଜ ନୁହଇ । କିନ୍ତୁ ଯେତେବେଳେ ହିନ୍ଦୁଙ୍କର ସାଧାରଣ ଉତ୍ସବସ୍ଥଳରେ ଖ୍ରୀଷ୍ଟୀୟାନମାନେ ବଳେ ଯାଇ ଉତ୍ସବ ବିରୁଦ୍ଧ ଉପଦେଶ ଦେବାକୁ ଯାଇଥିଲେ ସେସ୍ଥଳେ ଶାନ୍ତିଭଙ୍ଗ ହେବାର କଥା । ହିନ୍ଦୁମାନେ ଉଦାର ଓ ସହିଷ୍ଣୁ ବୋଲି ବିଶେଷ କିଛି ଘଟୁ ନାହିଁ । ମୁସଲମାନମାନେ ଏହିପରି ଅବସ୍ଥାରେ କେତେଥର ଯାଉଥିଲେ । ଯାହା ହେଉ ପତ୍ରଖଣ୍ଡିକ ଶିଷ୍ଟାଚାରଭାଷାରେ ରଚିତ ହୋଇ ନ ଥିବାରୁ ପ୍ରକାଶିତ ହେଲା ନାହିଁ ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

। ପ୍ର । ସାଇଲେ । ମୌ । ଖଙ୍ଗୁଆ ଗ୍ରାମର ପ୍ରଧାନ ଜମିଦାର ଶ୍ରୀଯୁକ୍ତ ବାବୁ ବାନାବର-ମହାନ୍ତିଙ୍କର ଉଣାବିଷ୍ଟା ନିକଟବର୍ତ୍ତୀ ପକ୍ଷାଲେ-ଗ୍ରାମରେ ଖଣ୍ଡିଏ ଜମିଦାରୀ ଅଛି, ଉକ୍ତ ଜମି-

Digitized by srujanika@gmail.com

Split by PDF Splitter



ଦାସ ବୁଝିବା ସକାଶେ କାନାବର ବାବୁ "ଭଗବାନଦାସ" ନାମକ ଯେଉଁ ଗୁମାସ୍ତା-ଙ୍କଠାରୁ ନିଯୁକ୍ତ କରିଅଛନ୍ତି ସେ ଖଜଣା ଉଶୁଲ କରିବାକୁ ବର୍ତ୍ତମାନ ଏବର୍ଷ ବର୍ଷାଭାବରୁ ପ୍ରଜାମାନଙ୍କୁ ସନସନ୍ତା ଦଶା ପଡ଼ିଅଛି । ପୂର୍ବରୁ ଖାଇବା ନିମନ୍ତେ ଲୋକଙ୍କଠାରୁ କରଜ କରି ଉଦରପୋଷଣ କରୁଥିଲେ ବର୍ତ୍ତମାନ ଧାନଫସଲ ହାଇରେ ପଡ଼ିବାକୁ ନାହିଁ, । ଯେ-କଛି ପାଣ୍ଠିଥିଲା ଅଠପଣ ଖଜଣା ଦାଖଲ କଲେ । ମାତ୍ର ବଳରାମଙ୍କୁ କଛି ନ ମିଳିବାରୁ କ୍ରୋଧରେ ଗୃହିମାନଙ୍କ ଥାଳବଲ ଅଟକ କରି ଦେଇଅଛନ୍ତି । ଏଣୁକରି ଗୃହିମାନେ ହାହାକାର ଧ୍ୱନି କରୁଅଛନ୍ତି, ମାତ୍ର ପ୍ରଜାମାନଙ୍କର ତାଦୃଶ ଶକ୍ତି ନାହିଁ ଯେ ସରକାରରେ ଗୁହାରି କରିବେ ତହିଁକି "କେଡ଼ିକିପରେ ହୋଇତା" ଏବେ ଅନ୍ନକଷ୍ଟ ତହିଁରେ ପୁଣି ବଳରାମଙ୍କର ନିର୍ଦ୍ଦୟ ଭାବ ( କଣ କରିବେ ) ପ୍ରଜାମାନେ ନିଜେ ଗୃହରେ ବସି ରୋଦନ କରୁଅଛନ୍ତି । ଏଣୁକରି କାନାବରବାବୁଙ୍କୁ ପ୍ରାର୍ଥନା ଯେ ଗୁମାସ୍ତାର ଏପରିକାର୍ଯ୍ୟ ଉଚିତ ହୋଇଅଛି କି ନା ସ୍ୱୟଂ ବିଚାର କରନ୍ତୁ ।

ଶ୍ରୀ

ଚଣ୍ଡୀହସ୍ତା

---

ଅନୁଗୋଳ—ଦୁର୍ଭିକ୍ଷ ।

ମହାଶୟ !

ଏଠାକାର ଯେପ୍ରକାର. ଦାରୁଣ ଅନ୍ନକଷ୍ଟ ଉପସ୍ଥିତ ହୋଇ ଶୋଚନୀୟ ଅବସ୍ଥା ଉପସ୍ଥିତ ହୋଇଅଛି, ତାହା ଶୁଣିଲେ ହୃଦୟ ବିଦୀର୍ଣ୍ଣ ହୁଏ । ପ୍ରତ୍ୟେକବର୍ଷରୁ ପ୍ରତ୍ୟହ ଜଳଦ ଓ ଦେଶୀୟ ମାନଙ୍କ ବସନ୍ତରୋଗମୁଖରେ ପତିତ ହେଉଥିବାରୁ ସେମାନେ ଯେଉଁ କ୍ରନ୍ଦନରୋଳ ଉଠୁଅଛି ତାହା ଶୁଣି କିଏ ଅଶ୍ରୁ ସମ୍ବରଣ କରିବ ? ବର୍ତ୍ତମାନର ଉପସ୍ଥିତ ଦୁରବସ୍ଥା ଦେଖି ଓ ଭବିଷ୍ୟତର ଦୁଃସମୟ ଜାଣି ( କଟକ ଓ ପୋରୁଅ ) ବହୁତ ଲୋକେ ହତାଶ ହୋଇ ହାହାକାର କରୁଅଛନ୍ତି । ଧାନ ଫସଲର ଅଟେଶୀ ଉପରେ ଜଣି ହେଉ ନାହିଁ, ନିକଟବର୍ତ୍ତି ଗଡ଼ଜାତମାନଙ୍କରୁ ଅମଦାନୀ ବନ୍ଦ ହୋଇଅଛି ସେବେ ବୌଦ୍ଧଶିପିଠାରେ ଧାନ ରପ୍ତାନି ବନ୍ଦ ହେବାର ଶୁଣା ଯାଉଅଛି; ସେଠାରୁ ନିମ୍ନ-ଶ୍ରେଣୀଲୋକ ଦୁଭିକ୍ଷ ହୋଇଯାଉଥିବାରୁ ଲୋକେ କୁଣ୍ଠ ହେଉଅଛନ୍ତି । କେହି ବା ଅତଳକଦରରେ ଏମନ୍ତ କି ଅଠ ଦଶଟାର ଭିକ୍ଷାରେ ଯାହା ପାଉଛନ୍ତି ଖାଉଅଛନ୍ତି । କେହି ବା କିଛି ନ ପାଇ ଦଶାଶ ହୋଇ ଫେରି ଆସି ଉଠସଙ୍ଗି ସହଂକରି ନ ପାରି କ୍ରନ୍ଦନ କରୁଅଛନ୍ତି । ଖାଇ-ବାକୁ ନ ପାଇଂ ପରେ ପିଲାବାଳକମାନଙ୍କର ଯେଉଁ କ୍ରନ୍ଦନଧ୍ୱନି ଉଠୁଅଛି, ତାହା ଶୁଣି କେଉଁ ହୃଦୟବାନ୍ ବ୍ୟକ୍ତି ଧୈର୍ଯ୍ୟାବଲମ୍ବନ କରି-ପାରେ ? ମଧ୍ୟମଶ୍ରେଣୀ ଲୋକଙ୍କର ଅବସ୍ଥା ପ୍ରାୟ ଏହିପରି, କିନ୍ତୁ ନିମ୍ନଶ୍ରେଣୀ ଦୁଃଖିଲୋକଙ୍କର ଯେ କିପରି ଶୋଚନୀୟ ଅବସ୍ଥା ଉପସ୍ଥିତ ହୋଇଅଛି ତାହା ହୃଦୟବାନ୍ ବ୍ୟକ୍ତି ମାତ୍ର ବୁଝିପାରିବେ । ସେମାନେ ଅରକ୍ଷିତ ଜଙ୍ଗଲର କନ୍ଦଫଳ-ମୂଳାଦି ସେବନ କରୁଅଛନ୍ତି । ଏଣିକି ରକ୍ଷିତ ଜଙ୍ଗଲ-ମଧ୍ୟରୁ ଉକ୍ତ ପଦାର୍ଥମାନ ଆଣିବାର ଅଭିଶବ୍ଦର ଅନୁମତି ଦେବାର ଉଚିତ । ନୀଚଜାତୀୟ ପାଣ ହାଡ଼ୀମାନେ ବସନ୍ତରୋଗରେ ନଷ୍ଟ ହେଉଥିବା ଶବମାନ ଭକ୍ଷଣ କରି କାଳଯାପନ କରୁଅଛନ୍ତି ।

ଏ ବର୍ଷ ବୃଷ୍ଟିପତନ ଏତେ କମ ହୋଇଅଛି ଯେ ନଦୀ ପୁଷ୍କରିଣୀ ପ୍ରଭୃତିରେ ଅଳ୍ପଠାରୁ ଜଳ ଶୁଷ୍କ ହୋଇଗଲାଣି, ଏମନ୍ତ କି ଏଠା ଗଡ଼ମୁକାମସ୍ଥ ବହୁବ୍ୟୟଗଠିତ ଦେଉଳବନ୍ଧ-ପୁଷ୍କରିଣୀର ଜଳ ଏତେଦୂର ଶୁଷ୍କ ହୋଇ ଆସି-ଅଛି ଯେ ମା ୬।୭ ସପରେ ତହିଁରେ ମଧ୍ୟ ଜଳ ନ ଥିବ । ଅନ୍ୟାନ୍ୟ ନିର୍ଝର ଓ ଜଳାଶୟର କଥା ନାହିଁ । ଇତ୍ୟାଦି ଦେଖି ଲୋକେ ମାଦ୍ରାଜ-ଦୁର୍ଭିକ୍ଷ ସ୍ମରଣ କରୁଅଛନ୍ତି । ଏଠାରେ ଧାନଫ-ସଲର ଅବସ୍ଥା ପୂର୍ବେ ଯେପରି ବର୍ଣ୍ଣିତ ହୋଇ-ଥିଲା, ତାହାଠାରୁ କଛି ଉନ୍ନତିର କରି ନାହିଁ । ବରଂଚ ସ୍ଥାନେ ଯାହା ଥିଲା ନଷ୍ଟ ହୋଇ-ଅଛି । ରବିଫସଲର ଅବସ୍ଥା ମଧ୍ୟ ତଦ୍ରୂପ । ଗତ ସପ୍ତାହରେ ଦୁଇ ତିନଦିନ ଅକାଳ ମେଘ ସଞ୍ଚାର ହୋଇ ଦୁଇ ଏକ ଥର ସାମାନ୍ୟ ବୃଷ୍ଟି ହୋଇ ଯାଇଅଛି ଯେ ତଦ୍ୱାରା ଉପରୋକ୍ତ ଫସଲସବୁର କିଛି ଉପକାର ହୋଇ ନାହିଁ । କେବଳ ହୋଇଥିବା ଜଡ଼ା ସୋରିଷ ଓ ଅଳ୍ପ-ଫସଲ କିଛି ହେବାର ଆଶା କରାଯାଏ । ସ୍ଥାନୀୟ ଲକ୍ଷ୍ମୀନିବାର ବାବୁ ଲୋକସାନୀ ଉଦାରଣ ଭଲ ଦେଖିଲେ କେତେକଣ ଅମଲଙ୍କୁ ମଫ-ସଲ ପଠାଇଥିଲେ ଓ ପୁଲିସଇନସ୍ପେକ୍ଟର ବାବୁ ମଧ୍ୟ ହେଡ଼କନଷ୍ଟବଲ ପ୍ରଭୃତି-ଙ୍କ ଦ୍ୱାରା ତଦନ୍ତ କରାଇଅଛନ୍ତି । ଉପରବିଶି, ଜନଦେଶ, ଜବଗ୍ର, ଟାଙ୍ଗିସି, ଶଙ୍ଖିବେଢ଼ ଓ ପୁରୁଣାଗଡ଼ ଓ ଖମ୍ବା ଜଗତୀ ଭଲମାନଙ୍କର ଅବସ୍ଥା ତଦନ୍ତ ହୋଇଅଛି । କିନ୍ତୁ ଉପରୁକ୍ତ ଉଭୟ ଓ ପାଣ୍ଡଗଡ଼ ଜଲମାନଙ୍କରେ ସର୍ବାଂଶ ଅଶାପ୍ରଦ ଫସଲ ହେବାର ସମ୍ଭାବନା ନ ଥିବା ଓ ଦ୍ୱିତୀୟବର୍ଷମାନଙ୍କର ଅନ୍ନକଷ୍ଟ ହୋଇଥିବେ କେବେ ପ୍ରଜାଙ୍କର ଅବସ୍ଥା ଓ ଲୋକସାନ ତଦନ୍ତ ହୋଇ ନାହିଁ । ଉପରୋକ୍ତ ପୁଲିସ ତଦାରଖରେ ପ୍ରଜାମାନେ ସନ୍ତୁଷ୍ଟ ଥିବାର ଜଣାଯାଏ ନାହିଁ । ଏଥିରେ ପୁଣି ଦୁଃଖର ସହିତ ଅବଗତ ହେଲୁ ଯେ ଲୋକସାନୀ ଯେବେ ତହସିଲଦାର ଓ ଇନ୍‌ସ୍ପେକ୍ଟର ବାବୁ ଦ୍ୱୟଙ୍କମଧ୍ୟରେ ମତଦ୍ୱୈଧ ହୋଇଅଛି କିନ୍ତୁ ଇନ୍‌ସ୍ପେକ୍ଟର ବାବୁଙ୍କ ଯୁକ୍ତି ଅସାର ବୋଧ ହେଉଅଛି ।

ପ୍ରଜାମାନେ ଅନ୍ନକଷ୍ଟରେ ସର୍ବାଂଶ ହାହାକାର କରୁଅଛନ୍ତି । ତହିଁରେ ପୁଣି ସରବରାକାର-ମାନେ ଖଜଣା ତଲବ ଓ ସରକାରତରଫରୁ ମୋଷହୋଲାଜଲ ସକାଶେ ରସଦ ତଲବ ହୋଇ ସମର୍ପିତ ପ୍ରାୟ ପିଅଦାମାନେ ନିଯୁକ୍ତ ହୋଇ-ଥିବାରୁ ପ୍ରଜାମାନେ ଉପାୟାନ୍ତର ନ ଦେଖି ଅନ୍ୟାନ୍ୟ ଗଡ଼ଜାତକୁ ପଳାୟନ କରୁଅଛନ୍ତି । ଯେ ଏ ପର୍ଯ୍ୟନ୍ତ ପ୍ରତ୍ୟେକ ପୀଡ଼ାରୁ ଅଠଦଶ ଘର କରି ପ୍ରଜା ଦେଶତ୍ୟାଗୀ ହୋଇଅଛନ୍ତି । ଓ ଅଧିକାଂଶ ଏମନ୍ତ କି ବଳେ ଲୋକମାନେ ପଳାଇ ଯିବାର କଳ୍ପନା କରୁଅଛନ୍ତି । ସରକାରି ତରଫରୁ ତଦନ୍ତ ହୋଇ କାଳିକା ପ୍ରତିଶ [illegible] ଗଲେ ଜଣାଯିବ । ଏହିପରି ପ୍ରଜାମାନେ ଯେବେ ଦେଶତ୍ୟାଗୀ ହୁଅନ୍ତି ଗବର୍ଣ୍ଣମେଣ୍ଟ କାହାକୁ ଶାସନ କରିବେ ? ପୂର୍ବରୁ ମୋଷହୋଲାଜଲେ ଯେତେ ରସଦ ଆମଦାନୀ ହୋଇଅଛି ତାହା ସହିତ ତୁଳନା କଲେ ତାହାଠାରେ ଏତେମାତ୍ର ମୌଜୁଦ ଥାଇପାରେ ଯେ ତଦ୍ୱାରା ସରକାରୀ କର୍ମଚାରୀମାନଙ୍କର ଅନ୍ତତଃ ୬।୭ ମାସ ଖରଚ ଚଳିପାରେ । କାରଣ ଏଠାରେ ନିଯୁକ୍ତଥିବା ସରକାରୀକର୍ମଚାରୀମାନେ କେବଳ ଅନ୍ନକଷ୍ଟ-ଜନିତ କେତେକପ୍ରକାରମାଣରେ ପାଉଅଛନ୍ତି । କାହାରର ଲୋକଙ୍କୁ କଷ୍ଟ [illegible] ଯେଉଁମାନେ ରସଦ ଯୋଗା[illegible] ସେମାନଙ୍କମଧ୍ୟରୁ କେହିଂ କାର୍ଯ୍ୟ [illegible] ଆସି [illegible] ମୂଲ୍ୟ [illegible] ନ ପାଇ [illegible] ହୋଇଅଛି । [illegible] ମଜୁରିର [illegible] ହେଉଅଛି । [illegible] ହିସାବ ତଲପ କରୁଥାନ [illegible] ଦ୍ୱାରା ଅନ୍ନକଷ୍ଟ ପୀଡ଼ିତ [illegible] ସାହାଯ୍ୟ କରୁ ଉଚିତ ।

Digitized by srujanika@gmail.com

ବର୍ତ୍ତମାନ ଅଂଶୀଙ୍କ ଅନ୍ନକଷ୍ଟ ପୀଡ଼ିତଲୋକ ସରକାରରୁ ଧାନ ଋଣରୂପ ସାହାଯ୍ୟ ପାଇବା ଆଶାରେ ଶ୍ରୀ ଯୁକ୍ତ କମିଶ୍ନର ସାହେବଙ୍କଠାରୁ ଦରଖାସ୍ତ କରିଅଛନ୍ତି । ଓ ସ୍ଥାନୀୟ ଡେପୁଟି କଲେକ୍ଟର ବାବୁଙ୍କ ନିକଟରେ ପ୍ରତ୍ୟହ ଶହ ଶହ ଦରଖାସ୍ତ ପଡ଼ୁଅଛି କିନ୍ତୁ ଏତଦ୍ୱାରା ଏପର୍ଯ୍ୟନ୍ତ କୌଣସି ସୁଫଳ ହେବାର ଦେଖାଯାଉ ନାହିଁ । ଶୁଣିବାରେ କେହି କେହି ଖାଦ୍ୟାଭାବେ ମୃତ୍ୟୁ ଲଭିଲେଣି । ବୁଡ଼ାପଙ୍କ ମୌଜାର ଏକଜଣ ଦାଣ୍ଡୀ ଅନ୍ନାଭାବେ କ୍ଷେତ୍ରକୁ ଧାନଚୋର କରିବାକୁ ଯାଇଥିଲା, କ୍ଷେତ୍ରସ୍ୱାମୀ ତାକୁ ଅନ୍ନକଷ୍ଟ ଓ ସଂସାର ଯନ୍ତ୍ରଣାରୁ ନିଷ୍କୃତି ଦେଇଅଛି । ଉପର ଲିଖିତ ଅବସ୍ଥା ଅତି ଶୋଚନୀୟ ! ମଜୁରିଆ ଲୋକମାନେ କିଛି କିଛି ପଇସା ପାଇବା ଆଶାରେ ବନ୍ଦୋବସ୍ତ ଅମଲାଙ୍କ ପିଲପାୟା କାର୍ଯ୍ୟ କରୁଥିଲେ, କିନ୍ତୁ ଶୁଣିବାରେ ତାଙ୍କ ପରିଶ୍ରମ ବେଠିର ପରିଣତ ହୋଇଅଛି ।

ବର୍ତ୍ତମାନ ପ୍ରଜାଙ୍କର ଏତେଦୂର କଷ୍ଟ ଉପସ୍ଥିତ ହୋଇଥିବା ସମୟରେ କର୍ତ୍ତୃପକ୍ଷମାନେ କୁମ୍ଭକର୍ଣ୍ଣ ପରି ନିଦ୍ରା ଯିବାର ଦେଖି ଆମ୍ଭେମାନେ ବାସ୍ତବିକ ହତାଶ ହୋଇଅଛୁଁ । ବନ୍ଦୋବସ୍ତ କାର୍ଯ୍ୟ ପୂର୍ଣ୍ଣ ବଷ୍ଟାରେ ଚଳିବାର ଉଦ୍‌ଯୋଗ ଲାଗିଅଛି । କିନ୍ତୁ ଏଣେ ପ୍ରଜାମାନେ ଦେଶ ତ୍ୟାଗୀ—ସମସ୍ତେ ବଖର ପେଟ ପୂରଣ କରୁଅଛନ୍ତି । ବୋଧହୁଏ କର୍ତ୍ତୃପକ୍ଷମାନେ ସଂଖ୍ୟାତୀତ ମୃତ୍ୟୁସଂଖ୍ୟା ଦେଖିବାରେ ଅଛନ୍ତି । ପ୍ରାର୍ଥନା କରୁଁ କର୍ତ୍ତୃପକ୍ଷ ମାନେ କୃପାଦୃଷ୍ଟି ହୋଇ ତଳଲିଖିତ ପ୍ରସ୍ତାବମାନ ସୁବିବେଚନା ପୂର୍ବକ ଗ୍ରହଣ କରି ଦୁଃଖମୋଚନର ଅଶ୍ରୁ ପ୍ରତୀକାର କରିବାଦ୍ୱାରା ପ୍ରଜାପୁଞ୍ଜଙ୍କର ଆଶୀର୍ବାଦଭାଜନ ହେଉନ୍ତୁ ।

୧—ପ୍ରଜାଙ୍କର ଅଭ୍ୟନ୍ତରିକ ଓ ବାହ୍ୟିକ ଅବସ୍ଥା ଉତ୍ତମରୂପେ ତଦନ୍ତ କରାଯାଉ, ।

୨—ପ୍ରଜାଙ୍କଠାରୁ ଖଜଣା ଓସୁଲ ସ୍ଥଗିତ କରାଯାଉ, ।

୩—ସାଧାରଣ ପ୍ରଜାଙ୍କଠାରୁ ରସଦ ଉଲପ ତଦନ୍ତ କରାଇ ଅପାତତଃ ବଡ଼ ବଡ଼ ଋଷି ଓ ସରକାରର ଯେଉଁମାନଙ୍କଠାରେ ଧାନ ମଉଜୁଦ ଅଛି, ସେମାନଙ୍କର ଦୁଇବର୍ଷର ସାଂସାରିକ ଖରଚ ଚଳିବା ଅନାଜ ରଖି ଅବଶିଷ୍ଟ ଧାନ ଅଣାଯାଉ, ।

୪—ଅନ୍ନକଷ୍ଟପୀଡ଼ିତ ନିମ୍ନଶ୍ରେଣୀର ପ୍ରଜାଙ୍କ ଉପକାରାର୍ଥ କାର୍ଯ୍ୟ ଖୋଲି ବଦେଶରୁ ଋଣରୂପ ଅମଦାନୀ କରି ସେମାନଙ୍କ ମଜୁରି ସ୍ୱରୂପ ଋଣରୂପ ଦିଆଯାଉ ଓ ମଧ୍ୟମଶ୍ରେଣୀ ଲୋକମାନଙ୍କୁ ଓ ଯେଉଁମାନଙ୍କର ବଳଦ ପୋଡ଼ୁଥି ନଷ୍ଟ ହୋଇଅଛି ସେମାନଙ୍କୁ କୃଷି—ଉନ୍ନତିବିଷୟକ ଆଇନାନୁସାରେ ଅବଶ୍ୟକମତେ ଟଙ୍କା ଋଣ ଦିଆଯାଉ ଓ ଧାନ ଋଣରୂପ ସାହାଯ୍ୟ ଦିଆଯାଉ ।

୫—ଜଳାଶୟାଦି ଖନନ କରାଯାଇ ଜଳ ଯୋଗାଇବାର ସୁବନ୍ଦୋବସ୍ତ କରାଯାଉ, ।

୬—ରୋଗୀ, ଅନ୍ଧ, ଖୋଟାଆଦି ଏପ୍ରକାର ନିରାଶ୍ରୟ ଭିକ୍ଷୁକଙ୍କ ସକାଶେ ଅନ୍ନଛତ୍ର ଦିଆଯାଉ, ।

୭—ବନ୍ଦୋବସ୍ତ କାର୍ଯ୍ୟ ଅପାତତଃ ସ୍ଥଗିତ ରଖାଯାଉ ।

ପୁରୁଣାଗଡ଼ ଅନୁଗୁଳ } ଶ୍ରୀ
୭।୧୧।୮୭ }

---

ମୂଲ୍ୟପ୍ରାପ୍ତି ।

ବାବୁ ବଳରାମ ଦାସ ଜମିଦାର କଟକ ଅଗ୍ରିମ ଟ ୨୧

---

# ବି ଜ୍ଞା ପ ନ ।

---

## NOTICE.

All Contractors having claims on unsettled accounts against this Division for Earth work done in Ranges IV A. IV B, & V. Coast Canal are notified to submit same to the Executive Engineer of the Division before the 31st December, after which date no claims will be entertained.

A. HAYES
*Executive Engineer*
*Balasore Division*

ଏତଦ୍ୱାରା ସମସ୍ତ କଣ୍ଟ୍ରାକ୍ଟରମାନଙ୍କୁ ଜ୍ଞାତ କରାଯାଉଅଛି ଯେ ଯଦ୍ୟପି ସେମାନଙ୍କର, କୋଷ୍ଟକେନାଲର ଚତୁର୍ଥ ଏ, ଚତୁର୍ଥ ବି, ଓ ପଞ୍ଚମ ରେଞ୍ଜମାନଙ୍କରେ ମାଟିକର୍ମ କରିଥିବା, ହିସାବ ନିକାଶି ବାକି ଥିବାର କୌଣସି ପ୍ରକାର ଦାବି ଥାଏ ତାହା ହେଲେ ସେମାନେ ବାଲେଶ୍ୱର ଡିବିଜନ ଏକଜିକ୍ୟୁଟିଭ ଇଞ୍ଜିନୀୟର ସାହେବଙ୍କଠାରେ ଆଗାମୀ ଡିସେମ୍ବରମାସ ୩୧ ତାରିଖ ପୂର୍ବରୁ ଲିଖିତପୂର୍ବକ ଦରଖାସ୍ତ କରିବେ ନଚେତ୍ ଉକ୍ତ ତାରିଖ ପରେ କୌଣସି ପ୍ରକାର ଦାବି ଶୁଣାଯିବ ନାହିଁ ।

A. HAYES
*Executive Engineer*
*Balasore Division.*

---

## NOTICE.

Is hereby given that a general meeting will be held at the premises of the Balasore Zilla School on Wednesday the 7th December 1887 to take into consideration the laudable scheme proposed by Mr. A. C. Tute Magistrate of Balasore to promote education among the helpless Mahemedans of Balasore.

The Magistrate has kindly consented to preside on the occasion. All gentlemen and inhabitants of the District are respectfully requested to attend.

BALASORE } 11—11—87. }    Abdus Subhan
*Vice President.*

---

ଡାକ୍ତର ଶ୍ରୀ କେଦାରନାଥ ଚଟ୍ଟୋପାଧ୍ୟାୟଙ୍କର ଅଷ୍ଟୁଟ୍ବେଦୋକ୍ତ ଚିକିତ୍ସାଳୟ ।

ନ ୧୦ ମ୍ବର ଗଣ୍ଡ ଷ୍ଟ୍ରିଟ୍ ଶ୍ୟାମପୁକୁର, କଲିକତା ।

ଏହି ଚିକିତ୍ସାଳୟରେ ୧୨୯୪ ସାଲର ଦିନପଞ୍ଜିକା ସହ ପୀଡ଼ା ସମୁଦାୟର ସ୍ୱାସ୍ଥ୍ୟବିଧାନ ଓ ପ୍ରତ୍ୟକ୍ଷ ଫଳପ୍ରଦ ଔଷଧସମୂହର ତାଲିକାପୁସ୍ତକ ବିନା ମୂଲ୍ୟରେ ବିତରିତ ହୁଏ ଏବଂ ବିଦେଶସ୍ଥ ରୋଗିମାନଙ୍କର ପୀଡ଼ାର ଅବସ୍ଥା ସମସ୍ତ ଲେଖି ପଠାଇଲେ ବ୍ୟବସ୍ଥା ଦିଆଯାଏ ।

ଯୋଗସିଦ୍ଧ ରସ ।

ଏହି ସୁସିଦ୍ଧ ଔଷଧ ସେବନ କଲେ ନିଶ୍ଚୟ ସକଳପ୍ରକାର ମେହ ରୋଗ ଏକସପ୍ତାହ ମଧ୍ୟରେ ନିଃଶେଷରୂପେ ଆରୋଗ୍ୟ ହୁଏ ।

ପ୍ରସ୍ରାବକାଳୀନ ଜ୍ୱାଳା, ପୂଯୁଯୁକ୍ତ ଧାତୁଦୌର୍ବଲ୍ୟ, ସରକ୍ତ ପ୍ରସ୍ରାବ, ଖଡିଜଳବତ୍ ପ୍ରସ୍ରାବ, ମୂତ୍ରକୃଚ୍ଛ୍ର, ମୂତ୍ରାଶୟର ବେଗ, ଶୂଳ ଏବଂ ଜ୍ୱରାଦି ଉପଦ୍ରବ ଯୁକ୍ତ ହେଲେ ସୁଦ୍ଧା ପୀଡ଼ା ଶୀଘ୍ର ସମୂଳେ ବିନଷ୍ଟ ଏ ନହୁ ।

ଷୋଟ ୧ ଶିଶିର ମୂଲ୍ୟ ଟ ୨ ବଡ଼ ୧ ଶିଶିର ମୂଲ୍ୟ ଟ ୩ ପ୍ୟାକିଂ ଖର୍ଚ୍ଚା ଟ ୦ ।୵

ପ୍ରଦରରି—ପୁଟ ।

ଏହା ସେବନ କଲେ ଗର୍ଭାଶୟ ଆଶ୍ରିତ ଦୋଷ ସମସ୍ତ ସଂଶୋଧିତ ହୋଇ ଶ୍ୱେତପ୍ରଦର, ରକ୍ତପ୍ରଦର, କଷ୍ଟରଜଃ, ଅକାଳରେ ଅଧିକ ପରିମାଣରେ ରକ୍ତସ୍ରାବ, ଜଳଢଗା, ବାଧକ ବେଦନାଦି ପୀଡ଼ା ସମସ୍ତ ନିଃଶେଷରୂପେ ଆରୋଗ୍ୟ ହୁଏ । ବିଶେଷତଃ ଉପରୋକ୍ତ ପୀଡ଼ାଜନିତ ଅକାଳରେ ଗର୍ଭସ୍ରାବ, ମୃତବତ୍ସା ଓ ବନ୍ଧ୍ୟାଦି ରୋଗ ସମୁଦାୟ ଶାନ୍ତ ହୋଇ ଗର୍ଭୋତ୍ପତ୍ତିର ବ୍ୟାଘାତ ନଷ୍ଟ କରେ ।

୧ ଶିଶିର ମୂଲ୍ୟ ଟ ୨ ଓ ପ୍ୟାକିଂ ଖର୍ଚ୍ଚା ଟ ୦।୵

Split by PDF Splitter
Digitized by srujanika@gmail.com

# ଓଡ଼ିଶା ମିଶନ ପ୍ରେସ କଟକ ।

୧୮୩୮ ମସିହାରେ ସଂସ୍ଥାପିତ ।
ଗବର୍ଣ୍ଣମେଣ୍ଟ, ଶିକ୍ଷା, ବାଣିଜ୍ୟ ଓ ଜମିଦାରୀ-
ସମ୍ବନ୍ଧୀୟ କାଗଜ ପତ୍ରାଦି ଛପା ହୁଏ ।
ଏଷ୍ଟିମେଟ ମାଗିଲେ ମିଳଇ ।

# ନୂତନ ସାଲସା ।

ଏହା ୧୦ ପ୍ରକାର ଦେଶୀୟ ଓ ୭ ପ୍ରକାର ବିଲାତି ମସଲାଦ୍ୱାରା ପ୍ରସ୍ତୁତ । ଏହା ବ୍ୟବହାର କଲେ ଶରୀରରୁ ପାରଦଦୂଷିତ ରକ୍ତଦୋଷ ସବୁ ଶୀଘ୍ର ନିର୍ଗତ ହୋଇଯାଏ । ପାରର ଘା, ଗରମୀ ଘା, ନାଳୀ ଘା, ଦେହ ଓ ହାତ-ଗୋଡ଼ର ଘା, ଶୋଲ ଘା, କାଳ ଘା, କାନର ପୂଯ, କୋଷ୍ଠ-କାଠିନ୍ୟ, ଅଜୀର୍ଣ୍ଣତା, ପେଟଫମ୍ପ, ଗଣ୍ଠିବ୍ୟଥା, କାଶ, କ୍ଷୟକାଶ, ପ୍ରସ୍ରାବପୀଡ଼ା, କୁଷ୍ଠିଆ, ଧାତୁଦୌର୍ବଲ୍ୟ ଏବଂ ଜନ୍ତ୍ରାଦି ଜ୍ୱର ଇତ୍ୟାଦି ଶୀଘ୍ର ଏବଂ ନିଶ୍ଚୟ ଆରାମ ହୁଏ ।

ଔଷଧର ମାତ୍ରା ବୋତଲଦେହରେ ତାର-ଦ୍ୱାରା ଦେଖାଇ ଦିଆଯାଇଅଛି ଏବଂ ତାହା ସକାଳେ ଓ ସନ୍ଧ୍ୟାବେଳେ ଖାଇବାକୁ ହେବ । ପଥ୍ୟାପଥ୍ୟର ନିୟମ ବୋତଲର ଟିକଟରେ ଲେଖା ଅଛି । ପରୀକ୍ଷାଦ୍ୱାରା ଏଥିର ଗୁଣ ଦେଖା ଯାଇଅଛି ।

କଟକ ପ୍ରିଣ୍ଟିଂ କମ୍ପାନୀର ଦୋକାନଘରେ ବିକ୍ରୟ ହେଉଅଛି ।

ମୂଲ୍ୟ ଏକ ସିସିକୁ ଟ ୧ ।


### ବିଶେଷ ଦ୍ରଷ୍ଟବ୍ୟ ।

କେନ୍ଦ୍ରାପଡ଼ାସ୍ଥ କବିରାଜ ଶ୍ରୀବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ ସୁକଠିନ ରୋଗଗ୍ରସ୍ତ ମନୁଷ୍ୟମାନଙ୍କ ରୋଗରୁ ମୁକ୍ତ କରିବା ନିମିତ୍ତ ପ୍ରସ୍ତୁତ ଅଛନ୍ତି । ଗତ ତିନିବର୍ଷମଧ୍ୟରେ କୌଣସି ରୋଗୀ ଅରୋଗ୍ୟ ନ ହୋଇ ଫେରିଯିବାର ଦେଖାଯାଇ ନାହିଁ । ରୋଗରୁ ମୁକ୍ତ ପାଇବାର ବାଞ୍ଛା ଯେବେ ଥାଏ ତେବେ ତାହାଙ୍କୁ ରୋଗର ବିବରଣ ଜଣାଇଲେ ଅତି ଅଳ୍ପବ୍ୟୟରେ ଅଳ୍ପଦିନମଧ୍ୟରେ ତୁମ୍ଭକୁ ଆରୋଗ୍ୟ କରିଦେବେ । ସେ ଅନେକଲୋକଙ୍କୁ ଆରୋଗ୍ୟ କରି ଅନେକ ପ୍ରଶଂସାପତ୍ର ପାଇଅଛନ୍ତି ।


# ବିଲାତି କାଗଜ ।

ଅନଲକ୍ଷିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୋସାଇଁଙ୍କର ଘରକୁ ଯିବା ନିକଟେ ବାବୁ ଅଗ୍ରବିହାରୀ କର କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୭ ପଣି ବାଲି | ପ୍ରତି ରିମ ଟ ୨॥୵ | ପ୍ରତି ଦସ୍ତା ଟ ୦।୵୨ |
| ୧୮ ପଣି „ | „ ଟ ୨॥ | „ ଟ ୦।୵୩ |
| ୨୨ ପଣି „ | „ ଟ ୩। | „ ଟ ୦।୵ |
| ୩୦ ପଣି „ | „ ଟ ୩॥ | „ ଟ ୦।୵୨ |

ବେପାରୀମାନେ ଅର୍ଥାତ୍ ଯେଉଁମାନେ ଏକାଥରେ ୫ ରିମ ବା ଅଧିକ କ୍ରୟ କରିବେ ଅନ୍ଧାର ସୁଲଭ ମୂଲ୍ୟରେ ପାଇ ପାରନ୍ତି । ମୂଲ୍ୟ ନଗଦ ।

ଶ୍ୟାମଚାନ୍ଦ ବାବୁ ଗୋସାଇଁଙ୍କର ଘରଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦନକୋଣା ଓ ବିଲାତି ଓ ରେଶମୀଓଗେର ଲୁଗା ଓ ଷ୍ଟେସନରି ଓ କଲ କବା ଇତ୍ୟାଦି ସଓଦାଗର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍‌ଭିନ୍ନ ଅନ୍ୟ କେତେକ ଜିନିଷ ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ବିଲେତି ଗାଡ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । ଯେଉଁ ଲୋକ ଚଢ଼ିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଗାଡ଼ିମାନ ବିକ୍ରୟ ହେବା ପୂର୍ବେ ଆପଣା ମଫସଲ ସକାଶେ ଭଡ଼ା ନେବାକୁ ଚାହାନ୍ତି ତେବେ ଏକ ଦିନକୁ ଯେ କୋଶ ଟ ୦।୵୭ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ଗାଡ଼ିର ଯେତେ କ୍ଷତି ହେବ ତାହା ଭଡ଼ାଦାରଙ୍କ ଦାୟୀ ହେବେ । ଯଦି ନଷ୍ଟ ହେଲେ ଗାଡ଼ିର ପୂରା ମୂଲ୍ୟ ତାଙ୍କୁ ଦେବାକୁ ହେବ ।

### ଫର୍ଦ୍ଦ ।

ବିଲାତି ସେଲଣା ଓ
ଓହ୍ଲାରେ ସବୁ ବେଲେ ଯିଲେ ।
କମେଶ୍ୟାଲ
ହିମେଗାନ ତେଲ ଲଣ୍ଠନ
ନେକ ସାବୁ ଓ ମୋମ
ବତୀ ।
କୁଡ଼ଂ ଅର୍ଥାତ୍ ଲକଣ
ବଡ଼ିବା କାଗଜ ପେନ୍‌-
ସିଲ ଓ କଲମ ।
ପେନ୍‌ସିଲ କାଟିବା ଛୁରୀ ।
ନାନା ପ୍ରକାରର ପଢ଼ି-
ବାଗଜ ଓ ଲଫାପା
ବାଡ଼ ଷିଷସ ଓ
ବଡ଼ ଉଜିନ ଓ ସାବା
ବଡ଼ଗ ବେନ୍ତେସ
ଓବର୍ଷ ବୁଟଜଗନ୍ତୁଗ
ଏକପଟ ଜୁତା
ନେଲସନ ଉପୋର ସମ
କେହବାଁ ଅଏର
ମାର୍ବ୍ବଲ ଭାଟୀ ବୁଲାଇବା
ଦଉ ଦେଲେ ଖୋଳ
ସବେ କରଇ ହେବ
ନାହିଁ ।
ଏ, ସୋଲଙ୍କ ଘଣ୍ଟାରେ
ଲାଗିବ ଓ କୁଳୁପ ।
ହେଣ୍ଡଲ ଗୁଣ ।
ଟେବଲ ଛୁରୀ ।
ଜଳକା ଗାରୁଡ଼ ।
ତାଳାର ଖାଇବାକୁ ସହି ସେ
କୁଣ୍ଡା ପଟଶାଳ ହୁଏ ।
ଅଶୋଭ ରେଳ—ଅର୍ଥାତ୍
ସୁରକ୍ଷୀ ଚାବି ।
ଅସଲ ଜୁତା ।
ଓଁଙ୍କାର ସ୍ୱପ୍ନ ଛତା ।
କର୍ପୂର ଅକ ।
ହୋଟେଲଲିନ୍ ।
ପୋଲପ୍ଲାନ୍ତର ଲେଖିବା-
ମେଡ ଓ ଉଗଳ ପୋ-
ଷାକେ ସବେ
ବ୍ରଡ଼ାକ ବାଇ ଅର୍ଥାତ୍
ଲେଖିବାକେବେଳେ ସବ
ଓ ଶୁଖିଲେ ବଡ଼ା
ହେବ ।
ଅଇନା ବଡ଼ା
୧୨×୧୦ ଇଞ୍ଚ
୧୪×୧୨ ଇଞ୍ଚ
ଘଡେଇବଲ ପାଇଁ ପାଣି
ଷରତ ଟ ୦ ।୵
ମୋଜା ଓ ମୋଜାବନ୍ଧ
ଭିତର ଥିଆ ନକସାଇ
ବଡ଼ତ ସାହିନ ବଡ଼ା
ଜର୍ମନ ଓ ପାଇକର ତୋଳ
ହିତା
ବଡ଼ତ ଅଗ୍ରସେଣ୍ଟ
ଏକର ବାଉଣ୍ଡ ।
ସୁଅର ଟେଲ ।
ଅଟମେଟିକ ପେନ୍‌ସିଲ ଅ
ର୍ଥାତ୍ ଏ ପେନ୍‌ସିଲ୍‌ରେ
ଲେଡ ଭରିବା ପେତ
ତବୁ ଲଗାଇ ସେହି
ପେନ୍‌ସିଲ ଲେଖା ଯ
ଉରେ ଦେଇ ଉପାଇ
ଦେଲେ ତହିଁର ବଳ
ଲ ରହେ ।
ଲଟିଙ୍ଗ ପେପର ।
ଲବ୍‌ସିନ ତେଲରେ ଲଡ଼-
ବାଇ ଥାଏ ।
ଲବଙ୍ଗ ସୋପର ଅର୍ଥାତ୍
ତଠୀର କଣର
ଖାଇବାର ଲବଣ ।
ନମସ୍ତା ।
ରେଡ୍ ବ୍ଲୁ, ପେନ୍‌ସିଲ୍ ।
ଗମ ବୋତଲ ।
ନାରସୀ ଶାଢ଼ୀ ଓ ଯୋଡ଼
ଓ ଜଡ଼
ମଦ୍ରସ୍ଥାବାସ ଓ ଓବ-
ପାଇ ପାଇଁଗୋଡ ଓ
ଶାଢ଼ୀ ।
ପ୍ରିଣ୍ଟିଂ କାଳି

# ପିଚଗାର ।

ଏ ଗାରକୁ ଟେକ୍‌ସରଧି ପାଟରେ ରଖି ନିଆଁ ରେ ତରଳାଇ କୋଠାଘରର ଛାତରେ ଦେଲେ ପାଣିଗଲା ବନ୍ଦ ହେବ ଘରର ମଟିଆରେ ଲେପିଦେଲେ ମଲହୁଲ ଓ ଭୁଲ ଧରିବ ନାହିଁ ।

କଟିର ଚମଡ଼ା ଓ ଖାଲରେ ଲଗାଇବାର କାଳ ମଧ୍ୟ ଅଛି ।

ଅଗ୍ରଚନ୍ଦ୍ର କର କମ୍ପାନି



ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର ନିମ୍ନରେ ଲିଖିତ ହୁଏ ଆଉ ଦୋଇଅଛି ଯଥା—

ପ୍ରଥମଥର ସକାଶେ

| | |
|---|---|
| ଆଠ ଧାଡ଼ି | ଟ ୦୵ |
| ଅଧ ସୁନ୍ଦର | ଟ ୨୯ |
| ପୂର୍ଣ୍ଣ ଏକ ସୁନ୍ଦର | ଟ ୩ |

ମାତ୍ର କୌଣସି ବିଜ୍ଞାପନ ଯେବେ ଛଅ ପଙ୍କ୍ତିରେ ଟ ୦ ୧ ରୁ ଉଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଏକ ତୃତୀୟ ଅଂଶ ଦେବା ଓ ଦ୍ୱିତୀୟ ଅର୍ଦ୍ଧେକ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନ ଦାତା ବିଜ୍ଞାପନ ସଙ୍ଗେ ଅଗ୍ରିମ ମୂଲ୍ୟ ଦେବ

ଏହି ଉତ୍କଳଦୀପିକା ପତ୍ର କଟକ ଉତ୍କଳଯନ୍ତ୍ରରେ ଶ୍ରୀ ... ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲା


Digitized by srujanika@gmail.com

Split by PDF Splitter

REGISTERED NO. 1

385

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୨ ଶ
ସଂ ୪୭ ସଂଖ୍ୟା

ତା ୨୬ ରିଖ ମାହେ ନବମ୍ବର ସନ ୧୮୮୭ ମସିହା । ମା । ମାର୍ଗଶିର ୭ ଦି ୧୨ ଅଙ୍କ ୧୨୯୫ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ପଶ୍ଚାଦେୟ ଟ ୬୲

ହତଭାଗ୍ୟ ସାଧୁସାନ୍ତ୍ୱସଙ୍କାଶେ ଅମ୍ଭେମାନେ ଯେ ସର୍ବସାଧାରଣଙ୍କୁ ଅନୁରୋଧ କରିଥିଲୁଁ ତାହା ବୃଥା ଯାଇ ନାହିଁ । ଅମ୍ଭେମାନେ ଅନନ୍ୟପୂର୍ବକ ପାଠକମାନଙ୍କୁ ଜଣାଉଅଛୁଁ ଯେ ଉତ୍କଳସଭାର ବିଗତ ଅଧିବେଶନରେ ଗବର୍ଣ୍ଣମେଣ୍ଟଙ୍କୁ ସାଧୁସାନ୍ତ୍ୱପାଇଁ କ୍ଷମା ପ୍ରାର୍ଥନାର ଅବେଦନ ପଠାଇବାର ପ୍ରସ୍ତାବ ହୋଇଅଛି ଓ ତଦନୁସାରେ ସଭାର କେତେକଜଣ ସଭ୍ୟ ଏଥିର ଭାର ନେଇ ଅବେଦନପତ୍ର ପ୍ରସ୍ତୁତ କରୁଅଛନ୍ତି । ଏଠା ନିବାସିମାନଙ୍କର ସ୍ୱାକ୍ଷରରେ ଅବେଦନ ଗବର୍ଣ୍ଣମେଣ୍ଟଙ୍କୁ ପଠାଯିବ । ଅମ୍ଭେମାନେ ଭରସା କରୁଁ ଯେ ଏଠାର ସର୍ବସାଧାରଣ ଏ ବିଷୟରେ ସହାନୁଭୂତି ପ୍ରକାଶପୂର୍ବକ ଅବେଦନପତ୍ରରେ ସ୍ୱାକ୍ଷର କରିବେ ।

---

ଗତସପ୍ତାହରେ ଡିଷ୍ଟ୍ରିକ୍ଟ ବୋର୍ଡର ବଜେଟ ଅମ୍ଭେମାନେ ପ୍ରକାଶ କରିଅଛୁଁ । ତହିଁରେ ଯେ ଅମଲଗାନ ଖର୍ଚ୍ଚ ଅଛି ତାହା ନୂତନ ଅଟେ, ପୂର୍ବର ରୋଡ଼ସେସକମିଟିମା ଖର୍ଚ୍ଚ ନୁହେ । ଏ କମିଟିମାନଙ୍କ ପଥକର ଓ ସ୍କୁଲ ଇତ୍ୟାଦି କାର୍ଯ୍ୟ ହେବ ଏମାନଙ୍କ ବେତନ ବାବ ବାଙ୍କି ଟଙ୍କା ବୋର୍ଡ ପାଇବେ । ବୋର୍ଡଙ୍କ କର୍ମ କରିବାକାରଣ ରୋଡ଼ସେସକମିଟିମାର ହେଡ଼କରଣୀପ୍ରଭୃତି ଅଧିକା ବେତନ ପାଇବେ ଅର୍ଥାତ ହେଡ଼କରଣୀଙ୍କର ମାସିକ ଟ ୮୦ କାରୁ ଟ ୧୦୦ ଙ୍କାପର୍ଯ୍ୟନ୍ତ ବାର୍ଷିକ ଟ ୧୦ ଲେଖାଏଁ, ଦ୍ୱିତୀୟକରଣୀର ଟ ୩୫ ଙ୍କାରୁ ଟ ୫୦ ଙ୍କା ପର୍ଯ୍ୟନ୍ତ ବାର୍ଷିକ ଟ ୫ ଙ୍କା ଲେଖାଏଁ ଓ ହେଡ଼ମୋହରର ଟ ୬୦ ଙ୍କାରୁ ଟ ୭୫ ଙ୍କାପର୍ଯ୍ୟନ୍ତ ବୃଦ୍ଧି ହେବ । ଏହାଭିନ୍ନ ଆଉ କେତେକଜଣ କରଣୀ ବଢ଼ିବେ । ସେହିକର୍ମ କରିବାପାଇଁ ଯେବେ ଡିଷ୍ଟ୍ରିକ୍ଟ ଇଞ୍ଜିନିୟରଙ୍କର ଶଏଟଙ୍କା ବେତନ ବୃଦ୍ଧି ହେଲ ତେବେ ଅଧିକ କର୍ମ କରିବାପାଇଁ ଗରିବ ଅମଲଙ୍କ ବେତନ କିଛି ବୃଦ୍ଧିହେବାର ଦୋଷଯୁକ୍ତ ହୋଇ ନ ପାରେ ।

---

ଗତ ଶନିବାର କଲ୍ଲାପଡ଼ିଆ ନିକଟବର୍ତ୍ତୀ ପାରେଡ଼ଗ୍ରାଉଣ୍ଡରେ ଏ ନଗରସ୍ଥ ଭଲଣ୍ଟିଅରଦଲ ଓ ରେଭେନ୍ସାକଲେଜର ଛାତ୍ରମାନଙ୍କ ମଧ୍ୟରେ କ୍ରିକେଟଖେଲ ହୋଇଥିଲା । ବଡ଼ ଦୁଃଖର ବିଷୟ ଯେ କଲେଜର ଛାତ୍ରମାନେ ଏଥର ହାରିଗଲେ । ସାହେବମାନଙ୍କୁ ବାରମ୍ବାର ପରାସ୍ତ କରିଥିବାରୁ ଏଥର ସେମାନେ ଭଲଣ୍ଟିଅରଦଲର ସମକକ୍ଷ ହେବାକୁ ସାହସ କରିଥିଲେ କିନ୍ତୁ ବିଶେଷ କାରଣବଶତଃ ଆଶାନୁରୂପ ଫଳ ଫଳିଲା ନାହିଁ । ଯାହା ହେଉ ଦେଶୀୟ ସ୍କୁଲବାଳକମାନେ ଭଲଣ୍ଟିଅର ଦଲସହିତ ସମକକ୍ଷ ହେବାକୁ ଚେଷ୍ଟା କରି ଯେରୂପ ଅଦ୍ଭୁତ ସାହସ ପ୍ରଦର୍ଶନ କରାଇଅଛନ୍ତି ସେଥିନିମନ୍ତେ ଅମ୍ଭେମାନେ ସେମାନଙ୍କୁ ଧନ୍ୟବାଦ ଦେଉଅଛୁଁ । ଏଥିମଧ୍ୟରେ କେତେକଜଣ ଛାତ୍ର ଖେଳ ଏ ବିଷୟରେ ଅତ୍ୟନ୍ତ ମନୋଯୋଗୀ ହୋଇଥିବାରୁ ଅମ୍ଭେମାନେ ଭବିଷ୍ୟତରେ ଭଲ ଫଳ ଦେଖିବାକୁ ଆଶା କରୁଅଛୁଁ । ଭରସା କରୁଁ ଛାତ୍ରମାନେ ସମଧିକ ଉତ୍ସାହସହିତ କ୍ରୀଡ଼ା କରି ଭବିଷ୍ୟତରେ ଭଲ ଫଳ ଲାଭ କରିବେ ।

---

ପାଇକପଡ଼ାର କୁମାର ଶ୍ରୀଷ୍ଟୁଅର୍ଟ ଦ ଗତ ଅକ୍ଟୋବର ମାସ ତା ୧୩ ରିଖରେ ପରଲୋକ ଗମନ କରିବା ପୂର୍ବେ ଏକ ଉଇଲଦ୍ୱାରା ମୁରସିଦାବାଦ ଜିଲ୍ଲା କାନ୍ଦିରେ ଗୋଟିଏ ଦାତବ୍ୟ ଚିକିତ୍ସାଳୟ ନିର୍ମାଣ ଓ ତହିଁର କାର୍ଯ୍ୟ ନିର୍ବାହନିମିତ୍ତ ଏକଲକ୍ଷ ପଚାଶହଜାର ଟଙ୍କା ଦାନ କରିଥିଲେ । ସେ ଉକ୍ତଟଙ୍କା ଟ୍ରଷ୍ଟିମାନଙ୍କ ହାତରେ ଏହି ସର୍ତ୍ତରେ ଜମା କରିଥିଲେ କି ଟ୍ରଷ୍ଟିମାନେ ଟ ୧୫୦୦୦୲ ଙ୍କା ମଧ୍ୟରେ ଗୋଟିଏ ଉପଯୁକ୍ତ ଗୃହ ନିର୍ମାଣ କରିବା ଉକ୍ତଗୃହ ଓ ଅବଶିଷ୍ଟ ଟଙ୍କା ଏବଂ ଏଥିମଧ୍ୟରେ ତହିଁର ଯେତେ ସୁଧ ହେବ ତାହା ଗବର୍ଣ୍ଣମେଣ୍ଟଙ୍କୁ ସମର୍ପଣ କରିବେ । ତଦନୁସାରେ ଟ୍ରଷ୍ଟିମାନେ ଗୃହ ନିର୍ମାଣ କରି ଉକ୍ତ ଗୃହ ଏବଂ ଅବଶିଷ୍ଟ ନଗଦ ପ୍ରାୟ ଟ ୧୩୬୦୦୦୲ ଙ୍କା ଗବର୍ଣ୍ଣମେଣ୍ଟଙ୍କୁ ଦେବାକୁ ପ୍ରସ୍ତୁତ ହେବାରୁ ମାନ୍ୟବର ଲେଫ୍ଟେନାଣ୍ଟ ସାହେବ ଉକ୍ତ ଟଙ୍କା ଓ ଘର ନେବାକାରଣ ମାଜିଷ୍ଟ୍ରେଟଙ୍କୁ ଆଦେଶ ଦେଇଅଛନ୍ତି ଏବଂ କୁମାରଙ୍କ ଏହି ଉତ୍କୃଷ୍ଟଦାନର ପ୍ରଶଂସା କରି ଟ୍ରଷ୍ଟିମାନଙ୍କୁ ଧନ୍ୟବାଦ ଦେଇଅଛନ୍ତି । ଗଚ୍ଛିତ ଟଙ୍କାର ବାର୍ଷିକ ଆୟ ଟ ୬୨୦୦୲ ଙ୍କା

Digitized by srujanika@gmail.com

ହେବ ଓ ଚନ୍ଦସ୍ତାନପୁର କାର୍ଯ୍ୟନିର୍ବାହକମିଟିର୍ ଗୋଟିଏ କମିଟୀ ନିଯୁକ୍ତ ହେବ । ଏ ଦାନ ବାସ୍ତବରେ ଅତି ଉତ୍କୃଷ୍ଟ ଅଟଇ ଏବଂ ଏଥିପାଇଁ ମୃତ କୁମାର ଶ୍ରୀଶ୍ଚନ୍ଦ୍ର ସିଂହ ଚିରସ୍ମରଣୀୟ ରହି ସର୍ବସାଧାରଣଙ୍କର ଧନ୍ୟବାଦ ନେଉଥିବେ ।

---

କାର୍ଯ୍ୟହୀନ ଶ୍ରମିକମାନଙ୍କ ଯେଉଁ କଳହରେ ଉନ୍ମୂଳକାଣ୍ଡ ଉପସ୍ଥିତ ହୋଇଅଛି । ବୃଟିଶ ପାର୍ଲିଆମେଣ୍ଟର ମେମ୍ବର କନିଙ୍ଗହାମ ଗ୍ରାହାମ ସାହେବ ସେମାନଙ୍କ ସଭାରେ ବକ୍ତୃତା କରିବାରୁ ପୁଲିସକର୍ତ୍ତୃକ ଧୃତ ହୋଇ ଚାଲାନ ହେଲେ । ବକ୍ତୃତା ଦେବାର ଓ ସଭା କରିବାର ନିଷେଧ କରି ପୁଲିସ କମିଶନର ଯେଉଁ ଆଦେଶ ପ୍ରଚାର କରିଅଛନ୍ତି ତାହା ଆଇନସଙ୍ଗତ କି ନା ପରୀକ୍ଷା କରି ଦେଖିବା ତାଙ୍କର ଉଦ୍ଦେଶ୍ୟ ବୋଲି ସେ ବ୍ୟକ୍ତ କଲେ । ଇତିପୂର୍ବରେ ଗତମାସ ତା ୧୩ ଖରେ ପୁଲିସସଙ୍ଗେ ସେମାନଙ୍କର ଭଲ ମାରପିଟ ହେଲ ପୁଲିସକମିଶନରଙ୍କ ହୁକୁମ ଅବଜ୍ଞାପୂର୍ବକ ଅନେକଲୋକେ ସଭା କରିବା ପାଇଁ ପ୍ରମତ୍ତ ହୋଇଉଠିଲେ ଏଣେ ପୁଲିସ ମଧ୍ୟ ଜନତା ଦେଖି ଅଶ୍ୱାରୋହୀ ସୈନ୍ୟଙ୍କର ସାହାଯ୍ୟ ନେଇଥିଲେ । ଖିଡ଼କି ଓ ରେଲବାଡ଼ ଭେଦିକି ଲଙ୍ଘିଗଲ ସୀମା ନାହିଁ । ଏଲଣ୍ଟରୁ ଅଧିକଲୋକ ଜଖମ ହୋଇ ଦବାଖାନାକୁ ପ୍ରେରିତ ହେଲେ । ଦୁଇଜଣ ପୁଲିସ ହତ ଏବଂ ଅନେକ ଆହତ ହୋଇଅଛନ୍ତି ଆଉ ପାର୍ଲିଆମେଣ୍ଟର ମେମ୍ବର ଗ୍ରେହାମସାହେବଙ୍କୁ ଯେଣ ପୁଲିସ ପ୍ରାୟ ୪୦୦ ଶ ଲୋକ ଧୃତ କରିଥିଲେ । ପୁଲିସକମିଶନରଙ୍କ ହୁକୁମ କେବଳ ବିଜ୍ଞାପନ ରୂପ ଥିବା ଓ ଆଇନସଙ୍ଗତ ନ ଥିବା ହେତୁ ସଣ୍ଡର୍ସନସାହେବଙ୍କ ନାମରେ ମୋକଦମା ପୁଲିସ ଉଠାଇ ନେବାରୁ ସୁତରାଂ ସେ ମୁକ୍ତିଲାଭ କଲେ । ଗ୍ରେହେମସାହେବ ଜାମିନରେ ଅଛନ୍ତି ଏବଂ ଦଙ୍ଗାକାରୀଙ୍କ ମଧ୍ୟରୁ ଅନେକ ଅର୍ଥଦଣ୍ଡ ଓ କାରାଦଣ୍ଡ ଲାଭ କରିଅଛନ୍ତି । ସରକାରୀ ଆଦେଶମତେ ପ୍ରାୟ ଜନସହସ୍ର ଲୋକେ ବିଶେଷ କନେଷ୍ଟବଲ ସ୍ୱରୂପ ନିଯୁକ୍ତ ହୋଇଅଛନ୍ତି ।

---

ସ୍ଥାନାନ୍ତରେ ପ୍ରକାଶିତ ବିଜ୍ଞାପନରୁ ପାଠକମାନେ ଅବଗତ ହେବେ ଯେ ତାଳଚେରବାସୀ ଆଉ ଗୋଟିଏ ଆର୍ଯ୍ୟଧର୍ମପୁସ୍ତକ ଅର୍ଥାତ ପରାଶରସଂହିତା ବିନାମୂଲ୍ୟରେ ବିତରଣ କରିବାକୁ ପ୍ରସ୍ତୁତ ହୋଇଅଛନ୍ତି । ଏଥିପୂର୍ବେ ମାନ୍ୟବର ରାଜା ମହୋଦୟ ଅମୃତବୋଧ ଓ ବେଦାନ୍ତରତ୍ନାବଳୀ ଏହିପରି ବିତରଣ କରି ଆର୍ଯ୍ୟଧର୍ମ ପ୍ରତି ଉତ୍କଳବାସିଙ୍କର ମନ ଆକର୍ଷିତ କରାଇ ଥିଲେ ବର୍ତ୍ତମାନ ବିତରଣର ବିଜ୍ଞାପନରୁ ପ୍ରତ୍ୟକ୍ଷ ହେଉଅଛି ଯେ ଏ ମାର୍ଗରେ ତାହାଙ୍କର ଯତ୍ନ ଅଧ୍ୟବସାୟ ଓ ଉଦାରତା ଅକସ୍ମାତ ବା କ୍ଷଣସ୍ଥାୟୀ ନୁହଇ ମାତ୍ର ଆର୍ଯ୍ୟଧର୍ମଶାସ୍ତ୍ର ଉତ୍କଳରେ ପ୍ରଚୁରରୂପ କୌଣସି ଉଦ୍ୟମ ହୋଇ ନ ଥିବାର ଦେଖି ସେ ଉକ୍ତ ଅଭାବ ସାଧ୍ୟାନୁସାରେ ନିବୃତ୍ତ କରିବା ବିଷୟରେ ଦୃଢ଼ସଙ୍କଳ୍ପ କରିଅଛନ୍ତି ଏବଂ ଏଥିପାଇଁ ଆମ୍ଭେମାନେ ତାହାଙ୍କୁ ଅଶେଷ ଧନ୍ୟବାଦ ଦେଉଅଛୁ । ସ୍ୱୟଂ ପଇଶା ବ୍ୟୟ କରି ସଂସ୍କୃତ ପୁସ୍ତକକୁ ସର୍ବସାଧାରଣଙ୍କ ବୁଝିବା ନିମିତ୍ତ ଭାଷାରେ ଅନୁବାଦ କରିବା ପୁଣି ବହୁବ୍ୟୟ ସ୍ୱୀକାର ପୂର୍ବକ ମୁଦ୍ରାଙ୍କନ କରାଇ ବିନାମୂଲ୍ୟରେ ବିତରଣ କରିବା ସାମାନ୍ୟ ପ୍ରଶଂସାର ବିଷୟ ନୁହଇ । ଆମ୍ଭେମାନେ ମୁକ୍ତକଣ୍ଠରେ ସ୍ୱୀକାର କରୁଅଛୁଁ ଯେ ରାଜାମହୋଦୟ ଏହି ମହତ କାର୍ଯ୍ୟଦ୍ୱାରା ସ୍ୱଜନଶ୍ରେଣୀରେ ଅଗ୍ରଗଣ୍ୟ ଏବଂ ଉତ୍କଳର ଗୌରବ ପାତ୍ର ହୋଇଅଛନ୍ତି । ପରନ୍ତୁ ଏତେଣେ ଉତ୍କଳଦୀପିକାର ଗ୍ରାହକମାନଙ୍କୁ ଜଣାଉଅଛୁଁ କି ସେମାନଙ୍କ ଖଣ୍ଡେ ଖଣ୍ଡେ ଏହି ପୁସ୍ତକ ପ୍ରଦାନ କରିବା କାରଣ ମାନ୍ୟବର ରାଜାମହୋଦୟ ଆମମାନଙ୍କ ଅନୁରୋଧ କରି ଉପଯୁକ୍ତ ପରିମାଣ ପୁସ୍ତକ ପଠାଇ ଦେଇଅଛନ୍ତି ଏବଂ ଏଥିପାଇଁ ଆମ୍ଭେମାନେ ତାହାଙ୍କଠାରେ ବିଶେଷ କୃତଜ୍ଞତା ସ୍ୱୀକାର କରୁଅଛୁଁ । ଦୀପିକାର ଗ୍ରାହକମାନଙ୍କୁ ଏ ପୁସ୍ତକ ନିମିତ୍ତ ଅନ୍ୟ କୌଣସିଠାରେ ପ୍ରାର୍ଥନା କରିବାକୁ ହେବ ନାହିଁ ।

---

ବଙ୍ଗଦେଶର ଜଣେ ଅତି ମାନ୍ୟପଣ୍ଡିତ ଠାକୁରଦାସ ଚୂଡ଼ାମଣିଙ୍କ ମୃତ୍ୟୁସମ୍ବାଦ ଅତ୍ୟନ୍ତ ଦୁଃଖର ସହିତ ବଙ୍ଗଳାର ସମ୍ବାଦପତ୍ରମାନଙ୍କରେ ପାଠକଲୁଁ । ଦାକବାଡ଼ଖଥାର ନଇତଗ୍ରାମ ଏହାଙ୍କର ଜନ୍ମସ୍ଥାନ ସେଠାରେ ବହୁକାଳ ସେ ଗୋଟିଏ ଟୋଲ କରି ଅନେକ ଛାତ୍ରଙ୍କ ପ୍ରତିପାଳନ ସହିତ ଅଧ୍ୟାପନ କରୁଥିଲେ । ଶେଷରେ କେତେକବର୍ଷ କଲିକତାରେ ଗୋଟିଏ ଟୋଲ କରି ବୃଦ୍ଧ ହେବାରୁ କାଶୀବାସ କରିଥିଲେ ଯେ ସେହିଠାରେ ୮୬ ବର୍ଷ ବୟସରେ ସମ୍ପ୍ରତି ତାହାଙ୍କର କାଳ ହେଲ । ନ୍ୟାୟଶାସ୍ତ୍ରରେ ଏହାଙ୍କର ଅସାଧାରଣ ବ୍ୟୁତ୍ପତ୍ତି ଥିଲା ଓ ଫଳତଃ ଜ୍ୟୋତିଷରେ ବିଶେଷ ଖ୍ୟାତିଲାଭ କରିଥିଲେ । କଥିତ ହୁଏ ଯେ ତାହାଙ୍କର ଜଣେ ଶିଷ୍ୟ ୧୨ବର୍ଷ ପୂର୍ବେ ତାହାଙ୍କ କୋଷ୍ଠି ଦେଖି ସ ୧୮୯୪ ରେ ତାହାଙ୍କର ଆୟୁ ଶେଷ ହେବ ବୋଲି ଲେଖି ରଖିଯାଇଥିଲେ ଓ ତାହା ଠିକସଂଘଟନା ହେଲା । ନଦିଆ ଶାସ୍ତ୍ରରେ କପଳ ପରମ୍ପରା କରୁଥିଲେ ଏଥିରୁ ବୁଝା ଯାଉଅଛି ପଣ୍ଡିତବରଙ୍କର ଆଉ ଗୋଟିଏ ପ୍ରଶଂସାର କଥା ଏହି ଯେ ମନୁସଙ୍ଗୀତଶାସ୍ତ୍ର ସେ ଏମନ୍ତ କୃତାନ୍ତରୂପେ ଅଧ୍ୟୟନ କରିଥିଲେ ଯେ ପ୍ରତ୍ୟେକ ରାଗରାଗିଣୀ ଓ ତାଳର ସ୍ୱରୂପ ଅତି ସୂକ୍ଷ୍ମରୂପେ ଜାଣି ପାରିଥିଲେ । ବଡ଼ ବଡ଼ ସ୍ମାର୍ତ୍ତମାନେ ତାହାଙ୍କର ସଙ୍ଗିତଜ୍ଞାନର ପ୍ରଶଂସା କରୁଥିଲେ ଏବଂ କୌଣସି ସ୍ୱର ବା ତାଳଭେଦ ବିବାଦ ହେଲେ ତାହାଙ୍କର ମତ ଗ୍ରହଣ କରୁଥିଲେ ଏବଂ ତାହାଙ୍କୁ ଗୁରୁତୁଲ୍ୟ ମାନୁଥିଲେ । ଏକେ ଶାସ୍ତ୍ରରେ ଏକବ୍ୟକ୍ତି ଏତାଦୃଶ ସୁଶିକ୍ଷିତ ଲକ୍ଷଣ ସାମାନ୍ୟବିଷୟ ନୁହଇ ଓ ଏପରି ଗୁଣି ଲୋକଙ୍କର ବିୟୋଗରେ କାହାର ଦୁଃଖ ନ ହେବ । ମହାମହୋପାଧ୍ୟାୟ ମହେଶଚନ୍ଦ୍ର ନ୍ୟାୟରତ୍ନ ଏହାଙ୍କର ଭ୍ରାତୁଷ୍ପୁତ୍ର ଅଟନ୍ତି ଓ ବର୍ତ୍ତମାନ ସେ ଉକ୍ତବଂଶର ମର୍ଯ୍ୟାଦା ରକ୍ଷା କରୁଅଛନ୍ତି ।

---

## ପୁଲିସ—ଶାସନ ।

ବଙ୍ଗପ୍ରଦେଶର ଗବର୍ଣ୍ଣର ପୁଲିସବିଜ୍ଞାପନାସମ୍ବନ୍ଧରେ ମାନ୍ୟବର ଷ୍ଟେଟଲିଟ ସାହେବଙ୍କର ଯେଉଁ ମନ୍ତବ୍ୟ ବାହାରିଅଛି ତାହା ପାଠକରି ଆମ୍ଭେମାନେ ବଡ଼ ସନ୍ତୁଷ୍ଟ ହୋଇଅଛୁଁ । ସର ଷ୍ଟୁଆର୍ଟବେଲୀ ବାହାଦୂର ଏ ଭଗ୍ନଗର କାର୍ଯ୍ୟ ସମାଲୋଚନା କରି ଅଧୀନସ୍ଥ କର୍ମଚାରୀମାନଙ୍କୁ ଅନେକ ଉପଦେଶ ଦେଇଅଛନ୍ତି ଏବଂ ଯେଉଁଠାରେ ଯେଉଁ ଦୋଷ ଦେଖା ଯାଉଅଛି ତାହା ପ୍ରକାଶ କରିବାରେ ତ୍ରୁଟି କରି ନାହାନ୍ତି । ଏକ ସ୍ଥଳରେ ତାହାଙ୍କର ମନ୍ତବ୍ୟ ବଡ଼ ଗୁରୁତର ହୋଇଅଛି । ଏ ପ୍ରଦେଶରେ ସାଧାରଣ ଲୋକଙ୍କର ବିଶ୍ୱାସ ଯେ ଚୋର ଓ ବଦମାସ ମାନଙ୍କୁ ଦଣ୍ଡ ଦେଖାଇବା ବା ମାରପିଟ କରିବା ବିଲ ଅନ୍ୟାୟ ନୁହଇ ବରଂ ଉଚ୍ଚରେ ଲାଭ ଅଛି ଏବଂ ପୁଲିସ ତାହାକଲେ ସେ ଦୋଷ କେହି ଧରନ୍ତି ନାହିଁ । ଏଥିରୁ ଷ୍ଟେଟଲିଟ କହୁଅଛନ୍ତି କି କେତେକସ୍ଥଳେ କେବେ ଅନର୍ଥକ ପୁଲିସ ଅନ୍ୟାୟରୂପ ପ୍ରହାର କରନ୍ତି ଓ କେତେକସ୍ଥଳେ

Split by PDF Splitter
Digitized by srujanika@gmail.com

Split by PDF Splitter



ସମାଜିଷ୍ଟ୍ରେଟଙ୍କୁ ବଡ଼ତର ଦେଖାଇବାର ଚେଷ୍ଟା କରନ୍ତି । ମାତ୍ର ଯେଉଁଠାରେ ପୁଲିସର ଦୋଷ ପ୍ରମାଣ ହେବ ସେ ସ୍ଥଳେ ପୁଲିସ ପ୍ରତି ଦୟା ପ୍ରକାଶ କରିବା ବିପଦଜନକ ଅଟଇ । ଉଚିତତା ବିବେଚନାରେ ଦଣ୍ଡବିଧି ଆଇନ-ନିର୍ଦ୍ଦିଷ୍ଟ ଦଣ୍ଡ ସାଧାରଣ ଲୋକଙ୍କଠାରୁ ଅଧିକ ହୋଇପାରେ କିନ୍ତୁ ନୀତି ଆଇନର ପଶ୍ଚାଦ୍ଗାମୀ ହେବାକୁ ଯତ୍ନ କରଇ । ଏଥିପାଇଁ ଯେବେ ସେମାନଙ୍କୁ ମାଜିଷ୍ଟ୍ରେଟ କଲେ ବା ତଦନ୍ତକୁ ଚେଷ୍ଟା-ହେଲେ ଲୋକେ ସୁଖ ବୋଧକରନ୍ତି ସେବେ ଗବର୍ଣ୍ଣମେଣ୍ଟଙ୍କର କର୍ତ୍ତବ୍ୟ ହେଉଅଛି କି ଲୋକଙ୍କୁ ଉଚିତବ ଶିକ୍ଷାଇବାକୁ ଚେଷ୍ଟା କରିବେ ।

ଘଣ୍ଟି ଡକାଇତି ଚୋରି ଇତ୍ୟାଦି ଅପରାଧମାନ ଗତବର୍ଷରେ ପୂର୍ବବର୍ଷାପେକ୍ଷା ଊଣା ପଡ଼ିଅଛି ମାତ୍ର ସାମାନ୍ୟ ଅପରାଧ ଯଥା ବ୍ରାସାଟ ଇତ୍ୟାଦି ମଇଲା କରିବା ଅବକାଶ କମକି ଇତ୍ୟାଦି ଯତନ ସମ୍ପନ୍ନ କରିବା ଅପରାଧମାନ ବୃଦ୍ଧି ହୋଇଅଛି । ଏବଂ ମଇଲା କରିବା ଅପରାଧ ପ୍ରାୟ ୧୭୦୦ ମୂର ବୃଦ୍ଧି ହୋଇଅଛି । ଏଥିକୁ ଗେଜେଟ କହୁଅଛନ୍ତି କି ଲୋକେ ପ୍ରକାଶ୍ୟ ଏହି କାର୍ଯ୍ୟମାନ କରିବା ଅଥବା ପୁଲିସ ଏ ବିଷୟରେ ଅଧିକ ଦୃଷ୍ଟି ରଖିବାରୁ ଏପରି ହୋଇଥିବ । ଆମ୍ଭଙ୍କ ବିବେଚନାରେ ହାକିମମାନଙ୍କର ମିଜାଜ ଉପରେ ଏ ଅପରାଧ ଅଧିକ ପରିମାଣରେ ନିର୍ଭର କରଇ ଏବଂ ଏହିହେତୁ ହାକିମଙ୍କ ବଦଳରେ ଏକ ଜିଲ୍ଲାରେ ଅଧିକ ବା ଅଳ୍ପ ପରିମାଣରେ ଏ ଅପରାଧ ଘଟଇ । ସର ଷ୍ଟୁଅର୍ଟ ବେଲି ସାହେବଙ୍କର ଏହି ମନ୍ତବ୍ୟର ଯଥାର୍ଥତା ଅନୁଭବଦ୍ୱାରା ପ୍ରମାଣ ହୋଇଅଛି । କିନ୍ତୁ ହାକିମମାନଙ୍କ ମିଜାଜକୁ ଶାସନ କରିବା ବଡ଼ କଠିନ ବ୍ୟାପାର ଏହି ହେତୁରୁ ଲେଫଟନାଣ୍ଟ ମହୋଦୟ ସେ ପକ୍ଷରେ କିଛି ନ କହି ପୁଲିସର ଇନସ୍ପେକ୍ଟର ଜେନେରଲଙ୍କୁ ସତର୍କ କରି ଦେଉଅଛନ୍ତି କି ସେ ଯେମନ୍ତ ଏ ପ୍ରକାର ଅପରାଧର ଆଧିକ୍ୟ ବା ଊଣା ଦେଖି ପୁଲିସକର୍ମଚାରୀଙ୍କ ପ୍ରଶଂସା ବା ନିନ୍ଦା କରିବାର ପ୍ରବୃତ୍ତିର ବଶୀଭୂତ ନ ହେବେ । ବାସ୍ତବରେ ଅନେକ ପୁଲିସକର୍ମଚାରୀ ଆପଣା ଗୁରୁତର କାର୍ଯ୍ୟର ଯୋଗ୍ୟତା ଦେଖାଇବାକୁ ଅକ୍ଷମ ହୋଇ ମଇଲା କରିବା ଅପରାଧରେ ଲୋକଙ୍କୁ ଚାଲାଣ ଦେଇ ଆପଣା କାର୍ଯ୍ୟରେ ତତ୍ପର ଥିବାର ପରିଚୟ ଦିଅନ୍ତି । ତାହାଙ୍କର ଏହି ସାମାନ୍ୟ ବାହାଦୁରୀ ଧର୍ତ୍ତବ୍ୟ ନ ହେଲେ ସେମାନେ ଏଥିରୁ କ୍ଷାନ୍ତ ହୋଇ ପ୍ରକୃତକାର୍ଯ୍ୟରେ ମନୋଯୋଗୀ ହେବେ ଓ ତଦ୍ଦ୍ୱାରା ସର୍ବସାଧାରଣଙ୍କର ମଙ୍ଗଳ ଭିନ୍ନ ଅମଙ୍ଗଳ ହେବ ନାହିଁ । ପୁଲିସର ଗୋଟିଏ ପ୍ରଧାନ-କାର୍ଯ୍ୟ ପ୍ରତି ଗେଜେଟଙ୍କର ଅଣଦେଖା ଦେଖି ଅମ୍ଭେମାନେ କିଛି ନିରାଶ ହୋଇଅଛୁଁ । ଚୋରି ଧରିବା ଓ ଚୋରିମାଲ ବାହାର କରିବା ପୁଲିସର ଗୋଟିଏ ପ୍ରଧାନ କାର୍ଯ୍ୟ ପୂର୍ବ ବିଜ୍ଞାପନମାନଙ୍କରେ ଏଥିର ବିସ୍ତର ହେଉଥିଲା । ଗତବର୍ଷର ବିଜ୍ଞାପନରେ ସର ଟାମସନ ସାହେବ ଲେଖିଥିଲେ କି ଚୋରିମାଲ ବାହାର କରିବା କପାଳର କଥା ତାହା ପୁଲିସର ଯୋଗ୍ୟତାର ପରିଚୟ ପ୍ରଦାନ କରଇ ନାହିଁ । ବୋଧ ହୁଏଇ ଏହି ମନ୍ତବ୍ୟ ସ୍ୱବଧାନଜନକ ଲୀନ ହେବାରୁ ବର୍ତ୍ତମାନ ବିଷୟରେ କେତେଟଙ୍କାର ମାଲ ଚୋରି ଗଲା କେତେ ପୁଲିସଦ୍ୱାରା ପୁନଃ ପ୍ରାପ୍ତ ହେଲା ତହିଁର କିଛି ମାତ୍ର ଉଲ୍ଲେଖ ନାହିଁ । ଆମ୍ଭମାନଙ୍କ ବିବେଚନାରେ ଏ ବିଷୟ ପ୍ରତିବର୍ଷର ବିଜ୍ଞାପନରେ ଲେଖାହେବା ଓ ପୁଲିସର ଯୋଗ୍ୟତା ତହିଁ ଉପରେ ନିର୍ଭର କରୁଅଛି ବୋଲି ଗବର୍ଣ୍ଣମେଣ୍ଟଙ୍କର ପ୍ରକାଶ କରିବା ଉଚିତ ସେପରି ନ ହେଲେ ଚୋରି ଧରିବାକୁ ପୁଲିସର ଯତ୍ନ ହେବ ନାହିଁ ଓ ଲୋକଙ୍କର ଧନରକ୍ଷାର ସମ୍ୟକ୍ ବ୍ୟବସ୍ଥା ହେବ ନାହିଁ ।

---

## ବାରବାଟୀ ସ୍କୁଲ ।

ବାଲେଶ୍ୱରସ୍ଥ ବାରବାଟୀ ମଧ୍ୟମଶ୍ରେଣୀ ଇଂରାଜୀସ୍କୁଲର ଖଣ୍ଡିଏ ସଂକ୍ଷିପ୍ତ ଇତିହାସ ଉକ୍ତ ସ୍କୁଲର ମ୍ୟାନେଜିଂକମିଟୀଙ୍କ ଆଦେଶମତେ ସମ୍ପାଦକ ଭୂମ୍ୟୁଁ ଅବଦୁଲ ଖୋଦା ଖାଁଙ୍କଦ୍ୱାରା ପ୍ରକାଶିତ ହୋଇଅଛି ଏବଂ ଅମ୍ଭେମାନେ ତହିଁର ଏକଖଣ୍ଡ ସମାଲୋଚନା ନିମନ୍ତେ ପ୍ରାପ୍ତ ହୋଇଥିବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଏଥିରୁ ପ୍ରକାଶ ଯେ ବାବୁ ଭଗବାନଚନ୍ଦ୍ର ଦାସ ଏବଂ ତାହାଙ୍କ ପିତା ବାବୁ ମଦନମୋହନ ଦାସ ଏହି ବିଦ୍ୟାଳୟକୁ ସ୍ଥାପନ ଓ ବାବୁ ଭଗବାନଚନ୍ଦ୍ର ଦାସ ଏପର୍ଯ୍ୟନ୍ତ ଏଥିର କାର୍ଯ୍ୟ ନିର୍ବାହ କରି ଆସୁଥିଲେ । ବାରବାଟୀ ବର୍ଣ୍ଣାକ୍ୟୁଲର ସ୍କୁଲନାମରେ ଆଉ ଗୋଟିଏ ବିଦ୍ୟାଳୟ ବାବୁ ଶିବଚନ୍ଦ୍ର ସୋମଙ୍କଦ୍ୱାରା ସ୍ଥାପିତ ହୋଇଥିଲା ଏବଂ ଏହି ସ୍କୁଲର ଅବସ୍ଥା କ୍ରମଶଃ ମନ୍ଦ ହେବାରୁ ବାଲେଶ୍ୱରସଭାର ପରାମର୍ଶ ଓ ଉଦ୍ୟମରେ ତାହା ବାରବାଟୀ ଇଂରାଜୀସ୍କୁଲସଙ୍ଗରେ ମିଶିଗଲା । ମିଶିବା ସମୟରେ କୁମାର ବୈକୁଣ୍ଠନାଥ ଦେ ଉକ୍ତ ସ୍କୁଲର ସମ୍ପାଦକ ଥିଲେ ଏବଂ ଟ ୧୦ ଙ୍କା ଲେଖାଏ ଚାନ୍ଦା ଦେଉଥିଲେ । ଏହି ମିଶନ ଅର୍ଥାତ ବର୍ତ୍ତମାନର ମିଶିବା ଉତ୍ତାରୁ ଇଂରାଜୀସ୍କୁଲକୁ ମାସକୁ ଟ ୮ ଙ୍କା ଦେବା ଯାଉଥିବାରୁ ଭଗବାନ ବାବୁ ତାହା ଗ୍ରହଣ କଲେ ଏବଂ ସେସମୟରେ ସ୍କୁଲପ୍ରତି ତାହାଙ୍କର ଅଧିକ ମନୋଯୋଗ ଓ ଯତ୍ନ ଦେଖି ଭଗବାନବାବୁ ତାହାଙ୍କୁ ବଦାନ୍ୟତାପୂର୍ବକ ଆପଣା ସଙ୍ଗୀ ସମ୍ପାଦକ କଲେ । କିଛିକାଳ ଉତ୍ତାରୁ ଯୁଗ୍ମସମ୍ପାଦକତାରେ ଜଣେ ଇନସ୍ପେକ୍ଟରର ଆପତ୍ତି କରିବାରୁ ଭଗବାନ ବାବୁ ଓ ବୈକୁଣ୍ଠବାବୁ ଏହିପରି ନିୟମ କଲେ କି ସେମାନେ ଏକ ୧ ବର୍ଷ କ୍ରମାନ୍ୱୟେ ସମ୍ପାଦକ ହେବେ କିନ୍ତୁ ଭଗବାନ ବାବୁ ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ବୈକୁଣ୍ଠ ବାବୁଙ୍କଠାରେ ଉକ୍ତ ପଦ ରହିଗଲା । ଅତଏବ ଦେଖାଯାଏ ଯେ ଏ ବିଦ୍ୟାଳୟର ଆରମ୍ଭଠାରୁ ଅବଧି ପର୍ଯ୍ୟନ୍ତ ଭଗବାନବାବୁ ତହିଁର ଅବୈତନିକ କାର୍ଯ୍ୟାଧ୍ୟକ୍ଷ ସମ୍ପାଦକ ଇତ୍ୟାଦି ଯାହା କେଉଁପାର ତାହା ରହିଅଛନ୍ତି । କୁମାର ବୈକୁଣ୍ଠନାଥ ଦେ ଏ ସ୍କୁଲ କିମ୍ବା ବାରବାଟୀର ପୁରୁଣା ସ୍କୁଲର ସ୍ଥାପୟିତା ବା ଅଧିକାରୀ ଇତ୍ୟାଦି କିଛି ନ ଥାଇ ଅନ୍ୟାନ୍ୟ ଲୋକଙ୍କପରି ଜଣେ ଚାନ୍ଦାଦାତା ଥାଇ ଶେଷକୁ କେତେକାଳ ତହିଁର ସମ୍ପାଦକ ହୋଇଥିଲେ । ସେହିପଦ ଉପଲକ୍ଷରେ ମିଶ୍ରିତ ସ୍କୁଲର ସମ୍ପାଦକ ସେ ହୋଇ ନାହାନ୍ତି କେବଳ ଭଗବାନ ବାବୁ ତାହାଙ୍କପ୍ରତି ସୌଜନ୍ୟତା ଦେଖାଇବା କାରଣ ଆପଣ ସଙ୍ଗୀ କରିଥିଲେ । ଉପସ୍ଥିତ ବିବାଦପୂର୍ବ ଉକ୍ତ ବାବୁ ଦୁହିଁଙ୍କ ଛଡ଼ା ସ୍କୁଲର ତତ୍ତ୍ୱାବଧାରଣ ଅନ୍ୟ କେହି କରିବା କିମ୍ବା ତହିଁ ନିମନ୍ତେ କୌଣସି କମିଟୀ ଥିବାର ପ୍ରକାଶ ହେଉ ନାହିଁ । ସମ୍ପ୍ରତି ହୁଏଇ ବୈକୁଣ୍ଠ ବାବୁ ଏହି ଘଟଣାକୁ ଅବଲମ୍ବନ ଓ ଆପଣାକୁ କାର୍ଯ୍ୟାଧ୍ୟକ୍ଷ ଓ ଭଗବାନ ବାବୁଙ୍କୁ କେବଳ ଅଧିକାରୀ ଷ୍ଟାନକର ଅଧାଭାଗ ବସାଇବାକୁ ପ୍ରବୃତ୍ତ ହେଲେ । ଏ ସମ୍ବନ୍ଧରେ ଅମ୍ଭେମାନେ ବାହାଙ୍କର ଶୁଣାକଥାରେ ନିର୍ଭର କରିବାକୁ ଇଚ୍ଛୁକ ନ ଥିଲୁଁ କିନ୍ତୁ ଏହି ଇତିହାସରେ କୁମାରଙ୍କର ଗତ ସେପ୍ଟେମ୍ବରମାସ ତା ୧୬ ରିଖର ଖଣ୍ଡିଏପତ୍ର ପ୍ରକାଶିତ ହୋଇଅଛି ଏବଂ ତହିଁରେ ସ୍ପଷ୍ଟ ଲେଖାଅଛି କି ସେ ଉକ୍ତସ୍କୁଲବାବତ ଜମାଥିବା ଟଙ୍କା ଅଧେ ଦାବୀ କରିଥିଲେ ଏବଂ ତହିଁର ନିଜଦଳ ଉତ୍ତାରୁ ଭଗବାନ ବାବୁ ସିନ୍ଧା-

Digitized by srujanika@gmail.com

ବିଭାଗୀୟ କର୍ମଚାରୀଙ୍କ ମଞ୍ଜୁରୀ ବିନା ଜମାଥିବା ଟଙ୍କାର ଅର୍ଦ୍ଧେଭାଗ ତାହାଙ୍କୁ ଦେଇ ନ ପାରିବାର କାରଣ ହେବା ଓ ସେହିପରି କୁମାର ଦରବାର ପଠାଇ ସ୍କୁଲ ବନ୍ଦ କରି ଦେବାରୁ ହିଁ ନ ବୋଲିବ ଯେ କୁମାର ବୈକୁଣ୍ଠନାଥ ଦେ ବାଙ୍ଗାଳୀ ଭାଗ ନ ପାଇବାରୁ ଏହି ଲଙ୍କାକାଣ୍ଡ ଉଠାଇ ଅଛନ୍ତି। ସ୍କୁଲ ପାଣ୍ଠିରେ ଜମାଥିବା ଟଙ୍କାର ସେଭିଂସ ବ୍ୟାଙ୍କରେ ରହିଅଛି ଏବଂ ବିଭାଗୀୟ ଉଚ୍ଚକର୍ମଚାରୀଙ୍କୁ ତାହା ବିଲକ୍ଷଣ ଜଣା ଅଛି। ଉକ୍ତ ଟଙ୍କା ସେଭିଂସ ବ୍ୟାଙ୍କରେ ଜମା କରିବାର ଆଦେଶ ହେବାରୁ ଗତ ମଇମାସ ତା ୩୦ ରିଖରେ ସ୍ୱୟଂ କୁମାର ସେକ୍ରେଟାରୀ ସ୍ୱରୂପ ଉକ୍ତ ଟଙ୍କା ସ୍କୁଲଘର ସକାଶେ ଇଷ୍ଟାପାଇଁ ଦାଖଲ ଦେବା ନିମିତ୍ତ ଇନ୍ସପେକ୍ଟରଙ୍କ ଅନୁମତି ପ୍ରାର୍ଥନା କରିଥିଲେ। ତେବେ ଏପରିପତ୍ର ଲେଖିଦେଲେ ତଲବ କରିବା କପରି କଥା ହେଲା ଆମ୍ଭେମାନେ ବୁଝିପାରୁ ଅଛୁ। ଉକ୍ତ ବାବୁଙ୍କର ଏପରି ଅବସ୍ଥା ନୁହଇ ଯେ ଉକ୍ତ ଟଙ୍କା ସେ ଖାଇଯାଇଲେ କିମ୍ବା ସ୍କୁଲଘର ନିମିତ୍ତ ଉକ୍ତ ଟଙ୍କା ତାହାଙ୍କୁ ତଲବ ହେବା ଓ ସେ ତାହା ନ ଦେବାର ପ୍ରକାଶିତ ହୋଇ ନାହିଁ। ତଥାଚ ଯେବେ କୁମାରଙ୍କ ମନରେ କୌଣସି ସନ୍ଦେହ ହୋଇଥିଲା ତେବେ ସେ ଉକ୍ତ ଟଙ୍କା ସେଭିଂସ ବାଙ୍କରେ ରଖାଇବା କାରଣ ତଲବ କରିଥାନ୍ତେ ଓ ଭଗବାନ ବାବୁ ନ ଦେଲେ ସାଧାରଣ ହିତ ନିମିତ୍ତ ତାହାଁର ବହୁତ ଉପାୟ ଥିଲା। ତାହା ନ କରି ଅର୍ଦ୍ଧେଭାଗ ତଲବ କରିବାର କାରଣ କେଁ ? ସାଧାରଣ ଉପକାର ନିମିତ୍ତ ରହିଥିବା ସ୍କୁଲର ଉଦ୍ବୃତ୍ତ ଟଙ୍କାରୁ ଯେସ୍ତିକେ ସେ ଅର୍ଦ୍ଧେଭାଗ ଦାବି କଲେ ସେଥିରେ କିଏ ନ କହିବ ଯେ ସାଧାରଣହିତକାର୍ଯ୍ୟରେ କୁମାରଙ୍କର ଯେଉଁ ନାମ ବାହାର ଅଛି ତାହା ନାମ ମାତ୍ର ନିଜ୍ୱାର୍ଥ ଅର୍ଥଲଦର ସ୍ନେହ ପାଇଲେ ସେ ଛାଡ଼ିବାକୁ ପ୍ରସ୍ତୁତ ନୁହନ୍ତି। ଏପ୍ରକାର ନାମ କରିବାକୁ ଗୋଟିଏ ବ୍ୟବସାୟ ବୋଲିଯାଏ ଓ ଏପ୍ରକାର ବ୍ୟବସାୟ ଯେତେଶୀଘ୍ର ରହିତ ହେବ ତେତେ ମଙ୍ଗଳ। ଆମ୍ଭେମାନେ ଅତ୍ୟନ୍ତ ମନୋଦୁଃଖରେ ଏହାକୁ ଲେଖିବାକୁ ବାଧ୍ୟ ହୋଇଅଛୁଁ। ପୁଣି ଅଧିକ ଦୁଃଖର ବିଷୟ ଯେ ଓଡ଼ିଶାର ଜଏଣ୍ଟ ଇନ୍ସପେକ୍ଟର ଏବଂ ବାଲେଶ୍ୱରର ମାଜିଷ୍ଟ୍ରେଟ ଏସବୁ କଥା ବିଚାର ନ କରି ପ୍ରଥମ ବ୍ୟକ୍ତି ଏଠାରୁ ସରକାରୀ ସାହାଯ୍ୟ ବନ୍ଦ କରି ଦେଲେ ଏବଂ ଦ୍ୱିତୀୟ ବ୍ୟକ୍ତି ଯାହା କଲେ ତାହା ଏଥିପୂର୍ବେ ପ୍ରକାଶିତ ହୋଇ ଅଛି। ଭରସା କରୁଁ ବାଲେଶ୍ୱରବାସିମାନେ ଆପଣା ସ୍କୁଲ ରକ୍ଷା ନିମିତ୍ତ ବହୁତ ଉପାୟ କରିବେ।

---

ଓଡ଼ିଶାର ସନ ୧୮୮୬।୮୭ ସାଲ—
ବାର୍ଷିକ ସାଧାରଣଶାସନ ବିବରଣ।

ସରକାରୀ ନାନା ମଫସ୍ୱଲ କାର୍ଯ୍ୟ ଏବଂ କମିଶନରଙ୍କ ଅଧୀନ କର୍ମଚାରୀମାନଙ୍କରେ କରୁଁପ ନିର୍ବାହିତ ହୋଇଅଛି ଏବଂ ତଦ୍ଦ୍ୱାରା ଯେ ଫଳ ଘଟିଅଛି ପ୍ରତିବର୍ଷ ତାହା ବୁଝିବା ଏବଂ ଯେଉଁଠାରେ ଯାହା ତ୍ରୁଟି ଅଧିକ ଅଛି ତହିଁର ବ୍ୟବସ୍ଥା କରିବ ସରକାରଙ୍କର ଗୋଟିଏ ଉତ୍ତମ ବନ୍ଦୋବସ୍ତ ଅଟଇ। ଏ ବନ୍ଦୋବସ୍ତର ମୂଲ୍ୟ ବାର୍ଷିକବିବରଣର ଯଥାର୍ଥତା ଉପରେ ନିର୍ଭର କରଇ। ଯଥାର୍ଥ ବିବରଣ ପାଇବା ପକ୍ଷରେ ଗବର୍ଣ୍ଣମେଣ୍ଟ ବିଭିନ୍ନଉପାୟ ନିଶ୍ଚୟ କରିଅଛନ୍ତି। ଯଥା ବାରମ୍ବାର ନେଟିଭ ମଫସ୍ୱଲ ବିଶେଷ କାର୍ଯ୍ୟର ଫଳାଫଳର ତାଲିକାମାନ ପଠାଇବେ ଏବଂ ଆପଣା ଏଲାକାମଧ୍ୟରେ ଅନ୍ତତଃ ମାସରେ ୨ ୧୦ ଦିନ ମଫସ୍ୱଲ ଭ୍ରମଣ ଏବଂ ଲୋକଙ୍କ ସଙ୍ଗରେ କଥାବାର୍ତ୍ତା କରି ସେମାନଙ୍କର ସାଂସାରିକ ଅବସ୍ଥା ଓ ମନୋଗତଭାବ ଅବଗତ ହେବେ। ସ୍ଥାନୀୟ କାଳମାନେ ଯେବେ ଯତ୍ନ ଓ ବିଚକ୍ଷଣତା ସହିତ ଏହି ଉପାୟମାନ ଅବଲମ୍ବନ କରିଅଛନ୍ତି କି ନାହିଁ ଏକଥା ଗବର୍ଣ୍ଣମେଣ୍ଟଙ୍କର ପ୍ରଥମେ ଦେଖିବାର ଉଚିତ। ଯେବେ ତାହା ନ ହେବ ତେବେ ବାର୍ଷିକବିବରଣର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେବ ନାହିଁ ଏଥିକୁ ଆମ୍ଭେମାନେ ଓଡ଼ିଶାର ବିବରଣ ପାଠକରି ଦେଖୁଅଛୁଁ ଯେ କଟକର କଲେକ୍ଟର ଉପଯୁକ୍ତ ସମୟରୁ ୨୮ ଦିନ ଓ ବାଲେଶ୍ୱରର କଲେକ୍ଟର ୨୧୫ ଦିନ ଊଣା ଭ୍ରମଣ କରିଥିଲେ ଏବଂ ପୁରୀର କଲେକ୍ଟରଙ୍କ ଗସ୍ତ ନିୟମିତରୂପେ ହୋଇଥିଲା ଅତଏବ ଗସ୍ତ ନିମନ୍ତେ ସନ୍ତୋଷଜନକ ନ ହେଲେହେଁ ତହିଁର ଫଳ ସନ୍ତୋଷଜନକ ହେବାର ବୋଲିଯାଇ ନ ପାରେ। ଏଥିର ଗୋଟିଏ ପ୍ରଧାନ ଉଦାହରଣ ଏହି କି ପୁରୀର କଲେକ୍ଟର ଲେଖିଅଛନ୍ତି କି ଜଗନ୍ନାଥମନ୍ଦିର ବିଷୟରେ ସରକାରଙ୍କର ମୋକଦ୍ଦମା ଦାଏର କରିବା ସମ୍ପୂର୍ଣ୍ଣରୂପେ ଉଚିତ ବୋଲି ସ୍ଥାନୀୟ ସର୍ବସାଧାରଣ ବିବେଚନା କରିଥିଲେ। ଏ ବର୍ଣ୍ଣନାଟି ଯଥାର୍ଥ ହେଲା କି ? ପୁରୀମନ୍ଦିରର ମୋକଦ୍ଦମା ସମ୍ପର୍କରେ ଓଡ଼ିଶାରେ ଯେପରି ଆନ୍ଦୋଳନ ଉପସ୍ଥିତ ହୋଇଥିଲା ପ୍ରାୟ ଅନ୍ୟକୌଣସି ସମୟରେ ସେପରି ହୋଇ ନାହିଁ। କଟକର ଉତ୍କଳସଭା ଓ ଜଗନ୍ନାଥଭକ୍ତିପ୍ରଦାୟିନୀ ସଭା ଏବଂ ପୁରୀର ସନାତନଧର୍ମରକ୍ଷିଣୀ ସଭା ଏପରି ସ୍ଥାନୀୟ ସମସ୍ତ ସମ୍ବାଦପତ୍ର ଗବର୍ଣ୍ଣମେଣ୍ଟଙ୍କର ଏହି କାର୍ଯ୍ୟକୁ ଅଯଥା କହି ମୋକଦ୍ଦମା ଉଠାଇନେବା କାରଣ ଆବେଦନ କରିଥିଲେ। ଆବେଦନପତ୍ରମାନ କମିଶନରଙ୍କଦ୍ୱାରା ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ପ୍ରେରିତ ହୋଇଥିଲା ଏବଂ ଭାରତବର୍ଷର ଅନେକ ଅନେକ ସମ୍ବାଦପତ୍ରରେ ସେସବୁ ପ୍ରକାଶ ହୋଇଥିଲା। ଏତେକାଣ୍ଡ ସତ୍ତ୍ୱେ ପୁରୀର କଲେକ୍ଟର ଲେଖିଲେ ଯେ ସ୍ଥାନୀୟ ସର୍ବସାଧାରଣ ଉକ୍ତ ମୋକଦ୍ଦମା ସମ୍ପର୍କରେ ଗବର୍ଣ୍ଣମେଣ୍ଟଙ୍କ କାର୍ଯ୍ୟକୁ ଉଚିତ ଜ୍ଞାନ କରିଥିଲେ ଏବଂ କମିଶନର ଓ ଗବର୍ଣ୍ଣମେଣ୍ଟ ତହିଁର କିଛିମାତ୍ର ପ୍ରତିବାଦ ନ କରି ସେହି ଲେଖାକୁ ଅବିକଳ ସ୍ୱୀକାର କରିଦେଲେ। ଯେଉଁ ବାର୍ଷିକବିବରଣୀରେ ଏପ୍ରକାର ଭ୍ରମାତ୍ମକ କଥା ଥାଏ ତହିଁ ପ୍ରତି ଲୋକଙ୍କର ଆସ୍ଥା କପରି ହେବ ଏବଂ ତଦ୍ଦ୍ୱାରା ଶୁଭଫଳ ଅବା କପରି ଘଟିବ। କଟକରେ ସ୍କୁଲଙ୍କର ବନ୍ଦୋବସ୍ତ ଓ ଜଙ୍ଗଲସମ୍ପର୍କରେ କେତେ ଅସନ୍ତୁଷ୍ଟ ଥିବାର ଲେଖାଅଛି ମାତ୍ର ତାହା ନ୍ୟାଯ୍ୟ କି ଅନ୍ୟାୟ ସେ ବିଷୟରେ କିଛି ମନ୍ତବ୍ୟ ପ୍ରକାଶ ହୋଇ ନାହିଁ।

ବାର୍ଷିକ ବିଜ୍ଞାପନୀ ଯେମନ୍ତ ସାବଧାନତାରେ ପ୍ରକାଶ ହେବାର ଉଚିତ ତାହା ହୋଇ ନ ଥିବାର ଦେଖାଇବା ନିମିତ୍ତ ଆମ୍ଭେମାନେ ଉପରଲିଖିତ କଥାମାନ ଲେଖିଲୁଁ। ବର୍ତ୍ତମାନ ଉକ୍ତ ବିଜ୍ଞାପନୀର ସାରାଂଶ ପାଠକମାନଙ୍କୁ ଜଣାଉଅଛୁଁ। କ୍ରମଶଃ

## ସାପ୍ତାହିକ ସଂବାଦ।

ଅସ୍ମାନଙ୍କ କମିଶନର ସାହେବ ଉଠିଯିବାର ଦେଖାଯାଉଅଛି ଯାଇଥିଲେ। ଶୁଣାଯାଏ ସେ ଶୀଘ୍ର ଫେରିଆସିବେ। ସେଠାରେ ରାଇବାଡ ସାହେବ ମୀମାଂସା କରିଦେଲେ ବଡ ସୁଖର ବିଷୟ ହେବ।

ଅସ୍ମାନଙ୍କର କଲେକ୍ଟର ସାହେବ ଏଠାରୁ ଉଠିଯାଇ ବେଳପଡ଼ା ମାର୍ଯ୍ୟାଦାରେ ଅଞ୍ଚଳକୁ ଗସ୍ତରେ ଯାଇଅଛନ୍ତି ତା ୧୪।୧୫ ର ମୋକଦ୍ଦମାରେ ରହିବେ। ପୂର୍ବପର ଏଥର ମାତ୍ର ଅଳ୍ପ ସଙ୍ଗରେ ଯାଇଅଛନ୍ତି।

କୋରଧାରୁ ଖଡ଼ଗୋଷ୍ଠରେ ଗୋଟିଏ ଅଦ୍ଭୁତ ପ୍ରକାର ମୋକଦ୍ଦମା ଘଟିଅଛି। ଗିରଫ କାଳିଆ ନାୟକ ନାମରେ ତାହାର ଜିଲ୍ଲା ପ୍ରଧାନ ଆସାମି ଅନ୍ୟମାନଙ୍କ ସାହାଯ୍ୟରେ

Split by PDF Splitter

Digitized by srujanika@gmail.com

Split by PDF Splitter



ଗୁଜମ ଗ୍ରାମର ଏକ ପ୍ରଚଣ୍ଡଦର୍ଶୀ ରହି ରୋଗରେ ଜଡ଼ନ୍ତ ଅକାଳ ଥିବାରୁ ଉକ୍ତ ଗ୍ରାମବାସୀ ଜଗନ୍ନାଥ ପରମାନନ୍ଦ ବେହେରା ଅମ୍ ସମୀପରୁ ସେହି ଔଷଧ ନେଇ ରୋଗୀପ୍ରତି ଅଳ୍ପକାଳ ମଧ୍ୟ ପ୍ରୟୋଗ କରିଥିବାରୁ ରୋଗୀ ଅତ୍ୟଳ୍ପ ଦିନମଧ୍ୟରେ ରୋଗରୁ ମୁକ୍ତି ଲଭିଲେ; ଏବଂ ଔଷଧଦ ଯୁବରାଜମହାଶୟଙ୍କୁ ଭୂରି ଧନ୍ୟବାଦ ଦେବାକୁ ଲାଗିଲେ । ଏଣୁ ଏତାଦୃଶ ଉଦାରପ୍ରକୃତି ଦୟାଳୁଗୁଣବିଶିଷ୍ଟ ମହାତ୍ମାଙ୍କ ଯଶ ଓ ଗୁଣ ବର୍ଣ୍ଣନ ବ୍ୟସ୍ତ ହେବାର ଜାଣି ଅକ୍ଷାନ୍ତ ନ ହେବା ହେତୁରୁ ଅକ୍ଷମ ହୋଇ ସର୍ବତ୍ର ପ୍ରକୃତ ଅର୍ଥ ପ୍ରେରଣ କଲି । ଇତି

୧୫।୧୧।୯୭
ସମ୍ବଲପୁର

ଶ୍ରୀ ଦାମୋଦର ଓଝା
ପ୍ରଧାନ ଶିକ୍ଷକ
ଘୁଲଖଗ୍ ସହାୟକ ସ୍କୁଲ

———

ମହାଶୟ !

ଅନୁଗୁଳକକ୍ଷାରେ ବର୍ତ୍ତମାନ ଯେପରି ଦୁର୍ଭିକ୍ଷ ହେଉଅଛି ତାହା ଆପଣଙ୍କୁ ଓ ଆପଣଙ୍କର ପାଠକମାନଙ୍କୁ ଅଗୋଚର ନାହିଁ । ଏଠାରେ ଧାନ ଚାଉଳାଦି ଅନ୍ନ ଖାଦ୍ୟସାମଗ୍ରୀ ଖରିଦ କର୍ତ୍ତାହେବାରୁ ମିଳୁ ନ ଥିବାରୁ ସମସ୍ତଶ୍ରେଣୀର ଲୋକଙ୍କର ବିଶେଷ କଷ୍ଟ ହେଉଅଛି । ଗଡ଼ଜାତରେ ହାଟ ବଜାର ଅଧିକାଂଶ ସ୍ଥଳରେ ନ ଥିବାରୁ ମୁଗଲବନ୍ଦୀ ମହାଜନମାନେ ଗାଁରେ ବୁଲି ବାଣିଜ୍ୟ କାରବାର କରଥାନ୍ତି । ଏତଦ୍ଦ୍ୱାରା ବାଣିଜ୍ୟର ଉନ୍ନତି ଓ ଲୋକମାନଙ୍କର ସୁବିଧା ହୋଇଥାଏ । ଅନୁଗୁଳ ବର୍ତ୍ତମାନ-ଅବସ୍ଥାରେ ଉକ୍ତ ମୁଗଲବନ୍ଦୀ ମହାଜନମାନଙ୍କଠାରୁ ଅନେକ ଉପକାର ଲାଭ କରିପାରନ୍ତି କିନ୍ତୁ ଦୁଃଖର ବିଷୟ ଯେ ଗାଁରେ ବୁଲି କାରବାର କରିବା ବିଷୟରେ ସ୍ଥାନୀୟ କର୍ତ୍ତୃପକ୍ଷମାନେ ବାଧା ଦେଉଥିବା ଓ କେତେକ ବେପାରୀ ସଜା ପାଇଥିବାରୁ ସେହି ପୂର୍ବପରି କାରବାର କରିବାକୁ ସାହସ କରୁନାହାନ୍ତି । ଏହି କାରଣରୁ ଲୋକଙ୍କର ବିଶେଷ କଷ୍ଟ ଓ କ୍ଷତି ହେଉଅଛି । ପାଠକେ ! ପରଗଣାମାନଙ୍କ ବାଣିଜ୍ୟ ବନ୍ଦ କରାଯାଇଥିବାରୁ ଅବାଧ ବାଣିଜ୍ୟନୀତି କି ଲୁପ୍ତପ୍ରାୟ କରାହୋଇ ନାହିଁ ? ଆଶା କରୁଁ ସ୍ଥାନୀୟକର୍ତ୍ତୃପକ୍ଷୀୟମାନେ ଆପଣା ଭ୍ରମ ବୁଝିପାରି ନିଷେଧାଜ୍ଞା ରହିତ କରିଦେଇ ବାଣିଜ୍ୟବିସ୍ତାରର ପଥ ପରିଷ୍କାର କରିଦେବେ ।

ଅନୁଗୁଳ ଓ ଅନ୍ୟାନ୍ୟପ୍ରଦେଶରେ ଅସ୍ୱାସ୍ଥ୍ୟ ଅଧିକ ଜାତ ହୋଇଥିବାରୁ ଦୁର୍ଭିକ୍ଷଜନିତ ଦୌରାତ୍ମ୍ୟ ବୃଦ୍ଧି ହେଉଅଛି ଓ ଲୋକେ ଅନ୍ନାଭାବରେ ଅସମର୍ଥ ହୋଇ ବନ୍ୟ ଫଳମୂଳକନ୍ଦାଦି ଭକ୍ଷଣଦ୍ୱାରା ପ୍ରପୀଡ଼ିତ ହେଉଅଛନ୍ତି । ଇତିମଧ୍ୟରେ କେତେକଲୋକ ଉଦରାମୟ ଲୋଲୁପ ଦୁର୍ଦ୍ଦାନ୍ତ ଭକ୍ଷଣଦ୍ୱାରା ଅକାଳ ମୃତ୍ୟୁ ହୋଇ କଷ୍ଟ ଓ ଧନ କ୍ଷୟ ହୋଇଅଛନ୍ତି । କେତେକ ଲୋକ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଡାକ୍ତରବାବୁଙ୍କ ବିଶେଷ ଯତ୍ନରୁ ଆରୋଗ୍ୟ ଲାଭ କରିଅଛନ୍ତି । ଅସ୍ୱାସ୍ଥ୍ୟ ଅଧିକ ପ୍ରବଳ ହୋଇଥିବାରୁ ଜୀବିକାପାଇଁ ଜଙ୍ଗଲିଲୋକଙ୍କର ଯେ କେତେଦୂର କଷ୍ଟ ଉପସ୍ଥିତ ହୋଇଅଛି ତାହା ବର୍ଣ୍ଣନାତୀତ । ଅନୁଗୁଳରେ ପ୍ରଥମେ ରିଲିଫ ପରେ ଉକ୍ତ ଅଞ୍ଚଳ କ ନ୍ୟାୟବଳରେ କାମ ହେଲ ଓ ତାହା କରିବାଦ୍ୱାରା ନିରୀହ ପ୍ରଜାଙ୍କୁ ଅକାରଣ କଷ୍ଟ ଦେଇ ସର୍କାର କି ଉତ୍କୃଷ୍ଟ ଫଳ ଲାଭ କରିଛନ୍ତି ତାହା ବୁଝିପାରୁ ନାହୁଁ । କର୍ତ୍ତୃପକ୍ଷୀୟମାନେ ଅବସର ଉକ୍ତ ଅଞ୍ଚଳ ରହିତ କରିଦେଇ ପ୍ରଜାମାନଙ୍କର ଆଶୀର୍ବାଦଭାଜନ ହେଉନ୍ତୁ । ଇତି ।

।ନ। ଶ୍ରୀ—

## ଶ୍ରୀ ଜଗନ୍ନାଥ ସନାତନଧର୍ମରକ୍ଷିଣୀ ସଭାର କାର୍ଯ୍ୟାଳୟ ।

ଅଦ୍ୟ ତା ୨୫ ଖ ସିତମ୍ବର ରବିବାର ଏହାର ଅଧିବେଶନରେ ନିମ୍ନଲିଖିତ ପ୍ରସ୍ତାବମାନ ନିର୍ଦ୍ଧାରିତ ହେଲା ।

୧ ମ—ନିର୍ଦ୍ଧାରଣ ପୁରୀର ପୂର୍ବ ମହାରାଜାମାନେ ପଣ୍ଡିତସଭା କରି ସଭାର ବ୍ୟାପକତ୍ୱର ମତେ ସକଳ କାର୍ଯ୍ୟ କରୁଥିଲେ ବର୍ତ୍ତମାନ ସେପରି କିଛି ଦେଖାଯାଉ ନାହିଁ ନଗରମଧ୍ୟରେ ଗୋଟିଏ ପଣ୍ଡିତସଭା ସ୍ଥାପନ ହେଲେ କାକାଳଗ ମହାରାଜାଙ୍କର ରାଜ୍ୟର ବିଶେଷ ଉପକାର ଓ କଲ୍ୟାଣ ହେବ ଓ ମଧ୍ୟ ପ୍ରଜାବାଟୀର କର୍ମଗୁରୁମାନେ ଭଲ ଉପଦେଶ ପାଇ ପାରିବେ ।

୨ ୟ—ନିର୍ଦ୍ଧାରଣ ମୁକ୍ତିମଣ୍ଡପରେ ବସୁଥିବା ଷୋଳଶାସନର ବ୍ରାହ୍ମଣମାନେ ପୂର୍ବ ମହାରାଜାମାନଙ୍କ ଅମଳରେ ପୁରାଣ ପାଠ ଶାସ୍ତ୍ର ପାଠ କରୁଥିଲେ ବର୍ତ୍ତମାନ ସେପରି ଦେଖାଯାଉ ନାହିଁ ଅତଏବ ରାଣୀସାହେବଙ୍କର ସେମାନଙ୍କପ୍ରତି ଦୃଷ୍ଟି ରଖିବା ଉଚିତ ।

୩ ୟ—ନିର୍ଦ୍ଧାରଣ ମନ୍ଦିରମଧ୍ୟରେ ସମସ୍ତ ସେବକ ଓ ଅଧିକାରସହିତରେ ମନୁଷ୍ୟମାନଙ୍କର ବିଶେଷ କଷ୍ଟ ହେଉଥିଲେ ସୁଦ୍ଧା ମନ୍ଦିରର କର୍ତ୍ତୃପକ୍ଷ ପୂଜାକର୍ମଚାରୀମାନେ ଉକ୍ତ ବିଷୟ ଶ୍ରୀ ରାଣୀସାହେବଙ୍କ ଗୋଚରରେ ଜଣାଇବାର ଏ ସଭା କହି ଜାଣିପାରୁ ନାହାନ୍ତି ଯଦି ରାଣୀସାହେବ ତାହା ଜାଣନ୍ତେ ତେବେ ଉକ୍ତ କଷ୍ଟ ଅବଶ୍ୟ ନିବାରଣ ହୁଅନ୍ତା ।

ସଭା ଅନୁରୋଧ କରନ୍ତି ଯେ ଉପରୋକ୍ତ ଏ ନିର୍ଦ୍ଧାରଣମାନଙ୍କର ନକଲ ଶ୍ରୀ ମହାରାଣୀ ସାହେବଙ୍କ ହଜୁରକୁ ଆବେଦନ ଦ୍ୱାରା ପ୍ରେରଣ କରାଯିବ ।

୪ ର୍ଥ—ନିର୍ଦ୍ଧାରଣ ଏ ସହରରେ ମେଘା ଓ ଦୁର୍ଭିକ୍ଷ ଦ୍ୱାରା ଚର୍ଚ୍ଚା ଲାଗିଥିବା ଓ ମଧ୍ୟ ମିଉନିସିପାଲ କର୍ମଚାରୀ ସହରମଧ୍ୟରେ ଯେସ୍ଥଳେ ବିଚରୁଥିବାରେ ଦକ୍ଷିଣଦେଶୀ ଦୋକାନୀମାନେ ଆପଣା ଦୋକାନମାନଙ୍କରେ ମିଶାମିଶି ନ ରଖି ଗୋପନସ୍ଥାନମାନଙ୍କରେ ରଖାଇ ଲୁଚାଇ ବିକ୍ରୟ କରୁଅଛନ୍ତି ପ୍ରକାଶଥାଉ କି ମିଉନିସିପାଲ କର୍ତ୍ତୃପକ୍ଷଙ୍କ ଯତ୍ନରୁ ଦେଖିଯିବା ସ୍ଥାନରୁ ପୂର୍ବାପେକ୍ଷା ବର୍ତ୍ତମାନ ବିଶେଷ ଅମଦାନି ହେବାର ଦେଖାଯାଏ ଏ ବିଷୟରେ ସେମାନଙ୍କର ଦୃଷ୍ଟି ରହିଲେ ବିଶେଷ ଉପକାର ହେବାର ସମ୍ଭାବନା ।

୫ ମ—ନିର୍ଦ୍ଧାରଣ ବର୍ତ୍ତମାନ ମହାଧାର୍ମ୍ମିକ ଧର୍ମମାସ ଉପସ୍ଥିତ ଲୋକମାନେ ପ୍ରାତଃସ୍ନାନ କରି ଧର୍ମକର୍ମରେ ରତ ରହିବେ । କିନ୍ତୁ ଦୁଃଖର ବିଷୟ ଏହି ଯେ ଏ ପୁଣ୍ୟସ୍ଥଳର ମଧ୍ୟରେ ଗୋରୁମାନେ ଯାଏଣ୍ଟା ମଏଲଗାଡ଼ି ଚଳାଇ କରୁଅଛନ୍ତି । ତାହା ଦେଖାଲେ ହିନ୍ଦୁଧର୍ମର ଉଚ୍ଛେଦ ହେଉଅଛି । ହିନ୍ଦୁମାନେ ମଳ ତ୍ୟାଗକରି ଆପଣା ହାତରୁ ଜଳ ଦେଇ ଅପଣାଧର୍ମରେ ଦୃଢ଼ ଗୋରୁମାନଙ୍କଦ୍ୱାରା ସେହି ମଏଲା ଉଠାଉଥିବାର ଦେଖାଯାଏ । ଏପରି ସ୍ଥଳ ସହରମଧ୍ୟ ପ୍ରାତଃସ୍ନାନ କରି ଫେରିବାର ରଖି ଧର୍ମକର୍ମ କଲେ ମଧ୍ୟ ଅମ୍ଭମାନଙ୍କର ନିସ୍ତାର ହେବାର ଆଶା ସେ ସଫଳ ହେବ ତାହା ଅମ୍ଭମାନଙ୍କର ସ୍ଥିର କରିଯାଇ ପାରୁ ନାହିଁ ମଧ୍ୟ ଏ ସ୍ଥାନର ମିଉନିସିପାଲଗ୍ରହଣ କର୍ମଚାରୀ ଓ କମିଟିର ମେମ୍ବରମାନେ ହିନ୍ଦୁ କୁଳ ଧର୍ମାବଲମ୍ବୀ ହେଲେହେଁ ପ୍ରାତଃସ୍ନାନ କରନ୍ତି । ଓ ମଧ୍ୟ ଶ୍ରୀ ମନ୍ଦିରକୁ ଆସି ଦର୍ଶନ କରନ୍ତି ଏବଂ ଧର୍ମକର୍ମରେ ରତ ଅଛନ୍ତି । ଏ ସଭାର ଦୃଢ଼ବିଶ୍ୱାସ ଯେ ସେମାନେ ମନେ କଲେ ଏ ଦୁର୍ଘଟଣା ଅନାୟାସେ ଦୂର ହୋଇ ପାରେ ।

Digitized by srujanika@gmail.com

ଅତଏବ ସଭାର ସମ୍ପାଦକ ଏ ୪ ର୍ଥ * ମ-
ନ୍ତବ୍ୟାରଣର ନକଲ ଏସ୍ଥାନର ମିଉନିସିପାଲ-
କର୍ତ୍ତୃପକ୍ଷଙ୍କ ସମୀପକୁ ପ୍ରେରଣ କରନ୍ତୁ, ।

୨ ୟ—ନିର୍ଦ୍ଧାରଣ ଏ ସଭାରୁ ପୁରୀ ଓ କଟକଜିଲ୍ଲାମଧ୍ୟର ସ୍ୱଦେଶୀଗୃହବିହୀନ ମହାଜନମାନଙ୍କ ପ୍ରତି ଏହି ଅଦେଶ ଦିଆଯାଉଅଛି ଯେ ସେମାନେ ଏ ସ୍ଥଳ ସହରକୁ ଯେପରି ଉତ୍ତମ ଲୁଣ ଓ ଦେଶୀସିଅ କଟେଶପ ଅମଦାନୀ ହୁଏ ତହିଁପ୍ରତି ଯତ୍ନବାନ୍ ହୋଇ ଉତ୍ତମ ପ୍ରକାର ଚାଉଳ କରନ୍ତୁ ।

୧୩।୧୦।୮୨        ସଭାର ସମ୍ପାଦକ ।

---

To the Editor of Utkal Dipika.

Sir,

On Saturday the 19th instant a cricket match was played between the local volunteer Cricketing Club and the Ravenshaw College C. Club. The latter proved no match for the former, being defeated almost by the score made by the former in their first innings alone.

It is most unfortunate that this event caused much sad disappointment to the numerous students of the College and school who went to witness the game, *with full confidence of success* on their behalf. The names of the players of the volunteer C. Club are:—Beale, Latimer, Baker, Fennell, E. Heefke, Xavier, A. Heefke, A. Cox. D. Machmillan, and N. Bond; those of the Ravenshaw C. C. Club are,—Girish, Akhilpati, Jagadish, Troylakhya, Haripada, Radhasyam, Mokarami, Banamalee, Ramani, Kanai and Fanindra.

A Volunteer.

---

## ବିଜ୍ଞାପନ ।

ଏତଦ୍ୱାରା ଏଠା କାୟସ୍ଥସମ୍ମିଳନୀସଭାର ସଭ୍ୟମାନଙ୍କୁ ଜ୍ଞାତକରାଯାଉଅଛି ଯେ ଆସନ୍ତା ମାସ ତା ୨୦ ରିଖ ରବିବାରଦିନ ଉକ୍ତ ସଭାର ଅଧିବେଶନ ହେବାରୁ ସେଦିନ ତଥା ଏକ ଉପଯୁକ୍ତ ସଂଖ୍ୟକ ସଭ୍ୟଙ୍କ ଅନୁପସ୍ଥିତ ଯୋଗୁଁ ହୋଇ ପାର ନାହିଁ ଏବଂ ଉକ୍ତସଭ୍ୟ ସ୍ଥାନ ଏବଂ ସମୟ ବଦ୍ଳ ହୋଇ ଭ୍ରମରେ ପତିତ ହୋଇଥିବାର ବ୍ୟକ୍ତ କରନ୍ତି । ଅତଏବ ଆଗାମୀ ଡିସେମ୍ବରମାସ ତା ୪ ରିଖ ଅପରାହ୍ନ ଘ ୪ଟା ସମୟରେ କଟକପ୍ରିଣ୍ଟିଂ କମ୍ପାନୀଙ୍କ ଦ୍ୱିତଳଗୃହରେ ଉକ୍ତକାୟସ୍ଥସମ୍ମିଳନୀସଭାର ସାଧାରଣ ଅଧିବେଶନ ହେବାର ସ୍ଥିର ହୋଇ ଏତଦ୍ୱାରା କାୟସ୍ଥମାନଙ୍କୁ ଅନୁରୋଧ କରାଯାଉଅଛି ଯେ ସେମାନେ ଏଥର ସଭାସ୍ଥଳରେ ଉପସ୍ଥିତ ହେବାକୁ କଦାପି ତ୍ରୁଟି କରିବେ ନାହିଁ ।

ଶ୍ରୀ ରାମଶଙ୍କର ରାୟ
ସହକାରୀ ସମ୍ପାଦକ ।

---

ଆର୍ଯ୍ୟଧର୍ମର ଆଦର୍ଶସ୍ୱରୂପ ଶ୍ରୀମନ୍ ମହର୍ଷି ବେଦବ୍ୟାସକୃତ ପାରାଶରସଂହିତା ଉତ୍କଳାକ୍ଷରରେ ଏବଂ ତଦ୍‌ଭାଷାରେ ଛପା ହୋଇ କଟକପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକାଳୟରେ ଏବଂ କଟକ ଭଗବଦ୍‌ଭକ୍ତିପ୍ରଦାୟିନୀ ସଭାର କାର୍ଯ୍ୟାଳୟ ପୁରୀ ସନାତନଧର୍ମରକ୍ଷଣୀସଭାର କାର୍ଯ୍ୟାଳୟ ଏବଂ ବାଲେଶ୍ୱର ବାବୁ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକଙ୍କ ପୁସ୍ତକାଳୟ ଏହି ସ୍ଥାନମାନଙ୍କରେ ବିନା ମୂଲ୍ୟରେ ବିତରିତ ହେଉଅଛି । ଗ୍ରାହକବୃନ୍ଦ ପ୍ରୋକ୍ତସ୍ଥାନରେ ଅନ୍ୱେଷଣା କଲେ ପ୍ରାପ୍ତ ହୋଇ ପାରିବେ । ଡାକଯୋଗେ ପଠାଇବାକୁ ହେଲେ ପୋଷ୍ଟାଫିସର ମାସୁଲ ମାତ୍ର ଦେବାକୁ ହେବ ।

ପ୍ରକାଶଥାଉ କି ଯେଉଁମାନେ ଏ ପୁସ୍ତକ ପଢି ବୁଝିପାରିବେ ସେହିମାନେ ପାଇବାର ଯୋଗ୍ୟ ଅଟନ୍ତି ।

ତାଳଚେର ଦୁର୍ଗ        ଶ୍ରୀମନ୍ ଶ୍ରୀମହାରଜା ତାଳଚେରଙ୍କ
୧୬।୧୧।୮୨        ଆଜ୍ଞାନୁଯାୟୀ
        ଶ୍ରୀ ଭଗୀରଥୀ ମିଶ୍ର ଶର୍ମ୍ମା ।
        ରାଜଧାନୀତାଳଚେରର ଲେଖକ

---

## NOTICE.

All Contractors having claims on unsettled accounts against this Division for Earth work done in Ranges IV A. IV B, & V. Coast Canal are notified to submit same to the Executive Engineer of the Division before the 31st December, after which date no claims will be entertained.

A. HAYES
*Executive Engineer*
*Balasore Division*

ଏତଦ୍ୱାରା ସମସ୍ତ କଣ୍ଟ୍ରାକ୍ଟରମାନଙ୍କୁ ଜ୍ଞାତ କରାଯାଉଅଛି ଯେ ଯଦ୍ୟପି ସେମାନଙ୍କର, କୋଷ୍ଟକେନାଲର ଚତୁର୍ଥ ଏ, ଚତୁର୍ଥ ବି, ଓ ପଞ୍ଚମ ରେଞ୍ଜମାନଙ୍କରେ ମାଟିକର୍ମ କରିଥିବା, ହିସାବ ନିକାଶି ବାକି ଥିବାର କୌଣସି ପ୍ରକାର ଦାବି ଥାଏ ତାହା ହେଲେ ସେମାନେ ବାଲେଶ୍ୱର ଡିବିଜନ ଏକଜିକ୍ୟୁଟିଭ ଇଞ୍ଜିନୀୟର ସାହେବଙ୍କଠାରେ ଆଗାମୀ ଡିସେମ୍ବରମାସ ୩୧ ତାରିଖ ପୂର୍ବରୁ ବିହିତପୂର୍ବକ ଦରଖାସ୍ତ କରିବେ ନଚେତ୍ ଉକ୍ତ ତାରିଖ ପରେ କୌଣସି ପ୍ରକାର ଦାବି ଶୁଣାଯିବ ନାହିଁ ।

A. HAYES
*Executive Engineer*
*Balasore Division.*

---

କବିରାଜ ଶ୍ରୀ କେଦାରନାଥ ଚଟ୍ଟୋପାଧ୍ୟାୟଙ୍କର
ଆୟୁର୍ବେଦୋକ୍ତ ଚିକିତ୍ସାଳୟ ।
ନ ୧୦ ମିର ଷ୍ଟ୍ରିଟ, ଶ୍ୟାମପୁଷ୍କୁର,
କଲିକତା ।

ଏହି ଚିକିତ୍ସାଳୟରେ ୧୨୯୪ ସାଲର ଦିନପଞ୍ଜିକା ସହ ପୀଡ଼ା ସମୁଦାୟର ସ୍ୱାସ୍ଥ୍ୟବିଧାନ ଓ ପ୍ରତ୍ୟକ୍ଷଫଳପ୍ରଦ ଔଷଧସମୂହର ତାଲିକାପୁସ୍ତକ ବିନା ମୂଲ୍ୟରେ ବିତରିତ ହୁଏ ଏବଂ ବିଦେଶସ୍ଥ ରୋଗିମାନଙ୍କର ପୀଡ଼ାର ଅବସ୍ଥା ସମସ୍ତ ଲେଖି ପଠାଇଲେ ବ୍ୟବସ୍ଥା ଦିଆଯାଏ ।

ଯୋଗସିଦ୍ଧ ରସ ।

ଏହି ସୁସିଦ୍ଧ ଔଷଧ ସେବନ କଲେ ତିନିପ୍ରକାର ମେହରୋଗ ଏକସପ୍ତାହ ମଧ୍ୟରେ ନିଃଶେଷରୂପେ ଅରୋଗ୍ୟ ହୁଏ ।

ପ୍ରସ୍ରାବକାଳୀନ ଜ୍ୱାଳା, ପୂୟସହିତ ଧାତୁନିର୍ଗମ, ସରକ୍ତ ପ୍ରସ୍ରାବ, ଷଡଜଳବତ ପ୍ରସ୍ରାବ, ମୂତ୍ରକୃଚ୍ଛ୍ର, ମୂତ୍ରାଶୟର ବେଗ, ଶୂଳ ଏବଂ ଜ୍ୱରାଦି ଉପଦ୍ରବ ଯୁକ୍ତ ହେଲେ ସୁଦ୍ଧା ପୀଡ଼ା ଶୀଘ୍ର ସମୂଳେ ବିନଷ୍ଟ ହୁଏ ।

ଶିଶି ୧ ଶିଶିର ମୂଲ୍ୟ ଟ ୨୧ ବଡ଼ ୧ ଶିଶିର ମୂଲ୍ୟ ଟ ୩୧ ପ୍ୟାକିଂ ଖର୍ଚ୍ଚା ଟ ୦ ୵

ପ୍ରଦରାନ୍ତ—ଘୃତ ।

ଏହା ସେବନ କଲେ ଗର୍ଭାଶୟ ଆଶ୍ରିତ ଦୋଷ ସମସ୍ତ ଦୂରୀଭୂତ ହୋଇ ଶ୍ୱେତପ୍ରଦର, ରକ୍ତପ୍ରଦର, କଷ୍ଟରଜଃ, ଅକାଳରେ ଅଧିକ ପରିମାଣରେ ରକ୍ତସ୍ରାବ, ଜଳବତ୍, ବାଧକ ବେଦନାଦି ପୀଡ଼ା ସମସ୍ତ ନିଃଶେଷରୂପେ ଅରୋଗ୍ୟ ହୁଏ । ବିଶେଷତଃ ଉପରୋକ୍ତ ପୀଡ଼ାଜନିତ ଅକାଳରେ ଗର୍ଭସ୍ରାବ, ମୃତବତ୍ସା ଓ ବନ୍ଧ୍ୟାଦି ରୋଗ ସମୁଦାୟ ଶାନ୍ତ ହୋଇ ଗର୍ଭୋତ୍ପତ୍ତିର ବ୍ୟାଘାତ ନଷ୍ଟ କରେ ।

୧ ଶିଶିର ମୂଲ୍ୟ ଟ ୨୧ ଓ ପ୍ୟାକିଂ ଖର୍ଚ୍ଚା ଟ ୦୵

Split by PDF Splitter
Digitized by srujanika@gmail.com

Split by PDF Splitter



# ଓଡ଼ିଶା ମିଶନ ପ୍ରେସ କଟକ ।

୧୮୩୮ ମସିହାରେ ସଂସ୍ଥାପିତ ।
ଗବର୍ଣ୍ଣମେଣ୍ଟ, ଶିକ୍ଷା, ବାଣିଜ୍ୟ ଓ ଜମିଦାରୀ-
ସମ୍ବନ୍ଧୀୟ କାଗଜ ପତ୍ରାଦି ଛପା ହୁଏ ।
ଏଷ୍ଟିମେଟ ମାଗିଲେ ମିଳଇ ।

# ନୂତନ ସାଲସା ।

ଏହା ୧୦ ପ୍ରକାର ଦେଶୀୟ ଓ ୬ ପ୍ରକାର ବିଲାତି ମସଲାଦ୍ୱାରା ପ୍ରସ୍ତୁତ । ଏହା ବ୍ୟବହାର କଲେ ଶରୀରରୁ ପାରଦଦୂଷିତ ରକ୍ତଦୋଷ ସବୁ ଶୀଘ୍ର ନିର୍ଗତ ହୋଇଯାଏ । ପାରଦ ଘା, ଗରମୀ ଘା, ନାଲି ଘା, ବେଦ ଓ ନାକ-ଭିତରର ଘା, ଗୋଲ ଘା, କାଳ ଘା, କାନର ଘଷ, କୋଷ୍ଠ-କାଠିନ୍ୟ, ଅଜୀର୍ଣ୍ଣତା, ପେଟଫୁଲ, ଛାତିବଥା, କାଶ, କ୍ଷୟକାଶ, ପ୍ରସ୍ରାବପୀଡ଼ା, କୁଷ୍ଠିଆ, ଧାତୁଦୌର୍ବଲ୍ୟ ଏବଂ ଉତ୍କଟ ଜ୍ୱର ଇତ୍ୟାଦି ଶୀଘ୍ର ଏବଂ ନିଶ୍ଚୟ ଆରାମ ହୁଏ ।

ଔଷଧର ମାତ୍ରା ବୋତଲଦେହରେ ଛାପା-ଦ୍ୱାରା ଦେଖାଇ ଦିଆଯାଇଅଛି ଏହା ଦିନ ସକାଳେ ଓ ସନ୍ଧ୍ୟାବେଳେ ଖାଇବାକୁ ହେବ । ପଥ୍ୟାପଥ୍ୟର ନିୟମ ବୋତଲର ଟିକଟରେ ଲେଖା ଅଛି । ପରୀକ୍ଷାଦ୍ୱାରା ଏଥିର ଗୁଣ ଦେଖା ଯାଇଅଛି ।

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଦୋକାନଘରେ ବିକ୍ରୟ ହେଉଅଛି

ମୂଲ୍ୟ ଏକ ସିସିକୁ ଟ ୧ ।

ବିଶେଷ ଦ୍ରଷ୍ଟବ୍ୟ ।

ବେଣ୍ଡାପଡ଼ାସ୍ଥ କବିରାଜ ଶ୍ରୀବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ ସ୍ୱକଠିନ ରୋଗଗ୍ରସ୍ତ ମନୁଷ୍ୟମାନଙ୍କ ରୋଗରୁ ମୁକ୍ତ କରିବା ନିମନ୍ତେ ପ୍ରସ୍ତୁତ ଅଛନ୍ତି । ଗତ ତିନବର୍ଷମଧ୍ୟରେ କୌଣସି ରୋଗୀ ଆରୋଗ୍ୟ ନ ହୋଇ ଫେରିଯିବାର ଦେଖାଯାଇ ନାହିଁ । ରୋଗରୁ ମୁକ୍ତ ପାଇବାର ବାଞ୍ଛା ଯେବେ ତୁମ୍ଭର ଥାଏ ତେବେ ତାହାଙ୍କୁ ରୋଗର ବିବରଣ ଜଣାଇଲେ ଅତି ଅଳ୍ପବ୍ୟୟରେ ଅଳ୍ପଦିନମଧ୍ୟରେ ତୁମ୍ଭକୁ ଆରୋଗ୍ୟ କରିବେ । ସେ ଅନେକଲୋକଙ୍କୁ ଆରୋଗ୍ୟ କରି ଅନେକ ପ୍ରଶଂସାପତ୍ର ପାଇଅଛନ୍ତି ।

# ବାଲିକାଗଜ ।

ଜଗନ୍ନାଥ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୋପାଳଙ୍କର ଗୃହସମ୍ମୁଖ ବସା ନିକଟେ ବାବୁ ଅନ୍ତର୍ବିଷ୍ଣୁ କର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୨ ପଣ ବାଇ | ୦ ୧୯ ୫ ୬୬/ | ୦ ୧୯ ୫ ୦ ୬/୨ | |
| ୧୮ ପଣ „ | „ ୫ ୬୮ | „ ୫ ୦ ୬/୦ | |
| ୨୨ ପଣ „ | „ ୫ ୬୮ | „ ୫ ୦ ୬ | |
| ୩୦ ପଣ „ | „ ୫ ୭୮ | „ ୫ ୦ ୮/୨ | |

ବେପାରୀମାନେ ଅର୍ଥାତ୍ ଯେଉଁମାନେ ଏକ-ଥରେ ୧ ୧୦ ମ ବା ଅଧିକ କ୍ରୟ କରିବେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ଚନ୍ଦନକୋଣା ଓ ବିଲାତି ଓ ବେସର୍ଖେଙ୍କର ଲୁଗା ଓ ଷ୍ଟେସନେରି ଓ ବିଲାତି ଜିନିଷ ସ୍ୱତନ୍ତ୍ରରେ ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍‌ଭିନ୍ନ ଅଉ କେତେକ ଫେନସି ଜିନିଷାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ-ପାରିବେ । ଏତଦ୍ଭିନ୍ନ ଅମ୍ଭେମାନେ ବିଲାତି ଶାଢ଼ୀ ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖି-ଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି କେହି ଶାଢ଼ିମାନ ବିକ୍ରୟ ହେବା ପୂର୍ବ ଆପଣା ମଫସଲ ସକାଶେ ବଡ଼ା ଇଚ୍ଛାନ୍ତି ତେବେ ଏକ ସପ୍ତାହ ଟଙ୍କା ଦେଲେ ଟ ୬୬ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ଖଡ଼ ଖତିଲାଭର ଭାର ତାଙ୍କ ଉପରେ ଥିବ । ଖତି ହେଲେ ଶାଢ଼ିର ପୂରା ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ଫର୍ଦ୍ଦ ।

ବିଲର ରେଶମ ଓ ଉଲରେ ବୁଣା ଟୋପି ।
ବର୍ଦ୍ଦେନିକା ।
ଇଣ୍ଡିଆରବର୍ ଟେବୁଲ ବିଛଣା ଖଟ ଗଦା ଓ କୋଟ ବରଷାତି ।
ନୂଆ ଅର୍ଥାତ ନୂଆ କାଟର ଡବା ଓ ବାକ୍ସ ।
ପେନ୍ସିଲ କାଟିବା କଳ ।
ନାନା ପ୍ରକାରର ଚଟିଜୋତା ଓ ଜୋତା ।
ହାତ ଘଣ୍ଟା ଓ ଛାତି ଘଣ୍ଟା ।
ରବର ଲେଟର ।
ଲେଖା ଲେଖିବା ଚାଇନିଜ କାଳି ।
ଜେମିସନ ଉପେଭ ସମ ଫେରତା ଛାପ ।
ମାର୍ବଲ କାଳି ଟ୍ରେ ।
ସାବୁନ ସୋଡ଼ା ବ୍ରସ ।
ଏ, ଗୋଷ୍ଠୀ ସମ୍ଭିଡର କାଳିକା ଓ ବ୍ଲୁଇଙ୍ଗ ।
ଟେକ୍ସଟ ବୁକ ।
ଟେବଲ କ୍ଲଥ ।
ଚିକଣ ସାବୁନ ।
ଚାକାଡ ସାବାନ ସର୍ଦ୍ଧ ଦେ ଲୁଗା ପରିଷ୍କାର ହୁଏ ।
ଅଟୋଗ୍ରାଫ ଓ ଲେଡି ଆଲବମ ।
ଓଭରଶୁ ।
ଓଏଲ କ୍ଲଥ ।
ଟ୍ରିପଲ ଅର୍ଦ୍ଧ ।
କ୍ୟୋଡେଲାଇନ୍ ।
ପୋର୍ଟଫୋଲିଓ ବୈଷ୍ଣବ-ମେଡ ଓ ଡାକ ଘୋ-ଷଣେ ଯନ୍ତ୍ରେ
ଟ୍ରାଭ କାଠ ଅର୍ଥାତ ଲେଖିବାବେଳେ ଖାତା ଓ ଖୋଲିଲେ ବଡ଼ା ହେବ ।
ଅଲିବା ଚକ୍ର
୧୬ × ୧୦ ଇଞ୍ଚ
୧୪ × ୧୬ ଇଞ୍ଚ
ପକେଟବୁକ ଓ ଲେଖା ପାଇଁ ଖାତା ୫ ୦ ୬/୦
ମୋଜା ଓ ମୋଜାବନ୍ଧ
ଚିତ୍ରନ ୫ ଟ ନଳୀସହ
ଦଲିତ ପାଣି କଳ
ଦଳି ଓ ପାଇବାର ବୌଲ ଡିବା
ତଳୀ ଅସରଚୋର ।
ଏକନ ବାକସ ।
ସ୍ୱର୍ଣ୍ଣ ପେନ ।
ଷ୍ଟେନଲେସ ପେନ୍ସିଲ ଓ ଥାଇ ଏ ପେନ୍ସିଲର ଲେଡି ଷଡ଼ିଙ୍ଗ ପେନ ଷଷ୍ଠ ରଙ୍ଗର ପେନ ପେନ୍ସିଲ ଲେଖା ଓ ପରେ ପେଡ ଉପାଡ ଦେଲେ ଉଠିବ ନାହିଁ ଏ ଉଦେ ।
କଟିଙ୍ଗ ପେପର ।
କଲିଭିଂ ଟେବଲରେ ଲଗା-ଇବା ଗାଦି ।
ଉତ୍ତମ ଖୋପର ପଥର ଉଠାଇ ବସିବା ଟିକଲା ଉଠିଲା ।
ଜନସନୀ ।
ଲେଡ଼ ରୁ ପେନ୍ସିଲ ।
ଗମ ବୋତଲ
କଡ଼ାଇରଖି ଶାଢ଼ୀ ଓ ଘୋଡ଼ ଓ ଛତ
ମଲମୂତ୍ରାବାସ ଓ ଏକ-ପାଦ ପାଦଦୋଳି ଓ ଶାଢ଼ୀ ।
ପିଙ୍ଗ ବାଡ଼ି

# ପିଚଗାରା ।

ଏ ଚାରକୁ ତେଲବଣୀ ପାଟରେ ଭରି ନଥିରେ ଚଳାଇ ଢୋଠାଗର ଫାଟରେ ଦେଲେ ପାଣିଗଲା ବନ୍ଦ ହେବ ଘରର ମଝି-ଥରେ ଲେପିଦେଲେ ମଜବୁତ ଓ ଭଲ ଧରିବ ନାହିଁ ।

କଟିର ଡମଡ଼ା ଓ ଷାଡରେ ଲଗାଇବାର ଭାର ନଥ ଅଛି ।

ଅଧ୍ୟକ୍ଷ ଉତ୍କଳ ପ୍ରେସ କମ୍ପାନି

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର ନିୟମ ... ଏହା ବୁଝିବ ଆଉ ... ଲେଖାଅଛି ଯଥା—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ି ପ୍ରତି | ୫ ୦୬ |
| ଅଷ୍ଟ ଧାଡ଼ିକୁ | ୫ ୨୮ |
| ପଇଁ ଏକ ପୃଷ୍ଠା | ୫ ୦ |

ମାତ୍ର କୌଣସି ବିଜ୍ଞାପନ ... ହେଲେ ... ବର୍ଦ୍ଧିତ ... ୫ ... ନାହିଁ ।

... ଓ ... ସକାଶେ ... ହେବ ।

... ସକାଶେ ... ପାଇବ ।

ବିଜ୍ଞାପନ ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଏକ ଉତ୍କଳଦୀପିକା ସହର କଟକ ଉତ୍କଳପ୍ରେସ ... ପ୍ରିଣ୍ଟିଂ ... ପ୍ରେସରେ ... ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

| | | |
|---|---|---|
| ୨୨ ଭାଗ<br>୪୭ ସଂଖ୍ୟା | ତା ୩ ରିଖ ମାହେ ଡିସେମ୍ବର ସନ ୧୮୮୭ ଈସ୍ୱୀ । ମା । ମାର୍ଗଶିର ଦ ୧୯ ଦ ସନ ୧୨୯୫ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩।<br>ପଶ୍ଚାଦେୟ ଟ ୨। |

ଚଟ୍ଟଗ୍ରାମ ବନ୍ଦରର ସନ ୧୮୮୬।୮୭ ସାଲର ବିଜ୍ଞାପନୀରୁ ପ୍ରକାଶ ଯେ ସେଠାରୁ ବିଶେଷ ଚାଉଳ ଓ ଝୋଟ ରପ୍ତାନୀ ହୁଅଇ ଏବଂ ଲବଣ ଓ କିରୋସିନାତେଲ ଅଧିକ ପରିମାଣରେ ଆମଦାନୀ ହୁଅଇ। ଚାଉଳର କାରବାର ଏବର୍ଷ କିଛି ଊଣା ଥିଲା ମାତ୍ର ଆଉ ସମସ୍ତରେ ବୃଦ୍ଧି। ବିଲାତିଲବଣ ଓ କିରୋସିନତେଲର ଆମଦାନୀ ଏହା ଏଠାରେ କାହିଁକି ପ୍ରତିବର୍ଷର ସଂଖ୍ୟରେ ବୃଦ୍ଧି ହେଉଅଛି ଏବଂ ଏଥିରୁ ସ୍ପଷ୍ଟ ଦେଖା ଯାଉଅଛି ଯେ ଅମ୍ଭେମାନେ ଲୁଣତେଲ-ପାଇଁ ମଧ୍ୟ ପରଦ୍ୱାରକୁ ଚାହିଁ ବସିଅଛୁଁ। ଏଥିଠାରୁ ଭାରତର ଦୁର୍ଦ୍ଦଶାର ଅଧିକ ପରି-ଚୟ ଆଉ କି ହୋଇପାରେ ?

---

ଛୋଟନାଗପୁର ବିଭାଗର ଗତ ବାର୍ଷିକ-ବିଜ୍ଞାପନୀସମ୍ବନ୍ଧରେ ମାନ୍ୟବର ଛୋଟଲାଟଙ୍କର ଯେଉଁ ମନ୍ତବ୍ୟ ବାହାରିଅଛି ତହିଁରେ ଛୋଟ-ନାଗପୁର ରେଲବାଟର କିଛିମାତ୍ର ସମ୍ବାଦ ନ ଦେଖି ଅମ୍ଭେମାନେ ବଡ ହତାଶ ହେଲୁଁ। ରେଲବାଟ ଦେଶୋନ୍ନତିର ଗୋଟିଏ ପ୍ରଧାନ କାରଣ ଅଟଇ ବିଶେଷତଃ ଏ ବିଭାଗରେ ଲାକ୍ଷ, ଗୁ, ନୀଳ, ତସର, କପା, ପଥରକୋ-ଇଲା, ଚମ୍ପା, ଅଭ୍ରଇତ୍ୟାଦିର ବିଶେଷ କାର-ବାର ଥିବାରୁ ଏଠାରେ ରେଲବାଟ ବିଶେଷ ଉପକାରକ ଥିବାସ୍ଥଳେ ତାହା କେତେଦୂର ଅଗ୍ରସର ହେଲା ଜାଣିବାକୁ ସ୍ୱଭାବତଃ ଅଧିକ ଇଚ୍ଛା ହୁଅଇ।

---

ସାହାବାଦ ଜିଲ୍ଲାର ଯେଉଁ ଜଲଙ୍କର କମି-ଶନ ବସିଅଛି ତହିଁରେ ଶ୍ରୀଯୁକ୍ତ ଏଚ୍, ଜେ, ଏସ୍ କଟନ ସାହେବ ସଭାପତି ଓ ସୋନ-ବିଭାଗର ସୁପ୍ରିଣ୍ଟେଣ୍ଡିଂ ଇଞ୍ଜିନୀୟର ଓଡ଼ଲିଂସା-ହେବ ଏବଂ ଡୁମରାଓଁର ଦେବାନ ବାବୁ ଜୟ-ପ୍ରକାଶ ଲାଲ ସଭ୍ୟ ହୋଇଅଛନ୍ତି। ଓଡ଼ଶା-ଜଳକରକମିଶନଠାରୁ ଏହି କମିଶନ ଭିନ୍ନ-ରୂପେ ଗଠିତ ହୋଇଅଛି ସନ୍ଦେହ ନାହିଁ ମାତ୍ର ଯେସ୍ଥଳେ ଓଡ଼ଲିଂ ସାହେବଙ୍କ କାର୍ଯ୍ୟର ବିଚାର ଏହି କମିଶନ ଦ୍ୱାରା ହେବ ସେ ସ୍ଥଳେ ତାହାଙ୍କୁ ସଭ୍ୟ କରି ନ ଥିଲେ ଅଧିକ ଭଲ ହୋଇଥାନ୍ତା। ଯାହା ହେଉ ଶ୍ରୀଯୁକ୍ତ କଟନ ସାହେବ ସଭାପତି ହୋଇଥିବାରୁ ସମ୍ପୂର୍ଣ୍ଣ ଆଶା ହେଉଅଛି ଯେ ପ୍ରଜାଙ୍କ ଗୁହାରି ଶୁଣାଯିବ।

---

ଗତ ସପ୍ତାହର ଓଡ଼ିଆରେ ଲେଖାଅଛି କି "ବାରବାଟୀ ସ୍କୁଲ ସେନ ଅମ୍ଭମାନଙ୍କ ସହ-ଯୋଗିମାନେ ଅନେକ କଥା କହୁଅଛନ୍ତି କେହି୨ ପ୍ରକାଶ୍ୟରେ ଅମ୍ଭମାନଙ୍କପ୍ରତି କୁଟିଳ ଦୃଷ୍ଟି ପକାଉଅଛନ୍ତି କିନ୍ତୁ ଅମ୍ଭେମାନେ ଚୁପ ଚାପ ହୋଇ ସମସ୍ତ ସହି ନେଉଅଛୁଁ କାରଣ ଉଭୟପକ୍ଷରୁ କାହାରି କ୍ରୋଧ ଉଦ୍ଦୀପ୍ତ କରିବା ଅମ୍ଭମାନଙ୍କର ଉଦ୍ଦେଶ୍ୟ ନୁହଇ"। ଅହୋ କି ଉଦାରଭାବ! କେବଳ ଆଶ୍ଚର୍ଯ୍ୟର ବିଷୟ ଏହି ଯେ ଟ୍ୟୁଟସାହେବଙ୍କ ଚିଠିଗୁଡ଼ିକ ପ୍ରକାଶ କରିବା ସମୟେ ଏହି ବିବେକ ଜ୍ଞାନଟା ଉଦୟ ନ ହେଲା ଅଥବା ସେହି ଚିଠିଗୁଡ଼ିକ ପ୍ରକାଶ କରିବା ସ୍ଥଳରେ ବିପକ୍ଷର ଯତ୍ପରୋନାସ୍ତି କୁତ୍ସାଗାୟକ କରିବା-ଉଚିତ୍ୟରୁ ଚୁପଚାପ ହୋଇ ରହିବା କୌଶଳ ମନ୍ଦ ହୋଇ ନାହିଁ ଧନ୍ୟ ଓଡ଼ିଆ!

---

କଲିକତାପଶୁଶାଳାର ସନ ୧୮୮୬।୮୭ ସାଲର ବିବରଣରୁ ପ୍ରକାଶ ଯେ ତହିଁର ଆର୍ଥିକ ଅବସ୍ଥା ସନ୍ତୋଷଜନକ ନୁହଇ ଓ କ୍ରମେ୨ ଊଣା ହେଉଅଛି। ଏହି ପଶୁଶାଳାକମିଟୀର ପୂର୍ବେ ୨୦ ହଜାର ଟଙ୍କା ଜମା ଥିଲା କିନ୍ତୁ ପ୍ରତିବର୍ଷ ତହିଁରୁ କିଛି୨ ଖର୍ଚ୍ଚ ହୋଇ ଯାଇ ବର୍ତ୍ତମାନ କେବଳ ଟ ୪୮୦୦ ୯ ଙ୍କା ଜମା ଅଛି ଏଣିକି ସାବଧାନ ନ ହେଲେ ଏହା ମଧ୍ୟ ରହିବ ନାହିଁ। ଗତବର୍ଷରେ ପଶୁଶାଳାର ଆୟ ଟ ୪୭୫୪୧୯ଙ୍କା ଓ ନିୟମିତ ବ୍ୟୟ ଟ ୪୦୬୫୦ ଙ୍କା ହୋଇଥିଲା। ଏଥିରୁ ଦେଖାଯାଏ ଯେ ଆୟରୁ ବ୍ୟୟ ବଳାଇ ନାହିଁ ମାତ୍ର ଘରଦ୍ୱାରର ମରାମତି ଓ ଅନ୍ୟାନ୍ୟ ଅନେକ ପ୍ରକାର ଅତି-ରିକ୍ତ ବ୍ୟୟ ନିତାନ୍ତ ଆବଶ୍ୟକ ହେବାରୁ ପୂର୍ବସଞ୍ଚିତ ଧନ କ୍ଷୟ ହେଉଅଛି।

---

ଏଠା ଖାସମହାଲର ବନ୍ଦୋବସ୍ତ ବଡ଼ ଟାଣ ହୋଇଥିବା ଏବଂ ତାହା ଅନେକ ଲୋକଙ୍କୁ ବାଧିବାରୁ ବୋର୍ଡ଼ ରେଭିନ୍ୟୁ ବାର୍ଷିକ ଟ ୧୫୦୦ ଙ୍କା ଛାଡ଼ ମଞ୍ଜୁର କରିଅଛନ୍ତି। ପ୍ରତିବର୍ଷ କଲେ-କ୍ଟର ସାହେବ ପ୍ରଜାଙ୍କ ଅବସ୍ଥା ବିବେଚନାରେ

Digitized by srujanika@gmail.com

Split by PDF Splitter



ଏହି ଟଙ୍କା ମଧ୍ୟରୁ ଯେତେ ପାରନ୍ତି ସଡ଼କ ଦେଅନ୍ତୁ ଗତବର୍ଷ ଟ ୧୪୭୮ ଙ୍କା ସଡ଼କ ଦିଆଯାଇଥିଲା। ଏଥିକୁ ଗବର୍ଣ୍ଣମେଣ୍ଟ କହୁଅଛନ୍ତି ଯେ ଅଦ୍ୟରେ ବନ୍ଦୋବସ୍ତ ହାଣ ହୋଇଥିବାରୁ ଯେଉଁ ସଡ଼କ ଦିଆ ଯାଉଅଛି ତାହା କମା ହେବାରୁ ବାଟ ହେବାର ଉଚିତ ହେଉଅଛି । ମାନ୍ୟବର ଗେଟ ଲାଟଙ୍କର ଏହି ମନ୍ତବ୍ୟ ଯଥାର୍ଥ ଅଟଇ କିନ୍ତୁ ସ୍ପଷ୍ଟ ଆଦେଶ ନ ପାଇଲେ ରେଭିନ୍ୟୁ-ବୋର୍ଡ କମାଇବାର ମମତା ଛାଡ଼ି ପାରିବେ ନାହିଁ। ନ୍ୟାୟବିଚାର ହେଲେ ଏ ନଗରଖାସମହାଲର ଖଜଣା ଟ ୧୫୦୦ ଙ୍କାରୁ ଅଧିକ ଉଣା ହେବ ।

---

ଓଡ଼ିଆରୁ ଜଣା ଯାଉଅଛି ଯେ ଗୃହବାଲି-ବାସଯୋଗ୍ୟଗୃହ ନିର୍ମାଣ ନିମନ୍ତେ ପ୍ରାୟ ସାତହଜାର ଟଙ୍କା ଇଷ୍ଟିମେଟ ହୋଇଅଛି ଏବଂ ଅତିଶୀଘ୍ର କାର୍ଯ୍ୟାରମ୍ଭ ହେବ । ଆମ୍ଭମାନଙ୍କ ବିବେଚନାରେ ଏହି ଇଷ୍ଟିମେଟ ଅନାବଶ୍ୟକରୂପେ ଅଧିକରୁ ଅଟଇ । ଗୃହବାଲିର ବର୍ତ୍ତମାନ ଅବସ୍ଥାଦୃଷ୍ଟି-ରେ ଏଥିରୁ ଅର୍ଦ୍ଧ ଟଙ୍କାରେ ଗୋଟିଏ ବାସଯୋଗ୍ୟଗୃହ ନିର୍ମାଣ ହେଲେ ଯଥେଷ୍ଟ ହୁଅନ୍ତା । ଏବଂ ଅବଶିଷ୍ଟ ଅର୍ଦ୍ଧ ଟଙ୍କାରେ ସେଠା ପୁଷ୍କରିଣୀଟି ଖୋଳାଇ ଦିଆଗଲେ ଲୋକେ ଉପକାର ହୁଅନ୍ତା କିନ୍ତୁ ଯେଉଁସ୍ଥଳେ କେବଳ ନାମ ରକ୍ଷିବାର କଥା ସେସ୍ଥଳେ ଅଭ୍ୟନ୍ତର ଭିନ୍ନ ପ୍ରକୃତ ସାଧାରଣ ଉପକାରର କଥା ନାହିଁ । ଆମ୍ଭେମାନେ ଦେଖୁଅଛୁଁ ଯେ ଗୃହବାଲି ଡାକ-ଷ୍ଟାଲୟ ଏବଂ ଜଗନ୍ନାଥ-ସାକ୍ଷିଗୋପାଳସମ୍ପର୍କୀୟ ବ୍ୟାପାରସ୍ଥାନ କେବଳ ବାହ୍ୟାରମ୍ଭେ ଲକ୍ଷିତ ହେବ ।

---

ସମ୍ବାଦବାହିକାରୁ ଅବଗତ ହେଲୁଁ ଯେ ବାଲେଶ୍ୱରର ମିଉନିସିପଲ କମିଶ୍ନର ଝାଡ଼ାଦନ-ନିମିତ୍ତ ପୂର୍ବଅର୍ଥ ଛଅଟି ଲେଟ୍ରିନ ନିରୂପିତ ହୋଇଥିବାସ୍ଥଳେ ଏଥର ଗୋଟିଏ ଲେଟ୍ରିନ ନିରୂପିତ ହୋଇଅଛି । ବାଲେଶ୍ୱର ମିଉନିସିପାଲିଟି ୭ ଡିଭିଜନରେ ବିଭକ୍ତ ଥିବାସ୍ଥଳେ ପ୍ରତ୍ୟେକ ଡିଭିଜନ ନିମିତ୍ତ ଗୋଟିଏ ଲେଖାଏଁ ଲେଟ୍ରିନ ହୋଇଥିଲେ ସମସ୍ତଙ୍କର ସୁବିଧା ହୋଇଥାନ୍ତା । ମାତ୍ର ତହିଁ ବଦଳରେ ଗୋଟିଏ ଲେଟ୍ରିନ ନିରୂପିତ ହୋଇଥିବାରୁ ଦୂରବାସି ଲୋକମାନଙ୍କ ପକ୍ଷରେ ଅସୁବିଧା ହେବ ଓ ସମ୍ଭବତଃ ଅନେକ ଲୋକ ଆସିବେ ନାହିଁ । ପୁଣି ସଙ୍ଗୀ ଶଯ୍ୟାମାନଙ୍କ ଦେବ ବୈଠକଖାନା ଗୋଟିଏ ଲେଟ୍ରିନ ହେବା ପ୍ରତି ଅନେକଙ୍କର ଆପତ୍ତି ଥିବାର ଜଣାଯାଏ । ନବୀନ ପ୍ରଣାଳୀ ଓଷ୍ଟଲ ହେବା ଅଭିଳାଷରେ ସୁଯୁକ୍ତ ଟ୍ରଷ୍ଟିସାହେବ ଏପରି ବନ୍ଦୋବସ୍ତ କରୁଅଛନ୍ତି କି ?

---

ମଧ୍ୟପ୍ରଦେଶର ଚିଫ କମିଶନର ଗତ ମାସ ତା ୧୫ ରିଖଠାରୁ ବାର୍ଷିକ ଗସ୍ତ ଆରମ୍ଭ କରି ଆଗାମୀ ମାର୍ଚ୍ଚ ମାସ ତା ୨୧ ରିଖ ପର୍ଯ୍ୟନ୍ତ ଯେଉଁ ଦିନ ଯେଉଁଠାରେ ରହିବେ ତହିଁର ତାଲିକା ଦେଇଅଛନ୍ତି । ଡିସେମ୍ବର ମାସ ତା ୧୭, ୧୮ ଓ ୧୯ ରିଖରେ ରାୟପୁରଠାରେ ଏବଂ ଜାନୁଏରୀ ମାସ ତା ୭, ୨ ଓ ୮, ରିଖରେ ସମ୍ବଲପୁରଠାରେ ଅବସ୍ଥିତ କରିବେ । ଜବଲପୁରଠାରେ ଫେବ୍ରୁଏରୀ ମାସ ତା ୧୯ ରିଖଠାରୁ ଅଠଦିନ ରହିବେ । ସମ୍ବଲପୁରର ରାଜା ଜମିଦାର ମହାଜନ ଏବଂ ଅପର ଭଦ୍ରଲୋକମାନେ ଏ ଉପଲକ୍ଷରେ ନଗରରେ ଏକତ୍ରିତ ହେବାର ସମ୍ଭାବନା । ଯେବେ ସେମାନେ ଅତ୍ୟାବଶ୍ୟ ବିଷୟ ମଧ୍ୟରେ ବଙ୍ଗଳାନାଗପୁର ରେଲବାଟରୁ ଯେଉଁ ଶାଖା ସମ୍ବଲପୁରକୁ ଆସିବାର ପ୍ରସ୍ତାବ ହୋଇଅଛି ତାହା ଶୀଘ୍ର ନିର୍ମାଣ ନିମିତ୍ତ ଚିଫକମିଶନରଙ୍କଠାରେ ଗୋଟିଏ ଆବେଦନପତ୍ର ପ୍ରଦାନ କରନ୍ତେ ତେବେ ବଡ଼ ଭଲ ହେବ । ଆମ୍ଭେମାନେ ଭରସା କରୁଁ ଏ ବିଷୟରେ ସେମାନେ ହେଳା କରିବେ ନାହିଁ ।

—*—

ସନ ୧୮୮୬।୮୭ ସାଲର ବଙ୍ଗପ୍ରଦେଶର ଦାତବ୍ୟଚିକିତ୍ସାଳୟମାନଙ୍କର ବାର୍ଷିକବିବରଣୀରୁ ପ୍ରକାଶ ଏ ସବୁ ଚିକିତ୍ସାଳୟକୁ ଔଷଧ ଡାକ୍ତର ଯୋଗାଇବା ବିଷୟ ଗବର୍ଣ୍ଣମେଣ୍ଟଙ୍କର ହସ୍ତାଧୀନରେ ଅଛି ଏବଂ ସମ୍ପ୍ରତି ଡାକ୍ତର ଲାଇନ ସାହେବ ପ୍ରସ୍ତାବ କରିଅଛନ୍ତି କି ଚିକିତ୍ସାବିଦ୍ୟାଳୟରେ ଯେଉଁମାନେ ପଢ଼ୁଅଛନ୍ତି ସେମାନଙ୍କଠାରୁ ଅଧିକା ବେତନ ନେବାର ସମୟ ଉପସ୍ଥିତ ହୋଇଅଛି ମାତ୍ର ଏ ବିଷୟରେ ମତ ଭେଦ ଉପସ୍ଥିତ ହେବାରୁ ଗବର୍ଣ୍ଣମେଣ୍ଟଙ୍କର ଶେଷ ନିଷ୍ପତ୍ତି ହୋଇ ନାହିଁ । ହାସପାତାଲରେ ରହି ଚିକିତ୍ସା ଲବ୍ଧ କରିବାବାଲିଙ୍କ ସଂଖ୍ୟା କିଛି ଉଣା ହୋଇଥିଲେହେଁ ଯେଉଁମାନେ ଡାକ୍ତରଖାନାରୁ ଆସି ଔଷଧ ନିଅନ୍ତି ସେମାନଙ୍କ ସଂଖ୍ୟା ବୃଦ୍ଧି ହୋଇଅଛି । କିନ୍ତୁ ସମସ୍ତ ଫଳ ଦେଖି ମାନ୍ୟବର ଗ୍ଲେଟଲାଟ ଯଥାର୍ଥ କହୁଅଛନ୍ତି କି ଦାତବ୍ୟ ଚିକିତ୍ସାଳୟର ସାହାଯ୍ୟ ଯେତେ ଲୋକ ଗ୍ରହଣ କରନ୍ତେ ବୋଲି ଆଶା କରାଯାଇ ପାରେ ତେତେ ଲୋକ ତାହା କରୁ ନାହାନ୍ତି । ଜନସଂଖ୍ୟା ଦୃଷ୍ଟିରେ ଅତି ଅଳ୍ପ ଲୋକ ଡାକ୍ତରଖାନାକୁ ଆସୁଅଛନ୍ତି ଏବଂ କୌଣସି ଜିଲ୍ଲାରୁ ସନ୍ତୋଷକ ଖେଳ ବା ମଡ଼କର ଉଣା ଅଧିକ ସଙ୍ଗେ ଡାକ୍ତରଖାନାର ସାହାଯ୍ୟ ନେବା ବଳ୍କି ହେଉ ଉଣା ଅଧିକ ଦେଖା ଯାଉ ନାହିଁ ଏଥିକୁ ସର୍ଜନଜେନରଲ କହୁଅଛନ୍ତି ଇଉରୋପୀୟ ଚିକିତ୍ସାଶାସ୍ତ୍ରର ଆଦର କ୍ରମଶଃ ବୃଦ୍ଧି ହେଉଅଛି ଏବଂ ସମୂଳରେ ଦାତବ୍ୟ ଚିକିତ୍ସାଳୟମାନଙ୍କର କାର୍ଯ୍ୟ ସନ୍ତୋଷଜନକ ଅଟଇ । ଆମ୍ଭେମାନେ ମଧ୍ୟ କହୁଅଛୁଁ ଇଂରାଜୀ ଚିକିତ୍ସାର ଆଦର ବଢ଼ୁଅଛି ମାତ୍ର ଦାତବ୍ୟ ଚିକିତ୍ସାଳୟମାନଙ୍କରେ ଭଲ ଔଷଧ ପ୍ରାୟ ମିଳଇ ନାହିଁ ଏବଂ ସେହି ହେତୁରୁ ଆଶାନୁରୂପ ଉପକାର ହୁଅଇ ନାହିଁ ବୋଲି ଅଧିକ ଲୋକ ଆସୁ ନାହାନ୍ତି । ଯେବେ ରୋଗୀମାନେ ଭଲ ଔଷଧ ଦ୍ୱାରା ଶୀଘ୍ର ଆରୋଗ୍ୟ ହେବେ ତେବେ ଡାକ୍ତରଖାନାର ଆଦର ଅବଶ୍ୟ ବଢ଼ିବ ।

---

ଦେଶୀୟ ସ୍ତ୍ରୀମାନଙ୍କୁ ଇଂରାଜୀ ଚିକିତ୍ସାବିଦ୍ୟାଶିକ୍ଷା ଦେବାର ପ୍ରସ୍ତାବ ବହୁଦିନରୁ ଗବର୍ଣ୍ଣମେଣ୍ଟଙ୍କ ହସ୍ତସ୍ଥିତ ରହିଥିଲା ଏବିଷୟରେ ସରକାରୀ ଉଚ୍ଚପଦସ୍ଥ ଡାକ୍ତରମାନଙ୍କ ମତ ଭିନ୍ନ ହେଲେହେଁ ଆମ୍ଭମାନଙ୍କ ଲେଫ୍ଟେନାଣ୍ଟ ସାହେବ ଦେଶୀୟ ଭଦ୍ରମହିଳାଙ୍କର ଚିକିତ୍ସା ଶିଖିବାର ଆଗ୍ରହ ଦେଖିଲା ଏବଂ ସେମାନେ ଶିକ୍ଷିତ ହେଲେ ପୁରୁଷଡାକ୍ତରଙ୍କ ସନ୍ନିକଟ ହୋଇପାରିବା ଏବଂ ସ୍ତ୍ରୀଡାକ୍ତରଙ୍କ ଦ୍ୱାରା ଅନେକ ଉପକାର ହୋଇପାରିବା ବିବେଚନାରେ ସ୍ଥିର କରୁଅଛନ୍ତି ଯେ ଏ ପ୍ରସ୍ତାବକୁ କାର୍ଯ୍ୟଦ୍ୱାରା ପରୀକ୍ଷା କରିବାକୁ ହେବ । ଅତଏବ ସର ଷ୍ଟୁଆର୍ଟବେଲି ବାହାଦୁର ଆଦେଶ କରିଅଛନ୍ତି ଯେ କଲିକତା-କ୍ୟାମ୍ବେଲମେଡିକଲ କଲେଜରେ ସ୍ତ୍ରୀମାନଙ୍କ ସକାଶେ ଗୋଟିଏ ସ୍ୱତନ୍ତ୍ରଶ୍ରେଣୀ ଶୀଘ୍ର ଫିଟିବ । ଯେଉଁ ସ୍ତ୍ରୀମାନେ ଉଚ୍ଚପ୍ରାଇମେରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇବେ ଅଥବା ସରକାରୀ ବଙ୍ଗଳା ଲେ ଶିଅଡ଼ି ପାଠ ଓ ବୃତ୍ତାନ୍ତପର୍ଯ୍ୟନ୍ତ ଅଙ୍କ କଷିବାର ପରୀକ୍ଷା ଦେବେ ଓ ଯାହାଙ୍କର ବୟସ ବ ୧୬ ବର୍ଷରୁ ଉଣା ନ ହେବ ସେମାନେ ଉକ୍ତ ଶ୍ରେଣୀରେ ପଢ଼ିପାରିବେ ।

Digitized by srujanika@gmail.com

Split by PDF Splitter



ଏମାନଙ୍କ ସକାଶେ ଗୋ ୧୦ ଟି ବୃତ୍ତି ଖଞ୍ଜା ହୋଇଅଛି ବୃତ୍ତିର ପରିମାଣ ମାସକୁ ଟ ୨ ଙ୍କା ଓ ୩ ଟଙ୍କା ଲେଖାଏଁ ଧାର୍ଯ୍ୟ ହୋଇଅଛି । ସ୍ତ୍ରୀମାନେ ପୁରୁଷଙ୍କଠାରୁ ଭିନ୍ନବର୍ଗେ ପଢ଼ିବେ ଓ ଶିକ୍ଷାର ନିୟମ ଉଭୟଙ୍କ ସକାଶେ ଏକ-ପ୍ରକାର ଅଟଇ । ପଢ଼ିବାବେଳେ ପ୍ରଥମ-ଧାଡ଼ିରେ ସ୍ତ୍ରୀମାନେ ବସିବେ ଓ ଅଧ୍ୟକ୍ଷମାନେ ସେମାନଙ୍କୁ ପୃଥକ୍‌ରୂପେ ଉପଦେଶ ଦେବାର ନିୟମ ହେବ । ପୁରୁଷଛାତ୍ରଙ୍କ ପରି ସ୍ତ୍ରୀମାନେ ହାସ୍ୟାଳାପ କର୍ମ କରିବେ କେବଳ ସ୍ୱସ୍ଥଳରେ ଏମାନେ ନିଯୁକ୍ତ ହେବେ ନାହିଁ । ମୂରବୀର କନ୍ୟାଟି ଘରର ଏକଅଂଶ ପରଦାଦ୍ୱାରା ସ୍ତ୍ରୀଙ୍କ ଠାରେ ପୃଥକ୍ କରି ବସାଯିବ । ଏ ନିୟମମାନ ସ୍ଥିର ହୋଇଅଛି ଏବଂ ଭରସା ହୁଅଇ ଅନେକ ସ୍ତ୍ରୀ ଉଚ୍ଚଶିକ୍ଷା ନିମନ୍ତେ ଏହି ଶ୍ରେଣୀରେ ଭରତି ହେବେ । ଏଥିନିମନ୍ତେ ମୋଫସଲର ଉଚ୍ଚଶ୍ରେଣୀ ବିଦ୍ୟାଳୟମାନଙ୍କରେ ଏହିପରି ନିୟମ ହେବାର ଆଶା ହେଉଅଛି ମାତ୍ର ପ୍ରଥମ ବିଷୟ ଯେ [illegible]ଙ୍କର ସୁଯୋଗ୍ୟ ଡାକ୍ତର ସ୍ତ୍ରୀବାଟ ସାହେବ ଏଠା ଚିକିତ୍ସାଳୟରେ ସ୍ତ୍ରୀମାନଙ୍କୁ ଶିକ୍ଷା ଦେବାର ଆରମ୍ଭ କଲେ ଏଠାର ଅଭାବ ମୋଚନ ପଥରେ ପୂର୍ବରୁ ପ୍ରସ୍ତୁତ ହୋଇଅଛନ୍ତି ।

---

ପଢ଼ା ପଢ଼ାଉଥିବା ସ୍କୁଲମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ପ୍ରାୟଶ୍ଚିତ୍ତ କରି ସ୍ୱଧର୍ମରେ ଫେରିଅଛି ତାହାର ନାମ ଚନ୍ଦ୍ରଭଦ୍ର କର । ନିୟମ ତ ୧୪ ଶ ସେ ପ୍ରାୟଶ୍ଚିତ୍ତସଭାରେ ଅନେକ ବ୍ରାହ୍ମଣପଣ୍ଡିତ ଜମିଦାର ଓ ଅପର ଭଦ୍ରଲୋକ ପ୍ରାୟ ଏକହଜାରଙ୍କ ସମ୍ମୁଖରେ ଯାହା କହିଥିଲେ [illegible] ତାହା ଲେଖି ପଠାଇଅଛନ୍ତି [illegible] କଥା ଗତସପ୍ତାହରେ ପ୍ରକାଶିତ ହୋଇଥିବାରୁ ପୁନର୍ବାର ବାହୁଲ୍ୟରୂପେ ପ୍ରକାଶ କରିବାର ପ୍ରୟୋଜନ ନାହିଁ । ଉକ୍ତ ଲେଖାରୁ ଜଣାଯାଏ ଯେ ଚନ୍ଦ୍ରଭଦ୍ରଙ୍କର ନିଜେ ପଇତା ଛିଣ୍ଡାଇ ନାହିଁ ବରଂ ବ୍ରାହ୍ମ-[illegible]ରେ ନାଗୁଥିବା ସମୟରେ ତାହାର ପଇତା ଛିଣ୍ଡାଇ ହେଲା ସେ ଜାଣି ପାରିଲା ନାହିଁ କେବଳ ବାବୁସାଧୁଚରଣ ରାୟ ଓ ଭଗବାନ [illegible] ନିକଟରେ ଦେଖିଲା । ତାହାଙ୍କୁ [illegible] ସେ ପଇତା ଗ୍ରହଣ କରିବାକୁ ଇଚ୍ଛା [illegible]ରେ ତାହାର ବଡ଼ଭାଇଙ୍କ ସହିତ ସେହି [illegible] ରାୟ ଓ ଭଗବାନ [illegible] ପ୍ରଭୃତି [illegible] ଦେବା ଲୁଣ୍ଠାର ବୋଲି ବାରମ୍ବାର ଧାରଣ କରଥିଲେ । ଏହି ହେତୁରୁ ସେ ମା ୩ ସ ହେଲା ପଇତା ଗ୍ରହଣ କରି ନାହିଁ । ସାଧୁ ବାବୁଙ୍କ ଶିକ୍ଷାରେ ଏପରି କରିଥିବାର ସ୍ପଷ୍ଟ ସ୍ୱୀକାର କରଅଛି ଏବଂ ଅନ୍ୟ ଦିନେ ସାଧୁ-ବାବୁ ପ୍ରଭୃତି ତାହାର ସଙ୍ଗିମାନେ ଷଣ୍ଢେ ପାଉଁରୁଟି ତାହା ପାଟିରେ ପୂରାଇଦେଇଥିବାର କଥା କହିଅଛି । ଏହିବିଷୟମାନ ଚନ୍ଦ୍ରଭଦ୍ରଙ୍କର ସ୍ୱାକ୍ଷରିତ ଏକପତ୍ରରେ ଲେଖାଅଛି ଏବଂ ଜମି-ଦାର ରଘୁନାଥପୁରୀ ଗୋସାଇଁ ଉକ୍ତ ପ୍ରାୟଶ୍ଚିତ୍ତ-ସଭାରେ ଉପସ୍ଥିତ ଥାଇ ଉକ୍ତପତ୍ର ଗ୍ରହଣପୂର୍ବକ ସମ୍ବାଦପତ୍ରରେ ପ୍ରକାଶ ହେବା କାରଣ ପଠାଇ ଦେଇଥିବାରୁ ତହିଁରେ ସନ୍ଦେହ କରିବାର କାରଣ ନାହିଁ । ଅତଏବ ସିଦ୍ଧାନ୍ତ ଏହି ହେଉ ଅଛି କି ଏହି ପଇତା ଛିଣ୍ଡା-ବ୍ୟାପାରରେ ଲୋକେ ନାନା କାରଣ ଓ ପ୍ରମା-ଣଦ୍ୱାରା ଯାହା ବିଶ୍ୱାସ ଓ ସମ୍ଭବ କରି-ଥିଲେ ସାକ୍ଷାତ୍ ପ୍ରମାଣଦ୍ୱାରା ତାହା ଅକା-ଟ୍ୟରୂପେ ସାବ୍ୟସ୍ତ ହେଲା । ସାଧୁ ବାବୁ ଆପଣାର ପତ୍ରିକା ନବସମ୍ବାଦରେ ଆପଣାର ସାଧୁତା ଦେଖାଇବାର ଯେତେ ଚେଷ୍ଟା କଲେ ମଧ୍ୟ ସଫଳ ହୋଇ ପାରିଲେ ନାହିଁ । ସେ ଯେବେ ଏକଥା ଉପସ୍ଥିତ ହେବା ମାତ୍ରକେ ଏ ବ୍ୟାପାରରେ ତାହାଙ୍କର ଯେତିକି ସମ୍ପର୍କ ଥିଲା ତାହା ସରଳଭାବରେ ବ୍ୟକ୍ତ କରିଥାନ୍ତେ ତେବେ ତାହାଙ୍କ ଦୋଷ ବରଂ କ୍ଷମାର ଯୋଗ୍ୟ ହୋଇଥାନ୍ତା ମାତ୍ର ସେ ତାହା ନ କରିବାରୁ ଶିକ୍ଷକ ଓ ସମ୍ବାଦପତ୍ରର ସମ୍ପାଦକ ହେବାର ସମ୍ପୂର୍ଣ୍ଣ ଅଯୋଗ୍ୟତା ଦେଖାଇ ଅଛନ୍ତି ସନ୍ଦେହ ନାହିଁ ।

---

ଅଗାମି ସାଧାରଣନିର୍ବାଚନ ।

ଏଠା ମ୍ୟୁନିସିପଲ କମିଶ୍ନରମାନଙ୍କର ସାଧା-ରଣ ନିର୍ବାଚନ ଆସନ୍ତା ଜାନୁଏରି ମାସ ତା ୧୬-ରିଖରେ ହେବ ଯୋଗ୍ୟଭୋଟର ଅର୍ଥାତ୍ ଯେଉଁ ଟାକ୍ସଦାତାମାନେ ଭୋଟ ଦେଇପାରିବେ ଓ କମିଶ୍ନର ମନୋନୀତ କରିପାରିବେ ସେମା-ନଙ୍କ ତାଲିକା ପ୍ରତିବାର୍ଡର ପ୍ରସ୍ତୁତ ହୋଇ ପ୍ରତିବାର୍ଡର ପ୍ରକାଶ ସ୍ଥାନମାନଙ୍କରେ ଓ ମ୍ୟୁନିସିପଲକଚେରିରେ ଟଙ୍ଗା ହୋଇଅଛି । ସେଥିରେ ଯେବେ କାହାର କିଛି ଆପତ୍ତି ଥାଏ ତେବେ ସେ ମେଜେଷ୍ଟର ସାହେବଙ୍କଠାରେ ଦରଖାସ୍ତଦ୍ୱାରା ଆପତ୍ତି ଜଣାଇପାରେ । ବର୍ତ୍ତ-ମାନ କମିଶ୍ନର ମନୋନୀତ କରିବା ଅତିଆବ-ଶ୍ୟକ ଓ ଗୁରୁତର କାର୍ଯ୍ୟ ଅଟଇ । ଏଥିର ବିଜ୍ଞାପନମାନ ପ୍ରତିବାର୍ଡରେ ଗତମାସ ତା ୩୦-ରିଖରେ ଟାଙ୍ଗି ହୋଇଅଛି । ତଦନ୍ତର-ମଧ୍ୟରେ କମିଶ୍ନର ମନୋନୀତ କରିବାର କଥା ଅଛି । ଏଥିର ନିଅଦ ଡିସେମ୍ବର ମାସ ତା ୧୩-ରିଖ ପର୍ଯ୍ୟନ୍ତ ଅଛି ତହିଁ ଉତ୍ତାରେ ଏ କାର୍ଯ୍ୟ ହୋଇ ନ ପାରିବ । ଯେଉଁମାନେ ଭୋଟ ଅବା ମତ ଦେଇପାରିବେ ସେହିମାନେ କମିଶ୍ନର ମନୋନୀତ କରିପାରିବେ ଯେଉଁମାନେ ଭୋଟର ଅଟନ୍ତି ସେହିମାନଙ୍କ ମଧ୍ୟରୁ କମିଶ୍ନର ହୋଇ-ପାରିବେ । ଏଥିର ତାଲିକାମାନ ପ୍ରକାଶ ହୋଇଅଛି । ଏ ତାଲିକାଲିଖିତ ବ୍ୟକ୍ତିଙ୍କ ଭିନ୍ନ ଅନ୍ୟ କେହି ଭୋଟର କିମ୍ବା କମିଶ୍ନର ହୋଇ ନ ପାରିବେ । ଅତଏବ ପ୍ରତିବାର୍ଡର ଟାକ୍ସଦାତା ଅବା ଭୋଟରମାନେ ବିଚାର ପୂର୍ବକ କମିଶ୍ନର ମନୋନୀତ କରି ମନୋନୀତପତ୍ର ମେଜି-ଷ୍ଟ୍ରର ସାହେବଙ୍କ ସମୀପକୁ କିମ୍ବା ମ୍ୟୁନିସିପଲ-କଚେରିକୁ ଶୀଘ୍ର ପଠାଇ ଦେଉନ୍ତୁ । ନିଅଦ ଗଲେ ଏ କାର୍ଯ୍ୟ ହୋଇ ନ ପାରିବ ଓ ନ ହେଲେ ନିର୍ବାଚନତନ୍ତ୍ର ପ୍ରବଳ ହୋଇ ନ ପାରିବ ଓ ଏସ୍ଥାନପ୍ରତି ଅନିଷ୍ଟ ହେବ । ଏ ସକାଶେ ଆମ୍ଭେମାନେ ଅନୁରୋଧ କରୁଁ ଯେ କରଦାତାମାନେ ଏ ବିଷୟରେ ତତ୍ପର ହେଉନ୍ତୁ ଓ ଉତ୍ତମ ବିବେଚନା ପୂର୍ବକ ଉପଯୁକ୍ତ ବ୍ୟକ୍ତିଙ୍କୁ ମନୋନୀତ କରନ୍ତୁ ।

---

କାରବାଟିସ୍କୁଲ ।

ଏ ସମ୍ବନ୍ଧୀୟ ଯାବତୀୟ ଘଟନାମାନ ପ୍ରକାଶ କରିବାହେତୁରୁ ପୁନର୍ବାର ଏଥିର ଅବତାରଣା କରିବାରେ ପାଠକମାନେ ବିରକ୍ତ ହୋଇପା-ରନ୍ତି ମାତ୍ର ଗତ ସପ୍ତାହରେ ଉକ୍ତ ସ୍କୁଲର ସଙ୍କ୍ଷିପ୍ତ ଇତିହାସ ସଙ୍ଗେ ବାବୁ ମଦନମୋହନ ଦାସ ଓ ବାବୁ ଭଗବାନଚନ୍ଦ୍ର ଦାସ ବାଲେଶ୍ୱରର ମାଜି-ଷ୍ଟ୍ରେଟ ସାହେବଙ୍କ ନିକଟକୁ ପଠାଇଥିବା ଦରଖାସ୍ତରୁ ଖଣ୍ଡିଏ ପ୍ରତିଲିପି ପ୍ରାପ୍ତହୋଇଥିବାରୁ ତହିଁ ସମ୍ପର୍କରେ ଦୁଇ ଗୁଟିକଥା କହିବାର ଆବଶ୍ୟକ ହୋଇଅଛି । ଅତଏବ ଭରସା କରୁଁ ପାଠକମାନେ କ୍ଷମା କରିବେ । ଉକ୍ତ ଦରଖାସ୍ତ-ରେ ବାବୁଦ୍ୱୟ ଉପସ୍ଥିତ ବିବାଦଘଟିତ ସମସ୍ତ ବିଷୟ ବର୍ଣ୍ଣନା କରି କୁମାରଙ୍କର ନୂତନ ସ୍ଥାପିତସ୍କୁଲ ବସାଇବା ଏବଂ ସେମାନଙ୍କ ସ୍କୁଲ ଉଠାଇଦେବା ଉଦ୍ଦେଶରେ କୁମାର ଅନଧିକାର ପ୍ରବେଶ ବଳ ପ୍ରୟୋଗ ଇତ୍ୟାଦି ଯେସମସ୍ତ

Digitized by srujanika@gmail.com

Split by PDF Splitter



ଅଭ୍ୟାଗ୍ରତ ହେଉଥିଲେ ତହିଁର ସ୍ୱତନ୍ତ୍ର ପ୍ରାର୍ଥନା ହୋଇଅଛି । ଏଥିରୁ କୌଣସିମୂଳ ଉଠାଇ ଦେବା ଯେମନ୍ତ ମାଜିଷ୍ଟ୍ରେଟ ସାହେବଙ୍କର କ୍ଷମତାର ଅତୀତ ସେହିପରି ନାଲିସକରିବା କୌଣସି ଅଭ୍ୟାଗ୍ରତର ସ୍ୱତନ୍ତ୍ର କରିବା ସେମନ୍ତ ଅଟଇ । ବାବୁମାନେ କେଉଁ ବିବେଚନାରେ ମାଜିଷ୍ଟ୍ରେଟ ସାହେବଙ୍କଠାରୁ ଏପରି ଅସଙ୍ଗତ ପ୍ରତିକାରର ଆଶା କରିଥିଲେ ଆମ୍ଭେମାନେ ବୁଝିପାରୁ ନାହୁଁ ଏବଂ ଟ୍ରଷ୍ଟି ସାହେବ ଯେବେ ଏମନ୍ତ କହି ଦେଇଥାନ୍ତି ଯେ ସେପରି କରିବା ତାହାଙ୍କ କ୍ଷମତାର ଅତୀତ ତେବେ ଯଥେଷ୍ଟ ହୋଇଥାନ୍ତା । ବାବୁମାନଙ୍କର ପ୍ରାର୍ଥନାରୁ ଜଣାଯାଉଅଛି ଯେମନ୍ତ ସେମାନଙ୍କର ଇଚ୍ଛା ନୂତନ ଯେ ଆଉ କେହି ବାଲେଶ୍ୱରରେ ସ୍କୁଲ ସ୍ଥାପନ କରୁ କାରଣ ତଦ୍ଦ୍ୱାରା ଗୋଟିଏ ପୁର୍ବ୍ୱକାଳର ପ୍ରତିଷ୍ଠାନ ସ୍କୁଲର ଅନେକ ଭିନ୍ନ କିଛି ଉପକାର ହେବ ନାହିଁ । ମାତ୍ର ଏମନ୍ତ ହୋଇପାରେ ଯେ ବାବୁମାନଙ୍କ ନବସ୍ଥାପିତ ସ୍କୁଲ ଅପେକ୍ଷାକୃତ ଅଳ୍ପବ୍ୟୟରେ ଉତ୍ତମ ଶିକ୍ଷା ଦେବାକୁ ସକ୍ଷମ ହୋଇ ସାଧାରଣଙ୍କ ମନ ଆକର୍ଷଣ କରିବ ଓ ଲୋକେ ସେଠାରୁ ଅପଣା ପିଲାମାନଙ୍କୁ ପଠାଇବା ଲାଗି ଜନକ ଶ୍ରମ କରିବେ । ଏଥିରେ ଯେବେ ପୁରୁଣାସ୍କୁଲଟି ଉଠିଯିବ ତେବେ ତହିଁରେ ଦୁଃଖ କରିବାର କାରଣ ନାହିଁ । ପ୍ରୟୋଜନ ନ ଥିଲେ ଯୋଡ଼ାଏ ସ୍କୁଲ ରହି ପାରିବ ନାହିଁ ଓ ନୂତନସ୍କୁଲଦ୍ୱାରା ସାଧାରଣଙ୍କ ଅଭାବ ମୋଚନ ହୋଇ ପୁରାତନ ସ୍କୁଲ ଉଠିଗଲେ ବାବୁମାନଙ୍କର ସନ୍ତୁଷ୍ଟ ହେବାର ଉଚିତ କାରଣ ସେମାନଙ୍କର ଯତ୍ନ ଓ ବ୍ୟୟ ସ୍ୱୀକୃତ ଓ ତାହା ସେମାନେ ଅନ୍ୟ ପ୍ରକାର କାର୍ଯ୍ୟରେ ନିୟୋଗ କରି ସାଧାରଣ ହିତର ସହାୟତା କରିବେ । ଆମ୍ଭମାନଙ୍କ ବିବେଚନାରେ ବାବୁମାନେ କ୍ରିମାଷ୍ଟସ୍କୁଲ ଉଠାଇ ଦେବାର ପ୍ରାର୍ଥନା ନ କରି ଆପଣାସ୍କୁଲର ସରକାରୀ ସାହାଯ୍ୟ ହେବାଯାଏ ବଅସିଗାଇ ପ୍ରାର୍ଥନା କରିଥିଲେ ସଙ୍ଗତ ଓ ଉତ୍ତମ ହୋଇଥାନ୍ତା ।

---

### ଓଡ଼ିଶାର ସନ ୧୮୮୧।୮୨ ସାଲବାବତ ସାଧାରଣଶାସନବିବରଣ ।

( ପୂର୍ବପ୍ରକାଶିତ ଉତ୍ତାରୁ )

ବର୍ତ୍ତିମାନବର୍ଷରେ ଓଡ଼ିଶାର ସବୁଷ୍ଠାରେ ସୁଖାଳିକ ହେବାରୁ ଧାନଫସଲ ଉତ୍ତମ ହୋଇଥିଲା କେବଳ ଉତ୍ତର ବାଲେଶ୍ୱର ଓ ପୁରୀରେ ପୂର୍ବବର୍ଷଠାରୁ ମୂଲ୍ୟ-ଫଣ୍ଡ୍ୟା ଅଳ୍ପ ବଢ଼ିଥିଲା ମାତ୍ର କଟକରେ ଊଣା ଥିଲା । ଗୃହକାଇ ଏବଂ ଜଗନ୍ନାଥସଡ଼କର ନାନାସ୍ଥାନର ସ୍ୱାସ୍ଥ୍ୟ ନିଷ୍ପକାଶେ କମିଶ୍ନର ଅନୁରୋଧ କରିଥିବାରୁ ଗବର୍ଣ୍ଣମେଣ୍ଟ ତହିଁର ବନ୍ଦୋବସ୍ତ ପ୍ରସ୍ତାବମାନ ଚଳିବ କରୁଅଛନ୍ତି ଏବଂ ପୁରୀରେ ପାନୀୟର ଜଳ ଯୋଗାଇବାର ଅବଶ୍ୟକତା କମିଶ୍ନର ସାହେବ ବିଶେଷକରି ଲେଖିଅଛନ୍ତି ।

ଲୋକଙ୍କ ସାଧାରଣଅବସ୍ଥା ସମ୍ପର୍କରେ କମିଶ୍ନର ସାହେବ ଲେଖିଅଛନ୍ତି ଯେ ସନ ୧୮୮୦ ସାଲର ଜୋଫାନରେ ଲଣ୍ଡଗସ୍ତ ହୋଇଥିବା ଅଳ୍ପ ସ୍ଥାନଭିନ୍ନ ଅପର ସକଳସ୍ଥାନର ଲୋକଙ୍କ ଅବସ୍ଥା ଭଲ ଥିଲା । ଗ୍ରହନର ଭାଉ ସେ ୧୬ ରଠାରୁ ସେ ୨୪ ରଟିଯାଏନ୍ତି ଥିଲା ଏବଂ ମଜୁରିର ଭାଉ ପ୍ରାୟ ସମାନ ଥିଲା । ଏଥିରୁ ଆମ୍ଭେମାନେ କହୁଁ ଯେ ପୂର୍ବବର୍ଷ ଫସଲ ଭଲ ହେବାରୁ ଲୋକଙ୍କ ଅବସ୍ଥା ଭଲ ଏବଂ ଫସଲ ନଷ୍ଟ ହେଲେ ଲୋକଙ୍କ ଅବସ୍ଥା ମନ୍ଦ ହେଲା ଏହା ଲୋକଙ୍କ ଅବସ୍ଥାର ଉନ୍ନତପକ୍ଷ ସୂଚକ ନୁହଇ । ବାଇନମାନେ ଏ କଥାକୁ ଅରେ ବିଶେଷ କରୁ ନାହାନ୍ତି । ଲୋକଙ୍କ ଅବସ୍ଥା ଏପରି ହେବାର ଉଚିତ ଯେ ବର୍ଷେ ଫସଲ ଛନଷ୍ଟ ହେଲେହେଁ ତହିଁରେ ଲାଗିଯିବେ ନାହିଁ ।

ଦୁର୍ଭିକ୍ଷ ପ୍ରସ୍ତୁତକରିବା ବ୍ୟବସାୟ ମଧ୍ୟରେ ଏକମାତ୍ର ଲବଣ ଅଟଇ ଯେଉଁ ଏହାଦ୍ୱାରା ଅତ୍ରକୁ ବଢ଼ୁଅଛି । ମାନ୍ଦ୍ରାଜୀ ବାଇନଙ୍କ ଅଧୀନରେ ଏ ମହକୁମାର କାର୍ଯ୍ୟ ଅଧିକ ସାବଧାନ ପୂର୍ବକ ଚଳିବା ଏବଂ ଚୋରା ଲୁଣବିକ୍ରିର କାରବାର ବନ୍ଦ ହେବାରୁ ଲବଣ ଯୋଗାଣ ପୂର୍ବବର୍ଷର ମ ୬୨୨୦୧୪ ମଣଠାରୁ ଏବର୍ଷ ମ ୬୫୫୬୫୨ ମଣକୁ ଉଠିଅଛି । ଯୋଗାଣ ଊଣାହେବାର କ୍ରମେ ଲୁଣ ଅଧିକ ଅଛିଅଛି ଏବଂ ବାଲେଶ୍ୱରକୁ ମ ୧୪୩୩୫୨ ମଣ ବିଲାତିଲୁଣ ଆସିଅଛି । ଓଡ଼ିଶାରେ ଲୁଣର ଖର୍ଚ୍ଚ ବଢ଼ିଅଛି କି ଊଣା ହୋଇଅଛି ଏଥିର ଠିକଣା ପ୍ରକାଶ ହୋଇ ନ ଥିବାରୁ ସ୍ପଷ୍ଟ ନିର୍ଦ୍ଧାରଣ ହୋଇଅଛି କି ନାହିଁ କହିହୁଏ ନାହିଁ ପାରେ । ଯୋଗାଣଦ୍ୱାରା ଯେଉଁମାନେ ପେଟ ପାଳୁଥିଲେ ସେମାନଙ୍କର ଉପାୟ ବନ୍ଦହେଲା ଓ ଲବଣଦ୍ରବ୍ୟ ବହୁ ଅଧିକା ଦରକାର ହେଲା । ଦଶବର୍ଷ ନୂତନ ବନ୍ଦୋବସ୍ତର ଏହିଫଳ ହୋଇଅଛି ।

ସନ ୧୮୮୧।୮୨ ରେ ଓଡ଼ିଶାର ବନ୍ଦରମାନଙ୍କର ବାଣିଜ୍ୟର ମୂଲ୍ୟ ଟ ୧୮୦୬୦୩୧୫୯ ଙ୍କା ଥିଲା ଏବର୍ଷ ୧୫୨୪୩୧୪୯ ଙ୍କା ହୋଇଅଛି ଅର୍ଥାତ୍ ଗତବର୍ଷ ଟ ୧୫୯ ଙ୍କାରୁ କିଛି ଅଧିକ ଊଣା ହୋଇଅଛି । ପଥିକଙ୍କ ଯିବାଆସିବା ପ୍ରାୟ ସବୁ ବନ୍ଦରରେ ପ୍ରଥାନତ ସ୍ୱଳ୍ପକାଳରେ ବୃଦ୍ଧି ହୋଇଅଛି । ସ୍ୱତନ୍ତ୍ର ବାଣିଜ୍ୟର ଫଳ ଅନୁକୂଳ ନୁହଇ ।

ପୁଲିସକର୍ମଚାରୀମାନେ ପୂର୍ବବର୍ଷାପେକ୍ଷା ଏବର୍ଷ ଊଣାଦଣ୍ଡ ପାଇଥିବାରେ ସେମାନଙ୍କ ଚରିତ୍ର ଭଲ ଥିବାର ପ୍ରକାଶ ହୁଅଇ ମାତ୍ର ସେମାନଙ୍କର କାର୍ଯ୍ୟର ଫଳ ସେପରି ନୁହଇ କାରଣ ପୁଲିସ ଗୃହୀତ ଆସାମୀଙ୍କମଧ୍ୟରୁ ଶତକଡ଼ା ୫୦ ଜଣରୁ ଊଣା ଦଣ୍ଡ ପାଇ ଅଛନ୍ତି ଏବଂ ଫୌଜଦାରୀ ମୋକଦ୍ଦମାରେ ଶତକଡ଼ା ୭୮ ଜଣ ଦଣ୍ଡ ପାଇଅଛନ୍ତି । ଗ୍ରାମ୍ୟପୁଲିସ ବା ଚୌକିଦାରଙ୍କ ବିଷୟ ଗବର୍ଣ୍ଣମେଣ୍ଟଙ୍କ ବିବେଚନାଧୀନରେ ଅଛି ।

ଦେବାଣୀଅଦାଲତର ଚଳନ୍ତି ଓ ଅଚଳନ୍ତି ସମ୍ପତ୍ତିର ମୋକଦ୍ଦମାମାନ ପୂର୍ବପରି ରହିଅଛି । ଖଜଣାମୋକଦ୍ଦମା ଊଣା ଅର୍ଥାତ୍ ପୂର୍ବବର୍ଷର ନ ୧୧୧୪ ମଧ୍ୟରୁ ଏବର୍ଷ ନ ୬୬୬୨ ହୋଇଅଛି କେବଳ କଟକରେ ଡିକ୍ରିଜାରୀ ମୋକଦ୍ଦମା ବଢ଼ିଅଛି ଏବଂ ଏଥିର ଏହି କାରଣ ପ୍ରଦର୍ଶିତ ହୋଇଅଛି କି ଥାନ ଖୁଲୁଲ ସସ୍ତା ହେବାରୁ ପ୍ରଜାମାନେ ଅପେକ୍ଷିତରେ ଟଙ୍କା ଅଦାୟ କରିପାରି ନାହାନ୍ତି । ପ୍ରଜାମାନେ ଖଜଣା ଅଦାୟ କରିବାକୁ ସକ୍ଷମ ହେଲେ ବୋଲି ଜାଲିସ ଊଣା ହେବ ଅଥଚ ଅଦାୟ କରିବାକୁ ପାଇଲେ ନାହିଁ ବୋଲି ଡିକ୍ରିଜାରୀ ଅଧିକ ହେଲା । ଏ ଯୁକ୍ତିର ମର୍ମ ଆମ୍ଭେମାନେ ବୁଝି ପାରିଲୁ ନାହିଁ । ସମ୍ଭବତଃ ଏବର୍ଷ ଭଲଫସଲ ଯୋଗୁଁ ଅଦାୟର ଅଧିକ ସୁବିଧା ଦେଖି ପୂର୍ବ ଡିକ୍ରୀମାନ ଜମିଦାରମାନେ ଜାରି କରିଲେ ହେଉଁଲେ କୌଣସି ପ୍ରକାରରେ ଜମିଦାର ଓ ପ୍ରଜାଙ୍କର ସମ୍ପର୍କ ସନ୍ତୋଷଜନକ ନୁହେ । କ୍ରମଶଃ

## ସାପ୍ତାହିକ ସଂବାଦ ।

* ଅସ୍ତାଗଳରର କଲେକ୍ଟର ସାହେବ କେତେଦିନ ଛୁଟି ନେଇ ଶିବେ ଓ ଏଠାରୁ ପ୍ରାୟ ଏମାସ ଦା ୧୫ ଦିନ ପର୍ଯ୍ୟନ୍ତ ପ୍ରତ୍ୟାଗମନ କରିବେ ।

ବାଙ୍କୀର ତହସିଲଦାର ବାବୁ ବଳରାମ ଘୋଷ ପଣ୍ଡିତ ହେବାରୁ ଏବଦର୍ଷର ଛୁଟି ନେଇଅଛନ୍ତି ଏବଂ ବାବୁ ବଳରାମ ଦାସ ସବଡେପୁଟୀ ସେଠା କାମ ଭାର ନେବା କାରଣ ଉକ୍ତ କାମ ପ୍ରସ୍ଥାନ କଲେ ।

Digitized by srujanika@gmail.com